ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁଲାଇ ୨୦୨୪



Vol-3 • Issue-5 • July 2024 • Monthly • Rs.40 • 68 Pages • Bhubaneswar



# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ




ISSN : 2583-5270,  RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୫ • ଜୁଲାଇ ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଅଙ୍କନ
**ବଳଦେବ ମହାରଥୀ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୭୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

# ।। ସୂଚୀ ।।


| | |
|---|---|
| ପାଠକଙ୍କ ମତାମତ | ୦୨ |
| ଭକ୍ତି ନା ଅବମାନନା (ସଂପାଦକୀୟ) | ୦୩ |
| ପ୍ରାଚୀନ ଓ ମଧ୍ୟକାଳୀନ ସାରସ୍ୱତ ସର୍ଜନାରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ): କୁଳମଣି ଓଝା | ୦୫ |
| ଆଉ କେତେ ଦେବ କୁହ (କବିତା) : ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୦ |
| ଅସ୍ପର୍ଶର ସ୍ପର୍ଶ (ଗଳ୍ପ) : ଗୋଲାପ ମଞ୍ଜରୀ କର | ୧୧ |
| ନୂଆ ରଥ (ରମ୍ୟରଚନା) : ଅଭୟ ଦାଶ | ୧୫ |
| ମାଦଳାପାଞ୍ଜିର ପ୍ରାମାଣିକତା ଓ କାଳନିର୍ଣ୍ଣୟ (ପ୍ରବନ୍ଧ) : ରମାକାନ୍ତ ନାୟକ | ୧୮ |
| ଭାର (ଗଳ୍ପ) : ଅନୀଲ କୁମାର ପାଢ଼ୀ | ୨୩ |
| ବର୍ଷୀୟାନ୍ ସାହିତ୍ୟ ପ୍ରକାଶକ ମହେନ୍ଦ୍ର ମିଶ୍ରଙ୍କ ସହ ଆଳାପ (ସାକ୍ଷାତକାର) | ୨୫ |
| ଘରଚଟିଆ (ଗଳ୍ପ) : ପ୍ରଫୁଲ୍ଲ ବାରିକ | ୨୯ |
| ଓଡ଼ିଆ ଲୋକନାଟକରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ) : ପ୍ରତୀଚୀ ନନ୍ଦ | ୩୨ |
| ରଥ ପୁରୋହିତ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୬ |
| ରାଗିଣୀ (ଅନୁବାଦ ଗଳ୍ପ) : ଅଶୋକ କୁମାର ସା | ୪୦ |
| ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା (ପ୍ରବନ୍ଧ): ସୁଲୋଚନା ଦାସ | ୪୨ |
| ପାହାଚ (ଗଳ୍ପ) : ଶରତ କୁମାର ଦାସ | ୪୫ |
| ଅବିସ୍ମରଣୀୟ (ଅନୁଭୂତି) : ବନଜ ଦେବୀ | ୪୭ |
| ଶିଶୁ ସାହିତ୍ୟ : ସାହିତ୍ୟିକ ଓ ପାଠକ (ପ୍ରବନ୍ଧ): ଉଦୟନାଥ ସାହୁ | ୫୦ |
| ମାଆ (ଗଳ୍ପ) : ହରେକୃଷ୍ଣ ସାହୁ | ୫୪ |
| ସଂପାଦନା କଳା: ପତ୍ର ଓ ପତ୍ରିକା (ପ୍ରବନ୍ଧ) : ଚିନ୍ମୟ କୁମାର ବେହେରା | ୫୬ |
| ରୂପବତୀ ଚିତ୍ରଲେଖା (କବିତା) : ରାମଚନ୍ଦ୍ର ପ୍ରଧାନ | ୬୨ |
| ଚାରିଟି ଅଣୁଗପ (ଗଳ୍ପ) : ନିରଞ୍ଜନ ନାୟକ | ୬୩ |
| ଦୁଃଖୀର ନାଥ (ଶିଶୁ ଗଳ୍ପ) : କୁଞ୍ଜ ବିହାରୀ ସାହୁ | ୬୪ |
| ବାରକଥା (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଅଧାତୁମନ୍ତ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

**ଜୁ**ନ୍, ୨୦୨୪ ସଂଖ୍ୟାରେ ପ୍ରକାଶିତ ଡକ୍ଟର ଅଜୟ କୁମାର ମିଶ୍ର 'ଘଣ୍ଟୁଆର ଘଣ୍ଟଘଣ୍ଟା' ଧାରାବାହିକରେ ସର୍ବଜନମନକୁ ଆନ୍ଦୋଳିତ କରୁଥିବା ନିର୍ବାଚନ ପରିପ୍ରେକ୍ଷୀରେ ଯେପରି ଶାଣିତ ବ୍ୟଙ୍ଗର ଅବତାରଣା କରିଛନ୍ତି, ତାହା ହୃଦୟସ୍ପର୍ଶୀ। ତେବେ ଯେହେତୁ ଆମେ ଓଡ଼ିଆ ଭାଷା ଓ ସାହିତ୍ୟର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ପ୍ରୟାସୀ, ସେ କ୍ଷେତ୍ରରେ ବ୍ୟଙ୍ଗ ରଚନାଟିର ନାମକରଣ ମଧ୍ୟ ଶୁଦ୍ଧ ଓଡ଼ିଆ ଭାଷାରେ କରାଯାଇ ପାରିଥାନ୍ତା। ଆରାଧନା ମିଶ୍ରଙ୍କ ଗଳ୍ପ 'ସଉକ' ବେଶ୍ ହୃଦୟସ୍ପର୍ଶୀ। ସ୍ତମ୍ଭକାର ଶ୍ରୀଯୁକ୍ତ ପ୍ରଶାନ୍ତ ଭୂୟାଁ ତାଙ୍କ ଧାରାବାହିକ 'ଶେଷପୃଷ୍ଠା'ରେ ସାହିତ୍ୟ କ୍ଷେତ୍ରରେ ବର୍ତ୍ତମାନର ଛଳକପଟ ପୂର୍ଣ୍ଣ ବଡପଣିଆ ଦେଖିବାର ପ୍ରତିଯୋଗିତା କିପରି ହାସ୍ୟାସ୍ପଦ ସ୍ଥିତି ସୃଷ୍ଟିକରିଛି ତାହା ନିଖୁଣ ଭାବରେ ପଦାରେ ପକାଇ ଦେଇଛନ୍ତି। ତାଙ୍କର 'ଶ୍ଳେଷ୍ମଘ୍ନୀ' ଶବ୍ଦଟି ବୋଧହୁଏ 'ଶ୍ଳେଷ୍ମାଘ୍ନୀ' ହେବ। ଲେଖାଟି ସମୟୋପଯୋଗୀ ହୋଇଥିବା ଦୃଷ୍ଟିରୁ ଅଧିକ ଗୁରୁତ୍ୱ ବହନ କରେ। ଅଳଂ ଅତି ବିସ୍ତରେଣ।


**ପଦ୍ମନାଭ ମିଶ୍ର**

pks88a1962@gmail.com

**ଜୁ**ନ୍ ମାସର ସଂଖ୍ୟାରେ ପ୍ରକାଶିତ ସଦାନନ୍ଦ ପରିଡ଼ାଙ୍କ 'କବି କବିତା ଓ ସାହିତ୍ୟ' ଶୀର୍ଷକ ପ୍ରବନ୍ଧରେ ସାହିତ୍ୟର ବିଭିନ୍ନ ବିଭାବ ସମ୍ପର୍କରେ ଆଲୋଚନା ହୋଇଛି। ଅଜୟ କୁମାର ମିଶ୍ରଙ୍କ ନିର୍ବାଚନ ଋତୁକୁ ନେଇ ରଚିତ 'ଇଲେକସନ ହେଲପ୍ ସେଣ୍ଟର' ବ୍ୟଙ୍ଗ ପଢ଼ି ଅତ୍ୟନ୍ତ ଆନନ୍ଦ ଅନୁଭବ କଲି।

**ସଦାନନ୍ଦ ରଣା**

sadanandarana32@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

**ଆ**ପଣଙ୍କ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକୀୟ କିଛି ଲୋକଙ୍କୁ ବୋଧହୁଏ ଛୁଞ୍ଚି ଫୋଡିଲା ପରି ଲାଗୁଥିବ। ଏହି ପତ୍ରିକା ବିଷୟରେ ଚର୍ଚ୍ଚା କରିବା ବେଳେ ଜଣେ ଲେଖକ ବନ୍ଧୁ କହିଲେ ସଂପାଦକ ମହୋଦୟ ପ୍ରତ୍ୟେକ ଅଙ୍କରେ କୌଣସି ନା କୌଣସି ଦିଗକୁ ତୀର ମାରିଥିବେ। ଏଇ ଦେଖୁନାହାନ୍ତି, ଜୁନ ମାସର ସଂଖ୍ୟାକୁ, ସଂପାଦକ କିପରି ପୁସ୍ତକ ସମୀକ୍ଷକଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆଜିର ପୁସ୍ତକ ସମୀକ୍ଷକମାନେ ଯାହା ଯାହା କରୁଛନ୍ତି ତାହା ସେ ଅବିକଳ ଭାବରେ ଉଲ୍ଲେଖ କରିଛନ୍ତି। ତେଣୁ ଖୋଲା ହୃଦୟରେ ନିରପେକ୍ଷ ଭାବରେ ସମୀକ୍ଷକମାନେ ପୁସ୍ତକ ସମୀକ୍ଷା କରିବା ଉଚିତ। ସମ୍ପାଦକ ମହୋଦୟ ଦର୍ଶାଇ ଦେଇଛନ୍ତି ଗୋଟିଏ ଅଦାଲତରେ ଜଣେ ବିଚାରପତିଙ୍କ ଭୂମିକା ଯାହା, ସାହିତ୍ୟିକ ସନ୍ଦର୍ଭରେ ଜଣେ ପୁସ୍ତକ ସମୀକ୍ଷକଙ୍କ ଭୂମିକା ତାହାଠାରୁ କିଛି କମ୍ ନୁହେଁ। ମୁଁ ଏକମତ।

**ସସ୍ମିତାରାଣୀ ରାଉତ**

sasmitarani.rout20@gmail.com

**'ସା**ହିତ୍ୟ ଚର୍ଚ୍ଚା' ଜୁନ୍ ୨୦୨୪ ସଂଖ୍ୟାରେ ପ୍ରକାଶିତ ବ୍ୟଙ୍ଗଚିତ୍ର ବରାଦିଆ ସମୀକ୍ଷକମାନଙ୍କ ପ୍ରତି ଏକ ଶକ୍ତ ଆଘାତ। ଅତି ଭକ୍ତି ଚୋରର ଲକ୍ଷଣ ସଦୃଶ ଅତ୍ୟଧିକ ପ୍ରଶସ୍ତି ସାହିତ୍ୟ ପ୍ରତି କ୍ଷତିକାରକ ବୋଲି ସମ୍ପାଦକୀୟ ସୂଚାଉଛି। ଆମ କାବ୍ୟଧାରାରେ ଅନୁସୃଜନ କିଭଳି ବ୍ୟବହୃତ ହୋଇଛି, ବିଶେଷତଃ ସଂସ୍କୃତ, ହିନ୍ଦୀ, ବଙ୍ଗଳା ତଥା ଅନ୍ୟାନ୍ୟ ପ୍ରତିବେଶୀ ସାହିତ୍ୟରେ, ପ୍ରଫୁଲ୍ଲ କୁମାର ମିଶ୍ରଙ୍କ 'ଅନୁସର୍ଜନ ଓ ଆମ କାବ୍ୟଧାରା' ଶୀର୍ଷକ ପ୍ରବନ୍ଧ ତାହା ଦର୍ଶାଇଛି।

**ସ୍ନେହଲତା ବେହେରା**

snehalatabehera1995@gmail.com

ସମ୍ପାଦକୀୟ

# ଭକ୍ତି ନା ଅବମାନନା

ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କ ସହିତ ଭକ୍ତଜନଙ୍କର ସମ୍ବନ୍ଧ ଏତେ ରହସ୍ୟମୟ ଯେ ତାହାକୁ ପରିଭାଷିତ କରିବା କାଠିକର ପାଠ। ପରମ ଭକ୍ତି ଓ ସମର୍ପଣ ଭାବଠାରୁ ନେଇ ଏହା ଲମ୍ବି ଯାଇଥାଏ ଅଭିମାନ ଓ କ୍ରୋଧ ପର୍ଯ୍ୟନ୍ତ ମଧ୍ୟ। ତାହାଙ୍କର ସମସ୍ତ ଶରଣାଗତ ଯେମିତି ଏକ ମୁକ୍ତ ଲାଇସେନ୍ସଧାରୀ; ସେମାନେ ଯେମିତି ଚାହିଁବେ ସେହି ରୂପରେ ତାଙ୍କୁ ସ୍ମରଣ କରିପାରିବେ, ଯେମିତି ଇଚ୍ଛା ସେମିତି ତାଙ୍କ ସହିତ ବ୍ୟବହାର କରିପାରିବେ ଏବଂ ଯେଉଁ ସ୍ତରର ଭାଷା ହେଉନା କାହିଁକି ତାଙ୍କ ପ୍ରତି ପ୍ରୟୋଗ କରିପାରିବେ। ଦାରୁଭୂତ ମୁରାରି ସବୁ ନୀରବରେ ଗ୍ରହଣ କରିନିଅନ୍ତି। ଯେପରି ମନେହୁଏ, ସେ କେବଳ ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ହିଁ ନୁହନ୍ତି, ସର୍ବଂସହ ମଧ୍ୟ।




କିଛିଦିନ ତଳେ ଛତିଶଗଡ଼ର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଗୋଟିଏ ସମ୍ବାଦପତ୍ରରେ ପ୍ରବନ୍ଧଟିଏ ଲେଖି ଶ୍ରୀଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କର ସମ୍ବୋଧନ ଓ ବ୍ୟବହାର ଶାଳୀନତାର ସୀମା ଟପିବା ଉଚିତ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରସଙ୍ଗରେ ବିଚାର କଲେ, ଶ୍ରୀମନ୍ଦିରର ଦାରୁବିଗ୍ରହ ଆମ ଓଡ଼ିଆଙ୍କର ପାଇଁ ଆରାଧ୍ୟ ଦେବତା ମାତ୍ର ନୁହନ୍ତି, ସେ ଆମର ସଖା ଓ ସହୋଦର ମଧ୍ୟ। ଏଣୁ ଆମେ ବଡ଼ ଅନାୟାସରେ ତାଙ୍କୁ 'ଆପଣ'ରୁ 'ତୁମେ' ଓ ପୁଣି 'ତୁମେ'ରୁ 'ତୁ'କୁ ମଧ୍ୟ ଓହ୍ଲାଇ ଆଣୁ। ନିଜର ମାନ, ଅଭିମାନ ଓ ଏପରିକି ଗାଳିଗୁଲଜ ମଧ୍ୟ ଅବିଚାରିତ ଭାବରେ ଢାଳିଦେଉ ତାଙ୍କ ଉପରେ।

ଗୋଟିଏ ଦୃଷ୍ଟିରୁ ଦେଖିଲେ, ଏଥିରେ ବିସଙ୍ଗତି ବୋଲି କିଛି ନାହିଁ। ଭକ୍ତ ଓ ଭଗବାନ ଯେତେବେଳେ ଏକାକାର ହୋଇଯାଆନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ଭାବ ବିନିମୟର ପ୍ରକାର ଭେଦ କୌଣସି ବନ୍ଧନ ମାନିନଥାଏ।

ରୀତିଯୁଗୀୟ କବି କବିସୂର୍ଯ୍ୟ ବଳଦେବ ରଥ ନିଜର 'ସର୍ପ ଜଣାଣ' କବିତାରେ ଶ୍ରୀଜଗନ୍ନାଥଙ୍କୁ ଗୋଟିଏ କାଳସର୍ପ ସହିତ ତୁଳନା କରିଛନ୍ତି। ଗଣକବି ବୈଷ୍ଣବ ପାଣି ତାଙ୍କୁ 'ଭାତବିକା ଜଗନ୍ନାଥ' ବୋଲି ସମ୍ବୋଧନ କରିଛନ୍ତି। ସେହିପରି କବି ଦୀନକୃଷ୍ଣ ମଧ୍ୟ 'କୃପାସିନ୍ଧୁ ବଦନ' କବିତାରେ ତାଙ୍କୁ 'ଭୃତ୍ୟ' ଓ 'ଭିକାରି' ବୋଲି ଅଭିହିତ କରିବାକୁ ପଛାଇ ନାହାନ୍ତି। କିନ୍ତୁ ଲକ୍ଷ୍ୟ କରିବାର କଥା ଯେ ଏ ସମସ୍ତ ରଚନାରେ କବି ଓ ବଡ଼ଦିଅଁଙ୍କ ମଧ୍ୟରେ ମଧୁର ସମ୍ପର୍କ ଅତୁଟ ରହିଛି ଏବଂ ଏଥିରେ କବିଙ୍କର ଭାବକୁ ଆବିଳତା ମୋଟେ ହିଁ ସ୍ପର୍ଶ କରିପାରିନାହିଁ। ସେ ଉପେନ୍ଦ୍ର ଭଞ୍ଜ ହୁଅନ୍ତୁ, ଅବା ଦୀନକୃଷ୍ଣ, କିମ୍ବା ସାଲବେଗ – ପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ନିଜର ଅଭିମାନ ଭରା ଅଳି-ଅର୍ଦ୍ଦଳି ବାଢ଼ିବା ବେଳେ ସେମାନେ କେବେହେଲେ ତାଙ୍କୁ 'ତୁ' ବୋଲି ସମ୍ବୋଧନ କରିନାହାନ୍ତି।

ଏହାର ବିପରୀତ, ଏବର କେତେକ ଆଧୁନିକ ଭଜନରେ ଜଗନ୍ନାଥଙ୍କ ପ୍ରତି ଯେଉଁଳି ଶବ୍ଦର ପ୍ରୟୋଗ ହେଉଛି, ତାହା ଶୁଣି ବିବ୍ରତ ହେବାକୁ ହୁଏ। ଯେମିତି, 'ଠାକୁର ନମ୍ବର ୱାନ୍', 'ତୋର ବଡ଼ ପଣକୁ ଧିକ୍,' 'ତୋତେ ଗଢ଼ିଛି କେଉଁ ବିଦ୍ଧାଣି' ଓ 'କଳିଯୁଗ କଳା ମାଷ୍ଟର', ଆଦି।

ଅବଶ୍ୟ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଯିଏ ଆମର ନିକଟତର ତାହାଙ୍କୁ ଆମେ 'ତୁ' କହୁ; ଟିକିଏ ଦୂରରେ ଥିଲେ 'ତୁମେ' ବୋଲି ସମ୍ବୋଧନ କରୁ। କିନ୍ତୁ ଯେଉଁଠାରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ହିଁ ନାହିଁ ସେଠାରେ 'ତୁ' ବୋଲି କୁହାଯିବା କେତେଦୂର ଯଥାର୍ଥ ? ଏଣୁ ଶ୍ରୀପତିତପାବନଙ୍କ ପ୍ରତି କେତେଜଣଙ୍କର ମନ ଭିତରେ ଥିବା ଅଭିମାନ ଯେପରି ଅବମାନନାର ସ୍ତରକୁ ଖସି ନଯାଏ ସେଥିପ୍ରତି ଦୃଷ୍ଟି ଦିଆଯିବା ବାଞ୍ଛନୀୟ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

**ପ୍ରବନ୍ଧ**

# ପ୍ରାଚୀନ ଓ ମଧ୍ୟକାଳୀନ ସାରସ୍ୱତ ସର୍ଜନାରେ ଶ୍ରୀଜଗନ୍ନାଥ



ଡ. କୁଳମଣି ଓଝା

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଲୀଳାସ୍ଥଳୀ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ଆକୀଟ-ବ୍ରହ୍ମ, ଚର-ଅଚର ସୃଷ୍ଟି ସମୁଚୟଙ୍କ ନିମନ୍ତେ ମୁକ୍ତି ଚିନ୍ତାମଣି। ଏହି କ୍ଷେତ୍ର ପୃଥିବୀର ଶ୍ରେଷ୍ଠ ପ୍ରାଣୀ ମଣିଷ ଓ ମାନବେତର ପ୍ରାଣୀଙ୍କ ନିମନ୍ତେ ମୋକ୍ଷର ଦ୍ୱାର ଉନ୍ମୁକ୍ତ କରିଦିଏ। ବୈଷ୍ଣବ ସମ୍ପ୍ରଦାୟର ଏହି ପରମ ପବିତ୍ର ଧାମ ଶ୍ରୀକ୍ଷେତ୍ରରେ ଅବସ୍ଥାନପୂର୍ବକ ଶେଷ ନିଃଶ୍ୱାସ ତ୍ୟାଗ କଲେ ମୁକ୍ତି ମିଳେ ବୋଲି ଲୋକ ଓ ଲୋକାୟତନରେ ଏବେ ବି ଅଖଣ୍ଡ ବିଶ୍ୱାସ ବଳବତ୍ତର ରହିଆସିଛି। ଦାରୁବ୍ରହ୍ମ ପରାତ୍ପର ଦେବ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଓଡ଼ିଆ ସାରସ୍ୱତ ସର୍ଜନାର ଆଦିବିନ୍ଦୁ। ଚତୁର୍ବେଦ ଓ ବେଦୋତ୍ତର ବିଭିନ୍ନ ଧର୍ମଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଲୌକିକ-ଅଲୌକିକ ଲୀଳା ପ୍ରସଙ୍ଗ ଶତମୁଖରେ ବର୍ଣ୍ଣିତ। ଅନେକ ପ୍ରାମାଣିକ ତଥ୍ୟ ଓ ତତ୍ତ୍ୱ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପ୍ରାମାଣିକତା ପ୍ରତିପାଦନ କରେ। ଯେହେତୁ ଉତ୍କଳଭୂମି ଓଡ଼ିଶା ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଓ ମାନବାୟିତ ଲୀଳାର ଅନନ୍ୟ ଅତୁଲ୍ୟ ଭୂମିଖଣ୍ଡ; ଅନୁରୂପ ଭାବରେ ଓଡ଼ିଶାର ଭାଷିକ ସର୍ଜନାରେ ଶ୍ରୀଜଗନ୍ନାଥଙ୍କ ଉଭୟ ସୂକ୍ଷ୍ମ ଓ ସ୍ଥୂଳ ଲୀଳା, ଦ୍ୱୈତ ମାହାତ୍ମ୍ୟ ନାନା ରୂପରେ, ନାନା ଭାବରେ ବର୍ଣ୍ଣିତ-ବ୍ୟାଖ୍ୟାୟିତ ହୋଇଆସିଛି। ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଉଭୟ ସାକାର ଓ ନିରାକାର ବ୍ରହ୍ମ ରୂପେ ଉପାସିତ, ଅର୍ଚ୍ଚିତ, ପୂଜିତ ହେବା ସହ ଓଡ଼ିଆ ପ୍ରାଣର ଆରାଧ୍ୟ ଈପ୍ସିତ ଦେବତା ରୂପେ ପରିଗୃହୀତ ହୋଇ ଆସିଛନ୍ତି। ବିଶେଷକରି ମଧ୍ୟକାଳର ପଞ୍ଚସଖା ସାହିତ୍ୟ ଓ ତତ୍ ପରବର୍ତ୍ତୀ କାବ୍ୟ ସାହିତ୍ୟରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଉଭୟ ପୂର୍ଣ୍ଣ ଓ ଶୂନ୍ୟବ୍ରହ୍ମ ରୂପେ ପରିକଳ୍ପିତ।




ଶ୍ରୀଜଗନ୍ନାଥ କେବଳ ସୀମାତୀତ ଚିନ୍ତା-ଚେତନା, ଭାବ-ଭାବନା, ଜ୍ଞାନ-ଗରିମା ଓ ଧ୍ୟାନ-ଧାରଣାର ମାନବାୟିତ ରୂପାନ୍ତରଣ ନୁହନ୍ତି ; ଅଧିକନ୍ତୁ ସମଗ୍ର ଜଗତକୁ ଆଚ୍ଛନ୍ନ କରି ରଖିଥିବା ଏବଂ ଆକୀଟ ବ୍ରହ୍ମ ସମସ୍ତ ଜୀବଙ୍କୁ ଚତୁର୍ବର୍ଗ ଫଳଦାୟୀ ମୋକ୍ଷ ପ୍ରଦାନ କରୁଥିବା ସାକ୍ଷାତ୍ ବ୍ରହ୍ମସ୍ୱରୂପ। 'ବିଷ୍ଣୁ ପୁରାଣ'ରେ ପ୍ରହ୍ଲାଦ ସ୍ତୁତି କ୍ରମରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିର ସ୍ୱରୂପ ସୂଚିତ ହୋଇଛି।

'ଓଁ ନମଃ ପରମାର୍ଥାର୍ଥ ସ୍ଥୂଳସୂକ୍ଷ୍ମକ୍ଷରାକ୍ଷର।

ବ୍ୟକ୍ତାବ୍ୟକ୍ତ କାଳାତୀତ ସକଳେଶ ନିରଞ୍ଜନ।'

ଅର୍ଥାତ୍ ହେ ପ୍ରଭୁ ! ତୁମେ ଅର୍ଥ, ତୁମେ ପରମାର୍ଥ। ତୁମେ ସ୍ଥୂଳ, ତୁମେ ସୂକ୍ଷ୍ମ। ତୁ ମୋ।ର, ପୁଣି ତୁମେ ଅକ୍ଷର। ତୁମେ ବ୍ୟକ୍ତ, ତୁମେ ଅବ୍ୟକ୍ତ। ତୁମେ କାଳରୁ ଅତୀତ। ତୁମେ ସକଳର ଈଶ ବା ସ୍ୱାମୀ। ତୁମେ ସର୍ବୋପରି। ତୁମକୁ ପ୍ରଣାମ।

**ସୁତ ସଂହିତା**

ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଏଯାବତ୍ ଯାହା ସବୁ ଗବେଷଣା ଓ ଆଲୋଚନା ହୋଇଛି, ତାହା ପ୍ରକାରାନ୍ତରେ ଓଡ଼ିଶାର ଇତିହାସ। ଜଗନ୍ନାଥଙ୍କ ବିଷୟରେ ପ୍ରକୃତ ଗବେଷଣା ନିମନ୍ତେ ଯେଉଁ ତଥ୍ୟ ଓ ପ୍ରମାଣର ଆବଶ୍ୟକତା ରହିଛି, ତାହା କେବଳ 'ସୁତ ସଂହିତା'ରେ ଉପଲବ୍ଧ। ମାତ୍ର 'ସୁତ ସଂହିତା' ଏ ପର୍ଯ୍ୟନ୍ତ ଆମର ହସ୍ତଗତ ହୋଇପାରିଲା ନାହିଁ। 'ସୁତ ସଂହିତା'କୁ ଆଧାର କରି ରଚିତ 'ନୀଳାଦ୍ରୀଶ ସଂହିତା' ଓ 'ବାମଦେବ ସଂହିତା' ପ୍ରମାଣ ଆଧାରରେ ଆମେ ଜଗନ୍ନାଥଙ୍କ ସୃଷ୍ଟି ଓ ଜଗନ୍ନାଥ ସଂସ୍କୃତି

ସମ୍ପର୍କରେ କେବଳ ଆଲୋଚନା କରିଚାଲିଛୁ। ତେବେ ପୁରୁଷାନୁକ୍ରମେ ଶ୍ରୀଜଗନ୍ନାଥଙ୍କ ସର୍ଜନା ଓ ସଂସ୍କୃତିର ମୌଳିକତା ପ୍ରତିପାଦନ ଦିଗରେ ପ୍ରତିବଦ୍ଧତାର ସହ ମୌଳିକ ଗବେଷଣାର ଆବଶ୍ୟକତା ରହିଛି।

ଓଡ଼ିଆ ମୌଖିକ ସାହିତ୍ୟ ଯଥା-ଲୋକଗୀତ, ଲୋକ ନାଟକ, ଲୋକକଥା, କିଂବଦନ୍ତୀ, ଜନଶ୍ରୁତି ଆଦିରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଯେଭଳି ଅକଳ୍ପନୀୟ ପୁରୁଷୋତ୍ତମ ପୂର୍ଣ୍ଣବ୍ରହ୍ମ ରୂପେ ବର୍ଣ୍ଣିତ ହୋଇଛନ୍ତି, ଅନୁରୂପ ଭାବରେ ଲିଖିତ ସାହିତ୍ୟ, ଶିଳାଲେଖ, ଅଭିଲେଖ, ତାମ୍ର ପତ୍ର, 'ଚର୍ଯ୍ୟାଗୀତିକା' ଠାରୁ ଆରମ୍ଭ କରି ନାଥ ସାହିତ୍ୟ, ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟରେ ଉତ୍କଳୀୟ ବୈଷ୍ଣବ ଧର୍ମର ଇଷ୍ଟ ଓ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଅବତାରୀ ବ୍ରହ୍ମତ୍ୱ ନାନା ଭାବରେ ବିବୃତ, ବର୍ଣ୍ଣିତ, ବ୍ୟାଖ୍ୟାୟିତ, ବିଶ୍ଳେଷିତ ହୋଇଛି। ଓଡ଼ିଆ ପୁରାଣ ଓ ମଧ୍ୟକାଳୀନ କାବ୍ୟ ସାହିତ୍ୟ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସର୍ଜିତ।

**ଓଡ଼ିଆ ପୁରାଣ ଓ ମଧ୍ୟକାଳୀନ କାବ୍ୟ ସାହିତ୍ୟ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସର୍ଜିତ।**

ସାରଳା 'ମହାଭାରତ' ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନଙ୍କ ଆଗରୁ ସେଠାରେ ଦାରୁ ଦେବତା ଉପାସିତ ହୋଇ ଆସୁଥିବା ସ୍ପଷ୍ଟ ଉଲ୍ଲେଖ ଅଛି। ଶବରୀ ଲଳିତା ଚନ୍ଦନବନରେ ବିପ୍ର ବିଦ୍ୟାପତିଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦାରୁବ୍ରହ୍ମଙ୍କୁ ଦେଖାଇବା ପରେ ସେ ଯାଇ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ସମ୍ମୁଖରେ କହିଲା-

'ଦାରୁବ୍ରହ୍ମ ମୂରତି ମୁଁ ଦେଖିଲି ବୋଲିବ,
ଯମନିକ ବନେ ଏବେ ଚାଲନ୍ତୁ ହେ ଦେବ।'

ସେହିପରି ସାରଳା ମହାଭାରତର ମୂଷଳୀ ପର୍ବରେ ଉଲ୍ଲେଖ ଅଛି :

'ରୋହିଣୀ କୁଣ୍ଡରେ ଆମ୍ଭେ କାୟା ବଦଳିବୁ।
ବଉଦ୍ଧ ଅବତାରର କାୟା ଦେଖାଇବୁ।
ଏ ପିଣ୍ଡ ଗୋଟିକ ମୋର ତହୁଁ ଦାରୁ ହେବ।
ରାଜାକୁ କହିଣ ମୋତେ ଯତ୍ନେ ଗଢ଼ାଇବ।'

## ଜଗନ୍ନାଥଙ୍କ ଅବତାରିତ୍ୱ

ଏଥିରୁ ଜଣାପଡ଼େ, ତ୍ରିମୂର୍ତ୍ତି ଉପାସନା ପୂର୍ବରୁ ନୀଳଗିରିରେ ଦାରୁପୂଜା ପ୍ରଚଳିତ ଥିଲା। ଜ୍ଞାନମାର୍ଗୀ ଅଚ୍ୟୁତାନନ୍ଦ ଦାସ 'ଶୂନ୍ୟ ସଂହିତା'ରେ ଏବଂ ଯଶୋବନ୍ତ ଦାସ 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ଶ୍ରୀଜଗନ୍ନାଥଙ୍କ ଅବତାରିତ୍ୱ ପ୍ରତିପାଦନ କରିବାକୁ ଭୁଲି ନାହାନ୍ତି। ବିପ୍ର ଦିବାକର ଦାସ 'ଜଗନ୍ନାଥ ଚରିତାମୃତ'ରେ କହିଛନ୍ତି-

'ଈଶ୍ୱର ଉପରେ ଈଶ୍ୱର। ପରମ ପରେ ପରାପର।
ବ୍ରହ୍ମ ଉପରେ ବ୍ରହ୍ମ ଏହି। କୃଷ୍ଣ ଉପରେ କୃଷ୍ଣ ସେହି।
ଅନାଦି ଉପରେ ଅନାଦି। ସର୍ବ କାରଣ ପରସିଦ୍ଧି।
ଶ୍ରୀଜଗନ୍ନାଥ ଶ୍ରୀମୂରତି। ଏଥୁଁ ଟି ସର୍ବ ଉତପତ୍ତି।'

'ବେଦାନ୍ତ ସାର ଗୁପ୍ତଗୀତା'ରେ କୃପାସିନ୍ଧୁ ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ଅବତାରିତ୍ୱ ପ୍ରମାଣ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି-

'ଓଡ୍ର ରାଷ୍ଟ୍ରରେ ନୀଳଗିରି। ଯହିଁ ବିଜୟେ ନରହରି।
ଜଗତ ଈଶ୍ୱର ଠାକୁର। ଲୀଳାଏ ନାନା ଅବତାର।'

ପଞ୍ଚସଖା ଯୁଗର ମହାନ୍ ସନ୍ଥ ଯଶୋବନ୍ତ ଦାସ 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ତାଙ୍କ ପାଦପଦ୍ମକୁ ଧ୍ୟାନ କରିଛନ୍ତି। 'ସେ କ୍ଷେତ୍ର ନୀଳାଚଳ ଧାମ। / ନାମ ଯା ଶ୍ରୀ ପୁରୁଷୋତ୍ତମ। / ଏ ବ୍ରହ୍ମ ପାଦେ ଧ୍ୟାୟି ଚିତ୍ତ। / କହଇ ଦାସ ଯଶୋବନ୍ତ।' ପୁନଶ୍ଚ 'ପ୍ରେମଭକ୍ତି ବ୍ରହ୍ମଗୀତା' ପଞ୍ଚମ ଅଧ୍ୟାୟରେ ଯଶୋବନ୍ତ ଦାସ ଚତୁର୍ଦ୍ଧା ମୂରତିଙ୍କ ସୂକ୍ଷ୍ମ ସ୍ୱରୂପ ବର୍ଣ୍ଣନା କରିଛନ୍ତି।

'ଓଁକାର ବ୍ରହ୍ମ ବିନ୍ଦୁ ସେହି। ଅନ୍ତ ଶେଷଦେବ ସେହି॥
ତଥି ଉପରେ ଚକାମାନ। ଅଟେ ପୃଥିବୀ ଆୟତନ॥
ସ୍ୱର୍ଗ ପାତାଳ ମଞ୍ଚ ତିନି। ବଇଠି ସ୍ୱରୂପେ ଜନମି॥
ଡାହାଣେ ବଳଭଦ୍ର ରୂପ। ଏହି ଯେ ବିରାଟ ସ୍ୱରୂପ॥
ଅନନ୍ତ ଅଙ୍ଗ ଏ ପ୍ରଚ୍ଛନ୍ନ। ଓଁକାର ନାମେ ଅଙ୍ଗ ଜନମ॥
ବାମେ ଶ୍ରୀଜଗନ୍ନାଥ ଯେହି। ସେହି ଅଙ୍ଗରେ ବିଜେ ସେହି॥
ମଧ୍ୟେ ସୁଭଦ୍ରା ବ୍ରହ୍ମାରୂପ। ରାଧାଙ୍କ ଅଙ୍ଗେ ତହିଁ ଗୋପ୍ୟ॥
ପାରୁଶେ ସୁଦର୍ଶନ ଯତି। ସେ ମହାଶୂନ୍ୟ ବ୍ରହ୍ମଜ୍ୟୋତି॥'

ଷୋଡ଼ଶ ଶତାବ୍ଦୀର ବୈଷ୍ଣବ କବି ମାଧବୀ ଦାସୀ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ବର୍ଣ୍ଣନା କରିବା ସହ କରଯୋଡ଼ି ତାଙ୍କ ପାଖରେ ଦୟିନୀ କରିଛନ୍ତି, 'ଚକାନୟନ ହେ, ଜଗୁଜୀବନ ଶ୍ରୀହରି। / କାତରେ ଜଣାଣ କରୁଛି ଛାମୁରେ ଶୁଣ


ପ୍ରଭୁ ଶ୍ରୁତି ଡେରି। / କେତେ ସଙ୍କଟୁ କାହାକୁ ରଖି ନାହଁ ଦୟାଳୁ ସାରଙ୍ଗଧାରୀ / ତା' ବର୍ଣ୍ଣି ବସିଲେ ପୋଥିକର ପାଠ କି ବର୍ଣ୍ଣିବ ଏ ପାମରୀ। / ଜୀବନ୍ତୀ ପିଙ୍ଗଳା ଆଦି ବାରବାଳା ସଂସାରୁ ଗଲେ ନିସ୍ତରି / ଅପାର ମହିମା କେତନ ଉଡ଼ାଇ ରଖିଛ କୀରତି ଶିରୀ।'

## ସୁଭଦ୍ରା ପରିଣୟ

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'ସୁଭଦ୍ରା ପରିଣୟ' କାବ୍ୟର ପ୍ରଥମ ଛାନ୍ଦ ଷଷ୍ଠ-ସପ୍ତମ ପଙ୍କ୍ତିରେ ଚତୁର୍ବର୍ଗ ପ୍ରଦାୟକ ଶ୍ରୀଜଗନ୍ନାଥଙ୍କ ରୂପ ଓ ଲୀଳା ନିମ୍ନମତେ ବର୍ଣ୍ଣନା କରିଛନ୍ତି।

'ସମିଧ ଶରୀର କୃତ ବିଷ୍ଣୁ ବିଜେ ତହିଁ
ସୁଦରଶନେ ଆଶ୍ଚର୍ଯ୍ୟ ଅପବର୍ଗ ଦେଇ।
ସ୍ୱରୂପ ଏ ନାସା କର୍ଣ୍ଣ ହସ୍ତ ପାଦ ହୀନ
ସ୍ମର କୋଟି ନୋହେ ତେବେ ଶୋଭାକୁ ସମାନ।'

(ସୁଭଦ୍ରା ପରିଣୟ, ୧/୬-୭)




କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ ବିଭିନ୍ନ କାବ୍ୟରେ ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ରକୁ 'କ୍ଷେତ୍ର', 'କ୍ଷେତ୍ରରାଜ', 'କ୍ଷେତ୍ରବର' ଓ ପୁରୁଷୋତ୍ତମ ଭାବରେ ବର୍ଣ୍ଣନାପୂର୍ବକ ଏହି ପରମ ପାବନ ମୋକ୍ଷଦାୟୀ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯଦିଓ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଏକନିଷ୍ଠ ସାଧକ ଏବଂ ତାରକ ମନ୍ତ୍ର ପ୍ରସାଦରୁ କବିତ୍ୱ ଶକ୍ତିର ଅଧିକାରୀ ହୋଇଥିଲେ, ତଥାପି ସେ ଥିଲେ ପଞ୍ଚଦେବତାଙ୍କ ଉପାସକ। 'ସୁଭଦ୍ରା ପରିଣୟ' କାବ୍ୟରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମତ୍ୱ ପ୍ରତିପାଦନ ପୂର୍ବକ ଉପେନ୍ଦ୍ର ସ୍ୱୀୟ ଭାକ୍ତିକ ଆବେଦନ ପ୍ରକାଶ କରିଛନ୍ତି।

ଶ୍ରୀଜଗନ୍ନାଥ ବ୍ରହ୍ମାଦି ଦେବତାଙ୍କ ସ୍ତୁତି ଓ ଧରିତ୍ରୀ ମାତାଙ୍କ କାକୁତି ଶୁଣି ଯଶୋଦାଙ୍କ ଗର୍ଭରେ 'କୃଷ୍ଣ' ରୂପେ ଅବତାର ଗ୍ରହଣ କରିବା ଦୀନକୃଷ୍ଣ ଦାସଙ୍କ ବିରଚିତ 'ରସକଲ୍ଲୋଳ' କାବ୍ୟରେ ଉଲ୍ଲେଖ ଅଛି।

'କଉଣପ କୁଳେ ଭରି ହୋଇ ଧରଣୀ ସୁନ୍ଦରୀ
ବିନୟ ହୋଇ ବ୍ରହ୍ମାଙ୍କ ଆଗେ କହିଲା,
କଂସ ପ୍ରତାପରେ ଦେହ ହୋଇଲା ଅତି ଦୁଃସହ
କି କରିବି ଏବେ କହ ବୋଲି ବୋଇଲା।
କୁଶକେତୁ ଶୁଣି ଏ କଥା,
କହିଲେ ଜଗନ୍ନାଥଙ୍କୁ ଅବନୀ ବ୍ୟଥା।
କମଳମୁଖୀ କମଳା କଣ୍ଠ ମରକତ ମାଳା।'

କବିସୂର୍ଯ୍ୟ ବଳଦେବ ରଥ ଭକ୍ତସୁଲଭ ଅଭିମାନରେ ଶ୍ରୀଜଗନ୍ନାଥଙ୍କୁ କାଳସର୍ପ କହି ଗାଳି ଦେଇଛନ୍ତି। 'ବାଧିଲା ଜାଣିମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି / ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରି ଦେବି ଗାଳି ହେ / କୃପାନିଧି! / କରୁଣାସିନ୍ଧୁ ବୋଲି କରି, କହନ୍ତି ବୁଧେ ଡରିମରି / କାଳସର୍ପ ଆପଣ କବଳ କର ପ୍ରାଣ-ପବନମାନଙ୍କୁ ସବୁରି ହେ, / କୃପାନିଧି।'

ଶ୍ରୀଜଗନ୍ନାଥଙ୍କ ଇତିହାସ ଓଡ଼ିଶାର ଇତିହାସ। କୋଟି କୋଟି ଓଡ଼ିଆଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର ଓ ପ୍ରାଣାଧାର ହେଉଛନ୍ତି ଶ୍ରୀଜଗନ୍ନାଥ। ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀର କବି ସାଲବେଗ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ପୁରୁଷ ପୂର୍ଣ୍ଣବ୍ରହ୍ମ ରୂପେ 'ଆହେ ନୀଳ ଶଇଳ' ଜଣାଣରେ ବର୍ଣ୍ଣିଛନ୍ତି - 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ, / ମୋ ଆରତ ନଳିନୀ ବନକୁ କଲ ଦଳନ।' କବି ଦୀନକୃଷ୍ଣ ଦାସ ମଧ୍ୟ ସପ୍ତଦଶ ଶତାବ୍ଦୀରେ ଅନୁରୂପ ଭାବରେ 'କୃପାସିନ୍ଧୁ ବଦନ' ଜଣାଣରେ ଶ୍ରୀଜଗନ୍ନାଥଙ୍କୁ ଦାୟିନୀ କରିଥିଲେ - 'କୃପାସିନ୍ଧୁ ବଦନ କରି ଅବଲୋକନ / କଉଁ କରମ ହୀନ ଜନ / କାକୁସ୍ଥଭର ହୋଇ କର ଯୋଡ଼ି ଜଣାଇ / ଗରୁଡ଼ ସ୍ତମ୍ଭ ସନ୍ନିଧାନ ହେ / ମହାପ୍ରଭୁ ! / କୃପାସରିତପତି ହୋଇ / କରମ ହୀନ ଜନ ତହିଁ / କରୁଣା କଲ ନାହିଁ କିମ୍ପା ହେ ଭାବଗ୍ରାହୀ / କହ ମୁଁ ବିଚିତ୍ର ମଣଇ ହେ।' ଅଷ୍ଟାଦଶ-ଊନବିଂଶ ଶତାବ୍ଦୀର ଗୀତିକବି ବନମାଳୀ ଦାସ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବୈଷ୍ଣବ ଜନୋଚିତ ମିନତି କରି ଗାଇ ଉଠିଥିଲେ, 'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ / ଧନ ମାଗୁ ନାହିଁ ଜନ ମାଗୁ

ନାହିଁ / ମାଗୁଛି ଶରଧା-ବାଲିରୁ ହାତେ।'

ଡ. ବେଣୀମାଧବ ପାଢ଼ୀଙ୍କ ଭାଷାରେ 'ସେ ଓଡ଼ିଶାବାସୀଙ୍କ ଆଖିରେ 'ମଦନ ସୁନ୍ଦର' ନୁହନ୍ତି- 'କାଳିଆ', 'ପଦ୍ମଲୋଚନ' ନୁହନ୍ତି- 'ଚକାଡୋଳା', 'ଚତୁର୍ଭୁଜ' ନୁହନ୍ତି- 'ବଳିଆରଭୁଜ।'

## ଦାରୁ ଦେବତା

ଆର୍ଯ୍ୟାବର୍ତ୍ତ ଅଖଣ୍ଡ ଭାରତବର୍ଷରେ ଯେତେ ଧର୍ମ ମତବାଦର ପ୍ରସାର ଘଟିଛି, କେହି ହେଲେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କୁ ନିଜର କି ଦାରୁକୁ ପଥର କରିପାରି ନାହାନ୍ତି। ଉତ୍କଳୀୟ ଜନଗଣଙ୍କ ମନ, ପ୍ରାଣ, ଆତ୍ମାରେ ଯାହା ସୁନ୍ଦର, ନୂତନ ଓ ଗ୍ରାହ୍ୟ ବୋଲି ବିବେଚିତ ହୋଇଛି, ତାହା ଶ୍ରୀଜଗନ୍ନାଥଙ୍କ ପୂଜାବିଧିରେ ସ୍ଥାନ ପାଇଛି। ପ୍ରାଚୀନ ଜୈନ ପରମ୍ପରାରୁ ଆରମ୍ଭ କରି ଶ୍ରୀଚୈତନ୍ୟଙ୍କ ଶୁଦ୍ଧ ପ୍ରେମଭକ୍ତି ପର୍ଯ୍ୟନ୍ତ ସବୁ ଧର୍ମର ରୀତିନୀତି, ପୂଜାବିଧି ଚତୁର୍ଦ୍ଧା ମୂରତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାତା ସୁଭଦ୍ରାଙ୍କ ପୂଜାରେ ସମନ୍ୱିତ। ଦୁଇ ବିଶାଳ ବାହୁ ପ୍ରସାରଣ ପୂର୍ବକ ଶ୍ରୀଜଗନ୍ନାଥ ପୃଥିବୀର ସମସ୍ତ ଧର୍ମ ଓ ଧର୍ମମତବାଦୀମାନଙ୍କୁ ଅଭୟ ମୁଦ୍ରାରେ ଆଲିଙ୍ଗନ ପୂର୍ବକ ନିଜର କରି ନେଇଛନ୍ତି ; ଅଥଚ ସ୍ୱୟଂ ଅଚଳ, ଅଟଳ ମହାଦାରୁ ରୂପେ ନୀଳାଚଳରେ ପତିତପାବନ ବାନା ଉଡ଼ାଇ ନୀଳକନ୍ଦର ରତ୍ନ ସିଂହାସନରେ ବିଜେ କରିଛନ୍ତି।

**ଡ. ବେଣୀମାଧବ ପାଢ଼ୀଙ୍କ ମତରେ ଜଗନ୍ନାଥଙ୍କୁ ଶବର ଦେବତା ବିନା ଅନ୍ୟ କୌଣସି ଧର୍ମର ଦେବତା ବୋଲି କହିଲେ ଅସଙ୍ଗତ ହେବ।**

ଚତୁର୍ଦ୍ଧା ମୂରତିଙ୍କ ନାମ ଓ ରୂପ ସହିତ ବୌଦ୍ଧ ତ୍ରିରତ୍ନ (ବୁଦ୍ଧ, ଧମ୍ମ, ସଂଘ), ବୈଦିକ ଦ୍ୱିଜାକ୍ଷର ଓଁ (ଅ-ଉ-ମ)କାର, ସୃଷ୍ଟି-ସ୍ଥିତି-ପ୍ରଳୟ, ବ୍ରହ୍ମା-ବିଷ୍ଣୁ-ଶିବଙ୍କୁ କେତେକ ତତ୍ତ୍ୱବିଦ୍ ତଥା ସମାଲୋଚକ ସଂଯୁକ୍ତ କରନ୍ତି। ଏପରିକି ଚତୁର୍ଦ୍ଧା ମୂରତି ବାସୁଦେବ, ଶଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ରୂପେ ମଧ୍ୟ ପରିକଳ୍ପିତ। 'ପଦ୍ମପୁରାଣ', 'ବିଷ୍ଣୁପୁରାଣ', 'ସ୍କନ୍ଦପୁରାଣ', 'ମହାଭାରତ' ଆଦି ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନଙ୍କ ସମ୍ପର୍କରେ ସୂଚନା ରହିଥିଲେ ମଧ୍ୟ ଶ୍ରୀଜଗନ୍ନାଥ ଅଷ୍ଟ୍ରିକ୍-ଶବର ଗୋଷ୍ଠୀ ପ୍ରଚଳିତ ବୃକ୍ଷପୂଜାର ଅବଶେଷ ଦାରୁପୂଜା ବୋଲି ପ୍ରତିପାଦିତ ହୋଇଛି। ମହାଭାରତ, ବ୍ରହ୍ମ ପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ପଦ୍ମ ପୁରାଣ, ନାରଦ ପୁରାଣ ପ୍ରଭୃତି ପରମ ପାବନ ଗ୍ରନ୍ଥମାନଙ୍କରେ ପୁରୁଷୋତ୍ତମ କ୍ଷେତ୍ର ଓ ପରମ ଦୈବତ ମହାବିଷ୍ଣୁଙ୍କ ଦାରୁବ୍ରହ୍ମ ରୂପ ସଂପର୍କରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ରୂପେ ପ୍ରମାଣ ରହିଛି। ପ୍ରାଜ୍ଞ ଗବେଷକ ପ୍ରଫେସର୍ ବେଣୀମାଧବ ପାଢ଼ୀଙ୍କ ପ୍ରତିପାଦନ ଅନୁଯାୟୀ ଜେନେରାଲ୍ କନିଂହାମ୍, ପ୍ରଫେସର୍ ଉଇଲସନ୍, ଡ. ହରେକୃଷ୍ଣ ମହତାବ, ଜେମ୍ସ ଫର୍ଗୁସନ୍, ଫରାସୀ ଗବେଷକ ଲୁଇସ୍ ରୋଜଭିଟ୍ ଓ ଏନ୍.ଏନ୍. ବୋଷ୍ ପ୍ରମୁଖ ବୌଦ୍ଧ ତ୍ରିରତ୍ନରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଉତ୍ପତ୍ତି ଏବଂ ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧଧର୍ମର ପ୍ରତୀକ ବୋଲି ପ୍ରମାଣ କରିବାକୁ ପ୍ରୟାସ କରିଥିବା ବେଳେ ପଣ୍ଡିତ ନୀଳକଣ୍ଠ ଦାସ, ଐତିହାସିକ କେଦାରନାଥ ମହାପାତ୍ର, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ, ପଣ୍ଡିତ ବିନାୟକ ମିଶ୍ର ପ୍ରମୁଖଙ୍କ ମତରେ ଶ୍ରୀଜଗନ୍ନାଥ ଜୈନଧର୍ମର ପ୍ରତୀକ। ଐତିହାସିକ ଗୁରୁଦାସ ସରକାର, ଐତିହାସିକ ମନମୋହନ ଗାଙ୍ଗୁଲି, ଐତିହାସିକ କେଦାରନାଥ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, ଡ. ନବୀନ କୁମାର ସାହୁ ପ୍ରମୁଖ ଶ୍ରୀଜଗନ୍ନାଥଙ୍କୁ ଶାବର ଦେବତା ରୂପେ ଯୁକ୍ତି ଓ ପ୍ରମାଣ ଉପସ୍ଥାପନ କରି ଯାଇଛନ୍ତି। ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ଶ୍ରୀଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟ ଧର୍ମର ଦେବତା ବୋଲି ପ୍ରମାଣ କରିବା ସକାଶେ ତାହା କୃଷ୍ଣ ବାସୁଦେବ ଉପାସନାର ପରିବର୍ତ୍ତିତ ରୂପ ବୋଲି ମତୋଲ୍ଲେଖ କରିଥିଲେ ମଧ୍ୟ ପ୍ରାଚୀନ କାଳରୁ ପ୍ରଚଳିତ ଶବର ଜାତିର ବୃକ୍ଷ ଦେବତା ଉପାସନାକୁ ପୂରାପୂରି ଅସ୍ୱୀକାର କରି ନାହାନ୍ତି। ଅଧିକନ୍ତୁ ଦାରୁ ଦେବତା ଶ୍ରୀଜଗନ୍ନାଥ ଶାବର ଦେବତା ରୂପେ ପରିଗୃହୀତ ହୋଇଛନ୍ତି। ଡ. ବେଣୀମାଧବ ପାଢ଼ୀଙ୍କ ମତରେ 'ଜଗନ୍ନାଥ ଉପାସନା ଦାରୁ ଉପାସନାମୂଳକ ହୋଇଥିବାରୁ ସେ ଶବର ଦେବତା ବିନା ଅନ୍ୟ କୌଣସି ଧର୍ମର ଦେବତା ବୋଲି କହିଲେ ଅସଙ୍ଗତ ହେବ। ଏଣୁ କହିପାରୁ, ଜଗନ୍ନାଥ ଦାରୁ ଦେବତାର ରୂପାନ୍ତର ଓ ସେ ଶବରମାନଙ୍କର ମୂଳ ଦେବତା।'

## ଦ୍ୱୈତ ପ୍ରତିଭୂ

ଶ୍ରୀଜଗନ୍ନାଥ ମୈତ୍ରୀ ଓ ମାନବିକତାର ଦ୍ୱୈତ ପ୍ରତିଭୂ। ଅଖିଳ ବିଶ୍ୱ ବ୍ରହ୍ମାଣ୍ଡ ଓ ଚରାଚର ବିଶ୍ୱରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା, ଯାହାଙ୍କ ମାହାତ୍ମ୍ୟ ଓ ମହତ୍ତ୍ୱ ସର୍ବତୋଭାବେ ବିଶ୍ୱ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ। ଜଗନ୍ନାଥ ଧର୍ମ ଦର୍ଶନରେ ପରାପର, ଉଚ୍ଚ-ନୀଚ, ବ୍ରାହ୍ମଣ-ଅବ୍ରାହ୍ମଣ, ଛୁଆଁ-ଅଛୁଆଁ, ଧନୀ-ଗରିବ

ଭେଦଭାବର ଲେଶ ମାତ୍ର ଆଭାସ ପରିଲକ୍ଷିତ ହୁଏ ନାହିଁ। ପରନ୍ତୁ ଜଗନ୍ନାଥ ଧର୍ମ ପୃଥିବୀର ସର୍ବଧର୍ମ ମତବାଦ ଓ ଧର୍ମୀୟ ଦୃଷ୍ଟି-ଦର୍ଶନର ଏକ ଏକୀଭୂତ ମାନବବାଦୀ ଉତ୍ତରିତ ଧର୍ମ ବିଶ୍ୱାସ ; ଯେଉଁ ଧର୍ମ ଦର୍ଶନ ଓ ମହାଚେତନା ଭିତରେ ଲୌକିକ-ଅଲୌକିକତାର ମହାର୍ଘ ମିଳନ ସଂଘଟିତ ହୋଇଅଛି। ଜଗନ୍ନାଥ ଧର୍ମ-ଦର୍ଶନ ଓ ଜଗନ୍ନାଥ ସଂସ୍କୃତି ପୃଥିବୀର ଏକମାତ୍ର ମାନବୀୟ ଜୀବନଧାରା, ଯେଉଁଠି ଆର୍ଯ୍ୟ-ଆର୍ଯ୍ୟେତର ସଂସ୍କୃତିର ମହାମିଳନ ଘଟିଛି। ଶାବର ସଂସ୍କୃତି ସହିତ ଶିଷ୍ଟ ଶାସ୍ତ୍ରୀୟ ସଂସ୍କୃତିର ଅପୂର୍ବ ସମନ୍ୱୟ ସଂସାଧିତ ହୋଇଅଛି। ଶ୍ରୀଜଗନ୍ନାଥ ଧର୍ମ କାଳେ କାଳେ ମୈତ୍ରୀ ଓ ମାନବିକତାର ଜୟଗାନ କରିଆସିଛି। ଶ୍ରୀମନ୍ଦିରର ପ୍ରତିଟି ନୀତି-କାନ୍ତି, ପ୍ରଥା-ପରମ୍ପରା, ଯାନି-ଯାତ୍ରା ଓ ପୂଜା-ଉପାସନାରେ ଲୌକିକତାର ପବିତ୍ର ସ୍ପର୍ଶ ଏବଂ ପର-ଆପଣା, ପାପୀ-ପୁଣ୍ୟାତ୍ମା, ଆସ୍ତିକ-ନାସ୍ତିକ ସମସ୍ତଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ଆପଣେଇ ନେବାର ଅତୁଲ୍ୟ ଉଦାରତା ଦେଖିବାକୁ ମିଳେ। ଶ୍ରୀଜଗନ୍ନାଥ ଧର୍ମ ଏକ ସମ୍ମିଳିତ ଧର୍ମ ରୂପେ ଉତ୍ର ଭୂଖଣ୍ଡ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଛି। ଶ୍ରୀଜଗନ୍ନାଥ ଉଦାର ମାନବଧର୍ମର ପ୍ରାଣାଧାର ଓ ଉପାସ୍ୟ ଈଶ୍ୱର ରୂପେ ପରିଗୃହୀତ ହୋଇଛନ୍ତି। ବିଶ୍ୱ ମୈତ୍ରୀ ଓ ମାନବୀୟ ସଂବେଦନାର ଦ୍ୱୈତ ପ୍ରତିଭୂ ରୂପେ ଶ୍ରୀଜଗନ୍ନାଥ ସାରା ବିଶ୍ୱରେ ଏକଇ ଦେବତା ଭାବରେ ସକଳ ଧର୍ମ-ଦର୍ଶନ ଓ ଧର୍ମାବଲମ୍ବୀଙ୍କ ଦ୍ୱାରା ସ୍ୱୀକୃତ ହୋଇଛନ୍ତି। ସହସ୍ରାଧିକ ବର୍ଷର ସାଧନା, ଉପାସନା, ଗବେଷଣା ଓ ଅନୁଶୀଳନରୁ ପ୍ରତିପାଦିତ ହୋଇଛି: ଦାରୁ ଦେବତା ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ବିଶ୍ୱ-ମୈତ୍ରୀର ଦେବତା; ପୁଣି ବୈଶ୍ୱିକ ମାନବିକତାର ମୂର୍ତ୍ତିମନ୍ତ ଦୈବତ ପ୍ରତିଭୂ ଭାବରେ ଲୋକ ଓ ଲୋକୋତ୍ତର ଊର୍ଦ୍ଧ୍ୱରେ ଅନନ୍ୟ-ଅତୁଲ୍ୟ ସୁଦିବ୍ୟ ମାନ୍ୟତା ଲାଭ କରିଅଛନ୍ତି।

**ଶ୍ରୀଜଗନ୍ନାଥ ଧର୍ମ ଏକ ସମ୍ମିଳିତ ଧର୍ମ ରୂପେ ଉତ୍ର ଭୂଖଣ୍ଡ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଛି।**

**ଉତ୍ସାନୁସନ୍ଧାନ :**

୧. ଦାରୁ ଦେବତା, ଡ. ବେଣୀମାଧବ ପାଢ଼ୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ।

୨. ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥ, ଡ. ସତ୍ୟନାରାୟଣ ରାଜଗୁରୁ, ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ବ୍ରହ୍ମପୁର।

୩. ଭଞ୍ଜ ସାହିତ୍ୟର ଭିନ୍ନ ଚର୍ଚ୍ଚା, ଡ. କମ୍ବୁପାଣି ସାମନ୍ତ, ସୃଜନ, ଭୁବନେଶ୍ୱର।

୪. ସଞ୍ଚୟନ, ସଂ : ବସନ୍ତ କୁମାର ଶତପଥୀ, ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ।

୫. ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା ଓ ଓଷାବ୍ରତ, ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ।

□□

ଲେଖକଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha** on Play Store



ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।



କବିତା

# ଆଉ କେତେ ଦେବ କୁହ

ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ



ଶୁଝି ପାରିଲେ ତ କାଣିଚାଏ ସିନା କହିଥାନ୍ତି ଆଉ ଦିଅ।
ତୁମେ କି ନେଇଚ ଠିକା
ବାକି ଯେତେ ସବୁ ମାଗଣା ମାଖୁନା ଦାତାପଣେ ନୁହେଁ ଲେଖା।
ତଥାପି କି ଲୀଳା ପ୍ରଭୁ
ସବୁ ଦେଇ ତୁମେ ଖଣ୍ଡିଆ ନାଣ୍ଡିଆ ଗୋଳିଆଙ୍କ ଛଳେ କାବୁ।

ଶିଖିଚ ଚାଖଣ୍ଡେ ହସ
ବାରତା ଦେଉଚ ଭୁଲିଯାଆ ବାବୁ ଦି' ଦିନେ ହେବୁ ପାଉଁଶ।
ବଡ଼ ହୋଇ କେଡ଼େ ସାନ
ସେଥିପାଇଁ ତୁମେ ଜଗତର ନାଥ ଗରୀୟାନ ମହୀୟାନ।

ବାଇଆ ଜଗତେ ପଣେ
ବାଇଆ ନ ହେଲେ ତୋ ଧାମେ ତାହାକୁ ଭକତେ କିଏ ସେ ଗଣେ
ଦାଉଦାଉ ଯଉବନ
ଜଳିଯିବ ବନ ବୟସ ନିଆଁରେ ତୁମେ ଥିବ ଛନଛନ।

ଟେକୁଥାନ୍ତି ଟୋକୁଥାନ୍ତି
ତୁମେ ତ ହଲନି ସୂତାଏ ଠାକୁରେ ଦାରୁଭୂତ ଅଚଳନ୍ତି
ବାନ୍ଧୁଥାଅ ଯେତେ ବାନା
ଫୁଲରସିଆର ଭକତିଚାହିଆ ପିନ୍ଧିବାକୁ ଓରିମାନା ॥

□□

କବିଙ୍କ ଇ-ମେଲ ଠିକଣା:
gacharyalulu@gmail.com

ଗଳ୍ପ

# ଅସ୍ପର୍ଶର ସ୍ପର୍ଶ



ଡ. ଗୋଲାପ ମଞ୍ଜରୀ କର

ପୁଅଟାକୁ ଉଷସୀ ଏମିତି ଅକର୍ମା କଲା ଯେ ସେ କେବଳ ମା' କାନିର ଚାବିନେନ୍ଥା ହୋଇ ଝୁଲିଲା, ଅକାଳ କୁଷ୍ମାଣ୍ଡଟାଏ। ଏତେ ବଡ଼ ନାଁ କରା ଓକିଲର ପୁଅ, ଯାହି ତାହି ପଢ଼ି ଗ୍ରାଜୁଏଟ୍‌ଟେ ହେଇ କପି, ଟପି କରି ଆଇନ ପାଠଟା ପାସ କରି ଯାଇଥିଲେ ପରା ସିଏ ତାକୁ କୋଉଠୁ ନେଇ କୋଉଠି ଥୋଇ ଦେଇଥାନ୍ତେ। କ'ଣ ନା କହିଦେଲା, ମୋ ଦେଇ ସେ ଜାଲିଆତି କାମ ହେଇ ପାରିବନି। ସେକଥା କାଇଁ ବାବୁ କରିବେ, ମୁହଁରେ ରଙ୍ଗ ଲଗେଇ ଯାତ୍ରା, ଥେଟରରେ ମଞ୍ଚ ଉପରେ ଖେମଟା ନାଚିବେ, ଲୋକଙ୍କ ତାଳି ଗୋଟେଇବେ, ବେକରେ ମେଡଲ ଝୁଲେଇବେ। ସେଥିକୁ ମା'ଙ୍କର ଯୋଉ ଗର୍ବ, ଗୌରବ।



ଆକାଶ ଓକିଲାତିର ଅ, ଆ, କ, ଖ ସେ ଶିଖିଥିଲେ ବିଶ୍ୱମ୍ଭର ବାବୁଙ୍କଠାରୁ। ସହରର ନାମୀ ଦାମୀ ଓକିଲ, ଶହଶହ ଚାମ୍ପର। ତାଙ୍କ ପରି ଗଣ୍ଡା ଗଣ୍ଡା କଳାକୋଟ ପିନ୍ଧା ଓକିଲ କଚେରି ବାରଣ୍ଡାରେ ଏପଟ ସେପଟ ହେଇ, କାହାକୁ ଆଫିଡେଭିଟ୍‌ଟିଏ କରେଇ କି କୋଉ ବଡ଼ ଓକିଲ ପାଖରେ ଜୁଟାଜୁଟି କରେଇ ଯୋଉ ଟଙ୍କା ରୋଜଗାର କରନ୍ତି ତା' ତାଙ୍କ ପେଟ, ପିଠିକୁ ନିଅଣ୍ଟ। ଆକାଶଙ୍କର ଲମ୍ବା ଚଉଡ଼ା ଚେହେରା, ଧୀର କଥା, ସ୍ଥିର ଚାହାଣିକୁ ଦେଖି କାଳେ ବିଶ୍ୱମ୍ଭରବାବୁ ତାଙ୍କୁ କଳି ନେଇଥିଲେ। ତାଙ୍କୁ କେବଳ କେସ୍ ଦେଇ ନ ଥିଲେ, ଜିତିବାର କଳା, କୌଶଳ, କାରସାଦି ସବୁ ଗୋଟି ଗୋଟି କରି ଶିଖେଇ ଥିଲେ। ତା' ପଛରେ ଯେ ତାଙ୍କର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥିଲା ସେକଥା ବୁଝିବାର ସାମର୍ଥ୍ୟ ନ ଥିଲା ଆକାଶଙ୍କର। ସରଳ, ବୋକାସୋକା ମାମରା ଝିଅଟାକୁ ଯା' ହାତରେ ପାରି ତା' ହାତରେ ଟେକି ଦେବାକୁ ଭରସା ପାଉ ନ ଥିଲା ବିଶ୍ୱମ୍ଭର ବାବୁଙ୍କର। ସେଥିପାଇଁ ଆକାଶ ପରି ମାଟି ପିଣ୍ଡୁଳାକୁ ମାଠି ମୁଠି, ଚକମକ ରଙ୍ଗ ନେଇ ନିଖୁଣ ମୂର୍ତ୍ତିଟିଏ କରି ଠିଆ କରାଇଥିଲେ।

ଉଷସୀ ଗେଡ଼ା କି ଡେଙ୍ଗା, କାଳୀ କି ଗୋରୀ, ସୁନ୍ଦରୀ କି ଅସୁନ୍ଦରୀ ସେକଥା ଆକାଶଙ୍କର ଖିଆଲ ନ ଥିଲା। ତାଙ୍କ ଆଖିରେ ଖାଲି ଦିଶୁଥିଲା ଗୋଟାଏ ଲମ୍ବା ନିଶୁଣି ଯାହା ଉପରେ ଚଢ଼ି ଚଢ଼ି ପହଞ୍ଚି ଯାଇହୁଏ ଅମରାବତୀରେ। ନିଶୁଣିର କ'ଣ ରୂପ, ରଙ୍ଗ ଥାଏ ? ପର ଓଳିତଳେ ଜୀବନ କଟାଉଥିବା ଇହ ସଂସାରରେ ଆକାଶଙ୍କର କେହି ନ ଥିଲେ ଯାହାକୁ ସେ ଭଲ, ମନ୍ଦ ପଚାରିବେ।

ପୁଅ ବଡ଼ ହେଇ ହେଇଯାଇଥିଲା, କିନ୍ତୁ ସଂସାର ଆଗରେ ମୁହଁ ଟେକି କହିଲା ଭଳିଆ କିଛି ହୋଇପାରିଲା ନାହିଁ। ଆକାଶ ଭିତରେ ଭିତରେ କୋରି ବିଦାରି ହେଲେ, ଆଳି, ଗିନା ଫୋପାଡ଼ି ଉଷସୀ ଉପରେ ରାଗ ଶୁଝାଇଲେ କିନ୍ତୁ ଶ୍ୱଶୁରଙ୍କ ଡରରେ ବେଶି କିଛି କହିବାର କି କରିବାର ଜୁ ନ ଥିଲା। ପିଲାଟା ପିଲାଟି ଦିନରୁ ମା' କାନିର ଗଣ୍ଠି ହେଇ ତା' ପଛେ ପଛେ ଗୋଡ଼ଉଥିଲା, ବାପ ଡାକିଲେ ଡରି ଡରି ପାଖକୁ ଆସୁଥିଲା ସିନା, ଭରସି କରି ଅଳି ଆବଦାର କିଛି କରୁ ନ ଥିଲା। ଶେଷରେ ଆକାଶ ଯାହା ଡରୁଥିଲେ, ସେୟା ହିଁ ହେଲା। ମୁହଁରେ ରଙ୍ଗ ମାରି ନାଟ ଥେଟର କଲା। ଲୋକେ କହିଲେ ମଞ୍ଚ ନାଟକର ଟ୍ରେଣ୍ଡ୍‌ସେଟର। ଓକିଲ, ମହକିଲ, ସାଙ୍ଗ, ସାଥୀ

ପ୍ରଶଂସାରେ ପୋତି ପକେଇଲେ। ସିଏ ଖାଲି ଦାନ୍ତ ନେଫେଡ଼ା ହସି ହସି ମୁଣ୍ଡ ଟୁଙ୍ଗାରିଲେ।

ଶେଷରେ ତା'ର ସହକର୍ମିଣୀ ନାୟିକାକୁ ବାହା ହେବାକୁ ଜିଗର କଲା ଅଜାଙ୍କ ସାମ୍ନାରେ। ଅଜା ଝିଅକୁ ଘରକୁ ଡାକି ଯାଞ୍ଚ, ପରଖ କଲେ ଆଉ ନାତିକୁ ସାବାସୀ ଦେଲେ। ଆକାଶଙ୍କ ହାତରୁ ଯେମିତି ସଂସାରର ଡୋରଟା କ୍ରମେ ହୁଗୁଳି ଯାଉଥିଲା। ନିଜ ସଂସାର ଆଉ କାହାର ହାତଟେକା ଦାନ ପରି ଲାଗୁଥିଲା। ମୁହଁ ବୁଜି ପୁଅ ବାହାଘର କଲେ, ବାଜା, ରୋଶଣି କରି ବୋହୂକୁ ଘରକୁ ଆଣିଲେ। କିନ୍ତୁ ଦିନକେଇଟା ଭିତରେ ସୁନ୍ଦରୀ ବୋହୂର ଆପଣାପଣ ଅଶୋକଙ୍କ ଧୂସର ମରୁଭୂମିରେ ଟୋପା ଟୋପା ପାଣି ହୋଇ ସିଞ୍ଚି ହୋଇଯାଉଥିଲା। କେତେବେଳେ ସେ ଝିଅ ହୋଇ ଗେହ୍ଲାରେ ସେ ଦୁଇଜଣଙ୍କୁ ପୋତି ପକାଉଥିଲା ତ କେତେବେଳେ ମା' ହୋଇ ଶାସନ କରୁଥିଲା।

କୋଉ ଛଟକରେ ପୂରା ଘରଟାକୁ ସେ ଆବୋରି ପକାଏ। ମଞ୍ଚ ଛାଡ଼ି ସଂସାରର ମଙ୍ଗ ଧରେ ଆକାଶ। ଉଷସୀ ଆଶ୍ୱାସେଇ ଯାଆନ୍ତି। ବୋହୂ ଆଗରେ ଆକାଶଙ୍କର ନାକ ଛିଞ୍ଚଡ଼ା କଥା ଆଉ ବୋହୂର ଚାପା ହସ ଦିନକୁ ଦିନ ଉଷସୀକୁ ଏକୁଟିଆ କରି ପକାଏ। ଠାକୁର ଘରେ ବନ୍ଦ କରି ରଖେ ସେ ନିଜକୁ। ପୁଅ ତା' ନାଟକର ଜଗତ ଭିତରୁ ଘରକୁ ଫେରି ମା'ର ଶୁଖିଲା ମୁହଁ ଦେଖି ଛାତିରେ ଜାକି ପକାଏ କୁନି ଝିଅଟେ ପରି, ଦି ଘେରା ବୁଲାଇ ଆଣେ, ଉଷସୀ ସେତିକିରେ ଆଖିରୁ ଲୁହ ପୋଛି ଆକାଶଙ୍କ ଗୋଡ଼ରେ ତେଲ ଘଷନ୍ତି, ତାଙ୍କ ଗୋଡ କଟଡ଼ାକୁ ବେଖାତିର କରି ତାଙ୍କ ଗୋଡ଼ରେ ଆଗପରି ଗୋଡ଼ କେଞ୍ଚନ୍ତି।

ଦିନେ ରାତିରେ କୁଣ୍ଠିତ ହୋଇ ଉଷସୀ କହିଲା, "ମନେ ଅଛି ଏଇ ବର୍ଷ ଜୁନ୍ ୨୬ରେ ଆମ ବାହାଘରକୁ ୫୦ ବର୍ଷ ପୂରିବ। ତୁମେ ମତେ କ'ଣ ଦେବ? କୁହନା... ଏ.... କୁହନା।" ଭ୍ରୂକୁଞ୍ଚନ କରି ଆକାଶ ଚାହିଁଲେ, ସତେ ଯେମିତି ତରୁଣୀ ସ୍ତ୍ରୀ ପ୍ରଥମେ ବିବାହ ବାର୍ଷିକୀର ଉପହାର ମାଗୁଛି। କେବେ କିଛି ଦେବାର ତାଙ୍କର ମନେ ନାହିଁ। ସେ ଉତ୍ତର ଦେବା ଆଗରୁ କେମିତି ଏକ ବିହ୍ୱଳ କଣ୍ଠରେ ଉଷସୀ କହିଲା, "ମତେ ତ ୭୨ ବର୍ଷ ହେଲାଣି, ଆଉ ବା କେତେଦିନ?" ମୋର ଭାରି ମନ ଆମର ଏଇ ଟେରାସ୍‌ରେ ଗୋଟେ ମନ୍ଦିର କରନ୍ତେ, ସେଠି ମୁଁ ମୋ କାଳିଆକୁ ରଖନ୍ତି। ସବୁଦିନ ସକାଳୁ ଉଠି ଜଗା ମୁହଁ ଦେଖନ୍ତି...। କହୁ କହୁ କଣ୍ଠ ରୁଦ୍ଧି ହେଇଗଲା ଉଷସୀର। ପାଟିଟେ କରି ଆସୁ ଆସୁ ରହିଗଲେ ଆକାଶ। ଉଷସୀର ମୁହଁଟା ଦିଶୁଥିଲା ସବୁଠାରୁ ପ୍ରିୟ କଣ୍ଢେଇଟି ହଜେଇ ଦେଇଥିବା କୁନି ଝିଅଟେ ପରି କାନ୍ଦ କାନ୍ଦ।

'ଯା କରିବା କଥା କର। ମୁଁ ସର୍ବେଶ୍ୱରକୁ କହି ଦେଉଛି ସେ ସବୁ କଥା ବୁଝାବୁଝି କରିବ, ତେଣିକି ତୁମେ ମନ୍ଦିର କର କି ଠାକୁର ବସାଅ, ମତେ ସେ ଝମେଲାରେ ପୂରାଅନି।' ଉଷସୀ କିଶୋରୀ ଝିଅଟିଏ ପରି ତାଙ୍କୁ କୁଣ୍ଢାଇ ପରସ୍ତେ ନାଚିଗଲା।

ସତରେ ଆମର ମନ୍ଦିର ହେବ? ଆମେ କିନ୍ତୁ ଦି' ଜଣ ଯାକ ଯାଇ ପୁରୀରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସାଙ୍ଗ ହେଇ ଆଣିବା। ବାପାଙ୍କର ଜଣେ ଚିହ୍ନା ବଢ଼େଇ ଅଛନ୍ତି। ସେ ନିମକାଠରେ ସୁନ୍ଦର ମୂର୍ତ୍ତି ଗଢ଼ିଦେବେ।

**ସତରେ ଆମର ମନ୍ଦିର ହେବ? ଆମେ କିନ୍ତୁ ଦି' ଜଣ ଯାକ ଯାଇ ପୁରୀରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସାଙ୍ଗ ହେଇ ଆଣିବା।**

ଏତିକିରେ ବରାଦ ସରିଲା ନା ଆଉ କିଛି ଅଛି? ଗମ୍ଭୀର ହେଲେ ଆକାଶ। ନା'ମ ଆଉ ଟିକିଏ ଅଛି। ଆମ ବାହାଘର ଦିନରେ ଦିଅଁ ପ୍ରତିଷ୍ଠା ହେବେ, ଆମେ ସାଙ୍ଗହେଇ କରିବା, କରିବା ନା? କୁହମ, କରିବା ନା? ଉଷସୀ ଯେମିତି ଏଇ ମୁହୂର୍ତ୍ତରେ ଭୁଲି ଯାଇଛି ତା' ବୟସ, ତା' ପରିବେଶ, ତା' ଉଦାସିଆ ଜୀବନକୁ।

କମକୁଟକରା ମନ୍ଦିର, ଧଳା ମାର୍ବଲର ସିଂହାସନ, ଜାଲିଲଗା କବାଟ ସବୁ ଯେମିତି ଆପଣାଛାଏଁ ହେଇ ଯାଉଥିଲା। ଉଷସୀର ଆଉ ଆଣ୍ଠୁ ଦରଜ ହେଉ ନ ଥିଲା କି ଆକାଶଙ୍କ ଗୋଡ଼ତଳେ ସେ କେଞ୍ଚାମାରି ନିଜ ଗୋଡ଼କୁ ପୂରାଉ ନ ଥିଲା। ଟଙ୍କା କଥା ପଚାରିଲେ ହସି ଦେଇ ମୁଣ୍ଡ ହଲାଇ ମନା କରୁଥିଲା। ହ... ଅ, ଗେଲବସରୀ ଝିଅକୁ କୋଉ ଛଟକରେ ବାପ ଦେଇ ନ ଥିବ ଯେ। ନିଶ୍ଚିତ ହୋଇ ଆକାଶ ତାଙ୍କ ସାମ୍ରାଜ୍ୟ ବିସ୍ତାରରେ ଲାଗିଥାନ୍ତି। ଉଷସୀ କେତେ କଥା ଗପିଯାଏ ମନକୁ ମନ। କେମିତି ମାର୍ବଲ ଆସିଲା, ଚାରିପଟେ ମୟୂର ପକ୍ଷୀର ଝାଲର କେମିତି ଲାଗିଲା, କାନ୍ଥ ଟାଇଲର ରଙ୍ଗ କେମିତି। ସତେ ଯେମିତି ଛୋଟିଆ ମନ୍ଦିରଟେ ନୁହେଁ

ଗୋଟେ ମହଲ ଗଢ଼ା ହେଉଛି । ତଥାପି ଉଷସୀର ଖୁସି ଉଛୁଳା ମୁହଁକୁ ଚାହିଁ ଖଲ ଖଲ ହେଉଥିବା ପାଟିଟାକୁ ବନ୍ଦ କରି ଦିଅନ୍ତି ଆକାଶ ।

ମନ୍ଦିର ସରିଲା, ଉଷସୀର ଜିଦ୍ ସାଙ୍ଗ ହୋଇ ମୂର୍ତ୍ତି ଆଣିବେ ପୁରୀରୁ । ତାଙ୍କ ରୁମ୍ ପାଖକୁ ଲାଗିଥିବା ଷ୍ଟଡି ରୁମ୍‌ରେ ମୂର୍ତ୍ତିମାନଙ୍କ ମୁହଁ, ଘୋଡ଼ାଇ କାଠ ଖଟୁଲି ଉପରେ ରଖିଦିଆଗଲା । ଉଷସୀର ବୟସ ଖସି ଯାଇଥାଏ ପଚାଶ ବର୍ଷ, ସେ ଯେମିତି କଙ୍କିଧରା ଚପଳ କିଶୋରୀଟିଏ ଦିନବେଳା ମୂର୍ତ୍ତି ପ୍ରତିଷ୍ଠା ହେବେ, ରାତିରେ ମହାପ୍ରସାଦ, କ୍ଷୀରୀ ବରାଦ ହେଲା ପୁରୀରୁ । କାହିଁକି କେଜାଣି ବହୁ ବର୍ଷ ପରେ ଦି, ଚାରିଟା ମଲ୍ ବୁଲି ଆକାଶ କିଣିଲେ ନୀଳମେଘୀ ବନାରସୀ ପାଟଟାଏ, ହୀରାବସା ମୁଦିଟିଏ । ବାହାଘର ପରେ ତାଙ୍କର ପ୍ରଥମ ଉପହାର । ପ୍ରତିଷ୍ଠା ପୂର୍ବଦିନ ରାତିସାରା ଶୋଇନି ଉଷସୀ । ପାଦଚିପି ଚିପି ଦେଖି ଆସୁଥାଏ ମୂର୍ତ୍ତିମାନଙ୍କୁ । ମନ୍ଦିର ଭିତରକୁ ଯାଇ ଏଟା ସେଟା ଖଞ୍ଜି ଦେଇଥାଏ । ଗୋଟେ ଅସରା ବର୍ଷା ହୋଇ ଛାଡ଼ି ଯାଇଥାଏ । ବିରକ୍ତ ହେଇ ଆକାଶ କହିଲେ, 'ଆଗରୁ କେହି ମନ୍ଦିର ପ୍ରତିଷ୍ଠା କରିଥିଲେ ନା ତମେ ଏକା କରିବ ? ଦିହ ଖରାପ ହେଲେ ମତେ କହିବନି; କହି ଆକାଶ ଗରଗର ହେଇ କାନ୍ଥ ଆଡ଼କୁ ମୁହଁ କରି ଶୋଇଲେ । ଅନ୍ୟଦିନ ହେଇଥିଲେ ଉଷସୀ ଗୁଁ ଗୁଁ ହେଇଥାନ୍ତା କି ନାକ ସୁଁ ସୁଁ କରିଥାନ୍ତା, ସେଦିନ କିଛି ନ କହି ଚୁପଚାପ୍ ତାଙ୍କ ପିଠିରେ ହାତ ପକେଇ ଶୋଇ ପଡ଼ିଲା ।

ଆକାଶଙ୍କର ନିଦ ଭାଙ୍ଗିଲା ପ୍ରଲମ୍ବିତ ଶଙ୍ଖଧ୍ୱନିରେ । ଉଷସୀ ହିଁ ଏତେ ସମୟ ଧରି ଏମିତି ଶଙ୍ଖ ବଜାଇପାରେ । ତାହେଲେ କ'ଣ ସେ ଗାଧୋଇ ସାରି... । ଏ ହେ, ତାକୁ ତ ସେ ଶାଢ଼ିଟା, ମୁଦିଟା ଦେଇ ନାହାନ୍ତି ସେଇ ନୀଳମେଘୀ ବନାରସୀଟା ପିନ୍ଧି ସେ ତା ଦିଅଁଙ୍କୁ ପ୍ରତିଷ୍ଠା କରୁ, ରାତିରେ ପଛେ ପୁଅ ଦେଇଥିବା ଶାଢ଼ି ପିନ୍ଧିବ । ଶାଢ଼ି ପ୍ୟାକେଟ୍‌ଟା ବଢ଼ାଇ ଦେଲେ ଉଷସୀ



ହାତକୁ । ଆଶ୍ଚର୍ଯ୍ୟର ମୁଦ୍ରାଟିଏ ଫୁଟି ଉଠିଲା ଉଷସୀ ଆଖିରେ, ତା'ପରେ ଛଲକାଏ ଲୁହ । 'ବହୁତ ସୁନ୍ଦର ହେଇଛି, ମୋର ଏ ରଙ୍ଗ ଭାରି ପ୍ରିୟ, ତୁମେ କେମିତି ଜାଣିଲ ?' କହୁ କହୁ ଶାଢ଼ିଟା ପିନ୍ଧି ପକାଇ ମୁଣ୍ଡିଆଟେ ମାରି ଉଠୁ ଉଠୁ ତାକୁ ଗୋଡ଼ତଳୁ ଉଠାଇ ଛାତିକୁ ଆଉଜେଇ ନେଇ ଆକାଶ ତା' ଆଙ୍ଗୁଠିରେ ମୁଦିଟା ପିନ୍ଧାଇଦେଲେ । ଝରଝର କାନ୍ଦି ପକାଇ ତାଙ୍କ ଛାତିରେ ଆଉଜି ପଡ଼ିଲା ଉଷସୀ । ତା' ଓଦାବାଳକୁ ସାଉଁଳେଇ ଦେଇ ଆକାଶ କହିଲେ, "ଉଠ, ତୁମ ଦିଅଁ ତେଣେ ରୁଷିବେ ।" ଲାଜରା ହସ ହସି ଉଠି ପଡିଲା ଉଷସୀ ।

ଧୂପ, ଝୁଣା, ଗୁଗୁଳର ମହମହ ବାସ୍ନା, ଶଙ୍ଖ, ଘଣ୍ଟ, ଘଣ୍ଟିର ଧ୍ୱନି, ପୁରୋହିତର ମନ୍ତ୍ରପାଠ ସାଙ୍ଗରେ ଗୋଟିଏ ଗୋଟିଏ ମୂର୍ତ୍ତିକୁ ଧାଡି ପହଣ୍ଡିରେ ରଥକୁ ବିଜେ କଲା ପରି ଆସ୍ଥାନରେ ବିଜେ କରାଗଲା । ପୁରୋହିତେ ସବୁ ମୂର୍ତ୍ତିକୁ ନେଇଗଲେ । ଉଷସୀର ଏକା ଜିଦ୍ ଜଗନ୍ନାଥଙ୍କୁ ସେ ହିଁ ବିଜେ କରାଇବ ଆସ୍ଥାନରେ । ସମସ୍ତଙ୍କର ବାରଣ, ତାଙ୍କର ବିରକ୍ତି ସତ କିଛି ବି ସେ ମାନିବାକୁ ପ୍ରସ୍ତୁତ ନୁହେଁ । କାନି ପଣତରେ ଘୋଡ଼ାଇ କାଳିଆକୁ ଛାତିରେ ଜାକି ଜାକି ଲୁହ ସରସର ଆଖିର ସେ ନେଇ ଥୋଇଲା ଆସ୍ଥାନରେ । ସମସ୍ତେ ଦୁଆର ମୁହଁରେ ଠିଆ ହୋଇଥାନ୍ତି ତାଙ୍କୁ ଛାଡ଼ି । "ଆରେ, ଯେ କୁଆଡ଼େ ଗଲେ ? ଏ ଅପୂର୍ବ ସୁନ୍ଦର ଦୃଶ୍ୟକୁ ଦେଖିବେନି ? ସତରେ ସେ ମୋ ଘରେ ବିଜେ ହୋଇଛନ୍ତି । ରୁହ ରୁହ ମୁଁ ତାଙ୍କୁ ଡାକି ଆଣୁଚି । ତୁମେ ସବୁ ଡାକିଲେ ସେ ଆସିବେନି ମୋଟେ ।" ଲସର ପସର ହେଇ ଆସୁ ଆସୁ ଖସିଗଲା ଗୋଡ଼, ମୁଣ୍ଡଟା ବାଡ଼େଇ ହୋଇଗଲା ଠାକୁର ଘର ଦୁଆର ବନ୍ଧ କାନ୍ଥରେ । ହୋ ହୋ, ଘୋ, ଘୋ – ଡାକ୍ତରଖାନା ଡାକ୍ତର । ସବୁ ଶେଷ ହୋଇଗଲା ଗୋଟାଏ ମୁହୂର୍ତ୍ତରେ । ଡାକ୍ତର କହିଲେ, ଅତିଶୟ ଉଦ୍‌ବିଗ୍ନତା ଯୋଗୁ ହାର୍ଟ ଫେଲ ହେଲା, ମୁଣ୍ଡ ବାଡ଼େଇ ହେବା

କେବଳ ଏକ ମାଧ୍ୟମ।

ସ୍ତବ୍ଧ ହୋଇ ଯାଇଥିଲେ ଆକାଶ। ଅଚାନକ ଗୋଟାଏ ମୁହୂର୍ତ୍ତରେ ଘଟି ଯାଇଥିବା ଘଟଣାକୁ ଗ୍ରହଣ କରିବା ସହଜ ନ ଥିଲା ତାଙ୍କ ପକ୍ଷରେ। ଆଉ ଉଷସୀକୁ ଶ୍ମଶାନକୁ ନେବା ବେଳକୁ ପୁଅ ଯେତେବେଳେ ନାଲି ନାଲି ଆଖି କରି କହିଲା, 'ଜୀବନଯାକ ଗୋଟେ ଲୋକକୁ ଜଳେଇ ଜଳେଇ ଆପଣଙ୍କର ମନସାଧ ମେଣ୍ଟିଲାନି ଯେ ଶେଷରେ....। ସେଦିନ ଯଦି ସେଇଠି ଆପଣ ଥାନ୍ତେ ମା' କାହିଁକି ଆପଣଙ୍କୁ ଡାକିବାକୁ ଆସି....।' ଝଡ଼ ପରି ପଳାଇଥିଲା ପୁଅ ତାଙ୍କ ଛାତିରେ ପଥରଟେ ଲଦି ଦେଇ। ନିଜ ଘରେ ଚୋରପଟିଆ ହେଇ ସେ ଲୁଚି ଲୁଚି ବୁଲୁଥିଲେ। ନିଜ ଘର, ନିଜ ବିଛଣା ସବୁ ତାଙ୍କୁ ଅଚିହ୍ନା ଲାଗୁଥିଲେ। ସବୁ ସରିଗଲା କେଇଟା ମୁହୂର୍ତ୍ତରେ। ଅଧା ରହିଗଲା ମନ୍ଦିର ପ୍ରତିଷ୍ଠା, ବେଦୀରେ ଆଉ ଥରେ ବସି ବାହାହେବାର ପିଲାଳିଆ ଆଗ୍ରହ, ସୁଖୀ ଦାମ୍ପତ୍ୟକୁ ଅନ୍ୟ ଆଗରେ ଦେଖେଇବାର ମିଛ ବାହାଦୁରି....। ଏମିତି କାହାକୁ କିଛି ନ କହି କେମିତି ସେ ଚାଲିଗଲା, ତାଙ୍କର ଅଣହେଳା ତାକୁ ଭିତରେ ଭିତରେ ଫମ୍ପା କରିଦେଇଥିଲା କି ? ଉଷସୀ ଚାଲିଗଲା ପରେ ସବୁ ସମ୍ପର୍କ ମୁହଁ ମୋଡ଼ିଦେଲେ।

ବନ୍ଧୁବାନ୍ଧବ ଯିଏ ଆସୁଛନ୍ତି ତଳୁ ପୁଅ, ବୋହୂଙ୍କୁ ଦେଖା କରି ଫେରିଯାଉଛନ୍ତି। ଜଣେ ଚାଲିଗଲା ବୋଲି ଆକାଶ କ'ଣ ଅଲୋଡ଼ା ହୋଇଗଲେ ସଂସାର ପାଖରେ? ଉଷସୀ କ'ଣ ସବୁ ବନ୍ଧନକୁ ଫିଟାଇ ଦେଇ ତାଙ୍କୁ ମୁକ୍ତ କରି ଦେଇଗଲା? ଏୟା ତ ସେ ଚାହିଁ ଆସିଥିଲେ ଜୀବନଯାକ। ତାଙ୍କ କଥାର କେହି ଖିଲାପ ନ କରୁ, ତାଙ୍କ କାମରେ କେହି ହସ୍ତକ୍ଷେପ ନ କରୁ, ଅଯଥା ପ୍ରଶ୍ନ ପଚାରି କେହି ତାଙ୍କୁ ବିରକ୍ତି ନ କରୁ। ତା'ହେଲେ କାହିଁକି ତାଙ୍କୁ ଏତେ ନିଛାଟିଆ ଲାଗୁଛି ? କାହିଁକି ତାଙ୍କର ମନେ ରହୁନି ଓକିଲାତିର ସାଧାରଣ ଦଫା ସବୁ? ଓକିଲାତି ବହିକୁ ଖୋଲିବା ଆଉ ବନ୍ଦ କରିବାରେ ବିତିଯାଉଛି ବେଳ, କିଛି ମନେ ରହୁନି। ଖାଲି ଶୂନ୍ୟତା, ଖାଲି ଅନ୍ଧାର, ସୂଚିଭେଦୀ ଅନ୍ଧାର, ବିରକ୍ତ ହୋଇ ସେ କବାଟ ଖୋଲି ବାହାରି ଆସନ୍ତି ବାହାରକୁ। ସାମ୍ନାରେ ମନ୍ଦିର ଠିଆ ହୋଇଥାଏ ଖଡେଇ ହେଲା ପରି, ବାନା ଉଡୁଥାଏ ଫରଫର। ପାଗଳ ପରି ସେ ବୁଲନ୍ତି ଥକା ଲାଗିଲା ପର୍ଯ୍ୟନ୍ତ, ପୁଣି ଆସି ଗଡ଼ିପଡ଼ନ୍ତି ଏକୁଟିଆ ଶେଯରେ, ଆଖି ଲାଖିଯାଏ, ମୁଦା ଆଖି ସାମ୍ନାରେ ଖାଲି ଶୁଭେ କଥା, ୫୦ ବର୍ଷର ଲକ୍ଷ ଲକ୍ଷ କଥା, ଯେମିତି ନାଟକ ଦେଖୁଛନ୍ତି, ସଂଳାପ ଶୁଣୁଛନ୍ତି, ଦୃଶ୍ୟ ପରେ ଦୃଶ୍ୟ ଅଭିନୀତ ହୁଏ କିନ୍ତୁ ନାୟିକା କେବଳ ଜଣେ, ଏକକ ନାଟକ। ଗୋଟା ପ୍ରେକ୍ଷାଳୟରେ ସେ ଏକମାତ୍ର ଦର୍ଶକ।

ସେଦିନ କେମିତି କେଜାଣି ଗଭୀର ନିଦରେ ଶୋଇ ପଡ଼ିଥିଲେ ଆକାଶ, ଝଡ଼ ପବନ ଆଉ ବର୍ଷାର ଶବ୍ଦରେ ଭାଙ୍ଗିଗଲା ନିଦ। ଖୋଲା ଝରକା ଦେଇ ପଶିଆସୁଛି ଥଣ୍ଡା ପବନ ଆଉ ବର୍ଷାର ଛାଟ। ଝର୍କା ବନ୍ଦ କରିବାକୁ ଯାଇ ଶୁଣିଲେ କବାଟ ବାଡ଼େଇ ହେବାର ଢାଏ ଢାଏ ଶବ୍ଦ। ଦୁଆର ଖୋଲିଲା ବେଳକୁ ଝକ କରି ମାରିଦେଲା ଲଟା ବିଜୁଳିଟାଏ। ମନ୍ଦିର କବାଟର କିଳିଣି ଖୋଲିଯାଇ ବାଡ଼େଇ ହେଉଛି। କବାଟଟାକୁ କିଳିଦେବାକୁ ଯାଉ ଯାଉ ପବନର ଦାଉରେ ପଡ଼ିଗଲେ ଆକାଶ। କେଇ ମୁହୂର୍ତ୍ତ ପାଇଁ ସବୁ ଅନ୍ଧାର- କିଟିମିଟି ଅନ୍ଧାର। ଅଖଣ୍ଡ ଦୀପର କ୍ଷୀଣ ଆଲୁଅରେ ଛୋଟ ମୂର୍ତ୍ତିର କଳା କଳା ଆଖି ଦୁଇଟା କୋଉ କୁହୁକ ବଳରେ ବଡ଼ ହୋଇ ହୋଇ ଯାଉଥିଲା। ଥରି ଥରି ଆକାଶ ବସି ପଡ଼ିଲେ ସିଂହାସନ ତଳକୁ, ଆଖି ତାଙ୍କର ଅନ୍ଧ ହୋଇଯାଉଥିଲା ଚକାଆଖିର ସେଇ ନିର୍ଲିପ୍ତ କଳା ଡୋଳା ଭିତରେ। ତାଙ୍କ ଗାଲରେ ପାଣି, କି କାହାର ଲୁହର ସ୍ପର୍ଶ। ଲୁହ ତ ନୁହେଁ ଯେମିତି କାହାର କଅଁଳ ଆଉଁଶା। ସେ ସ୍ପର୍ଶ ଯେମିତି ଭେଦି ଭେଦି ଯାଉଥାଏ ଭିତରକୁ ଭିତରକୁ। ସୁଷୁମ୍ନା କାଣ୍ଡରୁ କୁଣ୍ଡଳିନୀକୁ, ମୂଳାଧାରରୁ ସହସ୍ରାକୁ। ମନ, ପ୍ରାଣ, ଆତ୍ମା ଦେଇ ସେଇ ଅସ୍ପର୍ଶର ସ୍ପର୍ଶକୁ ସେ ଉପଭୋଗ କରୁଥିଲେ।

**ମନ, ପ୍ରାଣ, ଆତ୍ମା ଦେଇ ସେଇ ଅସ୍ପର୍ଶର ସ୍ପର୍ଶକୁ ସେ ଉପଭୋଗ କରୁଥିଲେ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
golapmanjarikar@gmail.com


ରମ୍ୟ ରଚନା

# ନୂଆ ରଥ



ଡା. ଅଭୟ ଦାଶ

ପୁରାଣ ଯୁଗରୁ କିଏ ଲେଖିଗଲେ କେଜାଣି, 'ଦୋଳ ବିମାନରେ ଦୋଳଗୋବିନ୍ଦଙ୍କୁ, ଚାପରେ ମଦନ ମୋହନ, ବାମନ ରୂପରେ, ଦେଖିଲେ ରଥରେ ଚକାନୟନଙ୍କୁ, ନ ପାଇବୁ ପୁନର୍ଜନ୍ମ।' ଏଇ କଥା ସ୍ୱାମୀ ଅଭୟାନନ୍ଦ ମନ ଭିତରେ ଘାଣ୍ଟି ହେଉଥାଏ। କେମିତି ଏଇ କଥା ପଦକ ମାର୍କେଟିଂ କରିବ? ବହୁତ ରିସର୍ଚ୍ଚ କରିଛି ଏ ବିଷୟରେ ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ। ରିସର୍ଚ୍ଚଟା ଗୋପନୀୟ ରଖି, ଭିତରେ ଭିତରେ କାମ କରି ଚାଲିଛି। ସବୁବେଳେ ଟେନ୍‌ସନ୍, କାଳେ କେଉଁଠି ବୋହିଯିବ? ମାନେ ଲିକ୍ ହୋଇଯିବ? ମନେପଡ଼ି ଯାଆନ୍ତି ଜଣେ ବିଶିଷ୍ଟ କବି। 'ଦେଉଳରେ ଜଗନ୍ନାଥ ନ ହେବ ଗୋସାଇଁ, ରଥ ବୋଲି ଭଣ୍ଡିନେବେ ଶଗଡ଼େ ବସାଇ। ଭୋଗ ବୋଲି ଖଞ୍ଜିଦେବେ କଡ଼ିକିଆ ମୁଆଁ, ଧୂପ ବୋଲି ଗେଞ୍ଜିଦେବେ ନିଆଁଖୁଣ୍ଟା ଧୂଆଁ।' ଏଇ ଦି'ପଦ ଯେମିତି ଅଭୟାନନ୍ଦ ସ୍ୱାମୀ ମନରେ ଆଶାର ଆଶୀର୍ବାଦ ନେଇ ଆସିଛି। ମାନେ, ରାସ୍ତା ଅଛି, ମାର୍କେଟିଂର ସ୍କୋପ୍ ଅଛି! ସବୁ ଜିନିଷର ବିକଳ୍ପ ବା ଅଲ୍ଟରନେଟିଭ୍ ଅଛି। ଏ କଥା ଅଭୟ ଦାଶ କିଛି ନିଜ ମନରୁ କହୁ ନାହିଁ।



ଅଛି ଏପରି ପ୍ରମାଣ ଆମ ଶାସ୍ତ୍ରରେ। ଗରିବ ଲୋକଟିଏ ଧୋତି ଖଣ୍ଡିଏ ଦେଇ ପାରିବ ନାହିଁ ବାପର ଶ୍ରାଦ୍ଧପତ୍ରରେ, ସେଠି ବ୍ୟବସ୍ଥା ଅଛି, 'ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍।' ଏହା ବୋଲି କ'ଣ ପଇସା ବଞ୍ଚାଇବାକୁ ଯାଇ ଲୁଗା ବଦଳରେ ସୂତାଖଣ୍ଡେ ଗୁଡ଼ାଇହୋଇ ବୁଲିବ? 'ଧୂପାର୍ଥେ, ଦୀପାର୍ଥେ, ଆଚ୍ଛାଦନ, ଆସନ, ପାଦାସନାର୍ଥେ ପୁଷ୍ପାଣି ବଷଟ୍!' ମାନେ କୁଆଡ଼େ ବଜାର ଯିବା ଦରକାର ନାହିଁ। ଗୋଟାଏ ଗେଣ୍ଡୁଫୁଲକୁ ଚିରି ଟିକିଏ ଟିକିଏ ପକାଇ ଦେଲେ ଗଲା, ସରିଲା ପାଠ! ବାପା କେଉଁ ବଞ୍ଚିଛନ୍ତି ଯେ ପାଟି ଫିଟେଇବେ?'

**ଦାନର ଦାମ୍**

ଭୂମିଦାନ, ଗୋଦାନ, ସୁବର୍ଣ୍ଣ ଦାନ, ଦର ଦାମ୍ ଯାହା ହେଲାଣି! କିଏ ଦେବ? ବାଟ ଅଛି! ଅଣ୍ଟାରୁ କାଢ଼ି ଥୋଇଦିଅ। ଏଇ ଟଙ୍କା କେତେଟା। ନାହିଁ ଅଣ୍ଟାରେ? ତା'ର ବି ବିକଳ୍ପ ଆସି ଗଲାଣି, ପେଟିଏମ୍। ହଁ ଚଳିବ। ପୁରୋହିତଙ୍କ ହାତରେ ମୋବାଇଲ ସର୍ବଦା ବିଦ୍ୟମାନ, କିଛି ଚିନ୍ତା ନାହିଁ! ହୋଇଯିବ! ସବୁ ତ ସେଇ ଆକାଉଣ୍ଟକୁ ଯିବ ନା! ମାନସିକ ଶାନ୍ତି ତ ମିଳିଲା! ବାପାଙ୍କ ପାଇଁ କିଛି କଲେ! ନ ହେଲେ ବିରୋଧୀ ସବୁଠେଇଁ ଅଛନ୍ତି। କେଉଁ କଥାକୁ ନେଇ, କେଉଁଠି ପହଞ୍ଚାଇ ଦେବେ ଆଉ ପଞ୍ଚାଏ କ୍ୟାମେରା ମୋବାଇଲ ଧରି ରେଡିହୋଇ ବସିଛନ୍ତି। ସଜ ମାଛରେ ପୋକ ପକାଇଦେବେ। ସେ କଥା ଏମିତି ପ୍ରଚାର ହେବ ଯେ, ବିଦେଶୀ ମିଡ଼ିଆମାନେ ଶୂନ୍ୟରେ ଡେଇଁବେ। ଏଠିକା ହାବଭାବ ତାଙ୍କୁ କି ଜଣା? ଲେଖିଯିବେ ଯେ ନ କହ।

ତାଙ୍କୁ ଏ ସବୁ ଖବର ଯୋଗାନ୍ତି ଆମରି ଘରଭେଦୁଆମାନେ। ସେଗୁଡ଼ା ଗୋଟାଏ ଅଲଗା ମଡେଲର ଲୋକ। ଏମିତି ବିଷ୍ଣୁ ପୁରାଣ, ସ୍କନ୍ଦ ପୁରାଣ, ଭଗବତ୍ ଗୀତାରୁ ଉଦ୍ଧୃତ ଶ୍ଲୋକକୁ ଇଂରେଜୀରେ ଅନୁବାଦ କରି ଅପବାଦ ସୃଷ୍ଟି କରିବେ ଯେ

ଆକାଶ ଛିଣ୍ଡିପଡ଼ିବ ପରା ! ସେଇଠି ପ୍ରବେଶ ହେବେ ବିକ୍ରି ପାଇଁ ଗଚ୍ଛିତ ପଞ୍ଚାଏ ହେତୁବାଦୀ। ଅବସ୍ଥାଟାକୁ ଏମିତି ଘାଣ୍ଟିବେ ଯେ, ଆପଣ ଭାବିବେ ଆଇନଷ୍ଟାଇନ୍ ସ୍ୱଦେହରେ ଜଗତ୍‌ସିଂହପୁର ବାଇଶି ମୌଜାରେ ଜନ୍ମ ହୋଇ ନୂଆ ମାଳିକା ଲେଖିବା ଆରମ୍ଭ କରିଦେଲେଣି। ସବୁ ବେପାର ସାର୍ ! ମାର୍କେଟିଂ ଷ୍ଟ୍ରାଟେଜି। ବଜାରୀକରଣ ବ୍ୟବସ୍ଥା। ଏ ବେପାର କ'ଣ ବିନା ପଇସାରେ ଚାଲେ ? ଏ ବେପାର କାହିଁକି, କେଉଁ ବେପାର ବିନା ପଇସାରେ ଚାଲିବା ସମ୍ଭବ କି ? ପଚାରେ ସ୍ୱାମୀ ଅଭୟାନନ୍ଦ !

ଆମ ରିସର୍ଚ୍ଚ କହେ, ଏସବୁ କାର୍ଯ୍ୟ କଲା ପରେ ମିଛର ଛୁଙ୍କ ଦେବା ନିହାତି ଆବଶ୍ୟକ। ଆମେ ଯଦି ମିଛ କହୁଛୁ, ଉ୍ୱିକିପେଡିଆକୁ ପଚାରୁନାହାନ୍ତି। ଖଣ୍ଡିଏ ବହି ପଢ଼ିବା ଦରକାର ନାହିଁ, କମ୍ପ୍ୟୁଟର ସବୁ କାମ କରିଦେବ। ତୁମେ ଖାଲି ପାଣ୍ଡିତ୍ୟ ଦେଖାଇ, ଦାତାପଣେ ପତାକା ଉଡ଼ାଇବ। ଖବରକାଗଜରେ ଫଟୋ ବାହାରିବ, ଟିଭି, ସୋସିଆଲ ମିଡିଆରେ ଜୟଗାନ ହେବ। ଆମର ଐତିହ୍ୟ ପରମ୍ପରାର ସୂତ୍ରଧର ରୂପେ ତୁମର ଖ୍ୟାତି ଦେଶ ବିଦେଶରେ କରୋନା ବେଗରେ ବ୍ୟାପିଯିବ। ସବୁ ପ୍ରକାର ସଭାକୁ ଡାକରା ଆସିବ। ସରକାରୀ କମିଟିରେ ମେମ୍ବର, ଚେୟାରମ୍ୟାନ୍ ହେବା ଆଶା ଉଜ୍ଜ୍ୱଳ ହୋଇପାରେ। ଜାଣନ୍ତୁ ଖୋଲିଗଲା ! ବୃହସ୍ପତି ପଞ୍ଚମରେ !

**ନୂଆ ମନ୍ଦିରରେ ନୂଆ ଠାକୁର ଆଣିବା ବ୍ୟବସ୍ଥା ହୁଏ ! ପୁରୁଣା ଠାକୁର ଗଛମୂଳେ, କୋଠଘରେ ଡେରା ପକାନ୍ତି !**

## ସକାରାତ୍ମକ ଦିଶା

ଏତେ ସବୁ ସକାରାତ୍ମକ ଭବିଷ୍ୟତ ବା ପଜିଟିଭ୍ ଇଣ୍ଡିକେସନ୍‌କୁ ଅଧ୍ୟୟନ କରି ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ ନଡ଼ିଆ ବାଡ଼େଇ, ଏକ ପଜିଟିଭ୍ ଡାଇରେକ୍ସନରେ ବା ସକାରାତ୍ମକ ଦିଶାରେ ଆଗକୁ ପାଦ ବଢ଼ାଇଛି। ଏଥିପାଇଁ ଅନେକ ପ୍ରକାର ମିଡିଆ ରିପୋର୍ଟ, ପୌରାଣିକ ଗ୍ରନ୍ଥ ଅଧ୍ୟୟନ କରିବାକୁ ହୋଇଛି। ରିସର୍ଚ୍ଚ କାମ ସାର୍ ! ଏଗୁଡ଼ା କରାଯାଏ। ଆଜିକାଲି ରଥଯାତ୍ରା ସାରା ବିଶ୍ୱରେ ବଡ଼ ବଡ଼ ସହରରେ ହେବା ଦେଖାଯାଏ ! ଦେଶ କାଳ ପାତ୍ର ନେଇ ମହାପ୍ରଭୁଙ୍କ ରୂପ ରଥ ବେଶଭୂଷାରେ ଅନ୍ତର ଦେଖାଯାଏ ! ସବୁଠେଇଁ କ'ଣ ସେ ଅବଢ଼ା ଅନ୍ନ ମିଳିବ ନା ସେ ବାଇ ହାଣ୍ଡି ? ଏଇଠି ସୁବିଧା ବା ସ୍କୋପ୍ ଅଛି। ଠାକୁରମାନଙ୍କ ହାଇଟ୍ ଓଏଟ୍ ଉଚ୍ଚତା ଓଜନ ସବୁଠାରେ ଅଲଗା ହୋଇପାରେ, ମାତ୍ର ସେ ଧଳା ହଳଦିଆ କଳାବଉଦିଆ ରୂପରେ ପରିବର୍ତ୍ତନ ହେବା ନିୟମ ବିରୁଦ୍ଧ। ଏହା ଫଳରେ ପରିଚୟ ବିଭ୍ରାଟ ବା ଆଇଡେଣ୍ଟିଟି କ୍ରାଇସିସ୍ ହୋଇପାରେ ! ସେଥିପାଇଁ ଧ୍ୟାନ ଦେବା ଦରକାର ! ଏଇଠି ମନେପଡ଼ନ୍ତି ଆମ ବାଇଶି ମୌଜାର କବି ଭ୍ରମରବର ରାଏ, ଯିଏ ଲେଖି ଥିଲେ- 'ରେ ମାନସ, ନୀଳାଚଳେ ଉଡ଼େ ବାନା !

ନୀଳାଚଳ ଚୂଳ ମୁକୁଟ ମଣିଙ୍କୁ, ଜ୍ଞାନ ନେତ୍ରେ ଥରେ ଅନା।

ଧଳାହଳଦିଆ କଳାବଉଦିଆ, ରୂପ ସଙ୍ଗେ ହେଲେ ଚିହ୍ନା !

ଅଶେଷ କଲ୍ମଷ ନାଶ ହୋଇ, ତୋର କ୍ଲେଶ ରାଶି ହେବ ଚୂନା !

ରେ ମାନସ ନୀଳାଚଳେ ଉଡେ ବାନା !'

ସେ ସବୁ ତ ହୋଇଯିବ ! ଠାକୁରମାନଙ୍କୁ ଗଢ଼ିବା ଦାୟିତ୍ୱ ସେହି ସୋସାଇଟି ଗ୍ରୁପ୍, ଆସୋସିଏସନ୍‌ମାନଙ୍କର। ପ୍ରଥମେ ଠାକୁର ଆସିଗଲେ, ଆଗ ଆଗ ଚାଳ ଘରେ ରହିବାକୁ ହେଲା ! ଭଜନ କୀର୍ତ୍ତନ ଚାଲିବାରୁ ସଙ୍ଗତ ଜମିଲା ! ଠାକୁର ଭୋଗ ସେଇ କଡିକିଆ ମୁଆଁ ! ଏହି ପ୍ରକାରେ କେତେ ବର୍ଷ ଚାଲିଯାଏ, କମିଟିରେ କିଏ ପ୍ରେସିଡେଣ୍ଟ ସେକ୍ରେଟାରୀ ଟ୍ରେଜେରର୍ ହେବେ, ଖୁବ୍ ବାଦବିବାଦ ଚାଲେ ! ଏମିତି ସମୟ ଆସେ ଦୁଇଦଳ ହୋଇ, 'ନେଇଗଲା, ଖାଇଗଲା' ଆରୋପ ପ୍ରତ୍ୟାରୋପ ଚରମ ସୀମାରେ ପହଞ୍ଚିଥାଏ ! ଠାକୁରମାନଙ୍କ ଷ୍ଟାଟସ୍‌ରେ କିଛି ପରିବର୍ତ୍ତନ ହୁଏ ନାହିଁ ! ସେଇ ଢୋକେ ପିଇ ଦଣ୍ଡେ ଜିଇ ବଞ୍ଚିବା ଅବସ୍ଥାରେ ରହନ୍ତି ଏମାନଙ୍କ ଝଗଡ଼ାର ଶେଷ ପର୍ଯ୍ୟନ୍ତ ! କେବେ ଭଲ ବୁଦ୍ଧି ଆସିଲେ ଠାକୁର ମନେ ପଡ଼ନ୍ତି ! ଚାନ୍ଦା ଭେଦା ଯୋଗାଡ଼ ହୋଇ ମନ୍ଦିର ପାଇଁ ସ୍ଥାନ ନିରୂପଣ ସହ ସରକାରୀ ଜମି ଖୋଜା ଚାଲେ। ହୋଇଗଲା ତ ମନ୍ଦିର ତୋଳା ଆରମ୍ଭ ହୋଇଥାଏ। ନୂଆ ମନ୍ଦିରରେ ନୂଆ ଠାକୁର ଆଣିବା ବ୍ୟବସ୍ଥା ହୁଏ ! ପୁରୁଣା ଠାକୁର ଗଛମୂଳେ, କୋଠଘରେ ଡେରା ପକାନ୍ତି ! ନୂଆ ଠାକୁରମାନଙ୍କ ପ୍ରାଣ ପ୍ରତିଷ୍ଠା। କମିଟି ଦୁଇଦଳ ହୋଇ ଯାଆନ୍ତି। ଦଳେ କହନ୍ତି

ପୁରୀରୁ ଗଜପତି ମହାରାଜାଙ୍କୁ ଡକାଯାଉ । ଆଉ ଦଳେ ମୁଖ୍ୟମନ୍ତ୍ରୀ କି ଫାଇଭ୍ ଟି'ଙ୍କୁ ଡକାଯାଉ କହନ୍ତି । ତହବିଲ ଦରଣ୍ଡାହୁଏ । କେତେ ଟଙ୍କା ଅଛି ? ସବୁ ସେଇଠି ଅଟକି ଯାଏ ।

ଠାକୁର ସେଇ କୋରାଖଇରେ ଚଳାଇ ନିଅନ୍ତି । କୀର୍ତ୍ତନୀଆଙ୍କ ମନୋବଳ କମିଆସେ । ପୁଣି ନୂଆ ମୋଡ଼ ନିଏ ଆସୋସିଏସନ୍ । କାହା ମୁଣ୍ଡକୁ ବୁଦ୍ଧି ଦିଶେ, ଆମର ରଥଯାତ୍ରା କଲେ କେମିତି ହୁଅନ୍ତା ? ମିଟିଂ ଡକାହୁଏ । ସିଏ କ'ଣ ଥରକରେ ଛିଣ୍ଡିବ ? ଆମେ ଓଡ଼ିଆଟି ! ସମସ୍ତେ ଜଣେ ଜଣେ ତର୍କାଳଙ୍କାର । ସେ ଯାହା ହେଉ, ହିସାବ ଛିଣ୍ଡିଯାଏ । କାମ ଆରମ୍ଭ ହୁଏ, ଚାନ୍ଦା ଆଦାୟରୁ । ଅଭୟ ଦାଶ ଭାବିଲା ଏଇଠି ଅଛି ଗ୍ରେ ଏରିଆ, ମାନେ ତା'ର କାମ ମିଳିଗଲା ଜାଣ । ବିଭିନ୍ନ ଦେଶର, ବିଭିନ୍ନ ଅଞ୍ଚଳର ରଥର ନମୁନା ସଂଗ୍ରହ କରାଯାଇ ପ୍ରୋଜେକ୍ଟ ଆରମ୍ଭ କରାଗଲା ।



**ମିଶ୍ରଶାଳର ସାହାଯ୍ୟ**

ମନକୁ ଆସିଲା କଟକର ମିଶ୍ରଶାଳର ସାହାଯ୍ୟ ନେଲେ କେମିତି ହୁଅନ୍ତା ? ତାଙ୍କର ତ ଏସବୁରେ ଅଭିଜ୍ଞତା ଅଛି ନଡ଼ିଆ ଶଢ଼େଇଠାରୁ ବାଉଁଶ ପାତିଆ କାଠଗଡ଼ ସବୁକୁ କାଟି ଘୋରି କ'ଣ ନା କ'ଣ ତିଆରି କରି ଥୋଇଦିଅନ୍ତି । ସେଥିପାଇଁ ତାଙ୍କ ସହ ମିଶି କାମ କରିବା ମାନେ କୋଲାବରେସନ୍ ପାଇଁ ଏମ୍ଓୟୁ କରାଯିବାରୁ ରଥ ଡିଜାଇନ କାମ ପ୍ରଖର ଗତିରେ ଚାଲିଛି । ଟ୍ରାଡିସନାଲ୍ ବା ପାରମ୍ପରିକ ରଥରୁ ଅଳ୍ପ ଓଜନ ଲାଇଟ୍ ଓଏଟ୍ ରଥ ନିର୍ମାଣ କଳାକୁ ପ୍ରୋତ୍ସାହନ ଦିଆଯାଉଛି । କାଠ ବଦଳରେ ଫାଇବରଗ୍ଲାସ୍ ବ୍ୟବହାରକୁ ପ୍ରାଧାନ୍ୟ ଦେଇଥିବାରୁ ପର୍ଯ୍ୟାବରଣ ସୁରକ୍ଷାକୁ ଧ୍ୟାନ ଦିଆଯାଉଛି । ଦଉଡ଼ି ଟାଣିବାକୁ ଲୋକ ଅଭାବ ଦେଖି ରଥରେ ସୋଲାର୍ ପାୱାର୍ ମୋଟର ଇଞ୍ଜିନ୍ ଲଗାଇବା ବ୍ୟବସ୍ଥା କରାଯିବାରୁ ଆମର ସୋଲାର ମଡେଲ୍ ରଥ ରପ୍ତାନି ବଜାରରେ ବହୁତ ନାମ ଅର୍ଜନ ସହ ବିଦେଶୀ ମୁଦ୍ରାଭଣ୍ଡାରକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି ।

ସେଥିପାଇଁ ସ୍ୱାମୀ ଅଭୟାନନ୍ଦଙ୍କୁ ଦୁଇ ଦୁଇଟା ସମ୍ମାନ ଯଥା 'ପଦ୍ମଶ୍ରୀ' ଓ 'ସବୁଜମିତ୍ର' ସମ୍ମାନ ପ୍ରଦାନ ପାଇଁ ସ୍ଥିରୀକୃତ ହୋଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ମିଶ୍ରଶାଳର ମାଲିକ ଅଜୟ ମିଶ୍ରଙ୍କୁ ସ୍ୱତନ୍ତ୍ର 'ଉତ୍କଳ ରଥ' ସମ୍ମାନ ପ୍ରଦାନ କରାଯିବା ଶୁଣାଯାଏ ।

ଏ ସମ୍ମାନ ମିଳୁଛି ବୋଲି ଉଡ଼ାଖବର ଶୁଣି ସ୍ୱାମୀ ଅଭୟାନନ୍ଦ ଓ ମିଶ୍ରଶାଳ ମାଲିକଙ୍କ ମନ ଆକାଶଛୁଆଁ, କହନ୍ତି ପତ୍ରକାରେ । ଦୁଇ କମ୍ପାନୀ ମିଶି ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ଉଇଙ୍ଗ୍ ମାଧ୍ୟମରେ ରଥ ଶିଳ୍ପକୁ ବହୁତ ଆଗେଇ ନେଇଛନ୍ତି । ଫଳରେ ଲାଇଟ୍ ଓଏଟ୍, ଡବଲ ବଲ୍ ବିୟରିଂ ଆକ୍ସିଲ୍, ସୋଲାର ପାୱାର୍ ସ୍ୱୟଂଚାଳିତ ରଥର ଚାହିଦା ବଢ଼ିଛି । ଦରିଆପାରି ଦେଶ, ମରୁପାରି ଦେଶରୁ ବହୁତ ଡିମାଣ୍ଡ୍ ଆସୁଛି । ରଥ ଇଣ୍ଡଷ୍ଟ୍ରିର ଭବିଷ୍ୟତ ଉପରେ ଗଭୀର ଆସ୍ଥା ରଖନ୍ତି ସ୍ୱାମୀ ଅଭୟାନନ୍ଦ । ବିରୋଧୀ କହନ୍ତି, 'ଶଳା ବାବେନାଟାଏ !'

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି ।




ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :

www.sahityacharcha.com




ପ୍ରବନ୍ଧ

# ମାଦଳାପାଞ୍ଜିର ପ୍ରାମାଣିକତା ଓ କାଳନିର୍ଣ୍ଣୟ

ଡ. ରମାକାନ୍ତ ନାୟକ

ଓଡ଼ିଆ ଜାତୀୟ ଜୀବନ ସହିତ ସନ୍ନିବଦ୍ଧ ମାଦଳାପାଞ୍ଜି ପ୍ରାଚୀନ ଓଡ଼ିଶା ଇତିହାସର ଏକ ମହାର୍ଘ ଉପାଦାନ। କଶ୍ମୀରର ରାଜତରଙ୍ଗିଣୀ, ସିଂହଳର ଧାତୁବଂଶ, ଆସାମର ବୁରୁଞ୍ଜି, ମରହଟ୍ଟା ସାହିତ୍ୟର ଲୀଳାଚରିତ୍ର ଓ ଗୋବିନ୍ଦପ୍ରଭୁ ଚରିତ୍ର ପରି ଓଡ଼ିଆ ଜାତିର ଐତିହ୍ୟ, ରାଜନୀତି, ସଂସ୍କୃତି, ଧର୍ମ ଓ ପରମ୍ପରା ସମ୍ବନ୍ଧୀୟ ଏହା ଏକ ଆନୁକ୍ରମିକ ଉପାଦେୟ ବିବରଣୀ, ଯାହା ଇତିହାସ ସଂରଚନାର ଆଦ୍ୟ ପ୍ରୟାସ। ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଓଡ଼ିଶାରେ ସଂଘଟିତ ଘଟଣାବଳୀ ଏବଂ କାଳ୍ପନିକ ଓ କିଂବଦନ୍ତୀମୂଳକ ବିବରଣୀ ସମ୍ବଳିତ କାହାଣୀମାଳାର ସମାହାରରେ ଏହା ଏକ ଅନବଦ୍ୟ ଐତିହାସିକ ସୃଷ୍ଟି। ଏହାକୁ ମଧ୍ୟ ଭାରତୀୟ ଗଦ୍ୟ ସାହିତ୍ୟର ବିସ୍ମୟ ଭାବରେ ବର୍ଣ୍ଣନା କରାଯାଏ।




ମାଦଳାପାଞ୍ଜି ଲିଖନ ସହିତ କୋଠକରଣ, ବଇଠିକରଣ, ତଡ଼ାଉକରଣ, ଦେଉଳକରଣ ଓ ପାଞ୍ଜିଆକରଣ ସମ୍ପୃକ୍ତ ଥିବା ଜଣାଯାଏ। ଏଗୁଡ଼ିକ ଥିଲା ପାଞ୍ଚଟି ବଂଶାନୁକ୍ରମିକ ପ୍ରଚଳିତ ରାଜଦତ୍ତ ଉପାଧି। କୋଠକରଣ ମାଦଳାପାଞ୍ଜିରେ ଲିଖିତ ହେବା ପାଇଁ ବିବରଣୀ ରାଜପ୍ରସାଦରୁ ସଂଗ୍ରହ କରୁଥିଲେ। ସେଥିମଧ୍ୟରୁ ଯୋଗ୍ୟ ବିବରଣୀ ଚୟନ କରିବାର ଦାୟିତ୍ୱ ଥିଲା ବଇଠିକରଣଙ୍କର। ତଡ଼ାଉକରଣ ତାହାକୁ ଲିପିବଦ୍ଧ କରିବା ପରେ ପ୍ରତିଦିନ ବେହରଣରେ ପାଠ କରୁଥିଲେ ଦେଉଳକରଣ। ପାଞ୍ଜିର ନକଲ ପ୍ରସ୍ତୁତି ଓ ସଂରକ୍ଷଣ ଦାୟିତ୍ୱ ଥିଲା ପାଞ୍ଜିଆକରଣଙ୍କର। ସାଧାରଣତଃ ମାଦଳାପାଞ୍ଜି ପାଞ୍ଚଟି ବିଭାଗକୁ ନେଇ ରଚିତ ହେଉଥିଲା। ଏଗୁଡ଼ିକ ଥିଲା ରାଜଖଞ୍ଜା, ଦେଶଖଞ୍ଜା, କର୍ମାଙ୍ଗୀ, ଦିନପାଞ୍ଜି ଓ ଚକଡ଼ା। ରାଜଖଞ୍ଜା ଥିଲା ନରପତିମାନଙ୍କ ବିଶେଷ ଘଟଣାବଳୀର ବିବରଣୀ। ଦେଶଖଞ୍ଜା ହେଉଛି ମନ୍ଦିରକୁ ଦାନ, ଦକ୍ଷିଣା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ତାଲିକା। ପ୍ରତ୍ୟହ ମନ୍ଦିରର ରୀତିନୀତି, ପର୍ବପର୍ବାଣି ଓ ଅନ୍ୟାନ୍ୟ ଘଟଣାବଳୀ ଲିପିବଦ୍ଧ ହେଉଥିଲା କର୍ମାଙ୍ଗୀରେ। ଦୈବଜ୍ଞ ଉପାଧିଧାରୀ ଶ୍ରୀମନ୍ଦିରର ଗଣକ ଦିନପାଞ୍ଜି ପ୍ରତିଦିନ ପ୍ରସ୍ତୁତ କରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଅବକାଶ ସମୟରେ ପାଠ କରୁଥିଲେ। କେବଳ ମାଦଳାକରଣମାନେ ଶ୍ରୀକ୍ଷେତ୍ରରେ ପାଞ୍ଜି ଲିଖନ କରୁ ନ ଥିଲେ, ବିଭିନ୍ନ ଅଞ୍ଚଳରେ ସେମାନଙ୍କ ବିଂଶଧରଗଣ ମଧ୍ୟ ପାଞ୍ଜି ରଚନା କରୁଥିଲେ। ଏଗୁଡ଼ିକ ଚକଡ଼ା ନାମରେ ଖ୍ୟାତ। ଗୋବିନ୍ଦ ଦାସ ଚକଡ଼ା, ଖୁରୁଧା ଚକଡ଼ା, ରାମେଶ୍ୱର ଚକଡ଼ା, ତାପଙ୍ଗ ଚକଡ଼ା, ଚୟନି ଚକଡ଼ା ପ୍ରଭୃତି ଏହାର ଦୃଷ୍ଟାନ୍ତ। ଓଡ଼ିଶା ଇଂରେଜ ଶାସନାଧୀନ ହେବାପରେ ପାଞ୍ଜି ଲିଖନରେ ଅନିୟମିତତା ଓ ଗୁରୁତ୍ୱ ହ୍ରାସ ପରିଦୃଷ୍ଟ ହେଲା। ୧୮୭୬ ଖ୍ରୀଷ୍ଟାବ୍ଦରୁ ମାଦଳାପାଞ୍ଜିର ସ୍ୱରୂପ ଶ୍ରୀମନ୍ଦିର ଦୈନିକ ପଞ୍ଜିକା ବା ଡାଏରୀକୁ ପରିବର୍ତ୍ତିତ ହୋଇଗଲା।

## ଐତିହାସିକ ଉପାଦାନ

ମାଦଳାପାଞ୍ଜି ଲିଖିତ ହେବାର ପ୍ରାୟ ଦୁଇଶହ ପଚାଶବର୍ଷ ପରେ, ୧୮୨୨ ମସିହାରେ ଆଣ୍ଡ୍ର୍ୟୁ ଷ୍ଟାର୍ଲିଂ ସର୍ବପ୍ରଥମେ ଏହାକୁ ଐତିହାସିକ ଉପାଦାନ ଭାବରେ ଗ୍ରହଣ କରି ଓଡ଼ିଶା ଇତିହାସ ଲେଖିବା ଆରମ୍ଭ କଲେ। ତାଙ୍କ ପରେ ଅନେକ ଐତିହାସିକ ମାଦଳାପାଞ୍ଜିରୁ ଉତ୍ସ ସଂଗ୍ରହ କରି ଇତିହାସ ପ୍ରଣୟନ କରିବା ଜଣାଯାଏ। ୧୯୨୭ ମସିହାରେ ରମା ପ୍ରସାଦ ଚନ୍ଦ ବିହାର ଓଡ଼ିଶା ଗବେଷଣା ପତ୍ରିକାରେ ଗୋଟିଏ ପ୍ରବନ୍ଧରେ ମାଦଳାପାଞ୍ଜି ମୋଗଲ ବଂଶର ରାଜତ୍ୱ କାଳରେ ଲିଖିତ ହୋଇଥିବା ପ୍ରକାଶ କଲେ। ଭାରତର ଯଶସ୍ୱୀ

ଭାଷାତତ୍ତ୍ୱବିଦ୍ ତଥା ବଙ୍ଗର ସୁପ୍ରସିଦ୍ଧ ଗବେଷକ ପଣ୍ଡିତ ଡ.ସୁନୀତି କୁମାର ଚାଟାର୍ଜୀ କଟକଠାରେ ଆୟୋଜିତ ସାହିତ୍ୟ ସମ୍ମେଳନରେ ସଭାପତିତ୍ୱ କରି ବ୍ୟକ୍ତ କରିଥିଲେ, "ପୁରୀ ମନ୍ଦିରେର ଓ ସଙ୍ଗେ ସଙ୍ଗେ ଉଡ଼ିଶ୍ୟାର ଇତିହାସ ଲିପିବଦ୍ଧ ହଇତେ ଥାକେ 'ମାଦଳାପାଞ୍ଜି' ନାମକ ଐତିହାସିକ ସ୍ମରଣ ପୁସ୍ତିକାୟ। ଇହା ଉଡ଼ିୟା ଗଦ୍ୟେ ଲିଖିତ। କଥିତ ଅଛେ, ପୁରୀର ଜଗନ୍ନାଥ ମନ୍ଦିରେର ପ୍ରତିଷ୍ଠାର ସମୟ ହଇତେଇ ଏଇ ପାଞ୍ଜି ଲିପିବଦ୍ଧ ହଇତେ ଥାକେ।" ପଣ୍ଡିତ କୃପାସିନ୍ଧୁ ମିଶ୍ର ତାଙ୍କ ରଚିତ 'ପ୍ରାଚୀନ ଉତ୍କଳ-୨ୟଭାଗ'ରେ କହନ୍ତି, "ହଣ୍ଟର ସାହେବ ହୁଅନ୍ତୁ ବା ଷ୍ଟାର୍ଲିଂ ସାହେବ ହୁଅନ୍ତୁ, ମାଦଳାପାଞ୍ଜି ଅପେକ୍ଷା ଅନ୍ୟ କୌଣସି ବିଶ୍ୱାସଜନକ ଲିଖିତ ପ୍ରମାଣରୁ ତାଙ୍କ ଲିଖିତ ଇତିହାସ ବିଷୟ ସଂଗ୍ରହ କରି ନ ଥିବେ। ଓଡ଼ିଶାର ରାଜବଂଶ ସମ୍ବନ୍ଧୀୟ ଇତିହାସ ମାଦଳାପାଞ୍ଜି ବ୍ୟତୀତ ଅନ୍ୟ କୌଣସିଠାରେ ଲେଖାନାହିଁ।"

> **ମାଦଳାପାଞ୍ଜିର ଲିଖନକାଳ ଓ ଐତିହାସିକତାକୁ କେନ୍ଦ୍ରକରି ଗବେଷକମାନଙ୍କ ମଧ୍ୟରେ ମତଦ୍ୱନ୍ଦ୍ୱ ଦେଖାଯାଏ।**


ତେବେ ମାଦଳାପାଞ୍ଜିର ଲିଖନକାଳ ଓ ଐତିହାସିକତାକୁ କେନ୍ଦ୍ରକରି ଗବେଷକମାନଙ୍କ ମଧ୍ୟରେ ମତଦ୍ୱନ୍ଦ୍ୱ ଦେଖାଯାଏ। ଊନବିଂଶ ଶତାବ୍ଦୀରେ ଡ.ଫ୍ଲିଟ୍ ଏବଂ ଗବେଷକ ମନମୋହନ ଚକ୍ରବର୍ତ୍ତୀ ସର୍ବପ୍ରଥମେ ମାଦଳାପାଞ୍ଜିର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ସନ୍ଦେହ ପ୍ରକଟ କରି ମନ୍ତବ୍ୟ ପ୍ରଦାନ କଲେ। ୧୮୯୭ ମସିହାରେ 'ଲାଙ୍ଗୁଏଜ ଆଣ୍ଡ ଲିଟରେଚର ଅଫ ଓରିସା' ପ୍ରବନ୍ଧରେ ମନମୋହନ ମନ୍ତବ୍ୟ ଦେଲେ, "ହେନ୍ସ ଦି ଟେକ୍ସଟ ଇଜ ଫାଉଣ୍ଡ ଅଫ ଫୁଲ୍ ମିଷ୍ଟେକ୍ସ ଆଣ୍ଡ କ୍ୟାନ ନଟ୍ ବି ରିଲାଏଡ୍ ଅପନ୍ ଅନଲେସ କରୋବୋରେଟେଡ୍ ବାଏ ଅଦର ଏଭିଡେନ୍ସ।" 'ଏପିଗ୍ରାଫିଆ ଇଣ୍ଡିକା' ଶୀର୍ଷକ ପ୍ରବନ୍ଧରେ ଡ. ଫ୍ଲିଟ୍ ଏତାଦୃଶ ମନ୍ତବ୍ୟ ପ୍ରଦାନ କରିଥିବା ବେଳେ, ଏହାକୁ ଦୃଢ଼ ସମର୍ଥନ ଜଣାଇଥିଲେ ରମା ପ୍ରସାଦ ଚନ୍ଦ। ବଙ୍ଗଳାରେ ପ୍ରକାଶିତ "ପୁରୁଷୋତ୍ତମ ଚନ୍ଦ୍ରିକା" ମଧ୍ୟ ମାଦଳାପାଞ୍ଜିର ପ୍ରାଚୀନତା ସମ୍ପର୍କରେ ପ୍ରଶ୍ନ ଉତ୍ଥାପିତ କଲା। ହଣ୍ଟର ସାହେବଙ୍କ ବକ୍ତବ୍ୟ ଥିଲା ମାଦଳାପାଞ୍ଜିରେ ଲିଖିତ ରାଜନ୍ୟବର୍ଗଙ୍କର ରାଜତ୍ୱକାଳ ସମେତ ସମସ୍ତ ବିବରଣୀ ବିଶ୍ୱାସଯୋଗ୍ୟ ନୁହେଁ। ମନ୍ଦିର ଉପରେ ବାରମ୍ବାର ବୈଦେଶିକ ଆକ୍ରମଣ ସତ୍ତ୍ୱେ ସେଠାରେ ସଂରକ୍ଷିତ ଥିବା ମାଦଳାପାଞ୍ଜି ସୁରକ୍ଷିତ ରହିଥିବ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସଂକ୍ରାନ୍ତରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଯୁକ୍ତି ପ୍ରଣିଧାନଯୋଗ୍ୟ। "ବିଶେଷତଃ ହଣ୍ଟର ସାହେବ ରାଜାମାନଙ୍କ ରାଜତ୍ୱକାଳ ଯାହା ନିର୍ଣ୍ଣୟ କରି ଲେଖିଛନ୍ତି, ତା'ସହିତ ମାଦଳାପାଞ୍ଜି ଲିଖିତ ସମୟର ବିଶେଷ କିଛି ଅମେଳ ଥିବାର ଦେଖାଯାଏ ନାହିଁ। ବରଂ ଜଣାଯାଏ ହଣ୍ଟର ସାହେବ ଓଡ଼ିଆ ଭାଷା ଜାଣି ନ ଥିବାରୁ ମାଦଳାପାଞ୍ଜି ସ୍ୱୟଂ ପଢ଼ିପାରି ନ ଥିବେ ଏବଂ ଯେ ତାଙ୍କୁ ବିଷୟ କହିଦେଇଥିବ ତାଙ୍କ କଥା ବୁଝି ନ ପାରି କେତେକ ଭ୍ରମ ରହିଥିବାର ସମ୍ଭାବନା। ସୁତରାଂ ମାଦଳାପାଞ୍ଜିର ଲିଖିତ ବିଷୟକୁ ଏକାବେଳକେ ଅଗ୍ରାହ୍ୟ କରାଯାଇ ନ ପାରେ। "ପୁନଶ୍ଚ ବିଦେଶୀ ବିଧର୍ମୀମାନଙ୍କ ମନ୍ଦିର ଉପରେ ଆକ୍ରମଣ ସତ୍ତ୍ୱେ ମାଦଳାପାଞ୍ଜି ଧ୍ୱଂସ ହେବାର କୌଣସି କାରଣ ନାହିଁ ବୋଲି ବିଶିଷ୍ଟ ଓଡ଼ିଆ ସାହିତ୍ୟ ଐତିହାସିକ ସୂର୍ଯ୍ୟନାରାୟଣ ଦାଶ ମତବ୍ୟକ୍ତ କରନ୍ତି। ତାଙ୍କ ଭାଷାରେ, "ପାଞ୍ଜିର ନକଲ ଦେଉଳକରଣ ଓ ତଢ଼ାଉକରଣଙ୍କ ପାଖରେ ରହୁଥିବାରୁ ମନ୍ଦିର ପାଞ୍ଜି ନଷ୍ଟ ହୋଇଯାଇଥିଲେ ସୁଦ୍ଧା ଏ ଦୁଇଟି ନକଲ ଧ୍ୱଂସ ନ ହୋଇ ରହିଥିବା ସମ୍ଭବପର।" ତାଙ୍କ ମତରେ ମାଦଳାପାଞ୍ଜି ଚୋରଗଙ୍ଗଙ୍କ ସମୟରୁ ଆରମ୍ଭ ହେଲେ ମଧ୍ୟ ତାଙ୍କ ପୂର୍ବରୁ ବହୁରାଜାଙ୍କ ଚରିତ ଏ ପାଞ୍ଜିରେ ଲେଖାଥିଲା।

**ଚୋଡ଼ଗଙ୍ଗୀୟ କାଳ**

ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତି 'ଗଦ୍ୟପଦ୍ୟାଦର୍ଶ'ର ମୁଖବନ୍ଧରେ ସୁନିଶ୍ଚିତ ହୋଇ ଉଲ୍ଲେଖ କରିଛନ୍ତି ଯେ ମାଦଳାପାଞ୍ଜି ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଆରମ୍ଭ ହୋଇଥିଲା। ତାଙ୍କ ମତରେ, "ଚୋଡ଼ଗଙ୍ଗଙ୍କ ପୂର୍ବ ଇତିହାସ ଲେଖାରେ ପ୍ରମାଦ ରହିବା ସମ୍ଭବ। କାରଣ ତାଙ୍କ ପୂର୍ବରୁ ଓଡ଼ିଶାରେ ଯେଉଁମାନେ ରାଜତ୍ୱ କରୁଥିଲେ ସେ ସମସ୍ତଙ୍କର ବିବରଣୀ କିଂବଦନ୍ତୀରୁ ହିଁ ସଂଗୃହୀତ ହୋଇଥିବ।" ପ୍ରଫେସର ସୂର୍ଯ୍ୟନାରାୟଣ ଦାଶ କହନ୍ତି, "ମାଦଳାପାଞ୍ଜିର ଭାଷା ଅତି ପ୍ରାଚୀନ। ଛୋଟ ଛୋଟ ବାକ୍ୟରେ ବିଷୟଗୁଡ଼ିକ ଲିଖିତ ହୋଇଛି। ଆରମ୍ଭ ସମୟର ଅର୍ଥାତ୍ ଏକାଦଶ ଶତାବ୍ଦୀର ମଧ୍ୟଭାଗ ସମୟର ଭାଷାର ସ୍ୱରୂପ ଏଥିରୁ ସ୍ପଷ୍ଟ ଭାବରେ

ଜଣାଯାଉଛି।” ୧୯୨୯ ଖ୍ରୀ:ରେ ପ୍ରକାଶିତ ‘ପ୍ରାଚୀନ ଉତ୍କଳ’ ଗ୍ରନ୍ଥରେ ଐତିହାସିକ ଜଗବନ୍ଧୁ ସିଂହ ମାଦଳାପାଞ୍ଜି ସମ୍ବନ୍ଧରେ ବିଶଦ୍ ଆଲୋଚନା କରି ଲେଖିଛନ୍ତି, “ଉତ୍କଳ ରାଜବଂଶ ବିଷୟ ମାଦଳାପାଞ୍ଜିରେ ଲେଖାଅଛି। ଏଥିରେ ଯେ ଭ୍ରମ ନ ଥିବ ବା ନାହିଁ ଏହା କହୁ ନାହିଁ। ମାଦଳାପାଞ୍ଜି ଅପେକ୍ଷା ଅନ୍ୟ ଅକାଟ୍ୟ ପ୍ରମାଣ ପାଇଲେ ମାଦଳାପାଞ୍ଜିର ଲିଖିତ ବିଷୟକୁ ଯେ ତ୍ୟାଗ କରିବାକୁ ହେବ ନାହିଁ, ଏକଥା ମୁଁ କହୁନାହିଁ। କିନ୍ତୁ ଅନ୍ୟ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନ ଥିଲେ ମାଦଳାପାଞ୍ଜିକୁ ଅବିଶ୍ୱାସ କରିବାର କିଛି କାରଣ ନାହିଁ।”

ମାଦଳାପାଞ୍ଜିର କାଳ ନିରୂପଣ ସମ୍ପର୍କରେ ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାରରେ ସଂରକ୍ଷିତ ଥିବା ପୋଥିର ପାଠୋଦ୍ଧାର କରି ଦର୍ଶାଇଛନ୍ତି, “ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକଙ୍କୁ ତାଗିଦ୍। କନ୍ୟା ୨୪ ଦିନ ଶୁକ୍ଳପକ୍ଷ ଦଶମୀରେ ପୁରୁଷୋତ୍ତମ କ୍ଷେତ୍ର ବଡ଼ଦେଉଳ, ବଡ଼ପରିଛ, ଚାରିପରିଛ, ଭୋଗ ବିଶୋଇ, ନାହାକ ସାମନ୍ତମାନଙ୍କୁ ଦେଉଳକରଣ, ବଇଠକରଣ, ଛାମୁକରଣ, ବେହରକରଣ, ଚାଙ୍ଗଡ଼ାକରଣ, ଚାଉଳବଛ ଓଗ୍ରେଙ୍କୁ ମହାରାଜାଧିରାଜ ଚୂଡ଼ଗଙ୍ଗ ଦେବଙ୍କ ତୁଲେ ଏହି ରାଜାଜ୍ଞା କି ଆଜି ଦିବସରୁ ମହାରାଜଙ୍କ ସମସ୍ତ ସ୍ରାହି ଅଙ୍କେ ଯାହା ଘଟିବ ପୁତ୍ରପୁତ୍ରାଦି କଳନ୍ତରେ ଯାହା ବା ଜନମ ହେବେ ଯେ ବା ହରି ଛାଡ଼ିବେ ସଭିଙ୍କୁ ଗ୍ରହଣ ପୂରୁବ ବିଧିରେ ରହିବ ପାଞ୍ଜିଆ ନିଯୋଗଙ୍କର ହେଳାରୁ ଯାବତ ଚନ୍ଦ୍ର ସୂର୍ଯ୍ୟ ମେଦିନୀ ବାସନ୍ଦ ଭୋଗିବେ। XXXX ରାଜାଜ୍ଞା ଅନ୍ୟଥା ନ କରିବେ। ବେହେରକରଣ ତାହା ନ ରଖି ସବୁ ଲେଖିବେ। ପୋଥିକୁ ଭଣ୍ଡାର ଜଗିବା ପାଇକମାନଙ୍କ ତୁଲେ ଦେବ। କନ୍ୟା ଶୁକଳ ଦଶମୀରେ ଦୁର୍ଗାମାଧବଙ୍କ ତୁଲେ ନନ୍ଦିଭୁଜ ଓ ପାଞ୍ଜିପୂଜା ବନ୍ଦାପନା ସିନ୍ଧି ମୁଦିରଥେ କରିବେ। XXXX ଯେ ଅନ୍ୟଥା କରିବେ ସେ ବଡ଼ ଠାକୁରଙ୍କ ଠାରେ ଦୋରେହା ହେବେ।” ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କ ସଂକଳିତ ‘ପୂର୍ଣ୍ଣଚନ୍ଦ୍ର ଭାଷାକୋଷ’-୧ମ ଖଣ୍ଡର ଉପକ୍ରମରେ ଇଂରାଜୀରେ ଲେଖିଛନ୍ତି, “ଦି ମାଦଳାପାଞ୍ଜି ଦ ଆନାଲସ ଅଫ ଦି ଗ୍ରେଟ ଟେମ୍ପଲ ଆଟ ପୁରୀ ୱାଜ ବିଗାନ ଟୁ ବି ପ୍ରିଜରଭ୍‌ଡ ଇନ୍ ଦି ଟେମ୍ପଲ ସିନ୍‌ସ ଇଲେଭେନ୍ଥ ସେଞ୍ଚୁରୀ ଏ.ଡି.।”




**କାଳ ନିରୂପଣ**

ବିଭିନ୍ନ ସମସ୍ତ ମତବାଦୀ ଗବେଷକ ମାଦଳାପାଞ୍ଜିର ରଚନାକାଳକୁ ପ୍ରାୟତଃ ଏକାଦଶ ଶତାବ୍ଦୀ ଭାବରେ ଉପସ୍ଥାପିତ କରିଛନ୍ତି। ଅନ୍ୟପକ୍ଷରେ ଶବ୍ଦର ବ୍ୟବହାର ଭିତ୍ତିରେ କୌଣସି ଜଟିଳ ତଥ୍ୟର କାଳନିରୂପଣ ଆଦୌ ସମୀଚୀନ ନୁହେଁ ବୋଲି କେତେକ ଇତିହାସ ବିଶାରଦ ମତପୋଷଣ କରନ୍ତି। ସେମାନଙ୍କ ମତରେ ଯେଉଁ ଶବ୍ଦଗୁଡ଼ିକ ଏକାଦଶ ଶତାବ୍ଦୀରେ ପ୍ରଚଳିତ ଥିଲା, ସେଗୁଡ଼ିକ ଯେ ଦଶମ ଅବା ଦ୍ୱାଦଶ ଶତାବ୍ଦୀର ନ ଥିଲା ବୋଲି କହିବା ଅଯୌକ୍ତିକ ହେବ। ପୁନଶ୍ଚ ମାଦଳାପାଞ୍ଜିରେ ବର୍ଣ୍ଣିତ ଆବେଗଧର୍ମୀ ଚିନ୍ତାଧାରାରେ ଅନୁପ୍ରାଣିତ କିଂବଦନ୍ତୀମୂଳକ ଭିତ୍ତି ଉପରେ ଆଶ୍ରୟୀ ଏହି ମତବାଦୀମାନଙ୍କର ଯୁକ୍ତି ଗ୍ରହଣଯୋଗ୍ୟ ମନେହୁଏ ନାହିଁ। ପାଞ୍ଜିର ବର୍ଣ୍ଣନାକ୍ରମରେ ସତ୍ୟଯୁଗରୁ ରାଜାମାନଙ୍କର ବିବରଣୀ ଉଲ୍ଲିଖିତ ହୋଇଛି। ପାଞ୍ଜିକାରଙ୍କ ନିକଟରେ ଅନ୍ୟ କୌଣସି ଐତିହାସିକ ଉପାଦାନ ନ ଥିବାରୁ ସେମାନେ ଲୋକକଥା ଓ କିଂବଦନ୍ତୀ ଉପରେ ନିର୍ଭର କରିବା ସହିତ ତାଙ୍କ ସୃଜନଶୀଳତା ଓ କଳ୍ପନା ବିଳାସିତାର ବଶବର୍ତ୍ତୀ ହୋଇ ଅନେକ ହୃଦୟସ୍ପର୍ଶୀ କାହାଣୀର ଅବତାରଣା କରିଛନ୍ତି। ସେଥିରେ ସତ୍ୟତା ପ୍ରତିଫଳନ ଅପେକ୍ଷା ସାମାଜିକ ଆଦର୍ଶବୋଧ, ନୀତିବୋଧ, ଧର୍ମବିଶ୍ୱାସ, ମନୋରଞ୍ଜନ ଏବଂ କବିମାନସ ସମ୍ଭୂତ ସାହିତ୍ୟିକ ମୂଲ୍ୟବୋଧରେ ଏହା ଋଦ୍ଧିମନ୍ତ ହୋଇଛି। ଏହାର ବିଷୟବସ୍ତୁ ସାରଳା ମହାଭାରତ ଉପରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥିଲା ବୋଲି ଡ. ଖଗେଶ୍ୱର ମହାପାତ୍ର ମତପୋଷଣ କରନ୍ତି।

ମାଦଳାପାଞ୍ଜିରେ ବିଭିନ୍ନ ଖେଦା ଅଛି ଓ ଭିନ୍ନ ଭିନ୍ନ ପଞ୍ଜିକାରଙ୍କ ଲିଖନ ଶୈଳୀ, ବିଷୟବସ୍ତୁ ତଥା ଭାଷାର ବିଭିନ୍ନତା ଦେଖାଯିବା ସ୍ୱାଭାବିକ। ତାଳପତ୍ର ପୋଥି ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଏହି ପାଞ୍ଜି ପୋଥିକୁ ବାରମ୍ବାର ନକଲ କରାଯାଉଥିବା ଅନୁମାନ କରାଯାଏ। ପ୍ରତିଲିପି ପ୍ରସ୍ତୁତ କାଳରେ ଲିପିକାରମାନେ ପ୍ରମାଦପୂର୍ଣ୍ଣ ବିବରଣୀ ବିଶେଷତଃ

ଅଙ୍କରେ ତ୍ରୁଟିପୂର୍ଣ୍ଣ ଲିପିବଦ୍ଧ କରିଥିବା ଅସମ୍ଭବ ନୁହେଁ। ପ୍ରଥମେ ପାଞ୍ଜିର ତିନୋଟି ନକଲ ହିଁ ଥିଲା। କାଳକ୍ରମେ ପାଞ୍ଜି ଲିଖନ ସେବା ଉତ୍ତରାଧିକାରୀ ସୂତ୍ରରେ ବଣ୍ଟନ କରାଯିବାରୁ ପାଞ୍ଜିର ନକଲ ସଂଖ୍ୟା ବୃଦ୍ଧି ଘଟିଲା ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଏହା ଲିପିବଦ୍ଧ ହେଲା। ଲେଖକମାନଙ୍କ ଭିନ୍ନତା ଓ ରୁଚି ଅନୁସାରେ ଘଟଣାଗୁଡ଼ିକୁ ଭିନ୍ନ ଭିନ୍ନ ଢଙ୍ଗରେ ଲିପିବଦ୍ଧ କରାଗଲା। ଏହା ଫଳରେ ରାଜବଂଶର ବିବରଣୀରେ ବୈଷମ୍ୟ ଓ ପରସ୍ପର ବିରୋଧୀ ଲେଖା ପରିଦୃଷ୍ଟ ହୁଏ। କେତେକ ବୈଷମ୍ୟ ଓ ଭ୍ରମ ଥିବା ସତ୍ତ୍ୱେ ପ୍ରତିଲିପିଗୁଡ଼ିକରେ ଅନେକ ସୌସାଦୃଶ୍ୟ ପରିଲକ୍ଷିତ ହୁଏ।

**ତ୍ରୟୋଦଶ ଶତାବ୍ଦୀ**

ଗବେଷକ ପ୍ୟାରୀମୋହନ ଆଚାର୍ଯ୍ୟ ତାଙ୍କ 'ଓଡ଼ିଶାର ଇତିହାସ' ଦ୍ୱିତୀୟ ଅଧ୍ୟାୟରେ ମାଦଳାପାଞ୍ଜିର ରଚନାକାଳ ପ୍ରାୟ ତ୍ରୟୋଦଶ ଶତାବ୍ଦୀ ଭାବରେ ନିର୍ଦ୍ଧାରଣ କରିଛନ୍ତି। ଏହାର ଭାଷା ଓ ଲେଖନ ରୀତିକୁ ବିଚାରକରି ସେ ଏପରି ଅନୁମାନ କରିଛନ୍ତି। ଡ. ହରେକୃଷ୍ଣ ମହତାବ ତାଙ୍କର 'ଓଡ଼ିଶା ଇତିହାସ'ରେ ଭୋଇରାଜା ରାମଚନ୍ଦ୍ର ଦେବଙ୍କ ସମୟରୁ ମାଦଳାପାଞ୍ଜି ରଚନା ଆରମ୍ଭ ହୋଇଥିବା ଦର୍ଶାଇଛନ୍ତି। ପଣ୍ଡିତ ବିନାୟକ ମିଶ୍ର ମଧ୍ୟ ଏହାର ରଚନାକାଳ ସପ୍ତଦଶ ଶତାବ୍ଦୀ ଭାବରେ ନିର୍ଦ୍ଧାରଣ କରନ୍ତି। ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ମାଦଳାପାଞ୍ଜିର ଗଦ୍ୟ ରଚନା ଷୋଡ଼ଶ ଶତାବ୍ଦୀ ପୂର୍ବରେ ନୁହେଁ। ଏଥିରେ ବର୍ଣ୍ଣିତ କେତେକ ଘଟଣାକୁ ସେ ଐତିହାସିକ ସତ୍ତାଶୂନ୍ୟ ବୋଲି ବର୍ଣ୍ଣନା କରିଛନ୍ତି। "ପୁରୁଷୋତ୍ତମ ଚନ୍ଦ୍ରିକା" ନାମକ ଗ୍ରନ୍ଥରେ ଭବାନୀ ଚରଣ ବନ୍ଦୋପାଧ୍ୟାୟ ଉଲ୍ଲେଖ କରିଛନ୍ତି ଯେ, ଷୋଡ଼ଶ ଶତାବ୍ଦୀ ଉତ୍ତରାର୍ଦ୍ଧରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ବିଶିଷ୍ଟ ପାଞ୍ଜିକାର ବଟକୃଷ୍ଣ ମହାନ୍ତିଙ୍କୁ ପାଞ୍ଜି ଲିଖନ ପାଇଁ ଆଦେଶ ପ୍ରଦାନ କରିଥିଲେ। ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି ଭୋଇବଂଶଠାରୁ ଶେଷ ପର୍ଯ୍ୟନ୍ତ ମାଦଳାପାଞ୍ଜିରେ ଯାହା ଲେଖାଅଛି ତାହା ପ୍ରକୃତ ଇତିହାସ। ଏଣୁ ଅନ୍ୟାନ୍ୟ ଉପାଦାନରୁ ପ୍ରାପ୍ତ ଇତିହାସ ସହିତ ଏହାର ପ୍ରାୟ ଅମେଳ ନାହିଁ। କିନ୍ତୁ ଷୋଡ଼ଶ ଶତାବ୍ଦୀ ପୂର୍ବରୁ ଯେଉଁ ଘଟଣାମାନ ପାଞ୍ଜିରେ ଲିଖିତ ଅଛି, ତାହା କିଂବଦନ୍ତୀ। କୁଞ୍ଜବିହାରୀ ତ୍ରିପାଠୀ ୧୯୫୭ ମସିହା ଇତିହାସ କଂଗ୍ରେସର ପତ୍ରିକା "ଦି କ୍ରୋନିକ୍‌ଲସ ଅଫ ଦି ଜଗନ୍ନାଥ ଟେମ୍ପଲ ଅଫ ପୁରୀ" ଶୀର୍ଷକ ପ୍ରବନ୍ଧରେ ବିଭିନ୍ନ ଦୃଷ୍ଟିରୁ ପର୍ଯ୍ୟାଲୋଚନା କରି ମାଦଳାପାଞ୍ଜିର ରଚନାକାଳ ପଞ୍ଚଦଶ ଶତାବ୍ଦୀ ଭାବରେ ନିର୍ଦ୍ଧାରଣ କରିଛନ୍ତି।

**ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ମାଦଳାପାଞ୍ଜିର ଗଦ୍ୟ ରଚନା ଷୋଡ଼ଶ ଶତାବ୍ଦୀ ପୂର୍ବର ନୁହେଁ।**

ରାଜତନ୍ତ୍ର ଯୁଗରେ ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତାରେ ପ୍ରତିପାଳିତ ସାହିତ୍ୟିକ ଲେଖକଙ୍କ ସମେତ ସମସ୍ତ ସର୍ଜନଶୀଳ କଳାଶିଳ୍ପୀଙ୍କ ପକ୍ଷରେ ନରପତିଙ୍କ ଗୁଣକୀର୍ତ୍ତନ ବ୍ୟତିରେକେ ଗତ୍ୟନ୍ତର ନ ଥିଲା। ରାଜା ସେମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରତିନିଧି ଥିଲେ। ସେମାନଙ୍କ ସମସ୍ତ ସୃଷ୍ଟିର ମୂଳଲକ୍ଷ୍ୟ ଶାସକଙ୍କ ମନ ପରିତୋଷଣ ଥିଲା। ମାତ୍ର ମାଦଳାପାଞ୍ଜିର କୁତ୍ସିତ କିଂବଦନ୍ତୀ ଓଡ଼ିଶାର ପ୍ରାଚୀନ ପ୍ରଖ୍ୟାତ ନରପତିମାନଙ୍କ ଚରିତ୍ର ସଂହାର କରିଛି। ଗଙ୍ଗବଂଶର ରାଜତ୍ୱକାଳ ଅତ୍ୟନ୍ତ ଗୌରବମୟ ଏବଂ ଏହି ବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ପ୍ରବଳ ପ୍ରତାପଶାଳୀ ଥିଲେ। ତାଙ୍କ ପିତାଙ୍କ ନାମ ଦେବେନ୍ଦ୍ର ବର୍ମନ ରାଜରାଜ ଏବଂ ମାତାଙ୍କ ନାମ ରାଜସୁନ୍ଦରୀ। ଅଥଚ ମାଦଳାପାଞ୍ଜିରେ ତାଙ୍କୁ ରାଣ୍ଡିପୁଅ ବୋଲି ବର୍ଣ୍ଣନା କରାଯାଇଛି। ତାଙ୍କ ମାଉସୀ ନେତାଇ ଧୋବଣୀର ଅତିମାନୁଷିକ ଶକ୍ତି ସମ୍ବନ୍ଧରେ ଯାହା ଲେଖା ଅଛି, ତାହା ଏକ ଡାଆଁଣୀର କାହାଣୀ। ଚୋଡ଼ଗଙ୍ଗଙ୍କ ଏକାଧିକ ନାମ ଥିଲା ଏବଂ ସେଥିମଧ୍ୟରୁ ଗଙ୍ଗେଶ୍ୱର ଅନ୍ୟତମ। ଅଥଚ ଗଙ୍ଗେଶ୍ୱରଙ୍କୁ ଜଣେ ଭିନ୍ନ ରାଜା ରୂପେ ବର୍ଣ୍ଣନା କରାଯାଇ ତାଙ୍କ ନିଜ କନ୍ୟା କୌଶଲ୍ୟାଙ୍କ ସହିତ ପାପ ପ୍ରଣୟ ଥିଲା ବୋଲି ଗୋଟିଏ କିମ୍ଭୂତକିମାକାର କିମ୍ବଦନ୍ତୀ ଲେଖାଅଛି। ଏହା ବ୍ୟତୀତ ଯଯାତି କେଶରୀଙ୍କ ଜଗନ୍ନାଥ ଉଦ୍ଧାର ଓ ମୂର୍ତ୍ତିନିର୍ମାଣ, ମଦନମୋହନଙ୍କ ସମୟରେ ବୌଦ୍ଧ ଶ୍ରମଣ ଓ ବ୍ରାହ୍ମଣଙ୍କ ଶକ୍ତି ପରୀକ୍ଷା, ଅନଙ୍ଗଭୀମଙ୍କ ବ୍ରହ୍ମହତ୍ୟା, ଭାନୁଦେବଙ୍କ ସମୟରେ ପଶୁପାଳକ କଥା, ବୀର ଭାନୁଦେବଙ୍କ କାଳରେ ଅନ୍ଧ ଦଇତା ଦାସକଥା, କପିଳେନ୍ଦ୍ରଙ୍କ ସମୟରେ ଗାଇଜଗୁଆଳ ଓ ନାଗସାପ ପ୍ରସଙ୍ଗ, ଶିବେଇ ସାଆନ୍ତରାଙ୍କ ଖିରିଖିଆ ବିଷୟ, କାଶିଆ କପିଳା ଭେଟ, ଖପରାଚଟା ପ୍ରସଙ୍ଗ, ଲାଙ୍ଗୁଳା ନରସିଂହ ଦେବଙ୍କ କାଞ୍ଚି ଅଭିଯାନ, ପ୍ରତାପରୁଦ୍ରଙ୍କ ସମୟରେ ବଣିର ପ୍ରସଙ୍ଗ ପ୍ରଭୃତି କଳ୍ପନାଶ୍ରୟୀ କାହାଣୀର ବିସ୍ତୃତ ବର୍ଣ୍ଣନା ମାଦଳାପାଞ୍ଜିରେ ଦେଖାଯାଏ। ତେଣୁ ଭାରତୀୟ ଗଦ୍ୟ

ସାହିତ୍ୟ ଜଗତରେ ମାଦଳାପାଞ୍ଜି ଏକ ଅନନ୍ୟ ସ୍ଥାନ ଅଧିକାର କରେ। କିନ୍ତୁ ଉତ୍କଳର ପ୍ରାଚୀନ ଇତିହାସ ଯେଉଁମାନଙ୍କ କୃତିତ୍ୱପୂର୍ଣ୍ଣ ଗାଥାରେ ଗୌରବାନ୍ୱିତ ସେମାନଙ୍କ ଅପଯଶ ବର୍ଣ୍ଣନରେ ଶତମୁଖ ମାଦଳାପାଞ୍ଜିକୁ ଏକ ଜାତୀୟ ଇତିହାସର ମର୍ଯ୍ୟାଦା କିପରି ପ୍ରଦାନ କରାଯିବ ବୋଲି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ସମ୍ପୃକ୍ତ ନରପତିଙ୍କ ଶାସନ କାଳରେ ତାଙ୍କର ଶାସନାଧୀନ ଲେଖକମାନେ ଏପରି କୁଖ୍ୟାତି ବର୍ଣ୍ଣନା କରିବାର ସ୍ପର୍ଦ୍ଧା କିପରି ପ୍ରଦର୍ଶନ କରିପାରିଥିବେ।

**କିଛି ଅସଙ୍ଗତି**

ପ୍ୟାରୀମୋହନ ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ ୩୧୦୧ ଖ୍ରୀ.ପୂ. ରୁ ୭୮ ଖ୍ରୀ: ପର୍ଯ୍ୟନ୍ତ ୧୪ଜଣ ରାଜା ଓଡ଼ିଶାରେ ରାଜତ୍ୱ କରିଥିବା ଏବଂ ଜଣେ ଜଣେ ରାଜା ୫୦୦ରୁ ୭୦୦ ବର୍ଷ ଧରି ଶାସନ କରିଥିବା ମାଦଳାପାଞ୍ଜିରେ ଉଲ୍ଲେଖ ଅଛି, ଯାହା ସମ୍ପୂର୍ଣ୍ଣ ଅସଙ୍ଗତ। ପୁନଶ୍ଚ ମାଦଳାପାଞ୍ଜିରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧୀୟ ସର୍ବପ୍ରଥମ ଟିପ୍ପଣୀ ଦେଖାଯାଏ। ଏଥିରେ ଜଗନ୍ନାଥ, ବଳରାମ ପ୍ରଭୃତି ପଞ୍ଚସଖାଙ୍କ ବ୍ୟତୀତ ଅନ୍ୟ କୌଣସି ପୂର୍ବବର୍ତ୍ତୀ କବିଙ୍କ ନାମ ଦୃଷ୍ଟିଗୋଚର ହୁଏ ନାହିଁ। ତେଣୁ ମାଦଳାପାଞ୍ଜି ଷୋଡ଼ଶ ଶତାବ୍ଦୀ ପୂର୍ବବର୍ତ୍ତୀ ହୋଇ ନ ଥିବା ଏଥିରୁ ପ୍ରମାଣିତ ହୁଏ।

**ମାଦଳାପାଞ୍ଜିର କେତେକ କୁତ୍ସିତ କିଂବଦନ୍ତୀ ଓଡ଼ିଶାର ପ୍ରାଚୀନ ପ୍ରଖ୍ୟାତ ନରପତିମାନଙ୍କ ଚରିତ୍ର ସଂହାର କରିଛି।**

ଯଥାର୍ଥ ପ୍ରମାଣ ଅଭାବରୁ ମାଦଳାପାଞ୍ଜି ଯଦି ଏକାଦଶ ଶତାବ୍ଦୀ ପରିବର୍ତ୍ତେ ଷୋଡ଼ଶ ଶତାବ୍ଦୀର ସୃଷ୍ଟି ଭାବରେ ଗ୍ରହଣ କରାଯାଏ, ତେବେ ମଧ୍ୟ ସମଗ୍ର ଭାରତୀୟ ସାହିତ୍ୟାକାଶରେ ଏହା ଏକ ଉଦ୍ଭାସିତ ଉଜ୍ଜ୍ୱଳ ନକ୍ଷତ୍ର। ବିଶ୍ୱ ସାହିତ୍ୟରେ ଏପରି କ୍ରମିକ ଗଦ୍ୟରଚନା ପ୍ରାୟତଃ ବିରଳ ମନେହୁଏ। ଭାଷାର କ୍ରମ ବିକାଶ ପଥରେ ଏହି ପ୍ରାଚୀନ ଗଦ୍ୟ ରଚନା ଏକ ଅମୂଲ୍ୟ ସମ୍ପଦ। ସମ୍ପ୍ରତି ମାଦଳାପାଞ୍ଜି ସମ୍ବନ୍ଧରେ ଯେତେ ଯୁକ୍ତି ଉପସ୍ଥାପିତ ହୁଏ, ପ୍ରାୟ ତାହା ପ୍ରାଚୀ ସମିତି ପ୍ରକାଶିତ "ମାଦଳାପାଞ୍ଜି" ଉପରେ ନିର୍ଭରଶୀଳ, ଏଥିରେ ଅନେକ ସମ୍ପାଦକୀୟ ତ୍ରୁଟି ଥିବା ମଧ୍ୟ ଲକ୍ଷ୍ୟ କରାଯାଏ। ବର୍ତ୍ତମାନ ସୁଦ୍ଧା ମାଦଳାପାଞ୍ଜିର ଶୁଦ୍ଧ ଭାବରେ ଓ ସାବଧାନତା ସହିତ କୌଣସି ସଙ୍କଳନ ହୋଇନାହିଁ। ପାଞ୍ଜି ଖଣ୍ଡ ଖଣ୍ଡ ତାଳପତ୍ରରେ ଲେଖା ହୋଇଥିବାରୁ ସେଗୁଡ଼ିକ ଯଥାଯଥ ଭାବରେ କ୍ରମାନ୍ୱୟରେ ସଜ୍ଜିତ କରାଯାଇପାରି ନାହିଁ। ପାଞ୍ଜିର ଗୋପନୀୟତା ରକ୍ଷା କରିବା ପାଇଁ ପାଞ୍ଜି ସ୍ୱତ୍ୱାଧିକାରୀଙ୍କର ଅଯଥା ସତର୍କତା ମଧ୍ୟ ଶୁଦ୍ଧ ସମ୍ପାଦନାରେ ଅନ୍ତରାୟ ହୋଇଛି। ତେଣୁ ମାଦଳାପାଞ୍ଜିର ଏକ ବିଶୁଦ୍ଧ ସଂସ୍କରଣ ସର୍ବାଦୌ ବାଞ୍ଛନୀୟ। ଏହା ହୋଇ ପାରିଲେ, ପ୍ରାଚୀନ ଓଡ଼ିଶା ଇତିହାସର ଅନେକ ଅନ୍ଧକାରମୟ ଅଧ୍ୟାୟ ଅଚିରେ ଉନ୍ମୋଚିତ ହୋଇପାରିବ। ତେବେ ଯାବତୀୟ କାଳ୍ପନିକ ଓ କିଂବଦନ୍ତୀମୂଳକ ବିବରଣୀ ସତ୍ତ୍ୱେ ମାଦଳାପାଞ୍ଜି ଯୁଗଯୁଗ ବ୍ୟାପୀ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ ଭାବରେ ଆଦୃତ ହୁଏ।

**ସହାୟକ ଗ୍ରନ୍ଥସୂଚୀ:**


୧. ମାଦଳାପାଞ୍ଜି : ସମ୍ପାଦନା ଡ. ଆର୍ତ୍ତବଲ୍ଲଭ ମହାନ୍ତି।
୨. ପ୍ରାଚୀନ ଉତ୍କଳ : ଜଗବନ୍ଧୁ ସିଂହ, ୧୯୨୯ରେ ପ୍ରକାଶିତ
୩. ଓଡ଼ିଆ ସାହିତ୍ୟର ଇତିହାସ : ଡ. ମାୟାଧର ମାନସିଂହ
୪. ଓଡ଼ିଆ ସାହିତ୍ୟର ଇତିହାସ : ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ
୫. ଓଡ଼ିଆ ସାହିତ୍ୟର ଇତିହାସ : ଦେବେନ୍ଦ୍ର ମହାନ୍ତି
୬. ଓଡ଼ିଆ ସାହିତ୍ୟର ଇତିହାସ : ବିନାୟକ ମିଶ୍ର
୭. ପ୍ରାଚୀନ ଉତ୍କଳ : ପଣ୍ଡିତ କୃପାସିନ୍ଧୁ ମିଶ୍ର
୮. ପୂର୍ଣ୍ଣଚନ୍ଦ୍ର ଭାଷାକୋଷ - ୧ମଖଣ୍ଡ : ଗୋପାଳଚନ୍ଦ୍ର ପ୍ରହରାଜ
୯. ଓଡ଼ିଶାର ଇତିହାସ : ପ୍ୟାରୀମୋହନ ଆଚାର୍ଯ୍ୟ
୧୦.ଓଡ଼ିଶା ଇତିହାସ: ଡ. ହରେକୃଷ୍ଣ ମହତାବ
୧୧.ପୁରୁଷୋତ୍ତମ ଚନ୍ଦ୍ରିକା : ଭବାନୀଚରଣ ବନ୍ଦୋପାଧ୍ୟାୟ
୧୨.'ଚନ୍ଦ୍ରିକା', ପ୍ରଥମବର୍ଷ ନବମ ସଂଖ୍ୟା : ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
୧୩.ଝଙ୍କାର ୧୫ଶ ବର୍ଷ, ୧ମ ସଂଖ୍ୟା : ସମ୍ପାଦନା - ରମେଶଚନ୍ଦ୍ର ମହାପାତ୍ର
୧୪.ମୋ ସମୟର ଓଡ଼ିଶା: ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
୧୫.ଇତିହାସ ଓ କିମ୍ବଦନ୍ତୀ : ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
୧୬.ଆନ ଏକାଉଣ୍ଟ ଅଫ ଓରିସା ପ୍ରପର ଅର କଟକ : ଏ. ଷ୍ଟାର୍ଲିଂ (୧୮୨୨)
୧୭.'ଓରିସା' - ସାର ଉଇଲିୟମ ଉଇଲସନ ହଣ୍ଟର
୧୮.ଉତ୍କଳ ପ୍ରସଙ୍ଗ, ଜୁନ-୨୦୧୨


□□


ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com

ଗଳ୍ପ



# ଭାର

ଡ. ଅନୀଲ କୁମାର ପାଢ଼ୀ

ମାମୁଘର ଗାଁ'ରୁ ତାଙ୍କ ମୂଲିଆ ଭାର ନେଇ ଆସୁଥାଏ ଓ ପଛେପଛେ ବାୟାନ୍ନା। ନାଁଟି ବାୟାନ୍ନା ଏଇଥିପାଇଁ ଯେ ସେ ଜନ୍ମରୁ ଆଉବାୟା। ତେବେ, ଭାର ସହିତ ବାୟାନ୍ନାର ସଂପର୍କ ଖୁବ୍ ଗଭୀର। ବାୟାନ୍ନା ଯେତେଥର ଆମଘରକୁ ଆସିଛି ଭାର ସହିତ ହିଁ ଆସିଛି।

ଭାର ଆସିବାଟା ମା'ର ଖାନଦାନିକୁ ଦେଖାଏ। କେବଳ ସେତିକିବେଳେ ମା' ତା' ନାମ କାହିଁକି ବାବୁଝିଅ ହୋଇଛି ଦର୍ଶାଏ ଓ ତା' ପୁଣି ଅଧିକାଂଶ ସମୟ ଚୁପ୍ ରହୁଥିବା ମୋ ବାପାଂକ ଆଗରେ। ବାପା ମା'ର ଏଇ ଉତଫୁଲ୍ଲିତ ଚେହେରାକୁ ଅଣଦେଖା କଲାପରି ଲାଗନ୍ତି। ବୋଧେ, ଏୟା ପ୍ରମାଣ କରିବାପାଇଁ ଯେ ଏସବୁ ଜିନିଷ ପ୍ରତି ମୋର କି ମୋ ପିଲାମାନଙ୍କର ଲୋଭ ନାହିଁ। ମୋତେ ଲାଗେ, ବାପା ମୋ ମା'କୁ ଚିଡ଼େଇବା ପାଇଁ ଏମିତି ଉଦାସୀନ ହୁଅନ୍ତି।



ମାମୁଘରୁ ଭାର ଆସେ ରଜ, ପ୍ରଥମାଷ୍ଟମୀ, ରାଧାଷ୍ଟମୀ ଆଉ ସାବିତ୍ରୀରେ। କୁଡ଼େଇ ଦୋଳକୁ ଆମେ ଯାଉ, ସାନମାମୁ ମେଲଣ ଦେଖିବାପାଇଁ କୋଡିଏଟଂକା ପାକନାନୀ ହାତକୁ ବଢାନ୍ତି। କୁଡ଼େଇ ମେଲଣରୁ ଆମେ ପିଆଜି, ଘୁଘୁନି ଖାଉ ଆଉ ପେଁକାଳି କିଣି ଫେରିଲାବେଳେ ମାମୁ ଶାଳପତ୍ରର ବଡ଼ ଦୋନାଟିଏ ଧରେଇଦିଅନ୍ତି। କୁଡ଼େଇରୁ ଜଡ଼ିଦା ଆସିବାର ବାଟରେ ତା' ଭିତରେ ଥିବା ଜଲିପି, ପିଆଜି ଆଦି ସମଗ୍ର ଅଞ୍ଚଳକୁ ମହକେଇ ଦେଉଥାଏ। ମା' ଆଗରେ ଗଦ୍‌ଗଦ୍ ହୋଇ ଆମେ ମାମୁଙ୍କୁ ପ୍ରଶଂସାରେ ପୋତିପକାଉ। ଭାଇର ପ୍ରଶଂସାରେ ମା' ଗର୍ବିତ ହୋଇ କହେ, ଏ ଦୋନା ତମ ବାପା ଆଉ ବୁଢ଼ୀମାଂକୁ ଦେଖେଇସାରିଲା ପରେ ଯାହା କରିବ। ପାକନାନୀ ଏ ଦାୟିତ୍ୱ ନିଏ।

ତେବେ, ମାମୁ ଘରୁ ଭାର ଆସୁଥିବ, ଗଙ୍ଗେଇର ବେଲଗଡ଼ି ପଦାରୁ ଭଗିଆଭାଇ ଭାର କାନ୍ଧେଇ ଆଗେଆଗେ ଓ ବାୟାନ୍ନା ପଛେପଛେ ଚାଲିଥିବ, ଏ ଦୃଶ୍ୟ ଏ ପୃଥିବୀର ସବୁଠୁ ମନୋରମ ଓ ଅଭୂତପୂର୍ବ ଦୃଶ୍ୟ। ମା' ପାଖରୁ ଭାର ଆସିବାର ଆନୁମାନିକ ସମୟ ବୁଝିନେଇ ମୁଁ ମୋ ସାଂଗମାନଂକ ସହିତ ଅନ୍ତେଇ କିଆରି ପାଖକୁ ଚାଲିଯାଏ। ଗୁରାଘର ତାଟି ଖୋଲି ଜାମୁକୋଳି ଗଛର ଛାଇରେ ଆମେ ଠିଆହେଉ। ମୋର ଭାର ପ୍ରତି ଯେତିକି ଲୋଭଥାଏ, ମୋ ସାଙ୍ଗମାନଙ୍କର ସେତିକି ଥାଏ ଯଦିଓ ବେଲ ପାଚିଲେ କାଉର କି ଲାଭ ପରି ଭାର ସହିତ ସେମାନଙ୍କର ପ୍ରାୟ ସଂପର୍କ ନ ଥାଏ। ଅତିବେଶିରେ ପାକନାନୀ ଚାଉଳଧୁଆ ହେଉ କି କୁହ୍ଲାରେ ଉଖୁଡ଼ା ଉପରେ ରାଶିଲଡୁ, ବୁନ୍ଦିଆଲଡୁର କିଛି ଅଂଶ ଓ ଭଂଗା ଜିଲିପି ନେଇ ପଡୋଶୀମାନଂକ ଘରେ ବାଣ୍ଟିଆସେ। ସେଥିରୁ ବା ମୋ' ସାଂଗମାନଂକ ଭାଗରେ କ'ଣ ପଡୁଥିବ! ତଥାପି ଆଗ୍ରହ ଓ ଉତ୍କଣ୍ଠା ସହିତ ସେମାନେ ମୋ ସାଂଗରେ ଅପେକ୍ଷା କରନ୍ତି।

ବେଳ ବୁଡ଼ିଆସିଲା ବେଳକୁ ଭୂତପ୍ରେତ କବଳିତ ବେଲଗଡ଼ି ପଦା ପାଖରୁ ଭଗିଆ ଓ ବାୟାନ୍ନାର ଛାୟାମୂର୍ତ୍ତି ଦିଶେ। ଏଣେ, ଗୁରାଘର ବାଡିରେ ବି କମ୍ ଭୂତପ୍ରେତ ନାହାନ୍ତି! ଆମେ ଘରଆଡ଼କୁ ଚାଲିଆସୁ। ଘରେ ପହଞ୍ଚି ମୁଁ ଆନନ୍ଦରେ ଚିତ୍କାରକରେ, ମା'ଲୋ ସେମାନେ ଆସିଗଲେ। ମା ତତ୍ପରହୁଏ, ଖୁସିହୁଏ ହେଲେ ଏସବୁ ପ୍ରଥମେ ପ୍ରଥମେ ଦେଖାଏ ନାହିଁ। ଦାଣ୍ଡପିଣ୍ଡାରେ ବୁଢ଼ୀମା କାନ୍ଥକୁ ଡେରି ବସିଥାଏ ଆଉ ବାପା ଦାଣ୍ଡ ଖରକୁ ଥାଆନ୍ତି। ମୁଁ ବାପାଂକୁ ଶୁଣେଇ ଶୁଣେଇ ବୁଢ଼ୀମାକୁ କୁହେ, ସେମାନେ ଆସିଗଲେ

ଲୋ ! ବାପା ହଠାତ୍ ଆଂଗୁଳିରେ ଗୁଡ଼ାଖୁ ନେଇ ଉମାସାଗର ପୋଖରୀ ଆଡ଼କୁ ଚାଲିଯାଆନ୍ତି ।

ଭାର ପହଁଚେ କେତେ ରଂଗରେ, କେତେ ଭଂଗୀରେ - ଦିଅଁ ଆସିଲା ପରି ! ଭାରର ବାସ୍ନାରୁ ଆଲୋକ ନିର୍ଗତହୁଏ ଓ ଏହା ଆମ ଗାଁର ଘନୀଭୂତ ହେଉଥିବା ଅନ୍ଧାରକୁ ନିମିଷକ ପାଇଁ ହେଲେ ବି ଆଲୋକିତ କରିଦିଏ । ଭାର ରଖାଯାଏ କାଠ ଆଲମାରି ଘରେ । ସେଇଠି ବୁଢ଼ୀମା ଶୁଏ । ଶିଶୁ ପଲଙ୍କର ବାଡ଼ାକୁ ଡେରି ବୁଢ଼ୀମା' ବସିଥାଏ । ତଳେ ଥୁଆଯାଇଥାଏ ଦୁଇଟି ବୋଝ । ଉଖୁଡ଼ା, ମୁଆଁ, ରାଶିଲଡୁ ଥିବା ବୋଝର ପତ୍ର ଉଡ଼ିଯାଇଥାଏ । ମା' କେବଳ ସେହି ବୋଝଟିକୁ ଦେଖେଇ ବୁଢ଼ୀମା'କୁ କହେ, ହେଇ, ଦେଖ ମା' । ଏଇ ଉଖୁଡ଼ା, ମୁଆଁ, ରାଶି ଲଡୁ । ଶଂକ (ମୋର ସାନମାମୁ) ପଠେଇଛି । ବୁଢୀମା' ଓଢ଼ଣି ଭିତରୁ ମୁହଁ କାଢ଼ି ହୁଁ ବୋଲି କହେ । ମୋର ହାତ କନକନ ହଉଥାଏ ଦ୍ୱିତୀୟ ବୋଝଟିର ପତ୍ର ଟାଣିନେବାକୁ, ହେଲେ, ମା'ର ହାତ ତାକୁ ଘେରିରହିଥାଏ । ମା' ଡାକ ଛାଡ଼େ, ଏଇ ପାକ ! ତୋ ବାପାକୁ ଡାକ୍ !

**ଭାରର ବାସ୍ନା ଆମ ଗାଁର ଘନୀଭୂତ ହେଉଥିବା ଅନ୍ଧାରକୁ ନିମିଷକ ପାଇଁ ହେଲେ ବି ଆଲୋକିତ କରିଦିଏ ।**


ବାପା ନ ଦେଖିଲା ଯାଏ ମା' ଭାରକୁ ଛୁଇଁବାକୁ ଦିଏନା । ସେଦିନ ବି ବାପା ଡେରିକରି ପୋଖରୀ ଆଡ଼ିରୁ ଆସନ୍ତି, ଲୁଗା ଧୁଅନ୍ତି, ବାୟାନ୍ନା ସାଂଗରେ କଥା ହୁଅନ୍ତି ଓ ସଂଜବେଳା ଠାକୁରଂକୁ ପୂଜାକରନ୍ତି । କେଡେ ନିର୍ଦ୍ଦୟ ବାପା ଯେ ! ପତ୍ର ତଳେ ଥିବା ସେହି ରହସ୍ୟମୟ ଜିନିଷସବୁ ମୋ ଆଡ଼କୁ ହାତ ବଢ଼େଇ କହୁଥାଆନ୍ତି, ମୋତେ ନେ, ମୋତେ ନେ ।

ମା' ଉଠିଗଲେ ଡାହାଳ କୁକୁରପରି ଭାରକୁ ଜଗେ ପାକନାନୀ । ମୋତେ ହଲିବାକୁ ବି ଦିଏନାହିଁ । ମା'ର ଅଲକ୍ଷ୍ୟରେ ବାପା ଚୁପିଚୁପି ଆସି ପତ୍ର ଟେକି ଭାର ଦେଖିଯାଆନ୍ତି । ସେଦିନ ସେ ଦାଣ୍ଡବଂଗଳାରୁ ଉଠନ୍ତି ନାହିଁ । ମା'ର ବାପଘରଜନିତ ଗର୍ବ ଖର୍ବ ହୋଇଆସେ । ରାଗରେ ସେ କୁହେ, ମୁଁ ଜାଣିଛି, ସେ ଦେଖିତେ ଆସିବେ ନାହିଁ । କି ମଣଷ କେଜାଣି ! ମୁଁ ମା'କୁ ଜଣାଏ ଯେ ବାପା ଦେଖିକି ଯାଇସାରିଲେଣି, ହେଲେ, ମା'ର ଅଭିମାନ ଭାଂଗେନା ।

ବହୁବର୍ଷ ପରେ ଭାରଆସିବା ବନ୍ଦ ହୋଇଗଲା । ବାପା ମା'କୁ ଦେଖେଇଶୁଣେଇ କହିବା, କିରେ ! ଆଜି ତମ ମାମୁଘରୁ କେହି ଆସିଲେନି, କହିବା ବି ବନ୍ଦ ହୋଇଗଲା । ଗାଁ ଗୋହିରୀରେ ଝିଅଘରକୁ ତାଳପିଠା, ପର୍ବପର୍ବାଣିର ଭାର ନେଇ ଯାଉଥିବା ବାପମାନଂକୁ ଦେଖିଲେ ଆଉ ଭାର କଅଣ, ମାମୁଘର କଥା ବି ମନେପଡୁ ନ ଥିଲା । ଯେମିତି ସବୁକିଛି ବଦଳିବା ନିଧାର୍ଯ୍ୟ ଥିଲା ଓ ବଦଳି ଯାଇଥିଲା । କାହିଁକି ଏସବୁ ବଦଳିଗଲା କାରଣ ଜାଣିବା ପାଇଁ ମା'ର ଆଖିକୁ ଚାହିଁଲେ ସେଠିଥିବା ଢଳଢଳ ଶୂନ୍ୟତା ଏହାର ଉତ୍ତର ଦେଉଥିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
anilparhi@gmail.com



ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ

ଧାରା ଶ୍ରୀରାଧା


କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

**ସାକ୍ଷାତ୍କାର**

# ବର୍ଷୀୟାନ୍ ସାହିତ୍ୟ-ପ୍ରକାଶକ ମହେନ୍ଦ୍ର ମିଶ୍ରଙ୍କ ସହ ଅନ୍ତରଙ୍ଗ ଆଳାପ

*ମହେନ୍ଦ୍ର ମିଶ୍ର ଓଡ଼ିଆ ସାହିତ୍ୟ ପ୍ରକାଶନ ଜଗତରେ ଜଣେ ବର୍ଷୀୟାନ୍ ତଥା ଅଗ୍ରଣୀ ବ୍ୟକ୍ତିତ୍ୱ ଭାବରେ ସୁପରିଚିତ। ତାଙ୍କର ବୟସ ବର୍ତ୍ତମାନ ୯୦ ବର୍ଷ ଏବଂ ତାଙ୍କ ଦ୍ୱାରା ୧୯୭୦ ଦଶକରେ ସ୍ଥାପିତ ପ୍ରକାଶନ ସଂସ୍ଥା 'ଲାର୍କ ବୁକ୍ସ' ଓଡ଼ିଆ ସାହିତ୍ୟର ଅନେକ ପ୍ରତିଭାଧରଙ୍କୁ ପାଠକମାନଙ୍କ ନିକଟରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଗୋଟିଏ ସମୟରେ ପ୍ରଥମ ଥର ପାଇଁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ପୁନଃମୁଦ୍ରଣ କରି ସେ ବିଶେଷ ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରେ ତାଙ୍କ ସହିତ ସାକ୍ଷାତ୍ କରି ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ ଯେ ପ୍ରାୟ ୬୫ ବର୍ଷ ତଳେ ଆପଣ ଓ.ଏ.ଏସ୍. ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରିରେ ଯୋଗ ଦେଇଥିଲେ। କିନ୍ତୁ ସେକାଳର ସେହି ଆକର୍ଷଣୀୟ ଚାକିରିର ମୋହକୁ ଛାଡ଼ି ଆପଣ ସାହିତ୍ୟ ପ୍ରକାଶନର ଦୁନିଆକୁ ଆଦରି ନେଲେ କାହିଁକି ।

**ମହେନ୍ଦ୍ର ମିଶ୍ର:** ୧୯୫୮ ମସିହାରେ ଯେତେବେଳେ ମୁଁ ଓ.ଏ.ଏସ୍.ରେ ଯୋଗ ଦେଲି ମୋ'ର ପ୍ରଥମ ପୋଷ୍ଟିଂ ହୋଇଥିଲା କନ୍ଧମାଳରେ। ପ୍ରଥମ ଦିନ ଯେତେବେଳେ ସେଠାରେ ପହଞ୍ଚିଲି ମୋତେ ପ୍ରଥମ ଦାୟିତ୍ୱ ଦିଆଯାଇଥିଲା ହସ୍‌ପିଟାଲ୍‌କୁ ଯାଇ ଭାଲୁ ରାମ୍ପୁଡ଼ାରେ ଗୁରୁତର ଭାବରେ ଆହତ ହୋଇ ମୃତ୍ୟୁ ଅପେକ୍ଷାରେ ଥିବା ଜଣେ ସ୍ଥାନୀୟ ଆଦିବାସୀ ବ୍ୟକ୍ତିଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନେବା ପାଇଁ।

**ସାହିତ୍ୟ ଚର୍ଚ୍ଚା:** ଏହି ଧରଣର ସମ୍ବେଦନଶୀଳ ଦାୟିତ୍ୱ ଆପଣଙ୍କୁ ବୋଧହୁଏ ବିବ୍ରତ କରିଥିଲା।

**ମହେନ୍ଦ୍ର ମିଶ୍ର:** ହଁ, ସେଦିନ ଅତି ଦୁଃଖଦ ପରିବେଶରେ ଆସନ୍ନ ମୃତ୍ୟୁମୁଖରେ ପଡ଼ିଥିବା ସେଇ ନିରୀହ କନ୍ଧ ଆଦିବାସୀ ଜଣଙ୍କର ଜମାନବନ୍ଦୀ ରେକର୍ଡ କରି ଫେରିବା ପରେ ମୁଁ ଦୋହଲିଯାଇଥିଲି। ଭାବିଲି ଯେ, ମୁଁ କେଉଁଠୁ ଆସି କେଉଁଠାରେ ପଡ଼ିଲି !

**ସାହିତ୍ୟ ଚର୍ଚ୍ଚା:** ଯାହା ଜାଣୁ, ଆପଣ ଚାକିରିରେ ଯୋଗଦେବାର ମାତ୍ର ସାଢ଼େ ଚାରି ବର୍ଷ ପରେ ସେଥିରୁ ଇସ୍ତଫା ଦେଲେ। ତେବେ ଜଣେ ପ୍ରକାଶକ ହେବାର ନିଶା କ'ଣ ସେ କାଳର ଓ.ଏ.ଏସ୍. ଚାକିରିଠାରୁ ଏତେ ବେଶି ଆକର୍ଷଣୀୟ ଥିଲା ?

**ମହେନ୍ଦ୍ର ମିଶ୍ର:** ପିଲାଦିନରୁ ମୋର ବହି ପ୍ରତି ବହୁତ ଆଗ୍ରହ

ଥିଲା। ବହି ପଢ଼ିବାର ଥିଲା ମୋର ଏକ ବଡ଼ ସଉକ। ଏଣୁ ଏହାକୁ ନିଜର ବୃତ୍ତି ସହିତ ଯୋଡ଼ି ପ୍ରକାଶନ ସଂସ୍ଥାଟିଏ ଆରମ୍ଭ କରିବାକୁ ଭାବିଲି।

**ସାହିତ୍ୟ ଚର୍ଚ୍ଚା:** ଅଜବ ଥିଲା ଏ ନିଶା ଆପଣଙ୍କର, ଯାହା ଆପଣଙ୍କୁ ଦିନେ ସରକାରୀ ଚାକିରି ଛାଡ଼ିବାକୁ ମଧ୍ୟ ପ୍ରବର୍ତ୍ତାଇଦେଲା।

**ମହେନ୍ଦ୍ର ମିଶ୍ର:** ଏହି ପ୍ରକାଶନ ବୃତ୍ତିରେ ଯୋଗ ଦେଲି ବୋଲି ତ ମୋତେ ସର୍ବପ୍ରଥମେ ସୁରେନ୍ଦ୍ର ମହାନ୍ତିଙ୍କର ପ୍ରଖ୍ୟାତ ବହି 'ଶତାବ୍ଦୀର ସୂର୍ଯ୍ୟ' ପ୍ରକାଶ କରିବାର ସୁଯୋଗ ମିଳିଲା।

**ସାହିତ୍ୟ ଚର୍ଚ୍ଚା:** ଏ ସୁଯୋଗଟି କେମିତି ପାଇଲେ ?

**ମହେନ୍ଦ୍ର ମିଶ୍ର:** ମୁଁ କଟକରେ ଆରମ୍ଭ କରିଥାଏ 'ଲାର୍କ ବୁକ୍ସ'। ଦିନେ ସନ୍ଧ୍ୟାବେଳେ ସେଠାରେ ବସିଥାଏ। ହଠାତ୍ ଜଣେ ସୁଦର୍ଶନ ଭଦ୍ରବ୍ୟକ୍ତି ଭିତରକୁ ପଶି ଆସିଲେ ଏବଂ କହିଲେ, 'ମୁଁ ସୁରେନ୍ଦ୍ର ମହାନ୍ତି; ଆପଣ ମୋର ଗୋଟିଏ ବହି ଛାପିବେ କି ?' ମୁଁ ଚମକି ଉଠିଲି, ଏତେ ବଡ଼ ଜଣେ ଲେଖକଙ୍କୁ ସାମନାରେ ପାଇ। ସେ ହାତରେ ଧରିଥିବା ପାଣ୍ଡୁଲିପିଟି ମୋର ଟେବୁଲ୍ ଉପରେ ଥୋଇଦେଲେ। କିଛି ଆଗ ପଛ ନ ଭାବି ମୁଁ ତତକ୍ଷଣାତ୍ ଉତ୍ତର ଦେଲି ଯେ ଏହା ପ୍ରକାଶ କରିବା ମୋର ପରମ ସୌଭାଗ୍ୟ ହେବ।

**ଜଣେ ସୁଦର୍ଶନ ଭଦ୍ରବ୍ୟକ୍ତି ଭିତରକୁ ପଶି ଆସିଲେ ଏବଂ କହିଲେ, 'ମୁଁ ସୁରେନ୍ଦ୍ର ମହାନ୍ତି; ଆପଣ ମୋର ଗୋଟିଏ ବହି ଛାପିବେ କି ?'**

**ସାହିତ୍ୟ ଚର୍ଚ୍ଚା:** ଅନୁମାନ କରୁଛୁ, ସେଇଟି ତାଙ୍କର ବିଖ୍ୟାତ ବହି 'ଶତାବ୍ଦୀର ସୂର୍ଯ୍ୟ'ର ପାଣ୍ଡୁଲିପି ହୋଇଥିବ।

**ମହେନ୍ଦ୍ର ମିଶ୍ର:** ହଁ, ସେଇ ବହି। ବିଶିଷ୍ଟ ପ୍ରକାଶନ ସଂସ୍ଥା 'କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ'ର ଅନନ୍ତ ମିଶ୍ର ସେହି ପାଣ୍ଡୁଲିପି ନିଜ ପାଖରେ ଦୁଇ କି ତିନି ମାସ ରଖିବା ପରେ ସେଇଟିକୁ ପ୍ରକାଶ କରିବାକୁ ମନା କରି ତାଙ୍କୁ ଫେରାଇ ଦେଇଥିଲେ। ସେଥିଁ ନିରାଶ ହୋଇ ସୁରେନ୍ଦ୍ର ମହାନ୍ତି ପାଣ୍ଡୁଲିପିଟି ହାତରେ ଧରି ଘରକୁ ଫେରିବା ବାଟରେ ଷ୍ଟୋନି ରୋଡ୍‌ରେ ମୋ' ପ୍ରକାଶନ ସଂସ୍ଥାର ସାଇନ୍ ବୋର୍ଡ ଦେଖି ଭିତରକୁ ପଶି ଆସିଥିଲେ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ ତାଙ୍କର ସେହି ପାଣ୍ଡୁଲିପିକୁ ନ ପଢ଼ି ବି ସେଇଟି ପ୍ରକାଶ କରିବାକୁ କେମିତି ରାଜି ହୋଇଗଲେ।

**ମହେନ୍ଦ୍ର ମିଶ୍ର:** ପୂର୍ବରୁ ମୁଁ ତାଙ୍କର 'ନୀଳଶୈଳ' ପଢ଼ିଥିଲି ନା ! ଏଣୁ ଦୃଢ଼ ନିଶ୍ଚିତ ଥିଲି ଯେ ସେଭଳି ଗୋଟିଏ କାଳଜୟୀ ବହିର ସ୍ରଷ୍ଟାଙ୍କର କଲମରୁ ରୂପ ନେଇଥିବା ଆଉ ଏକ ନୂଆ ବହି ନିଶ୍ଚୟ ଉନ୍ନତ ମାନର ହୋଇଥିବ।

**ସାହିତ୍ୟ ଚର୍ଚ୍ଚା:** ଏହି ବହିଟି ତ ଆଶାତୀତ ସଫଳତା ପାଇଲା। ଏହା ପରେ ବୋଧହୁଏ ସୁରେନ୍ଦ୍ର ମହାନ୍ତିଙ୍କର ଆହୁରି କିଛି ବହି ମଧ୍ୟ ପ୍ରକାଶ କରିଥିବେ।

**ମହେନ୍ଦ୍ର ମିଶ୍ର:** ତା'ପରେ ପ୍ରକାଶ କଲି ତାଙ୍କର ଆଉ ଏକ ବହି 'କୁଳବୃଦ୍ଧ'। ପ୍ରକୃତରେ ସୁରେନ୍ଦ୍ର ମହାନ୍ତି ହେଉଛନ୍ତି ମୋର ଚିର ନମସ୍ୟ। ଏଠି ମୋ ସାମ୍ନା କାନ୍ଥରେ ଆପଣ ଦେଖି ପାରୁଥିବେ ତାଙ୍କର ଛବି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆମ ଜାଣିବାରେ କଟକରେ ନିଜର ପ୍ରକାଶନ ସଂସ୍ଥା ଖୋଲିବା ପରେ ଆପଣଙ୍କ ଦ୍ୱାରା ୧୯୭୧ ମସିହାରେ ପ୍ରକାଶିତ ପ୍ରଥମ ବହିଟି ଥିଲା ବିନୋଦ ନାୟକଙ୍କ 'ସରୀସୃପ'।

**ମହେନ୍ଦ୍ର ମିଶ୍ର:** ହଁ ସରୀସୃପ। ତାହାପରେ ମନୋରଞ୍ଜନ ଦାସଙ୍କ 'ଅରଣ୍ୟ ଫସଲ', ଓ ଗୁରୁ ପ୍ରସାଦ ମହାନ୍ତିଙ୍କ 'ସମୁଦ୍ର ସ୍ନାନ'। ତିନିବର୍ଷ ଧରି ଏହି ତିନୋଟି ବହି ହିଁ ପରକୁ ପର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା।

**ସାହିତ୍ୟ ଚର୍ଚ୍ଚା:** ପ୍ରଥିତଯଶା କବି ରମାକାନ୍ତ ରଥ ଆପଣଙ୍କର ଭିଣୋଇ। ଆପଣ ବୋଧହୁଏ ତାଙ୍କର ସବୁତକ ବହି ପ୍ରକାଶ କରିଛନ୍ତି।

**ମହେନ୍ଦ୍ର ମିଶ୍ର:** ସେ ମୋ'ଠାରୁ ବର୍ଷେ ସାନ। ଆମେ ସହପାଠୀ ଥିଲୁ। ତାଙ୍କର ବହିଗୁଡ଼ିକ ଆମ ଲାର୍କ ବୁକ୍ସ ଦ୍ୱାରା ପ୍ରକାଶିତ। 'ଶ୍ରୀରାଧା' ଓ 'ଶ୍ରୀ ପଳାତକ' ସେଗୁଡ଼ିକ ମଧ୍ୟରେ ପ୍ରମୁଖ।

**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ କଥା ହେଲା, ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗଳ୍ପ ବହି ମଧ୍ୟ ଆପଣ ଛାପିଛନ୍ତି। ତାଙ୍କୁ ସାହିତ୍ୟ ଜଗତରେ ଜଣେ ଗାଳ୍ପିକ ଭାବରେ ପରିଚିତ କରାଇବାରେ ଆପଣଙ୍କର ଗୋଟିଏ ମୂଲ୍ୟବାନ ଭୂମିକା ଥିଲା।

**ମହେନ୍ଦ୍ର ମିଶ୍ର:** ସେ ଜଣେ ପ୍ରତିଭାସମ୍ପନ୍ନ ଲେଖକ ଥିଲେ। ତାଙ୍କର ବହି ପ୍ରକାଶ କରିପାରିଥିବାରୁ ମୁଁ ଗର୍ବିତ।

**ସାହିତ୍ୟ ଚର୍ଚ୍ଚା:** ଥରେ ଆପଣଙ୍କର ଜଣେ ବନ୍ଧୁ ଆମକୁ କହିଥିଲେ ଯେ ଆପଣଙ୍କ ମନରେ ଯୋଡିଏ କ୍ଷୋଭ ଅଛି; ତା' ହେଲା ଆପଣ ଦୁଇଜଣ ବିଶିଷ୍ଟ ସାହିତ୍ୟିକଙ୍କର ଗୋଟିଏ ହେଲେ ବହି ଛପାଇ ପାରିଲେ ନାହିଁ - ମନୋଜ ଦାସ ଓ ସୀତାକାନ୍ତ ମହାପାତ୍ର।

**ମହେନ୍ଦ୍ର ମିଶ୍ର:** ହଁ ସତ, ମନୋଜ ଦାସଙ୍କୁ ଗୋଟିଏ ବହି ଦେବା ପାଇଁ ଅନୁରୋଧ କରିଥିଲି। କୌଣସି କାରଣରୁ ସେ ଦେଇ ପାରିଲେ ନାହିଁ। ସୀତାକାନ୍ତ ମହାପାତ୍ର କବିତା ସଂକଳନଟିଏର ପାଣ୍ଡୁଲିପି ଦେଇଥିଲେ, କିନ୍ତୁ ତାହା ମୋର ମନୋନୀତ ହେଲା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ନିଜ ପ୍ରକାଶନ ସଂସ୍ଥାର ନାମକରଣ ଆପଣ 'ଲାର୍କ ବୁକ୍ସ' ବୋଲି କାହିଁକି କଲେ ?

**ମହେନ୍ଦ୍ର ମିଶ୍ର:** ଆପଣ ଦେଖିଥିବେ, ପକ୍ଷୀମାନେ ଯେତେବେଳେ ତଳୁ ଆକାଶକୁ ଉଡ଼ନ୍ତି ସେମାନେ ଦଳବଦ୍ଧ ହୋଇ 'ହୋରାଇଜେଣ୍ଟାଲ୍' ଭାବରେ ଉପରକୁ ଉଠନ୍ତି। କିନ୍ତୁ ଲାର୍କ୍ ପକ୍ଷୀ ସେମିତି ନୁହେଁ। ସେ ହଠାତ୍ ସିଧା 'ଭର୍ଟିକାଲି' ଉପରକୁ ଉଡ଼ିଯାଏ।

ଲାର୍କ ବୁକ୍ସ

**ସାହିତ୍ୟ ଚର୍ଚ୍ଚା:** ତେବେ ଲାର୍କ୍ ବୁକ୍ସ ମଧ୍ୟ କ'ଣ ସେଭଳି ହଠାତ୍ ସଫଳତାର ଶିଖରକୁ ଉଠିଯାଇଥିଲା ?

**ମହେନ୍ଦ୍ର ମିଶ୍ର:** ହଁ, ଆମେ ସଫଳତା ଅର୍ଜନ କରିଥିଲୁ। କିନ୍ତୁ ବାଟଟି ଏତେ ସହଜ ନ ଥିଲା। ଆମକୁ ମଧ୍ୟ କେବେ କେବେ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ 'ପ୍ରଜ୍ଞା' ପତ୍ରିକାର ସମ୍ପାଦକ ଏବଂ 'ବିଭୂତି ପଟ୍ଟନାୟକଙ୍କ ଗଳ୍ପ' ପତ୍ରିକାର ପରିଚାଳନା ସମ୍ପାଦକ ଭାବରେ ସମ୍ପାଦନା କଳାର ନୂଆ ମାନକ ସୃଷ୍ଟି କରିଛନ୍ତି।

**ମହେନ୍ଦ୍ର ମିଶ୍ର:** ଚେଷ୍ଟା କରିଛି ନିଆରା ଶୈଳୀର ପତ୍ରିକା ପାଠକମାନଙ୍କ ହାତରେ ଦେବାପାଇଁ।

**ସାହିତ୍ୟ ଚର୍ଚ୍ଚା:** ଜଣେ ପ୍ରକାଶକ ଭାବରେ ଆପଣଙ୍କର ସବୁଠାରୁ ବଡ଼ ସଫଳତା କ'ଣ ଥିଲା।

**ମହେନ୍ଦ୍ର ମିଶ୍ର:** ମୁଁ ସିଙ୍ଗାପୁର ଯାଇ ସେଠାରେ ଓଡ଼ିଆ ସମେତ ବିଭିନ୍ନ ଭାରତୀୟ ଭାଷାରେ ପିଲାଙ୍କ ପାଇଁ ବିଜ୍ଞାନ ପୁସ୍ତକମାନ ଛପାଇଥିଲି। ଭାରତ ଓ ପାକିସ୍ତାନ ପାଇଁ ମୁଁ ଏହାର ପ୍ରକାଶନ ଅଧିକାର ହାସଲ କରିନେଇଥିଲି। ବିଦେଶରେ ଛପା ହୋଇଥିବା କାରଣରୁ ତାହାର ମୁଦ୍ରଣ ମାନ ମଧ୍ୟ ଉଚ୍ଚକୋଟୀର ଥିଲା। ଏଣୁ ବିଭିନ୍ନ ରାଜ୍ୟରେ ଏହା ଆଶାତୀତ ସଫଳତା ପାଇଲା।

**ସାହିତ୍ୟ ଚର୍ଚ୍ଚା:** ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଆପଣଙ୍କ ଦ୍ୱାରା ପ୍ରକାଶିତ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ଏହାର ପୁନଃମୁଦ୍ରଣ କରି ଆପଣ ସବୁଆଡ଼େ ପହଞ୍ଚାଇବାକୁ ସମର୍ଥ ହୋଇଥିଲେ।

**ମହେନ୍ଦ୍ର ମିଶ୍ର:** ଏଥିରେ ମଧ୍ୟ ଘୋର ପ୍ରତିବନ୍ଧକର ସାମନା କରିବାକୁ ପଡ଼ିଲା। ଗୋପାଳ ପ୍ରହରାଜଙ୍କର କିଛି ଉତ୍ତର ପୁରୁଷ ଏହାର ସ୍ୱତ୍ୱାଧିକାର ନେଇ ପ୍ରଶ୍ନ ଉଠାଇଥିଲେ। ଏହି ବହିର ଉନ୍ମୋଚନ ଉତ୍ସବକୁ ଆସିବା ପାଇଁ ମୁଁ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଥିଲି। ସେ ସମ୍ମତି ମଧ୍ୟ ଦେଇଥିଲେ। କିନ୍ତୁ ସେଦିନ ଉତ୍ସବର କିଛି ଘଣ୍ଟା ପୂର୍ବରୁ କେହି ଯାଇ ତାଙ୍କୁ କହିଥିଲେ ଯେ ପତ୍ରିକାର ପ୍ରକାଶନ ଅଧିକାରକୁ ନେଇ କିଛି ବିବାଦ ଅଛି; ଏଣୁ ଆପଣ ସେଠାକୁ ଯାଆନ୍ତୁ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ମୁଖ୍ୟମନ୍ତ୍ରୀ କ'ଣ ତେବେ ଆସିଲେ ନାହିଁ ?

**ମହେନ୍ଦ୍ର ମିଶ୍ର:** ନା, ସେ ଆସିଲେ ନାହିଁ। ସେହି ସମୟକୁ ମୁଖ୍ୟମନ୍ତ୍ରୀଙ୍କର ଆଉ କିଛି ଜରୁରୀ କାର୍ଯ୍ୟ ଅଛି ବୋଲି ଦର୍ଶାଇ ଦିଆଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରକାଶ କରିବାକୁ ଯିବାବେଳେ ତାହାର ମୂଳ କପିଟି କେଉଁଠାରୁ ପାଇଥିଲେ ?

**ମହେନ୍ଦ୍ର ମିଶ୍ର:** ପୁରୀ ଜିଲ୍ଲାରେ ଥିବା ଆମ ଗାଆଁ ବୀରପୁରୁଷୋତ୍ତମପୁରର ଲାଇବ୍ରେରୀରେ ତାହାର ମୂଳ ଛପାଟିଏ ଥିଲା। ସେଇଟି ସେଠାକୁ କେମିତି ଆସିଲା ତାହା ପଛରେ ଗୋଟିଏ କାହାଣୀ ଅଛି।

**ସାହିତ୍ୟ ଚର୍ଚ୍ଚା:** ତାହା ପୁଣି କ'ଣ ?

**ମହେନ୍ଦ୍ର ମିଶ୍ର:** ପ୍ରହରାଜଙ୍କର ଜଣେ ଦ୍ୱିତୀୟ ସ୍ତ୍ରୀ ଥିଲେ ବୋଲି ଆପଣ ତ ଜାଣିଥିବେ।

**ସାହିତ୍ୟ ଚର୍ଚ୍ଚା:** ଯାହା ଶୁଣିଛୁ, ସେ ଥିଲେ ତାଙ୍କର ପ୍ରଥମ ସ୍ତ୍ରୀଙ୍କର ସାନ ଭଉଣୀ।

**ମହେନ୍ଦ୍ର ମିଶ୍ର:** ପୀତାମ୍ବରୀ ଦେବୀ ନାମକ ତାଙ୍କ ପତ୍ନୀଙ୍କର ସେହି ସାନ ଭଉଣୀ ପ୍ରହରାଜଙ୍କ ସହିତ ବିବାହ କରି ନ ଥିଲେ; କିନ୍ତୁ ତାଙ୍କ ସହିତ ରହୁଥିଲେ। ଯେତେବେଳେ ପ୍ରହରାଜଙ୍କର ବିଷପାନ ଦ୍ୱାରା ଅସ୍ୱାଭାବିକ ମୃତ୍ୟୁ ହୋଇଛି ବୋଲି ସନ୍ଦେହ ହେଲା, ସେତେବେଳେ ଅଭିଯୋଗ ହୋଇଥିଲା ଯେ ପୀତାମ୍ବରୀ ଦେବୀଙ୍କର ଏହି ମୃତ୍ୟୁରେ ଏକ ଭୂମିକା ଥିଲା।

**ସାହିତ୍ୟ ଚର୍ଚ୍ଚା:** ଏହା ଆମେ ମଧ୍ୟ ଶୁଣିଛୁ।

**ମହେନ୍ଦ୍ର ମିଶ୍ର:** ପ୍ରହରାଜଙ୍କ ମୃତ୍ୟୁ ପରେ ପୀତାମ୍ବରୀ ଦେବୀ ଘୋର ଦାରିଦ୍ର୍ୟ ଭିତରେ କାଳାତିପାତ କରିଥିଲେ। ପୁରୀର ହେରାଗୋହିରୀ ସାହିରେ ଆମର ଗୋଟିଏ ଘର ଅଛି। ସେତେବେଳେ ସେଠାରେ ପୀତାମ୍ବରୀ ଦେବୀ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ଦୁଇଟି କପି ସହିତ ଆସି ପହଞ୍ଚିଲେ ଏବଂ ମୋ' ବାପାଙ୍କୁ ଅନୁରୋଧ କଲେ ବହି ଦୁଇଟି ରଖି ତାଙ୍କୁ ୨୦ ଟଙ୍କା ଦେବାପାଇଁ। ବାପା ତ ପ୍ରଥମେ ଭୀଷଣ ରାଗିଯାଇ ତାଙ୍କୁ ସେଠାରୁ ତଡ଼ିଦେବାକୁ ବସିଥିଲେ। କାରଣ ପୀତାମ୍ବରୀ ଦେବୀଙ୍କର ଦୁର୍ନାମ ସେତେବେଳେ ଚାରିଆଡ଼େ ବ୍ୟାପିଯାଇଥିଲା। ପରେ ଅବଶ୍ୟ ବାପା ଦୟା ପରବଶ ହୋଇ ତାଙ୍କୁ ୨୫ ଟଙ୍କା ଦେଲେ ଏବଂ ବହି ଦୁଇଟି ରଖିଲେ।

**ସାହିତ୍ୟ ଚର୍ଚ୍ଚା:** ସେହି ବହିକୁ ଆଧାର କରି ବୋଧହୁଏ ଆପଣ ଭାଷାକୋଷଟିର ପୁନର୍ମୁଦ୍ରଣ କଲେ।

**ମହେନ୍ଦ୍ର ମିଶ୍ର:** ସେହି ଦୁଇଟିରୁ ଖଣ୍ଡିଏ କପି ଆମେ ଆମ ଗାଆଁର ପାଠାଗାରକୁ ଦାନ କରିଦେଇଥିଲୁ। ପରେ ସେଠାରେ ବହିଟି ଜର୍ଜର ହୋଇପଡ଼ିଥିବା ଦେଖି ତାହାର ପୁନର୍ମୁଦ୍ରଣ କରିବାର ଯୋଜନା ମୋ ମନକୁ ଆସିଲା।

**ସାହିତ୍ୟ ଚର୍ଚ୍ଚା:** ପୁସ୍ତକ ପ୍ରକାଶନ ଶିଳ୍ପର ତୁଙ୍ଗ ଶିଖରକୁ ଯାଇ ପ୍ରବଳ ସଫଳତା ଅର୍ଜନ କରିବା ପରେ ଏବେ ଲାଗୁଛି, ଯେମିତି ସବୁ ଧିମେଇ ଯାଇଛି ଅବା ସରିଯାଇଛି। ଆପଣ ପ୍ରକାଶନରୁ ଓହରି ଆସିଛନ୍ତି ଏବଂ ନିଜର ଚାରି ମହଲା ବିଶିଷ୍ଟ ଏହି ବିରାଟ ଅଟ୍ଟାଳିକାରେ ଏକାକୀ ଜୀବନ ଅତିବାହିତ କରୁଛନ୍ତି। ଶୁଣିଛୁ, ଆପଣଙ୍କ ଜୀବନର ଦୁଇଟି ଟ୍ରାଜେଡି ବିଷୟରେ।

**ମହେନ୍ଦ୍ର ମିଶ୍ର:** ମୋର ସାନ ପୁଅ ଜୟନ୍ତ କ୍ୟାନ୍ସରରେ ପୀଡ଼ିତ ହୋଇ ଆରପାରିକୁ ଚାଲିଯିବା ଏବଂ ଦ୍ୱିତୀୟ ପୁତ୍ର ସୁମନ୍ତ କିଛିବର୍ଷ ତଳେ ହଠାତ୍ ନିରୁଦ୍ଦିଷ୍ଟ ହୋଇଯିବା ପରେ ମୋର ମନ ଭାଙ୍ଗିଯାଇଛି। ସହଧର୍ମିଣୀ ମଧ୍ୟ ସେପାରିକୁ ଗଲେଣି। (କାନ୍ଥରେ ଲାଗିଥିବା ସୁମନ୍ତଙ୍କ ଫଟୋକୁ ଦେଖାଇ) ଇଏ ହୁଏତ ସମ୍ଭାଳି ପାରିଥାନ୍ତା ସଂସ୍ଥାଟିକୁ।

**ସାହିତ୍ୟ ଚର୍ଚ୍ଚା:** ସେ ତ କବି ଭାବର ମଣିଷ। ତାଙ୍କର କବିତା ବହି ମଧ୍ୟ ପ୍ରକାଶିତ ହୋଇଛି। ତାଙ୍କର ଏମିତି ଅନ୍ତର୍ଦ୍ଧାନ ହୋଇଯିବା ବହୁତ ବେଦନାଦାୟକ। ଏହି ଅବସାଦ କଣ ଆପଣ ଏବେ ପ୍ରକାଶନରୁ ଓହରିଯାଇଥିବାର ଏକ କାରଣ !

**ଆମେ ନିରାଶ ହେବାନି। ଯାହା ହେଲେ ବି ବହିକୁ କିଏ ରିପ୍ଲେସ୍ କରିପାରିବେନି।**

**ମହେନ୍ଦ୍ର ମିଶ୍ର:** ହଁ। ଗୋଟିଏ କନ୍ନଡ଼ ବହିର ଅନୁବାଦ ପ୍ରକାଶ କରିବାର ଯୋଜନାରେ ଅବଶ୍ୟ ଏବେ ଅଛି।

**ସାହିତ୍ୟ ଚର୍ଚ୍ଚା:** ଶେଷରେ ଟିକିଏ ଜାଣିବାକୁ ଚାହିଁବୁ ଯେ ଓଡ଼ିଆ ସାହିତ୍ୟ ପ୍ରକାଶନ-ଶିଳ୍ପର ଭବିଷ୍ୟତକୁ ଆପଣ କିଭଳି ଦେଖନ୍ତି ?

**ମହେନ୍ଦ୍ର ମିଶ୍ର:** ଆମେ ନିରାଶ ହେବାନି। ଯାହା ହେଲେ ବି ବହିକୁ କିଏ ରିପ୍ଲେସ୍ କରିପାରିବେନି। ବହି ଓ ବହିର ପ୍ରକାଶକ ଉଭୟେ ତିଷ୍ଠି ରହିବେ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହା ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□




*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

ଗଳ୍ପ

# ଘରଚଟିଆ



ପ୍ରଫୁଲ୍ଲ ବାରିକ

ରାତି ପାହି ବି ପାହି ନାହିଁ। କାଳିଅନ୍ଧାର ନିଭିନି ମାଟିରୁ। ଫର୍ଚ୍ଚା ହେଇନି ପରିବେଶ। କାଁ ଭାଁ ପକ୍ଷୀଙ୍କର ପାହାନ୍ତି କାକଳୀ। ଦିବାଲ ପଛପଟ ଝାଡ଼ିବୁଦା ମୂଳେ ଜାକିଜୁକି ହେଇ ବସିଛି ଘରଚଟିଆ। ଅନେଇଛି ଜୁଲୁଜୁଲୁ କରି। ରାତିଗୋଟା ଆଖିରେ ପିଞ୍ଛା ପଡିନି।

ଝାଡ଼ିରୁ ମୁକୁଳି ଝାଡ଼ିଝୁଡି ହେଇ ବସିଲା ଘରଚଟିଆ। ଫର୍ଚ୍ଚା ହେବାପରେ ସମ୍ପୂର୍ଣ୍ଣ ସ୍ୱାଭାବିକ ଦିଶୁଥିଲା ପୃଥ୍ୱୀ। ଯିମିତି କିଛି ଘଟିନି। ନିତ୍ୟ ନିୟମିତ କର୍ମଧାରା ଅଥଚ, କ'ଣ ନ ଘଟିଛି ଗତ ରାତିରେ? କୁଆଡ଼େ କିଛି ନ ଥିଲା, ରାତି ଅଧକୁ ଆସିଲା ଯେ ପ୍ରଳୟ, ପବନ ସହ ବର୍ଷା, ମୁହୂର୍ତ୍ତ କରେ ତଛନଛ ଧରା। ଦିବାଲ ପାଖ ନଡ଼ିଆଗଛ ବାହୁଙ୍ଗାରେ ସ୍ଥାୟୀ ଡେରା ତା'ର। ଦିନତମାମ କଟେ ବାହାରେ। ରାତିରେ ବିଶ୍ରାମ ସେଇଠି। ଆକାଶର ଜହ୍ନକୁ କରେ ଉପଭୋଗ। ରାତି ଅନ୍ଧାର, ବର୍ଷା କାକରକୁ ସହିନିଏ ପିଠି ପତେଇ। ବିଧିର ବିଧାନ ଆଗରେ ଧୂଳିସମ ଜୀବଟିର ପ୍ରତିବାଦର ପ୍ରଶ୍ନ ଉଠେନା। ଗତ କେଇବର୍ଷ ଧରି ଏଇ ନଡ଼ିଆଗଛ ଡେରା ତା'ର। ତା' ଆଗରୁ, ଯେତେବେଳେ ଥିଲା ଚାଳଘର, ଭିତରେ ଛଣ ସନ୍ଧିରେ ଛୋଟ ବସାଟିଏ କରି ରହୁଥିଲା। ତଳେ ପରିବାର ମଣିଷ। ଉପରେ ସିଏ। ଜୁଲୁ ଜୁଲୁ ଅନେଇଥିବ ନିଡ଼ରରେ ବସି ମଣିଷଙ୍କ ଜୀବନଚର୍ଯ୍ୟାକୁ।



ମାଟିଘର ଭଙ୍ଗାଯାଇ ହେଲା କୋଠା। ଡେରା ଉଠିଲା ତା'ର ସବୁଦିନ ପାଇଁ। ଏବେ ଯାଏ କୁଆଡ଼େ। କେଇଦିନ ଦିବାଲ ପାଖ ଅମୃତଭଣ୍ଡା ଗଛରେ ବସି ଅପେକ୍ଷା କଲା ପରବର୍ତ୍ତୀ ଦୃଶ୍ୟକୁ। ତା'ରି ଆଖି ଆଗରେ ଆରମ୍ଭ ହେଲା କୋଠା। ଅନଉ ଅନଉ ପ୍ରାସାଦ ପରି ଅଟ୍ଟାଳିକା ଠିଆ ହେଇ ଶେଷ ହେଲା ପ୍ରତିଷ୍ଠା ପର୍ବ। ରହଣ ସହନ ଆରମ୍ଭ ହେଲା ନୂଆଘରେ। ଘରଚଟିଆ ପଳେ ସାହସ ପାଇ ପ୍ରବେଶକଲା ନୂଆ ଘରକୁ। ଏଡ଼େବଡ଼ ଘରଟାରେ ଜାଗା ଦୁଇଇଞ୍ଚ ଦରାଣ୍ଡିଲା ନିଜପାଇଁ। ନିରାଶ ହେବା ଆଗରୁ ଆଖି ପଡିଲା ସ୍କାଇଲାଇଟରେ। ଉଚିତ ଜାଗା ତା' ପାଇଁ। ଜାଗା ଦୌରା ପରେ ଆରମ୍ଭ କରିଦେଲା କାଠିକୁଟା ବୁହା। ଅନଉ ଅନଉ ହେଇଗଲା ବସାଟିଏ। ସଂସାରମନସ୍କ ହେଇ ସମ୍ପର୍କ ଯୋଡ଼ିଲା। ଏବଂ ସମୟକ୍ରମେ ଅଣ୍ଡା ଦେଲା ନୂଆ ବସାରେ। ଉପଯୁକ୍ତ ସମୟରେ ଅଣ୍ଡା ଫୁଟି ପଦାକୁ ଆସିଲେ ନାଲି ନାଲି କୁନିକୁନି ଛୁଆ ଦିଓଟି।

ମାଆପକ୍ଷୀ ଦିନ ତମାମ ବ୍ୟସ୍ତରହେ ଶାବକଙ୍କ ପାଇଁ ଆଧାର ଅନ୍ୱେଷଣରେ। ପିଲା ବଢ଼ି ପେଲାଠେଲା ଲାଗିଲେ ଆପଣା ଆପଣା ଭିତରେ ଶକ୍ତିପଳେ ପାଉପାଉ। ତାଙ୍କ ଦୁଷ୍ଟାମିରେ ବସାରୁ ଛିଟିକି କାଠିକୁଟା କେଇଖଣ୍ଡ ଗଳିପଡ଼େ। ତଳେ ପଡ଼ି ଅଳିଆ କରେ। ମାଲିକାଣୀଙ୍କ ସ୍ୱଭାବରେ ଏଣିକି ଆସିଲା ବିରକ୍ତିଭାବ। ପାଟି କରିବା ସହ ବାରବାର ଝାଡୁଧରି ଅଳିଆ ସଫା କରନ୍ତି। ବେଶି ନାହିଁ, ଦିନ କେଇଟାର ଦୃଶ୍ୟ। ଘଟିଲା ଇମିତି ଘଟଣା, ଯାହାକୁ କେବେ ବି ଆଶା କରି ନ ଥିଲା। ବଡ଼ ନଗିଟିଏ ଧରି ଆସି ସ୍କାଇଲାଇଟକୁ କେଞ୍ଚି ବସାକୁ ଭୂପତିତ କଲେ ମାଲିକାଣୀ। ବସା ସହ ଗଳିପଡିଲେ କୁନିକୁନି ଶାବକ ଦୁଇଟି ତଳକୁ।

ମାଆପକ୍ଷୀ ଭୟ କାତରରେ ଉଡୁଥାଏ ଏପଟ ସେପଟ। ତା' ବିକଳତା କିଛି ପ୍ରଭାବ ପକାଉ ନ ଥାଏ ମାଲିକାଣୀଙ୍କ ଉପରେ। ବରଂ ମାଆ ପକ୍ଷୀ ପ୍ରତି ମୁହଁରେ ତାଙ୍କର ଅଶ୍ରାବ୍ୟ ଭର୍ତ୍ସନା। ମାଆ ଦେଖୁଥାଏ କୁନିକୁନି ଛୁଆ ଦୁଇଟି ମାଟି ଅଣ୍ଡାଳି ଚଟାଣରେ ଘୁଷୁରୁଥିବାର। ଝାଡୁରେ ଗୋଟେଇ ବସାସହ ଫିଙ୍ଗିଦେଲେ ନେଇ ମାଲିକାଣୀ। ଏକ ଗଡ଼ଜିଣା ଠାଣିରେ ତାଙ୍କର ବିଜୟ ଯାତ୍ରା ସେତେବେଳେ ଦେଖିବାର କଥା। ମାଆ ଚଢେଇ ଆଖି ଆଗରେ ପ୍ରବଳ ଖରାରେ ଛଟପଟଉଥାଆନ୍ତି ଛୁଆ ଦି'ଟି। କରିବାର କିଛି ଇ ଚାରା ନ ଥାଏ ମାଆର। ଖାଲି ଏଠୁ ସେଠିକି ଖଣ୍ଡିଉଡ଼ା ଦେଇ ଧପାଳିବା ଛଡ଼ା। ମୁହୂର୍ତ୍ତ ଅନ୍ତେ ଛୁଆ ଦୁଇଟି ସ୍ଥିର ହେଇଗଲେ। ପଡ଼ି ରହିଲେ ନିର୍ଜୀବ ପ୍ରାୟ। ମାଆ ଦୃଢ଼ ନିଶ୍ଚିତ ହେଲା ପିଲା ତା'ର ଶେଷ ନିଃଶ୍ୱାସ ତ୍ୟାଗ କଲେ। ଦୁନିଆ ଦେଖିବା ଆଗରୁ ବିଦାୟ ନେଇଗଲେ ସବୁଦିନ ପାଇଁ ମାଟିରୁ। ଆପଣା ଜନ୍ମ କଲା ମାଆ ଆଖି ଆଗର ଦୃଶ୍ୟ। ଧୈର୍ଯ୍ୟ ଧରିବେ ମଣିଷ? ପକ୍ଷୀ ବୋଲି ସିନା...।

**ଶିଶୁ, ଶିଶୁ। ନିଷ୍ପାପ ସିଏ। ମଣିଷର ହଉ, କି ଯେ'କେହି ପ୍ରାଣୀର। ସେମାନେ ଜାଣନ୍ତି କ'ଣ?**

ସେଇଠୁ ବସି ଢେରଦିନ ଯାଏ କାନ୍ଦିଛି ମାଆ ଚଢ଼େଇଟି। କ'ଣ ପାପ କରିଥିଲା ସିଏ? କୋଉ ଅପରାଧର ସଜା ଇଏ? ଶିଶୁ, ଶିଶୁ। ନିଷ୍ପାପ ସିଏ। ମଣିଷର ହଉ, କି ଯେ'କେହି ପ୍ରାଣୀର। ସେମାନେ ଜାଣନ୍ତି କ'ଣ? ନିଜର ହେଇଥିଲେ କ'ଣ ଇମିତି କରିଥା'ନ୍ତେ? ବାଳ ଚପଳାମିର ସଜା କୋଉଠି ମୃତ୍ୟୁ ହେଲାଣି ? ହେ ଭଗବାନ, କାଇଁକି ସୃଷ୍ଟିକର ଆମକୁ ଯେ..? ଘରଚଟିଆ ନିଃଶ୍ୱାସରେ ବହୁଥିଲା ଉହକ ବତାସ। ହୁତୁ ହୁତୁ ଜଳୁଥିଲା ହୃଦୟ।

ସେବେଠୁ ଆଉ ସେ ସ୍କାଇଲାଇଟ୍‌କୁ ଯାଇନି। ଘରକୁ ମୁହଁମୋଡ଼ି ବସି ଆସିଛି ଦିବାଲ ପାଖ ଏଇ ନଡ଼ିଆଗଛରେ। ଖରା ବର୍ଷା ଶୀତ କାକର ସବୁ ସହିଛି ଏଇ ନଡ଼ିଆ ବାହୁଙ୍ଗାରେ ବସି। ଆଉ ସମ୍ପର୍କିତ ହେଇନି, କି ସଂସାରର ସ୍ୱପ୍ନ ଦେଖିନି। ଏକା ଏକା ନିଃସଙ୍ଗ ଜୀବନ ଜିଇ ଆସିଚି ଆଜି ଯାକେ।

ଢେରଦିନ ଯାକେ ଭୁଲିପାରିନି ମନର ବେଦନାକୁ। ଆଖିରେ ଭାସିଛି ଅହରହ ପିଲାଙ୍କର ମରଣ ଦୃଶ୍ୟ। କି ବୀଭତ୍ସ ଭୟଙ୍କର! କେଡେ ନୃଶଂସ ସ୍ୱାର୍ଥପର ହେଇ ପାରନ୍ତି ମଣିଷମାନେ! ଯେତିକି ଦୁଃଖ ଆପଣାର ଦୁର୍ଗତିରେ, ଅଭିଯୋଗ ଢେର ଅଧିକ ତା'ଠୁ ସ୍ୱାର୍ଥାନ୍ୱେଷୀ ମଣିଷ ଉପରେ। କାଇଁ କୋଉଦିନୁ ରହିଆସିଛି ମଣିଷ ସହ ଚାଳଘରେ। ଜୀବଟିଏ ହେଇ ପରିବାରର ସୁଖଦୁଃଖରେ ସଶରୀରେ ନ ହେଲେ ବି ସାମିଲ ହେଇଚି ମାନସିକତାରେ। କ'ଣ କ'ଣ ନ ଘଟେ ଘରେ? ପରିବାର ଭିତରେ? ଉପରେ ଚାଳରୁ ଥାଇ ସବୁ ଦେଖେ ସିଏ। ସୁଖରେ ହସେ, ତ ଦୁଃଖରେ କରେ ନୀରବ ପ୍ରାର୍ଥନା। ଚାଳଘର ଯାଇ ହେଲା କୋଠା। ସ୍କାଇଲାଇଟ ଢେରାଟି ପାଇ କେତେଖୁସି ହେଇଚି, ତା'ର ଇୟତା ନାଇଁ। ଚାଳଘରେ ତ ପୁଣି ପିଲା ପାଳୁଥିଲା। କାଠିକୁଟା ପଡୁ ନ ଥିଲା କି? ଦିନେ ତ ରାଗିବାର ଦେଖିନି। କୁଆଡ଼େ ଗଲା ସେ ମାନସିକତା? କେତେ ଆତ୍ମକୈନ୍ଦ୍ରିକ, ସ୍ୱାର୍ଥାନ୍ଧ ହେଇଗଲା ମଣିଷ? କୋଠାଘରେ କାଠି ଦି'ଖଣ୍ଡ ଦେଖି ଇମିତି କାଣ୍ଡ କଲା, ଭାସିଗଲା ତା' ସଂସାର। ଆଖି ବୁଜିଦେଲା ଅନ୍ୟର ଜୀବନକୁ। ହେ ଈଶ୍ୱର, ପକ୍ଷୀ ହେଲେ ବି ଆମେ କ'ଣ ଜୀବ ନୋହୁଁ? ଆମ ପିଣ୍ଡରେ ପ୍ରାଣ ଅଛି, ନା ନାଇଁ? ଅଛି, ନା ନାଇଁ ମନରେ ସୁଖଦୁଃଖର ଭାବନା? ହଅ, ପକ୍ଷୀ ଜୀବନ କୋଉ ଜୀବନରେ ଗଣା – ସ୍ୱଗତୋକ୍ତି ପୂର୍ବକ ଚଳୁ କରିନେଲା ସକଳ ଦୁଃଖକୁ। ରହିଛି ଯେ ରହିଛି ସେବେଠୁ ମନରେ ଦୁଃଖ, ଅଭିଯୋଗ ଓ ଅଭିମାନର ପରସ୍ତ ପରସ୍ତ ଫର୍ଦ୍ଦଧରି।

କାଲିଥିଲା କାଳରାତ୍ରି। ଘୂର୍ଣ୍ଣିଝଡ଼ରୁ ରକ୍ଷା ପାଇବା ପାଇଁ ଯେବେ ନଡ଼ିଆ ବାହୁଙ୍ଗା ତଳେ ଜାକି ଜୁକି ହେଇ ବସି ରହିଥାଏ, ପବନ ଝୁଙ୍କରେ ମଡ଼ମଡ଼ ହେଇ ଶୁଭିଲା ବିରାଟ ଶବ୍ଦଟିଏ। ଲାଗିଲା ଯିମିତି ଧରଣୀ ଫାଟିଗଲା। ନଡ଼ିଆ ଗଛ କଡ଼ମଡ଼ ହେଇ ମଝିରୁ ଭାଙ୍ଗି, ପଡ଼ିଲା ଯାଇ କୋଠା ଉପରେ ଢୋ' କରି ପବନ ତୋଡ଼ରେ। ପ୍ରାଣ ବଞ୍ଚେଇବାକୁ କିଟିକିଟା ଅନ୍ଧାରରେ ଉଡୁଉଡୁ ଠେଲି ହେଇ ଆସି ପଡ଼ିଛି ଏଇଠି। ରାତି ପାଇବାକୁ ଢେର ସମୟ ଥାଏ, ଥମିଗଲା ଝଡ଼। ହେଲେ ଅନ୍ଧାରରେ ଯିବ କୁଆଡ଼େ? ଏଇ ବୁଦାମୂଳେ ବିତେଇଲା ଗୋଟାରାତି।

ଏବେ ଯାଇ ଦେଖିବ ଈଶ୍ୱରଙ୍କର ତା' ପ୍ରତି ଚତୁର୍ଥ

ଉପହାରକୁ। ପ୍ରଥମଟି ଥିଲା ଚାଳଘରୁ ବିତାଡ଼ିତ ହେବାର। ଦ୍ୱିତୀୟ ସ୍କାଇଲାଇଟ୍‌ରୁ। ତୃତୀୟ ଆଉ ଶେଷଡ଼େରା ଥିଲା ନଡ଼ିଆଗଛ। ଗତ ରାତିର ଅବସ୍ଥା ଯାହା, ଏବେ ଖୋଜିବାକୁ ହବ ଚତୁର୍ଥ ଡ଼େରା ଅବଶିଷ୍ଟ ଜୀବନ ପଳେ ପାଇଁ।

ଘରଚଟିଆ ଆସୁଆସୁ ଦୂରରୁ ଦେଖିଲା ଅଗଣା ବାହାରେ ଲୋକାରଣ୍ୟ ଏବଂ ଶୁଣିଲା ହୃଦୟ ବିଦାରକ କାନ୍ଦଣାର ଶବ୍ଦ। ମାଲିକାଣୀ ଗଡୁଛନ୍ତି ଭୂଇଁରେ ମଥାପିଟି। ସମସ୍ତଙ୍କ ଆଖିରେ ଲୁହ। ଦୁଃଖର କଳାବାଦଲରେ ଆଚ୍ଛାଦିତ ସମ୍ପୂର୍ଣ୍ଣ ପରିବେଶ। ଘରଚଟିଆ ଅନେଇଲା ନଡ଼ିଆ ଗଛକୁ। ଅଧାରୁ ଭାଙ୍ଗି ପଡିଛି ଛାତ ଉପରେ। ଗଛ ପଡିଥିବା ଅଂଶଟି ଭାଙ୍ଗି ଗଳିପଡିଛି ଭିତରକୁ। ଖାଲି ବାହୁଙ୍ଗାଗୁଡ଼ିକ ଦିଶୁଚି ବାହାରକୁ। ସମ୍ପୂର୍ଣ୍ଣ କୋଠା ଅକ୍ଷତ ଥିବାବେଳେ ନିର୍ଦ୍ଦିଷ୍ଟ ସେଇ ଘରଟି ବିଧ୍ୱସ୍ତ ହେଇ ଚୂରମାର।



ଘରଚଟିଆ ଟିକେ ନିକଟେଇ ଅନେଇଲା ଭିଡ଼ ଭିତରକୁ। ପିଲା ଦି'ଜଣ ଶୋଇଛନ୍ତି ମାଟିରେ। ଶୋଇଛନ୍ତି କି ପଡ଼ିଛନ୍ତି ଚିତ୍‌ପଟାଙ୍ଗ ହେଇ, ବୁଝା ପଡୁନି। ଆଗ୍ରହପୂର୍ବକ ଅନେଇଲା ଗଭୀର ଦୃଷ୍ଟିରେ। ଚମକି ପଡ଼ିଲା। ଲାଗିଲା ଛାତି ଭିତର କଳିଜା ଯିମିତି ଗଳିପଡି ଖଣ୍ଡବିଖଣ୍ଡ ହେଇ। ମାଲିକଙ୍କ ଦୁଇପୁଅ। ପାଟିଦେଇ ରକ୍ତ ବାହାରି ଶୁଖିଯାଇଛି ଗାଲରେ। ଏବେ ସେଠି ପିମ୍ପୁଡ଼ି ଧାର। ଦି' ଦି'ଟା ଶିଶୁଙ୍କ ମୃତଦେହ ପାଖରେ ମାଆସହ ଜ୍ଞାତିକୁଟୁମ୍ବ। ସମସ୍ତେ କ୍ରନ୍ଦନରତ। ବୁଝିବାକୁ ଆଉ ବାକି ରହିଲାନି। ଦେଖିବାକୁ ସେ ଦୃଶ୍ୟ ନା ଥିଲା ତା'ର ଧୈର୍ଯ୍ୟ, ନା ସାହସ। ଏତେ ଟିକେ ଜୀବ। ଏଡ଼େବଡ଼ ଦୁଃଖ ସହିବାକୁ କଳିଜା ଥିଲେ ତ। ସେଇଠୁ ଉଡିଆସି ବସିଲା ପତ୍ରଶୂନ୍ୟ ସେଇ ଥୁଣ୍ଟା ଅମୃତଭଣ୍ଡା ଗଛରେ। ଦୃଶ୍ୟଠୁ ଦୂରେଇ ରହିଲେବି କାନରେ ପ୍ରତିଧ୍ୱନିତ ମାଲିକାଣୀଙ୍କ ହୃଦୟଥରା କାନ୍ଦଣା। ଇମିତି ଶବ୍ଦ ଯେ ଭେଦିଯାଉଛି ଭୂମିରୁ ଭୂମା।

ଘରଚଟିଆ ଆଉ ରହିପାରିଲାନି। ପଳେଇଲା ପରିବେଶରୁ ମୁକ୍ତହେଇ କାହିଁ କେତେଦୂର। ଯୋଉଘରେ, ଯୋଉ ମାଟିରେ ବିତେଇ ଆସିଛି ଜୀବନ ଗୋଟା, ତାକୁ ପଛକରି ଏବେ ସିଏ ଅନିର୍ଦ୍ଦିଷ୍ଟ ପଥରେ। ମନରେ ପର୍ବତ ସମାନ ଅଭିଯୋଗ ଈଶ୍ୱରଙ୍କ ଉପରେ। ଆପଣା ସନ୍ତାନଙ୍କୁ ହରେଇ ଯେତେ ସିଏ ନ ବର୍ଷିଚି, ଏବେ ବାଲୁତ ପିଲା ଦି'ଟାଙ୍କ ମୃତ୍ୟୁର କାରଣ ସମ୍ପୂର୍ଣ୍ଣ ଅଜାଡ଼ି ଗର୍ଜୁଛି ଈଶ୍ୱରଙ୍କ ଉପରେ। ତାଙ୍କ ଅବିଚାର, ଅନୀତି ଉପରେ। ଦଣ୍ଡର ଥାଏ ଗୋଟେ ସୀମା। ସବୁ ସୀମାକୁ ଡେଇଁ ଯାଇଛନ୍ତି ପ୍ରଭୁ। ଦଣ୍ଡ ଦେବାକୁ ଆଉ କ'ଣ ନ ଥିଲା ରାସ୍ତା? ମାଆ ହେଇ ମୁଁ ସିନା ବୁଝୁଚି ମାଆର ଦୁଃଖ, ତୁମେ କୋଉଠୁ ବୁଝିବ ପ୍ରଭୁ। ତମେ ସ୍ରଷ୍ଟା ହେଇପାର, ମାଆର ବେଦନା ବୁଝିବାକୁ ହୃଦୟ ନାହିଁ ତମର।

ପ୍ରକୃତିବିମୁଖ ପକ୍ଷୀଟିଏ ଉଡ଼ିଯାଉଥିଲା ଆପଣାର ସକଳ ଦୁଃଖ ଅସନ୍ତୋଷ ଅଭିମାନ ଅଭିଯୋଗକୁ ଫର୍ଦ୍ଦଫର୍ଦ୍ଦ ଧରି ମହାଶୂନ୍ୟରେ। କୁଆଡ଼େ ଗତି, କୋଉଠି ସ୍ଥିତି, କିଛି ନ ଥାଏ ମାନସିକତାରେ। ଥାଏ କେବଳ ଗୋଟିଏ ଦୃଶ୍ୟ, ଗୋଟିଏ ଶବ୍ଦ। ନିରୀହ ଶିଶୁ ଦୁହିଁଙ୍କ ଶବ ପାଖରେ ମାଆଟିର ବୁକୁଫଟା କାନ୍ଦଣା। ଆଖିକାନ ବନ୍ଦକଲେ ବି ଦୃଶ୍ୟ ଏବଂ ଶବ୍ଦ ଅଧିକରୁ ଅଧିକ ସ୍ପଷ୍ଟ ହେଇ ଚାଲିଛି ବେଳୁବେଳ। ଘରଚଟିଆ ଆତ୍ମମନସ୍କ ହେବାକୁ ଚେଷ୍ଟା କରୁଥିବା ବେଳେ ଶବ୍ଦଟିଏ ପ୍ରତିଧ୍ୱନିତ ହେବାରେ ସେ ଅନୁଭବ କଲା ଆପଣା ଭିତରୁ। କାନେଇଲା ମନନ ପୂର୍ବକ -

କର୍ମ କରିଣ ଫଳ ପାଇ
ପ୍ରାଣୀ ତା' ଅବଶ୍ୟ ଭୁଞ୍ଜଇ।

ଆପ୍ତବାକ୍ୟର ଅର୍ଥ ବୁଝୁବୁଝୁ ଘରଚଟିଆ ମିଳେଇ ଯାଉଥିଲା ଛାଇଟିଏ ହେଇ ମହା ଶୂନ୍ୟରେ।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com




ପ୍ରବନ୍ଧ

# ଓଡ଼ିଆ ଲୋକନାଟକରେ ଶ୍ରୀଜଗନ୍ନାଥ

**ଡ. ପ୍ରତୀଚୀ ନନ୍ଦ**

**ଲୋ**କ ନାଟକ କହିଲେ ଏତିକି ମାତ୍ର କୁହାଯାଇପାରେ ଯେ- ଯେଉଁ ନାଟ୍ୟାଭିନୟ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ପରିକଳ୍ପିତ ଏବଂ ଏକାନ୍ତ ଭାବରେ ଲୋକମାନଙ୍କର ହୋଇ ରହିଥାଏ, ତାହାକୁ ହିଁ ଲୋକନାଟକ କୁହାଯାଏ । ପେଟ ପାଟଣା ପାଇଁ ଅନ୍ଧାର ରାତିରୁ ଉଠି ସଞ୍ଜ ନଇଁବା ପର୍ଯ୍ୟନ୍ତ ମୁଣ୍ଡର ଝାଳ ତୁଣ୍ଡରେ ମାରି ଖଟୁଥିବା ସାଧାରଣ ଗ୍ରାମୀଣ ସରଳ ମଣିଷଟେ ଶାରୀରିକ ଶ୍ରମ ସହ ନାନବିଧ ଯାବତୀୟ ସମସ୍ୟା ଭିତରେ ଯୁଝି ହେଉଥାଏ। ଜୀବନର ଏହି ଚାପ ଭିତରେ ସାମୟିକ ବିନୋଦନ, ଶ୍ରମ ଅପନୋଦନ ଓ ଲଘୁ ମନୋରଞ୍ଜନ ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଝରିଆସୁଥିବା ଗୀତ ନାଚ ବାଦ୍ୟ ଅଭିନୟ ଏବଂ ସଂଳାପର ସମ୍ମିଶ୍ରଣରୁ ଜନ୍ମଲାଭ କରିଛି ଲୋକ ନାଟକ। ଏହା କୌଣସି ନିର୍ଦ୍ଦିଷ୍ଟ ନାଟ୍ୟକାରଙ୍କ ଦ୍ୱାରା ରଚିତ ହୋଇ ନ ଥାଏ। କୌଣସି ଅଜ୍ଞାତ ଲୋକ ପ୍ରତିଭା ନିକଟରୁ ସୃଷ୍ଟି ହୋଇ ତାହା କ୍ରମଶଃ ଲୋକମାନଙ୍କ ମୁଖରେ ବଞ୍ଚିରହେ। ଏଥିରେ ଅସଚେତନ ଭାବରେ ଗ୍ରାମୀଣ ଦର୍ଶକଙ୍କ ରୁଚି, ଜୀବନ ଶୈଳୀ, ପରିବେଶ, ବାତାବରଣ, ଚଳଣି, ପରମ୍ପରା ତଥା ସ୍ୱଅନୁଭୂତିର ମଧ୍ୟ ସରଳ ସାବଲୀଳ ଭାବରେ ପରିପ୍ରକାଶ ଘଟିଥାଏ।



ଲୋକ ନାଟକରେ ଗୋଟିଏ ବଳିଷ୍ଠ ସାହିତ୍ୟିକ ପରମ୍ପରା ବିଦ୍ୟମାନ ଥିବାର ଆମେ ଦେଖିବାକୁ ପାଉ। ଏଥିରେ ଇଚ୍ଛାକୃତ ବୌଦ୍ଧିକତାର ସଚେତନ ପ୍ରୟୋଗ ହୋଇ ନ ଥିଲେ ମଧ୍ୟ ଏହାର ମୂଲ୍ୟବୋଧ ଅନସ୍ୱୀକାର୍ଯ୍ୟ। ଲୋକ ଜୀବନ ଓ ଲୋକ ବିଶ୍ୱାସ ଉପରେ ଗଭୀର ଆସ୍ଥା ଲୋକ ନାଟକକୁ ଅଧିକ ଲୋକାଭିମୁଖୀ କରାଇଥାଏ। ଏଥିରେ କଳାକାର, କର୍ମୀ, ନାଟ୍ୟପ୍ରଣେତା, ନିର୍ଦ୍ଦେଶକ, ଆଖଡ଼ା ଗୁରୁ, ଗାୟକ, ବାଦକ ଆଦି ସମସ୍ତେ ଏକତ୍ରିତ ହୋଇ ଲୋକ ନାଟକ ପରିବେଷଣ କରିଥାନ୍ତି । ତେଣୁ ଏହାକୁ ଏକ ସମନ୍ୱିତ କଳା ବୋଲି ମଧ୍ୟ କୁହାଯାଏ। ଫଳତଃ ପରସ୍ପର ମଧ୍ୟରେ ସହଯୋଗିତା, ସମଧର୍ମୀତା ବୃଦ୍ଧି ପାଏ। ଏ ସମସ୍ତ ମଧ୍ୟରେ ଲୋକ ଶିକ୍ଷାର ଏକ ସୂକ୍ଷ୍ମ ଧାରା ନୀଳ ନଦୀ ପରି ଅନ୍ତରୀଣରେ ପ୍ରବାହିତ ହେଉଥାଏ।

## ଲୋକନାଟକରେ ଶ୍ରୀଜଗନ୍ନାଥ

ଲୋକନାଟକର ଆଲୋଚନା କାଳରେ ଲୋକ ଦେବତାଙ୍କ ପ୍ରସଙ୍ଗ କେମିତି ବା ପରିହାର କରିହେବ! ଲୋକ ଜୀବନରେ ଲୋକସାହିତ୍ୟ ପରି ଲୋକ ପ୍ରାଣରେ ଶ୍ରୀଜଗନ୍ନାଥଙ୍କର ସ୍ଥାନ ଓ ମହିମା ଖୁବ୍ ଗଭୀର ଓ ବ୍ୟାପକ। ଲୋକ ଦେବତା, ଦାରୁ ଦେବତା, ବଡ଼ ଠାକୁର, ଜଗାବୋଇ ଏମିତି ଅନେକ ନାମରେ, ଅନେକ ରୂପରେ ସେ ଲୋକ ହୃଦୟରେ ବିରାଜିତ। ତେଣୁ ଲୋକ ନାଟକରେ ମଧ୍ୟ ସର୍ବଧର୍ମର ଠାକୁର ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରବେଶ କରିବା ସ୍ୱାଭାବିକ ବ୍ୟାପାର। ଲୋକ ନାଟକର ଅନେକ ବିଭାଗ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମହିମା, ତତ୍ତ୍ୱ କେନ୍ଦ୍ରକରି ତଥା ଜଗନ୍ନାଥୀୟ ସଂସ୍କୃତି, ପରମ୍ପରା, ନୀତିକାନ୍ତି ସହ ସମ୍ପର୍କିତ ଲୋକ ନାଟକଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା।

## ସାହିଯାତ୍ରା-ଲୀଳା

ପୁରୀର ଜେଗାଘର, ଆଖଡ଼ା ଓ ସାହିଗୁଡ଼ିକ ଦ୍ୱାରା ଜୀଉଙ୍କର ବିଭିନ୍ନ ପର୍ବପର୍ବାଣିକୁ ଲୋକମୁଖର କରିବା ପାଇଁ ଲୋକକଳାର ପ୍ରଦର୍ଶନ କରାଯାଇଥାଏ, ତାହା ସାହିଯାତ ଭାବରେ ପରିଚିତ।

ଲୀଳାବତାର ଶ୍ରୀକୃଷ୍ଣ, ଶ୍ରୀରାମ ଏବଂ ଜଗତର ନାଥ ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ ହୋଇ ଥିବାରୁ ନିର୍ଦ୍ଦିଷ୍ଟ କେତେକ

ତିଥିରେ ଅନୁଷ୍ଠିତ ପର୍ବପର୍ବାଣିରେ ସେମାନଙ୍କ ଲୀଳା କୀର୍ତ୍ତି ନାଟ୍ୟ ଗୀତ ଅଭିନୟ ପ୍ରସ୍ତାବ ସୁଆଙ୍ଗ ଆଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥାଏ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ କୃଷ୍ଣ ଜନ୍ମ ଲୀଳା, ନବମୀ ତିଥିରେ ବିଜୁଳିକନ୍ୟାହତ୍ୟା ଓ ନନ୍ଦୋତ୍ସବ ଲୀଳା, ଦଶମୀ ତିଥିରେ କୋଳିକିକା ଲୀଳା, ବାଲିସାହି ଦ୍ୱାରା ବକାସୁର ବଧ ଲୀଳା, ହରଚଣ୍ଡୀ ସାହି ଦ୍ୱାରା ଅଘାସୁର ବଧ ଲୀଳା, ଏକାଦଶୀ ତିଥିରେ ମାର୍କଣ୍ଡ ପୋଖରୀରେ କାଳୀୟଦଳନ ଲୀଳା କୁଣ୍ଢେଇବେଣ୍ଟସାହି ଦ୍ୱାରା ଧେନୁକାସୁର ବଧ ଲୀଳା, ଦ୍ୱାଦଶୀରେ ଦୋଳମଣ୍ଡପ ସାହି ଦ୍ୱାରା ପ୍ରଲମ୍ବାସୁର ବଧ ଲୀଳା, ତ୍ରୟୋଦଶୀରେ ଗଉଡ଼ବାଡ଼ ସାହି ଦ୍ୱାରା କୃଷ୍ଣଲୀଳା, ଅମାବାସ୍ୟାରେ କାଳିକା ଦେବୀ ସାହି ଦ୍ୱାରା ବସ୍ତ୍ର ହରଣ ଲୀଳା, କୃଷ୍ଣ ପ୍ରତିପଦରେ ମାଟିମଣ୍ଡପ ସାହି ଦ୍ୱାରା ଦାବାଗ୍ନି ଲୀଳା ଅନୁଷ୍ଠିତ ହୋଇଥାଏ। ସେହିପରି ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବାସେଲୀ ସାହି ଦ୍ୱାରା ମନ୍ଦର ଗଜ ଲୀଳା, ତୃତୀୟାରେ ମଦନମୋହନ ନାଟ୍ୟମଣ୍ଡପ ଦ୍ୱାରା ଅନ୍ଧଲୀଳା, ପଞ୍ଚମୀ ତିଥିରେ ଗଉଡ଼ବାଡ଼ ସାହି ଦ୍ୱାରା ଦାହଲୀଳା, ଷଷ୍ଠୀରେ ମାର୍କଣ୍ଡେୟ ସାହିଦ୍ୱାରା ବିମ୍ବାସୁର ବଧ ଲୀଳା, ସପ୍ତମୀରେ କାଳିକାଦେବୀ ସାହିଦ୍ୱାରା କେଶୀବଧ ଲୀଳା, ଦଶମୀ ତିଥିରେ ଦିନବେଳା କୁବଳୟା ବଧ, କଂସବଧ ଲୀଳା ହୋଇଥାଏ । ସେହିଦିନ ସନ୍ଧ୍ୟା ବେଳକୁ ଅସୁର ଲୀଳା, ରଜକ ଲୀଳା, ଧନୁଘର ଲୀଳା, ମଲ୍ଲଯୁଦ୍ଧ ଲୀଳା, ଶ୍ରୀନବର ସମ୍ମୁଖରେ କୁବୁଜା ଲୀଳା, ମଥୁରାହାଟ ଲୀଳା, କୁଣ୍ଢେଇବେଣ୍ଟ ସାହି ଦ୍ୱାରା ଲବଣିଖିଆ ଲୀଳା ପ୍ରଦର୍ଶିତ ହୁଏ । ଚୈତ୍ର ଶୁକ୍ଳପକ୍ଷ ଦଶମୀରେ ଋଷ୍ୟଶୃଙ୍ଗ ଯାତ୍ରା, ଯଜ୍ଞରକ୍ଷା ଉତ୍ସବ, ଏକାଦଶୀରେ ସୀତାବିବାହ, ଖରଦୂଷଣ ବଚନିକା ହରଚଣ୍ଡୀ ସାହି ଦ୍ୱାରା ପାଳିତ ହୋଇଥାଏ। ଦ୍ୱାଦଶୀରେ ମାର୍କଣ୍ଡେୟ ସାହି ଦ୍ୱାରା ବନବାସ ଲୀଳା, କୁଣ୍ଢେଇବେଣ୍ଟ ସାହି ଦ୍ୱାରା ଚତୁର୍ଦ୍ଦଶୀରେ ମାୟାମୃଗ ପ୍ରସ୍ତାବ, ଚୈତ୍ର ଶୁକ୍ଳ ପୂର୍ଣ୍ଣିମାରେ ଦୋଳମଣ୍ଡପ ସାହି ଦ୍ୱାରା ଲଙ୍କାପୋଡ଼ି ଓ ହନୁମାନ ରାବଣ ବଚନିକା ଅଭିନୀତ ହୁଏ। ବାଲିସାହି ଦ୍ୱାରା ବୈଶାଖ କୃଷ୍ଣ ପ୍ରତିପଦରେ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ଏବଂ ଦ୍ୱିତୀୟାରେ ବାଲିସାହି ଦ୍ୱାରା ଅଙ୍ଗଦ ରାବଣ ବଚନିକା ଓ ରାବଣବଧ ଲୀଳା ଆୟୋଜନ କରାଯାଏ। ଏଥିରେ କୃଷ୍ଣ, ରାମ, ଜଗନ୍ନାଥ କୈନ୍ଦ୍ରିକ ପୌରାଣିକ ଆଖ୍ୟାନଗୁଡ଼ିକ ଠାକୁରଙ୍କ ମହିମା ପ୍ରକ୍ଷାପନପୂର୍ବକ ଗୀତାଭିନୟ ମାଧ୍ୟମରେ ପରିବେଷଣ ହୁଏ। ଢୋଲ, ଚାଙ୍ଗୁ, ଝାଞ୍ଜ, ତେଲିଙ୍ଗିବାଜା, ପଖଉଜ, ଗିନି, ତୂରୀ, ମହୁରି, ବଂଶୀ ଆଦି ବାଦ୍ୟ ଭାବରେ ବ୍ୟବହୃତ ହୁଏ।

**ପୁରୀରେ ଅକ୍ଷୟ ତୃତୀୟାଠାରୁ ଅଠଚାଳିଶ ଦିନ ଧରି ପ୍ରତ୍ୟହ ଗୋଟିଏ ଗୋଟିଏ କରି ଅଠଚାଳିଶ ଗୋଟି ଲୀଳା ଅଭିନୀତ ହୋଇଥାଏ**

### ମଧୁମଙ୍ଗଳ ଲୀଳା

ପୁରୀରେ ଅକ୍ଷୟ ତୃତୀୟାଠାରୁ ଅଠଚାଳିଶ ଦିନ ଧରି ପ୍ରତ୍ୟହ ଗୋଟିଏ ଗୋଟିଏ କରି ଅଠଚାଳିଶ ଗୋଟି ଲୀଳା ଅଭିନୀତ ହୋଇଥାଏ । ଏଥିରେ କୃଷ୍ଣ ସମ୍ପର୍କିତ କାହାଣୀ, ଗୋପମଥୁରା ଲୀଳା, ଅସୁର ବଧ ଆଖ୍ୟାନମାନ ଅଭିନୀତ ହୁଏ। ପ୍ରଥମେ ଗାୟକ ନାନ୍ଦୀପାଠ କରିଥାଏ। ଶୁକ-ପରୀକ୍ଷିତ ସମ୍ବାଦ କ୍ରମରେ ଲୀଳା ଆରମ୍ଭ ହୋଇ କ୍ରମଶଃ ଗତି କରେ। ମୃଦଙ୍ଗ, ଢୋଲକି, ପଖଉଜ, ନାଗରା, ତୂରୀ, ମହୁରି, ଝାଞ୍ଜ, ଗିନି, ବଂଶୀ, ବେହେଲା, ହାରମୋନିୟମ୍ ପ୍ରଭୃତି ବାଦ୍ୟ ଏଥିରେ ବଜାଯାଇଥାଏ।

### ମାହାରୀ ନାଚ

ନୃତ୍ୟଧର୍ମୀ ଲୋକ ନାଟକ ମଧ୍ୟରେ ଗୋଟିପୁଅ ଓ ମାହାରୀ ନାଚ ଅନ୍ୟତମ। ଶ୍ରୀଜଗନ୍ନାଥ ମନ୍ଦିରରେ ବହୁକାଳରୁ ମାହାରୀ ବା ଦେବଦାସୀ ନୃତ୍ୟ ସେବା ଦୈନନ୍ଦିନ ନୀତି ରୂପେ ଅବଧି ପ୍ରଚଳିତ। ଶିଳାଲେଖରୁ ଜଣାଯାଏ ସୋମବଂଶୀୟ ରାଜା ଉଦ୍ୟତ କେଶରୀଙ୍କ ମାତା କଳାବତୀ ଗୋଟିଏ ଶିବ ମନ୍ଦିର ନିର୍ମାଣ କରି ବହୁ ନୃତ୍ୟ ବିଳାସିନୀଙ୍କୁ ନିଯୁକ୍ତ କରିଥିଲେ। ଗଙ୍ଗ ବଂଶର ରାଜୁତି କାଳରେ ମାହାରୀ ନୃତ୍ୟ ବା ଦେବଦାସୀ ନୃତ୍ୟର ପ୍ରଚଳନ ଶ୍ରୀମନ୍ଦିରରେ ହୋଇଥିଲା। କିବଦନ୍ତୀ ଅନୁଯାୟୀ କବି ଜୟଦେବଙ୍କ ପତ୍ନୀ ପଦ୍ମାବତୀ ଗୀତଗୋବିନ୍ଦ ଗାନର ତାଳେ ତାଳେ ଶ୍ରୀମନ୍ଦିରରେ ନୃତ୍ୟ କରୁଥିଲେ। ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ପତ୍ନୀ କାଞ୍ଚି ରାଜଜେମା ରୁପାମ୍ବିକା ମଧ୍ୟ ଜଣେ କୁଶଳୀ ଦେବନର୍ତ୍ତକୀ ଥିଲେ। ଷୋଡ଼ଶ ଶତକରେ ରାୟ ରାମାନନ୍ଦ ପଟ୍ଟନାୟକ ଦେବଦାସୀ ନୃତ୍ୟରେ ପ୍ରଥମେ ଅଭିନୟ ପ୍ରବେଶ କରାଇଥିଲେ। ତାଙ୍କ ରଚିତ 'ଜଗନ୍ନାଥ ବଲ୍ଲଭ' ନାଟକ ପଦ୍ୟ ଆକାରରେ ଶ୍ରୀମନ୍ଦିରରେ ଅଭିନୀତ ହୋଇଛି।

ଏଥିରେ ନୃତ୍ୟର ଯଥାଯଥ ଶିଳ୍ପବିଧି ରକ୍ଷା କରାଯାଇଥାଏ। ଦେବନର୍ତ୍ତକୀ ନୃତ୍ୟ ପରିବେଷଣ କରିବା ସମୟରେ ଭାବ, ଲୟ, ତାଳ, ମୁଦ୍ରାର ମାର୍ଜିତ ସଞ୍ଚାଳନ ଦେଖିବାକୁ ମିଳେ। ଗୀତ, ବାଦ୍ୟ ଓ ନୃତ୍ୟରେ ଶାସ୍ତ୍ରୀୟତା ହେତୁ ପରବର୍ତ୍ତୀ ସମୟରେ ତାହା ପରିବର୍ଦ୍ଧିତ ଓ ପରିମାର୍ଜିତ ହୋଇ ଓଡ଼ିଶୀ ନୃତ୍ୟ ରୂପରେ ସରକାରଙ୍କଠାରୁ ଶାସ୍ତ୍ରୀୟ ମାନ୍ୟତା ଲାଭ କରିପାରିଛି। ଏଥିରେ ଘୁଙ୍ଗୁର, ମୃଦଙ୍ଗ, ଗିନି, କଂସାଳ ଆଦି ବାଦ୍ୟର ବ୍ୟବହାର କରାଯାଇଥାଏ । ପରବର୍ତ୍ତୀ ସମୟରେ ରାଜାମାନେ ସେମାନଙ୍କ ଦରବାରରେ ଏହି ନୃତ୍ୟର ବ୍ୟବସ୍ଥା କରାଇବା ପାଇଁ ନୃତ୍ୟ କୁଶଳୀ ଯୁବତୀମାନଙ୍କୁ ନିଯୁକ୍ତ କଲେ। କେତେକ କ୍ଷେତ୍ରରେ କିଶୋରମାନଙ୍କୁ ନାରୀ ବେଶରେ ସଜାଇ ନୃତ୍ୟ ପରିବେଷଣ କରାଗଲା। ସେହି ନାରୀ ବେଶଧାରୀ ନୃତ୍ୟଶିଳ୍ପୀମାନଙ୍କୁ ଗୋଟିପୁଅ ତଥା ସେମାନଙ୍କ ନୃତ୍ୟକୁ ଗୋଟିପୁଅ ନୃତ୍ୟ କୁହାଗଲା। ଚାପ ଓ ଝୁଲଣ ଇତ୍ୟାଦି ଯାତରେ ଲୋକ ବିନୋଦନ ପାଇଁ ଗୋଟିପୁଅମାନେ ଏହି ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏଥିରେ ବିଭୁ ବନ୍ଦନା ଶୃଙ୍ଗାର ରସାଶ୍ରିତ ସଙ୍ଗୀତ ଗାନ କରାଯାଏ।



**ନାଗା ନୃତ୍ୟ**

ପୁରୀ ଜିଲ୍ଲାର ହରିପୁର, ରୂପଦେଇପୁର, ବାଳକାଟୀ ଗ୍ରାମରେ ବୈଶାଖ ପୂର୍ଣ୍ଣିମା ଦିନ, ନୃସିଂହ ଜନ୍ମ ଦିନରେ ନୂଆ ଶାସନ ଗ୍ରାମରେ ନାଗା ନୃତ୍ୟ ଅନୁଷ୍ଠିତ ହୋଇଥାଏ। ଯେଉଁ ବର୍ଷ କାର୍ତ୍ତିକ ପଞ୍ଚକ ଛଅ ଦିନଧରି ହୁଏ, ସେହି ବର୍ଷ ଜଗନ୍ନାଥ ଓ ବଳଭଦ୍ର ନାଗାର୍ଜୁନ ବେଶ ଧାରଣ କରନ୍ତି। ଏହି ସମୟରେ ନାଗା ନୃତ୍ୟ ହୋଇଥାଏ। ସାହି ଯାତ୍ରା ଲୀଳା, ଦୋଳ, ଭାଗବତ ବେଳେ ମଧ୍ୟ ନାଗା ନୃତ୍ୟ ପରିବେଷଣ କରାଯାଏ। ଏହା ଏକ ବୀରରସ ଭିତ୍ତିକ ନୃତ୍ୟ। ଦୀର୍ଘକାୟ, ବପୁବାନ ତଥା କଷ୍ଟସହିଷ୍ଣୁ ଲୋକ ନାଗା ନର୍ତ୍ତକ ଭାବରେ ମୁହଁରେ ମୁଖା ଲଗାଇ ପ୍ରାଚୀନ ଯୋଦ୍ଧା ବା ପାଇକର ପୋଷାକ ପରିଧାନ କରି ମୁଣ୍ଡରେ ପଗଡ଼ି ବାନ୍ଧିଥାନ୍ତି। ନର୍ତ୍ତକର ମୁଖରେ ଭୟଙ୍କର ନିଶ ଓ ବୀର ଠାଣି ସହିତ ଭୟଙ୍କର ଆବାଜ ବାହାର କରି ବାଦ୍ୟର ତାଳେତାଳେ ନୃତ୍ୟ କରିଥାନ୍ତି। ନୃସିଂହ ଅବତାର ସହିତ ନୃତ୍ୟର ସାମଞ୍ଜସ୍ୟ ଅପର ପକ୍ଷେ ମୁଣ୍ଡରେ ବାନ୍ଧିଥିବା ପଗଡ଼ି ନାଗସାପ ପରି ଦେଖାଯାଉଥିବାରୁ ଏହା ନାଗା ନୃତ୍ୟ ନାମରେ ନାମିତ। ନାଗା ନୃତ୍ୟର ପୂର୍ବଦିନ ଦକ୍ଷିଣ କାଳୀ ପୂଜା ପାଆନ୍ତି। ସେଠାରେ ନାଗାଙ୍କର ହତିଆର ପୂଜା ହୁଏ । ସେମାନେ ନୃସିଂହ ଦେବଙ୍କୁ ଦର୍ଶନ କରି ମନ୍ଦିରରୁ ନୂଆ ଶାଢ଼ି, ପ୍ରସାଦ ଓ ଆଜ୍ଞାମାଳ ପ୍ରାପ୍ତ ହୁଅନ୍ତି ଓ ପରଦିନ ନୃତ୍ୟ ପରିବେଷଣ କରନ୍ତି। ଏହା କେତେକାଂଶରେ ରଣପା ନୃତ୍ୟ ସହିତ ସମାନତା ରକ୍ଷା କରେ।

**ଲଳିତା ପାଳା**

ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇଥିବା ଲଳିତା ପାଳା ବା ଲଳିତା ଯାତ୍ରା ଓଡ଼ିଆ ଲୋକ ନାଟକର ଅନ୍ୟତମ ବିଭବ। ଏଥିରେ କିଂବଦନ୍ତୀ ପ୍ରଚଳିତ ନୀଳମାଧବ ସମ୍ପର୍କିତ କାହାଣୀ ଅଭିନୀତ ହୋଇଥାଏ। ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନରେ ନୀଳମାଧବଙ୍କୁ ଦେଖି ତାଙ୍କର ଅନ୍ୱେଷଣ କରିବା ନିମନ୍ତେ ବ୍ରାହ୍ମଣ ବିଦ୍ୟାପତିଙ୍କୁ ପ୍ରେରଣ କରିଥିଲେ। ପଶ୍ଚିମ ଦିଗରେ ଜାରାଶବର ପୁତ୍ର ବିଶ୍ୱାବସୁଙ୍କ ଅନୁପସ୍ଥିତିରେ ତାଙ୍କର ପାଳିତ କନ୍ୟା ଲଳିତାଙ୍କ ସହିତ ସମ୍ପର୍କ ସ୍ଥାପନ କରି ନୀଳମାଧବଙ୍କ ଗୋପନ ଆସ୍ଥାନ ଠାବ କରିବାକୁ ଚାହିଁଥିଲେ। ବିଶ୍ୱସ୍ତ ହେବା ପାଇଁ ଲଳିତାକୁ ବିବାହ କରିବା, ଅନ୍ଧପୁଟୁଳି ବାନ୍ଧି ନୀଳମାଧବଙ୍କ ପାଖକୁ ନେବା ବେଳେ ବିଦ୍ୟାପତି କୌଶଳରେ ମାଘୀ ରାଶି ବୁଣିବା ଏବଂ ପ୍ରତ୍ୟାବର୍ତ୍ତନ କରି ରାଜାଙ୍କୁ ଦେବତାଙ୍କ ଠିକଣା ବତାଇବା ଆଦି ଘଟଣା କ୍ରମରେ କାହାଣୀ ଅଗ୍ରଗତି କରେ। ଶେଷରେ ରାଜାଙ୍କ ସହ ଯୁଦ୍ଧରେ ଶବର ଓ ଶବର କନ୍ୟା ପରାସ୍ତ ହୋଇ ବନ୍ଦୀ ହେବା, ନୀଳମାଧବ ଅନ୍ତର୍ଦ୍ଧାନ ହେବା, ଶୂନ୍ୟବାଣୀ ହେତୁ ଛଅ ମାସ

ଗର୍ଭବତୀ ଲଳିତାକୁ ବିଦ୍ୟାପତି ସ୍ତ୍ରୀ ଭାବରେ ଗ୍ରହଣ କରିବା ପରେ କାହାଣୀ ପରିଣତି ଲାଭ କରେ। କାଠ ମୂର୍ତ୍ତିରୁ ଜଗନ୍ନାଥ ଦିଅଁ ଗଢ଼ା ହେବା ପ୍ରସଙ୍ଗ ମଧ୍ୟ ଏଥିରେ ଦେଖିବାକୁ ମିଳେ। ଚତୁର୍ଦ୍ଧା ବିଗ୍ରହ ଗଢ଼ା ହେବା ପଛରେ ଥିବା ପୌରାଣିକ ତଥା ଲୋକବିଶ୍ୱାସକୁ ଏଥିରେ ଚିତ୍ରିତ କରାଯାଇଛି।

ଲଳିତା ପାଲାର ମୂଳ କଥାବସ୍ତୁ ସ୍କନ୍ଦ ପୁରାଣରୁ ଗୃହୀତ। ଏଥିରେ ସର୍ବମୋଟ ତେର ଜଣ ଚରିତ୍ର ଅଭିନୟ କରିଥାନ୍ତି। ନଅ ଗୋଟି ମାନବ ଚରିତ୍ର, ଗୋଟିଏ ଦେବତା ଚରିତ୍ର, ଜଣେ ବିବେକ ଚରିତ୍ର, ପରୀକ୍ଷିତ, ଶୁକ ଆଦି ଚରିତ୍ର ରହିଥାନ୍ତି । ଶୁକ ମୁନି ଏବଂ ପରୀକ୍ଷିତଙ୍କ କଥୋପକଥନରୁ କାହାଣୀ ଆରମ୍ଭ ହୁଏ। ସଙ୍ଗୀତ, ସଂଳାପ ଏବଂ ଅଭିନୟ ମଧ୍ୟ ଦେଇ ପରିଣତି ଆଡ଼କୁ ଅଗ୍ରସର ହୁଏ।

### ହେରାପଞ୍ଚମୀ

ସ୍କନ୍ଦ ପୁରାଣର ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟରୁ ହେରାପଞ୍ଚମୀ ପ୍ରସଙ୍ଗ ଉଦ୍ଧୃତ। ଶ୍ରୀଗୁଣ୍ଡିଚା ଦିନ ଲକ୍ଷ୍ମୀଙ୍କୁ ଏକା କରି ବଡ଼ ଭାଇ, ଭଉଣୀଙ୍କ ସହିତ ମାଉସୀ ମା'ଙ୍କ ଘରକୁ ମହାପ୍ରଭୁ ବିଜେ କରନ୍ତି। ସେହି ରାଗରେ ଏବଂ ଶ୍ରୀପ୍ରଭୁଙ୍କଠୁ ବିଚ୍ଛେଦ ହୋଇ ବିରହ ଯନ୍ତ୍ରଣା ଜର୍ଜରିତ ମା' ଲକ୍ଷ୍ମୀ ବିମଳାଙ୍କ ନିକଟରେ ମନୋଭାବ ପ୍ରକାଶ କରନ୍ତି। ମା' ବିମଳାଙ୍କ ନିକଟରୁ ଆଜ୍ଞା ପାଇ ତାଙ୍କ ନିକଟରୁ ବିମୋହିତ ଚୂର୍ଣ୍ଣ ନେଇ ଶ୍ରୀଜଗନ୍ନାଥଙ୍କୁ ଦେଖା କରିବାକୁ ଘଣ୍ଟ, ହୁଳହୁଳି ଆଦି ବାଦ୍ୟ ବଜାଇ ଯାଆନ୍ତି। ମାତ୍ର ସ୍ୱଳ୍ପ ସମୟର ସାକ୍ଷାତ୍ ପରେ ତାଙ୍କୁ ଫେରି ଆସିବାକୁ ହୁଏ। ତେଣୁ ସେ ରୁଷ୍ଟ ହୋଇ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଆଣନ୍ତି ଏବଂ ସେହି ଅପରାଧ ବୋଧରେ ଫେରିବା ବେଳେ ମା' ଲକ୍ଷ୍ମୀ ହେରାଗୋହିରୀ ସାହି ବାଟେ ନୀରବରେ ଫେରି ଆସନ୍ତି। ଶ୍ରୀ ଲକ୍ଷ୍ମୀ ଦେବୀଙ୍କୁ ମହାଜନ ସେବକ ରଥରେ ବସାଇ ତାଙ୍କର ପ୍ରତିନିଧି ଭାବରେ ଗୁଣ୍ଡିଚା ଅଗଣା ପର୍ଯ୍ୟନ୍ତ ଯାତ୍ରା କରିଥାନ୍ତି। ସେହିପରି ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଭାବରେ ପତି ମହାପାତ୍ର ସେବକ ଲକ୍ଷ୍ମୀଙ୍କ ବନ୍ଦାପନା କରିଥାନ୍ତି। ଶ୍ରୀଗୁଣ୍ଡିଚାର ଚତୁର୍ଥ ଦିନ ହେରାପଞ୍ଚମୀ ନାମରେ ଏହାକୁ ପାଳନ କରାଯାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନ ଅଭିମାନ ଦେଖିବାକୁ ମିଳେ।

**ଓଡ଼ିଆ ଲୋକ ନାଟକ ପରମ୍ପରାରେ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନେକ ଅବଦାନ ରହିଛି।**

### ଲକ୍ଷ୍ମୀ ନାରାୟଣ ବଚନିକା

ସାରଳା ଦାସଙ୍କ 'ଲକ୍ଷ୍ମୀ ନାରାୟଣ ବଚନିକା' ଏବଂ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'କୁ ଡ. ବଂଶୀଧର ମହାନ୍ତି ଓ ଡ. ମାୟାଧର ମାନସିଂହ 'ସୁଆଙ୍ଗ'ର ଆଦିରୂପ ଭାବରେ ଆଲୋଚନା କରିଛନ୍ତି। ଲକ୍ଷ୍ମୀ ନାରାୟଣ ବଚନିକାରେ କଥୋପକଥନ ଆଳରେ କାହାଣୀ କୁହାଯାଇଛି।

ବାହୁଡ଼ା ଯାତ୍ରାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଆଠ ଦିନ ପରେ ନିଜ ଭାଇ ବଳଦେବ ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ଯେତେବେଳେ ମାଉସୀ ମା' ଘରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ସେତେବେଳେ ଲକ୍ଷ୍ମୀ ସାଆନ୍ତାଣୀ ଅଭିମାନ କରି କବାଟ ଖୋଲନ୍ତି ନାହିଁ। ତେଣୁ ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ଶ୍ରୀମହାପ୍ରଭୁଙ୍କ ପ୍ରତିନିଧି ଭାବରେ ଦଇତାପତି ଏବଂ ଲକ୍ଷ୍ମୀଙ୍କ ପ୍ରତିନିଧି ଭାବରେ ଦେବଦାସୀ ବଚନିକାର ଅଭିନୟ କରିଥାନ୍ତି। ଲକ୍ଷ୍ମୀ ପୁରାଣରେ ଲକ୍ଷ୍ମୀ ଠାକୁରାଣୀଙ୍କର ମହିମା ବର୍ଣ୍ଣନା ସହିତ ସ୍ଥାନେ ସ୍ଥାନେ ଜଗନ୍ନାଥ ମହାପ୍ରଭୁ ଓ ଲକ୍ଷ୍ମୀ ସାଆନ୍ତାଣୀଙ୍କ ବାକ୍ୟାଳାପ ପଦ୍ୟ ଆକାରରେ ପ୍ରକାଶ ପାଇଛି। ଏହାକୁ ନେଇ ଅନେକ ସ୍ଥାନରେ ଗୀତାଭିନୟ ଦେଖିବାକୁ ମିଳେ। ମାର୍ଗଶିର ମାସ ଗୁରୁବାର ଦିନ ପ୍ରତି ଓଡ଼ିଆଙ୍କ ଘରେ ଲକ୍ଷ୍ମୀ ପୁରାଣ ପଠନ- ଶ୍ରବଣର ପରମ୍ପରା ରହିଛି। ଏଥିରେ ଲକ୍ଷ୍ମୀ ଛଡ଼ା ହୋଇ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର କେମିତି ହଟହଟା ହୋଇଛନ୍ତି ତା'ର ଚିତ୍ର ସହିତ ତତ୍କାଳୀନ ସମାଜର ଚିତ୍ର, ଦାମ୍ପତ୍ୟ ଜୀବନର ଛବି, ଜାତି ପ୍ରଥା ଉଚ୍ଛେଦ ଏବଂ ନାରୀ ସ୍ୱାଧୀନତା- ସ୍ୱାଧିକାରର କଥା ଦେଖିବାକୁ ମିଳେ।

ଜଗତର ନାଥ ଜଗନ୍ନାଥ ଗଣର ଦେବତା, ଲୋକର ଦେବତା। ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳିତ ହୁଏ। ସେଥିରେ ଅନେକ ପ୍ରକାରର ଲୋକନୃତ୍ୟ, ଲୋକନାଟକ, ଲୋକବିଶ୍ୱାସ ପ୍ରାଣ ପାଉଥିବାର ଦେଖିବାକୁ ମିଳେ। ଓଡ଼ିଆ ଲୋକନାଟକ ପରମ୍ପରାରେ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନେକ ଅବଦାନ ରହିଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
pratichinanda@gmail.com



ଧାରାବାହିକ ବ୍ୟଙ୍ଗ

# ରଥ ପୁରୋହିତ

**ଡ. ଅଜୟ କୁମାର ମିଶ୍ର**

କିଏ କେତେ ପାଠ ପଢ଼ି କ'ଣ କ'ଣ ତାଡ଼ି ତୁଡ଼ି ଉଖାଡ଼ି ପକେଇଲା, ସେଇଟା ଲୋକେ ଦେଖି ମପାଚୁପା କରନ୍ତି । ସେତେବେଳକୁ, ଶାଠ ଧରିଥିବା ଲୋକେ ଆଉ କଥାଏ ବିଚାରନ୍ତି । ଠେକୁଆକୁ ଟପି କଇଁଚ ଦୌଡ଼ରେ ଜିତାପଟ ହାତେଇବା ଭଳିଆ ପାଠୁଆକୁ ଶାଠୁଆ ଜିତିପାରେ। ଠାକୁର ଜେଜେଙ୍କଠୁଁ ଏ କଥାକୁ ଶୁଣିବା ପରେ ଘଣ୍ଟୁ - ସମାନେ ଏକଥା ମନେରଖି କାମରେ ଲଗେଇଦେଲେ। ପାଠରେ ସିନା ବହୁ ଠେଲାପେଲା ଭିତରେ ମାତୃକୁଳ ନାଶନ ବା ମାଟ୍ରିକ୍ୟୁଲେସନ୍ ହିଡ଼ ପାଞ୍ଚ ସାତଥରେ ଟପିଗଲେ, ମାତ୍ର ଶାଠଟା ତ ଘଣ୍ଟୁର ରକ୍ତରେ ବହୁ ଆଗରୁ ଫେଣ୍ଟି ହେଇଯାଇଥିଲା। ବଡ଼ପଢୁଆମାନେ ଚାକିରି ପଛରେ ଗୋଡ଼େଇ ଗୋଡ଼େଇ ଜୋତା ଚପଲମାନ ଛିଣ୍ଡେଇଲେ, ତଳିପା ଚମଡ଼ା ବି ରୁଆ ରୁଆ ହେଲା। ଘଣ୍ଟୁ ତ ତରକାକାଉ, ତେଣୁ ଏସବୁ ଭିତରେ ନ ପଶି, ସରସ୍ୱତୀ ଦିଦିଙ୍କ ସପର୍ଟ ନ ପାଇଲେ ନାହିଁ, ଲକ୍ଷ୍ମୀନାନୀ କେମିତି ତା' ପଛରେ ଧାଇଁବେ, ସେଇ କାମରେ ଦୋରସ୍ତ ହେଇଗଲା।




ଓଡ଼ିଶାରେ ନାନା ପରବରେ, ନାନା ଭିଆଣ। ଘଣ୍ଟୁ ସବୁ ପରବ ପର୍ବାଣିକୁ ସାଧ ମତେ ଇଞ୍ଚେ ଇଞ୍ଚେ ମାପ କରି, ନିଜ କଦରରେ କେତେ କାଇଦାମାନ ଘଟାଇ, କେବଳ ଫାଇଦାରେ ରହିଲା। ଆଗକୁ ମାହାପ୍ରଭୁଙ୍କ ରଥଯାତ୍ରା, ସାରା ଖଣ୍ଡମଣ୍ଡଳ କାହିଁକି ଟୋଟାଲ୍ ଧରାମଣ୍ଡଳରେ ଚହଳ। ରଥର ଚେର ପୁରୀ ଛାଡ଼ି, ଦେଶତମାମ ବ୍ୟାପିଛି, ଦେଶ ଛାଡ଼ି, ଏ ଚେର ସାରା ପୃଥ୍ୱୀରେ ମଧ୍ୟ ନାନା ପ୍ରକାରେ ମାଡ଼ିମାଡ଼ି ଟାଙ୍କ ହେଲା, ପିଲ ବି ଦେଲା । ମନରେ ଥାଉ କି ନ ଥାଉ, ଲୋକଦେଖାଣିଆ ଭାବେ ସଭିଏଁ ଭଗତ ଭଗତା। ପାଟିରେ ଜୟ ଜଗନ୍ନାଥ ପଶୁ କି ନ ପଶୁ 'ଜୟ ଜନ୍ନାର୍ଥ', 'ଜୟ ଜଗର୍ନାଥ', 'ଜୟ ଜର୍ନାଥ'- ଏମିତି ହୋଅହାଆ ଘୋଅଘାଆ କରନ୍ତି। ଯାକୁ ଦେଖି ସେ, ତାକୁ ଦେଖି ଆଉ କିଏ ମାତିବା ଭଳିଆ, କେତେ କେତେ ଥାନରେ ଜଗନ୍ନାଥ ମନ୍ଦିର। ସେ ଚାଳିଆ ଘର ହେଲେ ବି ମନ୍ଦିର ବୋଲାଏ। ଯେଉଁଠି ରାଜା ସେଠି ରାଜଧାନୀ, ଯେଉଁଠି ଜନ୍ନାଥ, ସେ ଥାନ ମନ୍ଦିର।

ରଥଯାତ୍ରା ଆଗକୁ ଆଉଚି, ନାନା ହଇଚଇ, କେତେ କେତେ ଥାନରେ ଏସନ ନୂଆ କରି ରଥଯାତ୍ରା ଶ୍ରୀଗଣେଶ ହବ, ସେଇ ସେଇ ଥାନମାନଙ୍କୁ ଖବରକାଗଜ ଦରଣ୍ଡା ଦରଣ୍ଡି କରି ଠାବକଲା ଘଣ୍ଟୁ। ଥାନପତି, ରଙ୍କା, ଡାହୁକା, ବହକା ସହ କଟୁଆଳମାନଙ୍କ ଠା' ଠିକଣା, କାନଫୁଙ୍କା ନମ୍ବରମାନ ଟିପା କରେଇ ଖାସ ଖତିୟାନ୍‌ଟାଏ ବନେଇଲା। ସେମାନଙ୍କ ସହ ପହିଲେ କାନଫୁଙ୍କାରେ "ଜୟ ଶ୍ରୀଜଗନ୍ନାଥ ହରି ହରି" କହି ଶବ୍ଦ ଯୋଡୁ ଯୋଡୁ ଭାବ ଯୋଡ଼ିଲା। କିଛି ସମସ୍ୟା ଥିଲେ, ତା' ସାହାଯ୍ୟ ନେବା ପାଇଁ ଅଦିନିଆ ବର୍ଷା ଅସରା ଭଳିଆ ସାହାଯ୍ୟ ଅସରା ମାନ ଢାଳି ଦେଇଗଲା। ଭଗତି ପୋଖରୀରେ ଭାବ ପୋଲୁହ ଚାପି ଚାପି, ନଗଦ ଠନ ଠନ୍ ମଦନ ଗୋପାଳଙ୍କୁ କେଇଜାଗା ସନ୍ଧାନ କରିନେଲା।

### ନୂଆ ଅବତାର

ଏସନ ରଥଯାତ୍ରା ପାଇଁ ନୂଆ ଅବତାର ନେଲା ଘଣ୍ଟୁ । ମୁହଁଯାକ ରୁଢ଼, ଦାଢ଼ି ବଢ଼ିଛି, ମୁଣ୍ଡବାଳରେ ଚୁଟି ବଢ଼େଇ କତାଛେଉଣ୍ଡିଆ ଶିଖା ରଖିଲା। କେହି କେହି ଘଣ୍ଟୁର ଏମନ୍ତ ପ୍ରକାର ଭେକ ଦେଖି ପ୍ରଶ୍ନୁଆ ଆଖିରେ ଅନେଇବା ବେଳକୁ, ଘଣ୍ଟୁ ଉତ୍ତର ରଖେ "ଭାଇ! ଏ ସଂସାର ମିଛ, ମାୟାର କୁହୁଡି ଘେରିଛି। ସବୁ ସେଇ କଳାସାଆନ୍ତଙ୍କ ଲୀଳା। ତାଙ୍କ ଯାତ୍ରା ସତ, ତାଙ୍କ ରଥ ସତ, ତାଙ୍କ ଡୋଳା ସତ - ଆଉ ସବୁ

ମିଛ।" ଘଣ୍ଟୁର ଏମନ୍ତ ବଚନକୁ, ତାକୁ ଜାଣିଥିବା ଲୋକେ ଲଙ୍କାରେ ହରି ଶବଦ ଭଳି ଭାବିଲେ।

ନୂଆ ଡାଆଣିଆ ଭଗତ ଭଗତା ଘୋଅରେ ମାତିଲେ ସିନା, ରଥଯାତ୍ରାରେ ଏମିତି କେତେ ଜଂଜାଳିଆ ଝଟକା ଆସେ, ସେମାନଙ୍କର ଧାରଣା ଟ୍ରାକ୍ ବାହାରେ। ଜଂଜାଳ ଆରମ୍ଭ ବେଳକୁ କେହି ନବୀନିଆଁ ଅନୁଷ୍ଠାନିଆଁ ଘଣ୍ଟୁଙ୍କୁ ସୁମରଣା କଲେ। ମାର୍ଜାରବଇଷିମା ଠାଣିରେ ଘଣ୍ଟେ ସେମାନଙ୍କୁ ଅତି ନୁଆଣିଆଁ ବଚନରେ ବଶ କରେଇ ସେମାନଙ୍କ ଜଂଜାଳର କଂଚିକାଠିଟାକୁ କଉଶଳରେ ଠାବ କରିନେଲେ। କେତେଟା ଥାନରେ ମନ୍ଦିର ନାମରେ ନୂଆ ପାଳପକା ଚାଳିଆରେ ଠାକୁର ଅଛନ୍ତି, ରଥଗଡ଼ା ଚାଲିଛି, ଗୋଟାଏ ରଥରେ ଜଗନ୍ନାଥ ସପରିବାରେ ବିଜେ ହେବେ। ମାତ୍ର ରଥ ବିଧି-ବିଧାନ କେମନ୍ତେ ହେବ, ଛାମୁଆଁମାନେ ବାଟ ପାଉନାହାନ୍ତି। ପୂଜକମାନଙ୍କ ଅଭାବ ସେଠି। ସେ ଅଭାବ ଦୂର କରିବାକୁ ଘଣ୍ଟୁ ରଙ୍କା ପଣ୍ଡିତ ଓ ବାଙ୍କା ପଣ୍ଡିତଙ୍କୁ ପଠାଇ କାମ ସୁରୁଖୁରୁରେ କରାଇନେବେ ବୋଲି ଜଣାଇ, ସେମାନଙ୍କ ମଥାରୁ ଚିନ୍ତା ବୋଝାଟାକୁ ଧଡ଼ାସ୍‌କିନା ଟେସନ୍ କୁଲି ଭଳିଆ ଓହ୍ଲେଇ ପକେଇଲା।

ଦେଶୀ ରଥଯାତ୍ରାରେ ପାଇଁ ସିନା ଥାନୀୟ ଯୋଗାଡ଼ରେ କାମ ଚଳେଇହବ, ବିଦେଶୀ ରଥଯାତ୍ରା ପାଇଁ ବଡ଼ କସରତ କରିବାକୁ ହେବ। ନବନୁଷ୍ଠାନଗୁଡ଼ିକର ମୁଖିଆମାନଙ୍କ ସହ ଭୋଟରଙ୍କ ସହ ନେତାଙ୍କ ଯୋଗାଯୋଗଠାରୁ ଆଉ ଫାଜଲ୍ ଯୋଗାଯୋଗ ହେଲା। କାନମୁଣ୍ଡାରୁ କାନଫୁଙ୍କା ଛାଡ଼ ନାହିଁ। ତେଣୁ ଆଇଲା, ଅରଡ଼ ପରେ ଅରଡ଼, ଏଣୁ ଘଣ୍ଟୁ ନିଜ ମଗଜରୁ ଦହିହାଣ୍ଡିରୁ ଉପାୟ ଲହୁଣିତକ ସେମାନଙ୍କୁ ସପ୍ଲାଇ କଲା। କହିଲା "ବ୍ୟସ୍ତ ହୁଅନା ମାଲିକେ! ଠିକ୍ ସମୟ ପୂର୍ବରୁ ନଅମାସିଆ ଛୁଆ ହେଲା ଭଳିଆ ଆମେ ଏଠୁଁ ସବୁ କାମ ବଢ଼େଇଦବା।" ସେମାନଙ୍କୁ ଘଣ୍ଟୁ ନିଜ ପକେଟ୍ ଆଇଡିଆରୁ କିଛି ଇଲମ୍ ଦେଲା। ମଲୁ ବାସିତୋରାଣି ଖୋଜିବା ବେଳକୁ ବଇଦ ପଇଡ଼ପାଣି ବତେଇବା ଭଳିଆ, ଘଣ୍ଟୁ ତାଙ୍କୁ ଅନଲାଇନ୍ ଦିଅଁ ସେବା କଥା ପ୍ରସ୍ତାବ ଦେଲା। ବିଦେଶୀ ଅନଲାଇନିଆଁମାନେ, ଦେଶୀ ବେଲାଇନିଆଁଙ୍କ ଠୁଁ ବେଶ୍ ଟାଣୁଆଁ। ସେମାନେ ତ ଘରେ ବସି ଖାଇବା, ପିଇବା ସବୁ ଅନଲାଇନ୍‌ରେ ଯୋଗାଡ଼ କରନ୍ତି, ଘଣ୍ଟୁର ଏ ପ୍ରକାର ପ୍ରସ୍ତାବରେ ସେମାନେ ଖୁସିରେ ନାଚିଲେ କ'ଣ, ନାଚ ନାଆଁରେ ଡିଆଁଝପଟ ବି କଲେ, କୁଦାମାଇଲେ।

**ଘଣ୍ଟୁର ଏ ପ୍ରକାର ପ୍ରସ୍ତାବରେ ସେମାନେ ଖୁସିରେ ନାଚିଲେ କ'ଣ, ନାଚ ନାଆଁରେ ଡିଆଁଝପଟ ବି କଲେ, କୁଦାମାଇଲେ।**

ଓଡ଼ିଶା ବାହାର କେଇଟା ଜଗନ୍ନାଥିଆ ଭଗତାଙ୍କୁ ଘଣ୍ଟେ ବି ବହୁଆଗରୁ ଠାବ କରିଥିଲେ। କେଇଟା ଥାନରେ ଓଡ଼ିଶାର ପୂଜକ ବ୍ରାହ୍ମଣ ଓ ସେବାୟତଙ୍କୁ ଲୋଡ଼ିଲେ, ଆଉ କେତେକ ଥାନରେ ବି ଅନଲାଇନିଆଁ କାମକୁ ମଂଜୁରି ମିଳିଲା। ଅଣ-ଅନ୍‌ଲାଇନିଆଁମାନଙ୍କୁ ଆପଣାର ସାରପକା ଉର୍ବର ମଗଜରୁ କେଇଟା ବୁଦ୍ଧି ବତେଇଲା ଘଣ୍ଟୁ। କହିଲା – ହଇଓ ମାଲିକେ! ତମର ତ ଏଥର ନୂଆ କରି ସବୁ ଭିଆଣ କରୁଚ, ଖର୍ଚ୍ଚା ବି ଟାଣଟୁଣ, ପୁରୀଆଲୋକେ ସେଠିକି ଗଲେ ବହୁ ଟଙ୍କା ଖର୍ଚ୍ଚରେ ଯିବ। ତାଙ୍କ ଯାଆସ ଭଡ଼ା, ଦକ୍ଷିଣା, ଉତ୍ତରା, ଥଇଥାନ, ମାପ୍ରସାଦ ଭୋଜନ ପାଇଁ ଯାହା ଖର୍ଚ୍ଚା, ରଥଖର୍ଚ୍ଚାରୁ ବଳିଯିବ। ଆଠଣାର ବାଳଭୋଗକୁ ଅଢ଼େଶହ ଟଙ୍କାର ମୃଦଙ୍ଗ ଫାଟିବା ସାର ହେବ ।

## ବର୍ଷିକିଆ ଫସଲ

ରଥଯାତ୍ରା ସମୟ ସେମାନଙ୍କର ବର୍ଷିକିଆ ଫସଲ। ଦଶଟା ମୁଣ୍ଡରେ ହାତ ଥୋଇ, ପନ୍ଦର ନଡ଼ିଆ ଭାଂଗି, କୋଡ଼ିଏ ସିରିକି ଧଣ୍ଡାମାଳ ଦିଆ କରେଇଦେଲେ, ଘଣ୍ଟେ ଅଧଘଣ୍ଟରେ ଖାଲି ଗାନ୍ଧିମୁଣ୍ଡିଆ ପରେ ଗାନ୍ଧିମୁଣ୍ଡିଆ ଅଣ୍ଟା ଖୋଷା ଅମଳ କରିବେ। ରଥ ପୂର୍ବଦିନ, ପରଦିନ ବି ରୋଜଗାର ଆଉ ଟାଣ। ତମେ ମାଲିକେ ତାଙ୍କୁ କ'ଣ ଅଜାଡ଼ି ପକେଇବ ଯେ, ସେ ଅମଳ ପୋଖରୀ ଛାଡ଼ି ଦୂରକୁ ଯିବେ? ଏଠି ତାଙ୍କ ରଥିଆ ଅମଳ ପରା ବର୍ଷକର ଚଳଣିକି ଭେଟେଇବ ।

ଜଗନ୍ନାଥ ଜନମ ଭୂଇଁରେ ପରା ସବୁ ଅଣଲାଇନ୍‌ରେ ଖେଳ, ତାଙ୍କ ମନ୍ଦିରର ଚଉହଦି ସାଜସଜା ବି ହେଲା, ଏ କାମକୁ ଗଲା ରାଇଜମୁଖିଆ ଅଣଲାଇନ୍‌ରେ ବୋତାମ ଚପେଇ ଲୋକଙ୍କୁ ଦିଆ କରେଇଲେ। ପାଣି ନ ଆସୁ ପଛେ, ପାଣି ନଳ ବିଛଡ଼ା ହେଲା, ତାକୁ ବି ରାଇଜ ମୁଖିଆ ବୋତାମ ଚପେଇ ଲୋକଦିଆ କରେଇଲେ। ସବୁତ ସେ କଳାମୁହାଁର

ଇଚ୍ଛା ନା। ସେ ତ ପୁଣି ନେତା ହାତର ଖେଳକଣ୍ଢେଇ, ଭକ୍ତିଆନେତାଏ ଯେମିତି ନଚାଉଛନ୍ତି ସେମିତି ନାଚୁଛି। ରଥ ଛାଡି ବି ସେ ତ ଅଦିନରେ ଟାଟା ଗାଡ଼ିରେ ବସି ଗାଁରୁ ସହର ସବୁଠି ଥାଳ ପାତି ବୁଲିଲେ, ଉଷୁନା ଉଆ, ଗୋଟା ଗୁଆ ବି ଗୋଟେଇଲେ। ଅତୀତରେ ଦାସିଆ ହାତରୁ ନଡ଼ିଆ ନେଇଥିଲେ, ଏବେ ନଡ଼ିଆଗୋଟା ଠାକୁରେ ଗୁଆ ଗୋଟେଇଲେ, କେବେ ସମୟ ଆସିଲେ ଇଏ ବି ସୋରିଷ ଗୋଟେଇବେ। ଏ ଚାରିକରିଆ ଠାକୁରେ, ଏବେ ମୁଖିଆଙ୍କ ଦୟାରେ ଉଠାବସା। ଅଦିନରେ ରାଇଜ ବୁଲି ଭକତଙ୍କୁ ଦେଖା ଦେଲେ। ଭାରି ସହଣିକ ସେ, ତାଙ୍କୁ ଯେମିତି ନଚେଇଲେ ନାଚିବେ ସେ। ସେ ପରା ଭଗତଙ୍କର। ମାଲିକମାନେ! ଆପଣ ତ ତାଙ୍କ ରଥଭିଆଣ କରୁଛନ୍ତି, ନୂଆ କରି, ତେଣୁ ସହଜ ବାଟରେ ଆମ ଦିଅଁଙ୍କୁ ଆମେ ମନେଇ ପାଇଲେ ଭଲ, ସେ ଚରଣରେ ଖୁସି, ଭରଣରେ ବି ସନ୍ତୋଷ।



ଘଣ୍ଟୁ ଏଣିକି ସାବଧାନ ହେଲା। ନିହାତି ଦରକାର ହେଲେ ଘଣ୍ଟୁ ତା' ତରିକା ବଦଳାଏ। ବାଧ ହେଇ ଗୋଟେ କାମ୍ପୁଟରିଆ ଟୋକାକୁ ପାଖରେ ରଖି ପୋଷା ମନେଇଲା, ତାକୁ ଯୋଜନା ଅନୁଯାୟୀ ଟ୍ରେନିଙ୍ଗ୍ ଦେଲା। କୋଡ଼ଥୁଆ ଦି-ଫାଳିଆ କାମ୍ପ୍ୟୁଟର ଭଡ଼ାରେ ଆଣି ଟୋକାକୁ ଏଥିରେ ମଣ କରେଇଲା। ଟୋକାଟା ବି ଘଣ୍ଟୁ ପାଞ୍ଚଣ ଉଁଚେଇବାରେ ପାତିମାଙ୍କଡ଼ ହେଇଗଲା। ପହିଲେ ବିଦେଶିଆ ରଥଯାତ୍ରା ସହ ଯୋଗାଡ଼ ସମ୍ଭେଇଲା। ଏଇଠୁ ଚିତ୍ର ଦେଖାଦେଖି ତରିକାରେ ସବୁ ବିଧି କରାହେବ, ମନ୍ତର ବି ବୋଲାହେବ, ସେଠି ସେମାନେ ଯାତରା ଭିଆଣମାନ ଚିତ୍ର ଦେଖି ପାଳିବେ।

ଦେଶୀ ରଥଯାତ୍ରା ପାଇଁ ନିଜ ଗାଆଁରୁ କୌଣସି ପ୍ରକାରେ ପୋଷା ମନେଇ, ବାଙ୍କା, ନଟିଆ, ବାଇନ ଓ ଟିମା ଭଳି ଚାରି କରମକାଣ୍ଡୁଆଙ୍କୁ ରପ୍ତାନି କଲା। ଏ ଚାରି ବ୍ରହ୍ମାଙ୍କ ଗର୍ଜନ ଜୋର ବର୍ଷା ବିନ୍ଦୁ ନାସ୍ତି, ଏମାନେ କର୍ମ ନ ଜାଣି କାଣ୍ଡ କରି ପାରୁଥିବାରୁ ସହରରେ କର୍ମକାଣ୍ଡୁଆ। ପୁରୀ ଯାଇ ଏମାନେ ପଣ୍ଡା, ପଡ଼ିଆରୀ, ପୁଷ୍ପାଳକ, ମେକାପ, ଘଣ୍ଟିଆଙ୍କ ଭଳି ଲୁଗା ପିନ୍ଧା ଶିଖି ଆସିଲେ। ଏମାନଙ୍କୁ ରେଳରେ ବସାଇ ଦେଶ ରାଜଧାନୀଠାରୁ କେଉଁ ଦୂର ଥାନର ରଥଭିଆଣ ଥାନକୁ ଚାଲାଣ କରିଦେଲା ଘଣ୍ଟୁ।

## ଚାରି ବ୍ରହ୍ମା

ଏ ଚାରି ବ୍ରହ୍ମା ଚାରିହେଁ ଭଲ ଭାବରେ ସଜବାଜ ହେଇ ରାଜଧାନୀ ପଳେଇ ଠିକଣା ଥାନରେ ପହଞ୍ଚିଲେ। ରଥଥାନକୁ ଯାଇ କେତେ କଦରରେ ଭିଆଣମାନ ଭେଇଲେ। ଏମାନଙ୍କ ପୂଜାବିଧି ପୂରା ନିଆରା। ଠାକୁରଙ୍କୁ ଦେଖି ଭଗତିରେ ଲୋଟିଗଲେ। ରଥ ଦେଖିଲେ। ରଥ ନାଆଁରେ ତିଆରି ହେଇଛି ଶଗଡ଼ି। ଦେବୀ ମେଢ଼ ଭସାଣି ବେଳେ ଫଟାମଟର ଟାୟାର ଲଗାଇ ଶଗଡ଼ି ହେଇଛି। ଦେଉଳିଆ କରି ଉପରଟା ଉଂଚା ହେଇଛି। ଓଡ଼ିଶାରେ ଅରପଣ ରଥ ନାଆଁରେ ରାଇଜମୁଖିଆ ଓ ସବୁମୁଖିଆଙ୍କ ଚିତ୍ରପଟଥୁଆ ଗାଡିଠୁଁ ବରଂ ଏ ଭଲ। କଳାସାଆନ୍ତେ ତ ସବୁ ଚଳେଇନେବେ ନା, ଭଗତଙ୍କ ମନଜିଣା ଖୁବ୍ ଆଡ୍‌ଜଷ୍ଟିଆ ଦିଅଁ ଇଏ। ରଥ ନ ହେଲେ କେବେ ଶଗଡ଼ିରେ ତ କେବେ ଶଗଡ଼ରେ, କେବେ ଟାଟା ଏସି ଗାଡ଼ିରେ କେବେ ଟ୍ରଲିରେ ବୁଲିବାରେ ତାଙ୍କର ସୋରିଷ ପ୍ରମାଣେ ବି ମନ ଊଣା ହୁଏନି।

ଚାରିପଣ୍ଡିତେ ରଥ ପ୍ରତିଷ୍ଠା ନାମରେ କର୍ମକାଣ୍ଡ ଭେଇଲେ। ରଥ ଚାରିପାଖେ ୧୦୮ କଳସ ବସାଇବା ଯୋଜନା ଜାହିର କଲେ। ନ ମିଳିବାରୁ ୧୦୦ ଫେଡ଼ାଣ କରି ଆଠଟିରେ କାମ ଚଳେଇଲେ। ଜଗନ୍ନାଥାଷ୍ଟକମ୍ ନାମରେ ତାଙ୍କ ମୁହଁରେ ଷ୍ଟକ୍ ଥିବା ନାନା ବିଚିତ୍ର ସଂସ୍କୃତ ଶ୍ଳୋକମାନ ବଡ଼ପାଟିଆରେ ଗୋଳାଗୋଳି କରି ଇସ୍କୁଲିଆ ପିଲାଙ୍କ କୋରସ୍ ଭଳିଆ ଗାଇଲେ। ଜଣେ ପଢ଼ିଲେ –

“କଦାଚିତଂ କାଳିନ୍ଦୀଂ ଥଂଟ ବିପିନଂ ସଙ୍ଗୀତଂ କରମଳଂ-
ମୁର୍ଦ୍ଧ୍ନାଭିରୁ ନାରୁଂ ବଦନଂ କାମଲୁଂ ସୁଆଦୁଂ ମଧୁପକାଂ
ରମ୍ଭା, ଶମ୍ଭୁ ସ୍ୱାମୀ ସାରନାଥୁଂ ଗଣସାଂ ଅର୍ଭୁର୍ଚ୍ଚିତାଂ
ଜଗନ୍ନାଥଂ, ନାଥୁ, ନନ୍ଦନ ପଥୁଂ ଗାମୀଂ ଭୁବଂ ତୁମ୍ଭେଂ।”

ଯାଙ୍କର ଏମନ୍ତ ମନ୍ତ୍ରପାଠରେ ସରଗରେ ଥାଇ ଶଙ୍କରାଚାର୍ଯ୍ୟେ ଉଲୁସି ଉଠୁଥିଲେ। ଭାବୁଥିଲେ ଯାହା ହେଉ ଏ ପଣ୍ଡିତ କୁଳାଙ୍ଗାରମାନେ, ଅଷ୍ଟକରୁ ନିଜ ନିଜ ଷ୍ଟକ୍ ଯୋଡ଼େଇ ନୂଆ ନବକ ବି ତିଆରି କରିଦେବେ। ଏ ସମୟେ କର୍ମକାଣ୍ଡର

ସଂକଳ୍ପ ପାଠ ହାଉହାଉ କରି ଘାଣ୍ଟିଲେ –

ହୋଂ, ଘିଙ୍ଗେଂ ଛଂ, ଯିମୁନେଂ ଚୈବଂ, ଗୋବିରୀ ବା ସରସ୍ୱତୀଂ –

ନର୍ଦ୍ଦମେ ସିନ୍ଧୋକାବେରୀଂ ଝଲେସ୍ମିନ୍ ସନ୍ନିଦ୍ଧିଂ କାରୟେତ୍ – ଅମୁକସୀ

ଘୋତ୍ରସ୍ୟ–ଅମୁକ ରାଶୌ, ଢ଼ମୁକ ବାସାରେ – ପ୍ରତିଷ୍ଠାଂ କର୍ମଂ କରଣୀଂ।

ଟିମା ପଣ୍ଡିତେ ମଠା ଯୋଡ଼ରେ ଦିବ୍ୟ ଭାବ ଉକୁଟାଇଲେ। ମନ୍ତ୍ରପାଠ କାଳରେ ସମସ୍ତେ ଜୋରରେ "ଝୟ ଝନ୍ନାଥ" – ହରେ ହରେ – ବୋଲିବାକୁ କହିଲେ। ବଡ଼ପାଟିଆରେ ଉଚ୍ଚ ସ୍ୱରରେ ଡିଜେ ଅତଡ଼ା ଭଳିଆ, ସାଉଁଟା ଭଜନମାନ ଲଗେଇ, ମନ୍ତ୍ରକୁ ଘୋଡ଼େଇ ପକେଇଲେ। ଯୋଗାଡ଼ ହେଇଥିବା କୀର୍ତ୍ତନିଆଁମାନେ ଉଦ୍ଦଣ୍ଡିଆ କୀର୍ତ୍ତନରେ ଅତି ଉତ୍କଟ ଚଇତନିଆ ଡ୍ୟାନ୍ସ କଲେ। ଭାବ ନଇ ବଢ଼ିଲା, ଭଗତି ସୁଅ ଉଚ୍ଛୁଳୁମୁଛୁଳୁ ହେଲା। ଲଘୁକାଦମ୍ବରୀ ସେବିତ କିଛି ଭଗତାଙ୍କ ବେତାଳିଆ ନାଚ ବି ଘରରନ୍ଧା ଅରୁଆ ଭାତରେ ତୁଳସୀ ପତର ପଡ଼ି, ମହାପ୍ରସାଦିଆ ମହାପ୍ରସାଦିଆ ଚହଟିଲା।

**କାମ୍ପୁଟରିଆକୁ ଧରି, ଘଣ୍ଟୁ ଦରିଆପାରିରେ ରଥର ଯାତ୍ରା ଭିଆଣ କାମ ଆରମ୍ଭିଲା।**

## ରଥର ଯାତ୍ରା ଭିଆଣ

କାମ୍ପୁଟରିଆକୁ ଧରି, ଘଣ୍ଟୁ ଦରିଆପାରିରେ ରଥର ଯାତ୍ରା ଭିଆଣ କାମ ଆରମ୍ଭିଲା। ଏପଟୁ କୋଡ଼ଥୁଆ ମସିନିଟାର ଉଠାଣିଫାଳ ଟେକି, ସେପଟେ ସହଯୋଡ଼ି ଦେଲା କାମ୍ପୁଟରିଆ। ଟାଉକା ଗହକି ଭଳିଆ ସେପଟୁ ଘଣ୍ଟୁ ପଣ୍ଡିତଙ୍କୁ ଦେଖି, ବଡ଼ ଭଗତାମାନେ ଜୟ ଜଗନ୍ନାଥ କହି ପ୍ରଣାମ ଜଣେଇଲେ। ଏପଟୁ ଘଣ୍ଟୁ ପଣ୍ଡିତେ ଦରିଆପାରି ଭଗତଙ୍କ ଜୁହାର ସବୁ ସାଉଣ୍ଟିଲେ। ଠାରଠୁରାରେ ବଖାଣିଲେ ଅନେକ ଆଖ୍ୟାନ। କହିଲେ ଏପଟୁ ରଥ ଦର୍ଶନ କରି, ସାଷ୍ଟାଙ୍ଗ ଜୁହାରିଲେ ଘଣ୍ଟୁ ପଣ୍ଡିତେ। ପାଖରେ ରଖିଥିବା ଫୁଲକୁ ନେଇ କାନରେ ଖୋସିଲେ, ନିଜ କତାଛେଉଣ୍ଡିଆ ଶିଖାରେ ଗୋଟେ ଖୋସିଲେ। ପାଣି ଚଳୁ ଧରି ବୁଲାଇଲେ। ପାଟିକି ଯାହା ଶବ୍ଦ ଆସିଲା ଖାଲି ଅନୁସ୍ୱାର ଲଗାଇ ଅଦିନିଆଁ କୁଆପଥରିଆ ବର୍ଷା ଭଳିଆ ମନ୍ତ୍ର ମାଡ଼ କରିଚାଲିଲେ। ଓଁ, ହଂ, କଂ, ଲଂ, ସଂ, ଶଂ, ରଂ, ନଂ, ତଂ, ଧଂ, ହାଂ, ହୀଂ, ହୁଂ, ଫଟ୍ ଫଟ୍, ମଟ୍, ମଟ୍, ଭଟ୍ ଭଟ୍, ଉଡ୍ ଉଡ୍ ଚଡ୍ ଚଡ୍, ରଡଂ, ନଡଂ, କଡଂ – ଏମିତି ଅନୁସାରିଆ ଓ ହଳନ୍ତିଆ ଶବ୍ଦଗୁଡ଼ାକରେ ଘାଣ୍ଟି ପକେଇଲେ। ଦରିଆପାରି ଭକତେ ମନ୍ତ୍ରପାଠ ଦେଖି ତାଟକା। କିନ୍ତୁ ଉପାୟ ନାହିଁ, ଆଗରୁ ଓ ବହିନା ଦେଇ କିଳାକୁ ଡାକିଛନ୍ତି। ଯାଆନ୍ତି କୁଆଡ଼େ ? ଅଧଘଣ୍ଟା ଅନର୍ଗଳ ମନ୍ତ୍ର ପଠନାନ୍ତେ ଘଣ୍ଟୁଙ୍କ ମୁଖଶ୍ରୀ ଘନ ଝାଳରେ ଘର୍ମକୃତ। ଅଣଲାଇନ୍ ପାଉଣା ପାଇଁ କାମ୍ପୁଟରିଆ ମାଧ୍ୟମରେ ଦକ୍ଷିଣା ମାଗିବା ବେଳକୁ, ସେପଟୁ ଜଣେ ମଗଜିଆ ଭଗତା କହିଲା ପାଉଣାଂ, ଦକ୍ଷିଣାଂ ବୀକ୍ଷଣଂ ପ୍ରେକ୍ଷଣଂ ଚୈବଂ–ଦକ୍ଷିଣାଂ, ଉତ୍ତରାଂ ପୂର୍ବାଂ ପଛିମାଂ ରଖେତ୍, ନ ରଖେତ୍ ବା କହୁ କହୁ କହୁ ସେପଟୁ ସମ୍ବନ୍ଧ ଛିଣ୍ଡେଇଦେଲା। ଘଣ୍ଟୁ ଯେତେ ଡକରା ପଠେଇଲେ ବି ସେପଟୁ ଖାଲି ଡିଂ ଡିଂ ଶବଦ। କାମ୍ପୁଟରିଆ ବଡ଼ ବିକଳରେ ସେଠୁ ଉଭାନ୍।

ବୋମ୍ବାଇ ସହରରେ ଗୋଟେ ନୂଆ ରଥଯାତ୍ରା ସହିତ ଘଣ୍ଟୁ ଅନ୍‌ଲାଇନ୍‌ରେ ଯୋଡ଼ି ହେବା ବେଳକୁ, ସେମାନେ ଉଦ୍ଦଣ୍ଡ କୀର୍ତ୍ତନରେ ବ୍ୟସ୍ତ ହେଇ ରଥ ଟାଣୁଛନ୍ତି, ତାଙ୍କ ଜଗନ୍ନାଥେ ଘଣ୍ଟୁଙ୍କୁ ଯେମିତି ହସ ମାଧ୍ୟମରେ ଖତେଇ ହେଇ କହୁଛନ୍ତି 'ପୁଅ–ବହୁତ ରଥଯାତ୍ରା ବିଧି ଜାଣିଛୁ – ବିଶ୍ୱାବସୁ ମତେ ସିନା ପୂଜୁ ଥିଲା, ତୁ କିନ୍ତୁ ଏବକାର ବିଷବସୁ – ବିଶ୍ୱାସରେ ଖୁବ୍ ବିଷ ଦେଇପାରୁ। ମନେରଖ, ମତେ ଯେଉଁମାନେ ଭଲ ପାଆନ୍ତି ମୁଁ ସେମାନଙ୍କର – ସେଠି ଆପେ ଆପେ ବିଜେ ହେଇଯାଏ।

ବରଫଶୀତୁଳିଆ ହେଇ ଘଣ୍ଟୁ କିଛି କ୍ଷଣ ହୁଙ୍କା ପାଲଟିଗଲା । ମନେ ମନେ ଭାବିଲା, ସମସ୍ତଙ୍କୁ ସିନା ଠିଆଚିତା ଲଗେଇ ଲଗେଇ ଆସିଲି, ହେଲେ ବିଚରା କାଳିଦାସେ, ବିଦ୍ୟା ନଗରୀରେ ପୂରା ଫେଏଲ୍ ହେବା ଭଳିଆ, ମୁଁ ପଟାଫେଲ୍ ।

ନିଜ ଭୁଲ ସୁଧାରିବାକୁ ଘଣ୍ଟୁ ଏଥର ଠାକୁରଙ୍କୁ ପ୍ରଣାମ କରିବା ମୁଦ୍ରାରେ ପାଗଳ ଭଳିଆ କଂଠ ଫଟେଇ ଚିକ୍ରାରୁଥିଲା ଜୟ ଜଗନ୍ନାଥ – ରଥ ଯା ଗଡ଼ିଯା – ଲୋକେ ଘଣ୍ଟୁଙ୍କ, ଅକାଳ ପୁରୋହିତିଆ ପାଗଳାମି ଦେଖି ତାଟକା ହେଉଥିଲେ।

□□

ଲେଖକଙ୍କ ଇ–ମେଲ୍ ଠିକଣା:
mishrasala.ctc@gmail.com



ଅନୁବାଦ



# ରାଗିଣୀ

ମୂଳ ହିନ୍ଦୀ-ମଞ୍ଜୁ ଗୁପ୍ତା

ଅନୁବାଦ- ଅଶୋକ କୁମାର ସା

"ରାଗିଣୀ, ଏ ରାଗିଣୀ, ଆରେ କେଉଁଠି ଅଛୁ ? ମରିଗଲୁ କିରେ କେତେବେଳୁ ତତେ ଡାକୁଛି, ମୋର ଜୀବନ ନେଇ ତୁ ଛାଡ଼ିବୁ କିରେ ?"

ଏଥିପାଇଁ ତୋର ମା'......ମୋର ଭାଗ୍ୟ ଫାଟିଥିଲା ଯେ। ନିର୍ଭୟର ପତ୍ନୀ ରେଣୁ ବିରକ୍ତ ହୋଇ କହି ପକାଇଲା।

ରେଣୁ ଡାର୍ଲିଙ୍ଗ୍, ... କ'ଣ ହେଲା କି, କାହିଁକି ଏତେ ସକାଳୁ ସକାଳୁ ତା' ନାଁ ଧରି ଏତେ ଅଥୟ ହେଉଛ ? ଛାଡ଼ ସେ କଥା। ମୋତେ ଅଫିସ ଯିବାରେ ବିଳମ୍ବ ହେଉଛି , ଶୀଘ୍ର ମୋ ଟିଫିନ୍ ଦେଇଦିଅ, ନ ହେଲେ ଆଜି ପୁଣି ବସ୍‌ର ଖିଟ୍ ଖିଟ୍ ଶୁଣିବାକୁ ପଡ଼ିବ - ନିର୍ଭୟ କହି ଉଠିଲେ।



ଏହା ଶୁଣି ରେଣୁ ଅଧା ପାହାଚ ଉତୁରି ତଳକୁ ଆସୁଥିଲା। ଅଚାନକ ରାଗିଣୀର କୋଠରିରୁ ହାଲକା ସ୍ୱର ଶୁଣିଲା। ତା'ର କାନ ସେଆଡ଼େ ଗଲା ଆଉ ମନଟା ଜାଣିବାକୁ ଏତେ ଉଚ୍ଚାଟ ହେଲା ଯେ କବାଟରେ କାନ ଲଗାଇବାକୁ ନିଜକୁ ଅଟକାଇ ପାରିଲା ନାହିଁ। ଇଏ ତ ରାଗିଣୀର ସ୍ୱର, ସୁକୁସୁକେଇ କାନ୍ଦି କ'ଣ କହୁଛି। "ଏମିତି ଜୀବନ ଜିଇବାଠୁ ତ ମରିଯିବା ଭଲ। କେତେଥର ତ ଚେଷ୍ଟା କଲି, ମାତ୍ର ପୁଣି କାହିଁକି ଯେ ମନଟା ଫେରି ଫେରି ଆସୁଛି।"

ତା'ର କଥା ଶୁଣି ନିର୍ଭୟର ଟିଫିନ୍ ଦେବା କଥା ଭୁଲି କବାଟ ଠେଲି ରେଣୁ ଭିତରକୁ ପଶିଗଲା ଆଉ ଖୁବ୍ ଜୋର୍‌ରେ ରାଗିଣୀର ଗାଲରେ ଦୁଇ ଚାପୁଡ଼ା ମାରି ତାକୁ ଟାଣିଟାଣି ତଳକୁ ନେଇ ଆସିଲା। "ଆରେ ଯାର କଥା ଶୁଣ, ଇଏ ଆମକୁ ଦୋଷୀ ଅପରାଧୀ କରିବାକୁ ଯାଉଛି," ରେଣୁ କହିଲା।

- ନାଇଁ ପାପା ନାଇଁ।

- ଚୁପ୍ ଏକଦମ୍ ଚୁପ୍।

- କଣ ହେଲା କହ, ରେଣୁ, କିଛି କହିଲେ ତ ଜାଣିବି !

- ଆଉ କ'ଣ ? ରାଗିଣୀ ଆତ୍ମହତ୍ୟା କରିବାକୁ ଭାବୁଛି। ଆଉ କଥାଟା ଏତେ ଦୂର ଗଲାଣି ଯେ ଏଥିପାଇଁ ସେ କେତେଥର ଚେଷ୍ଟା ବି କରି ସାରିଲାଣି।

"କ'ଣ ହେଲା ?" ନିର୍ଭୟ ମୁଣ୍ଡରେ ହାତଦେଇ ସୋଫାରେ ବସି ପଡ଼ିଲେ। ଅଚାନକ ନିର୍ଭୟ ଓ ରେଣୁ ରାଗରେ ସୋଫାରୁ ଉଠିଲେ ଆଉ ଯେଉଁଟା ଆଗରୁ ବାଥରୁମ୍ ହୋଇଥିଲା ସେଠି ତାକୁ ଠେଲି ଦୁହେଁ ଯେତିକି ପାରିଲେ ବଡ଼ ପାଟିରେ କହିଲେ – "ତୁ ଏଠି ମରି ଯା।"

"ପାପା ମୋ କଥା ଶୁଣ ତ ! ଥରେ ତ ମୋର କଥା ଶୁଣି ଯାଅ। ଓହୋ ପାପା ମମ୍ମି।"

ସେମାନେ ତା'କୁ ଏତେ ଜୋରରେ ଠେଲିଦେଲେ ଯେ ନଳରେ ତା'ର ମୁଣ୍ଡ ବାଜିଗଲା ଓ ରକତ ଧାର ବହିବାକୁ ଲାଗିଲା, ମାତ୍ର ତାହା ସେମାନଙ୍କୁ ଦେଖାଗଲା ନାହିଁ। ସେ ଦରଦରେ ହାୟ ! ହାୟ ! ହେଉଥିଲା ଆଉ ନିଜର ପିନ୍ଧା ଫ୍ରକ୍‌ରେ କପାଳକୁ ଚାପି ଧରିଲା।

- "ବହୁତ ହୋଇଗଲା ତୋର ଏ ଡ୍ରାମା", ଏପରି କହି ଦୁହେଁ ବାହାର ପଟରୁ ବନ୍ଦ କରି ନିଜ ନିଜ କାମରେ ଲାଗିଗଲେ।

କେତେବେଳେ ଦିନ ବୁଡ଼ିଲା, ସନ୍ଧ୍ୟା ହେଲା ଜଣା ପଡ଼ିଲା ନାହିଁ ଫ୍ରକର କୋଣ ଲାଗି ବହୁଥିବା ରକତ ବନ୍ଦ ହୋଇଗଲା। ମାତ୍ର ଫ୍ରକର ସୂତା ସେଥିରେ ଅଟକି ଲଟକି ରହିଗଲା। ତାକୁ

ଟାଣିଲେ ପୁଣି ଘାଆଟା ତାଜା ହୋଇଯାଉଥିଲା। ଏଣୁ ସେ ଟାଣିବାର ଛାଡ଼ିଦେଲା। ଆଉ କେତେବେଳେ ପାଟିରେ ଆଙ୍ଗୁଠି ଦେଇ ନିଦର ପଣତରେ ଶୋଇଗଲା ଜାଣିପାରିଲା ନାହିଁ। କେତେବେଳେ ରାତିରେ ଆଖେ ପାଖେ କିଛି ଚଳପ୍ରଚଳ ଶବ୍ଦ ଶୁଣି ପାରିଲା। ତାର କାନ୍ଦ ବାହାରିଗଲା। ଆଉ ସେ ଖୁବ୍ ଜୋରରେ କବାଟ ପିଟିବାକୁ ଲାଗିଲା, ଏଇ ଆଶା ରଖି ଯେ ସେମାନେ ତା' କଥା ଶୁଣିବେ। କିନ୍ତୁ ଜୀବନ ଓ ସୁଖ ତା' ସାଙ୍ଗ ଛାଡ଼ି ଦେଇଥିଲା। ଏମିତି ପାଟିରେ ଆଙ୍ଗୁଳି ଦେଇ ସାରା ରାତି ବିତାଇଲା।

– ମିଠୁ......! କେଉଁଠି ଅଛୁ ? ମୋର ଗେହ୍ଲେଇ ମିଠୁ? ଏ ଗେହ୍ଲା ଡାକରେ ତା ଆଖିପତା ଖୋଲିଲା। ପିଉସୀ ମା'.... ଇଏ ତ ପିଉସୀ ମାଆର ସ୍ୱର ଶୁଭୁଛି। "ମୋତେ ବଂଚେଇ ଦିଅ ପିଉସୀ ମା' ! ବଂଚେଇ ଦିଅ, ଭୋକ ଲାଗିଲାଣି। ପିଉସୀ ମା'।"

ମିଠୁ କେଉଁଠି ଅଛି ନିର୍ଭୟ ?

ନିର୍ଭୟ ଆଙ୍ଗୁଠିରେ ଇସାରା କରି, କହିଲା, ସେଠାରେ ସେ କୋଠରିରେ।

– ମାତ୍ର ଏଠି ତ ବାହାରୁ ତାଲା ପଡ଼ିଛି।

– ହଁ ଆଉ କ'ଣ କରିଥାନ୍ତୁ, ୟାର ତ ଏମିତି ବଦମାସିଆ କାଣ୍ଡ ଲାଗି ରହୁଛି।

"ନିର୍ଭୟ, ଇଏ ତ ସାତ ବର୍ଷର ଛୋଟ ଛୁଆଟେ! ଏହାର ମାଆ ମଲାପରେ ଏହାକୁ ପ୍ରେମ, ମମତା ଦରକାର, ସଜା ନୁହେଁ। ୟାର କଅଁଳ ମନରେ କି ପ୍ରଭାବ ପଡ଼ିବ ତୋତେ ଜଣାଅଛି କି ନା?" ଏହା ଶୁଣି ଉତ୍ତ୍ୟକ୍ତ ହୋଇ ନିର୍ଭୟ କହିଲା, "ଠିକ୍ ଅଛି ଯଦି ୟା ଉପରେ ଏତେ ପ୍ରେମ ଅଛି ତାହେଲେ ନିଜ ସଙ୍ଗରେ ନେଇ ଯାଅ।" "ହଁ, ହଁ ! ମୁଁ ନେଇ ଯିବି। ଜଲ୍‌ଦି ମୋତେ ଚାବିଟା ଦିଅ"। ତାଲା ଖୋଲବା ବେଳେ ସେ ଆଦରରେ କହିଲା – "ମିଠୁ! କାନ୍ଦନା, ତୋର ପିଉସୀ ମାଆ ଆସିଗଲା ପରା।" କବାଟ ଖୋଲୁଖୋଲୁ ସେ ତା ସାଙ୍ଗେ ଜୋକ ପରି ଲାଗିଗଲା। "ମୁଁ ଆଉ ଏଠି ଆଉ ରହିବି ନାହିଁ। ମତେ ଏଠାରୁ ନେଇ ଚାଲ।" ତା'ର ମୁଣ୍ଡ ଉପରେ ହାତ ବୁଲାଇ ସେ କହିଲା, "ନା ବେଟା ତୁ ଚିନ୍ତା କରନା, ମୁଁ ଅଛି ନା ତୋ ସାଥୀରେ। ଏବେ ଆଉ ଆମେ ଏଠାରେ ଅଟକି ରହିବା ନାହିଁ।" କିଛି ବି ଜିନିଷପତ୍ର ନ ନେଇ ପିଉସୀ ମାଆ ତା'ର ଆଙ୍ଗୁଠି ଧରି ଘରୁ ବାହାରକୁ ବାହାରିଲା। ଛୁଆ ମନର କୋଣରେ ଛୋଟ ଆଶାଟେ ଥିଲା, କାଳେ ପାପା ମମ୍ମି ତାକୁ ଯିବାକୁ ଅଟକାଇ ରଖିବେ, ମାତ୍ର ଏପରି ହେଲା ନାହିଁ। ହଁ ଖାଲି ଭିତରୁ ଧୀରେ ଫୁସ୍ ଫୁସ୍ ଶୁଭୁଥିଲା, ଭଲ ହେଲା। ବିପଦ ଚାଲିଗଲା; ଯେଉଁଥିରେ ସଉତୁଣୀ ମାଆର ସହ ପାପାଙ୍କ ସହମତି ରହିଥିଲା।

ସେ ଦୁଃଖୀ, ଆଉ ଭାରି ପାଦ ପକାଇ ତା' ସାଥେ ଟାଣି ହୋଇ ଯାଉଥିଲା। ସେମାନେ ପିଉସା ଘରେ ପହଞ୍ଚିଗଲେ। ପିଉସା ତା'ର ଅବସ୍ଥା ଦେଖି ତାକୁ ହସାଇବା ଲାଗି କହିଲେ,"ଆରେ ବେଙ୍ଗୁଲୀ, କେମିତି ଅଛୁ? ପୁଣି ଏବେ ଆମର ନିଜ ଘରେ। ଆରେ ଏଇଟା ବି ତୋ ନିଜ ଘର। ଏ ଗାଇଲୁ ତ ତୋ ନିଜର ଗୀତଟିଏ। ମୋତେ ଥରେ ଶୁଣାଇଲୁ ତ!" ସେ ବି ତାଙ୍କର ମନ ରଖିବାକୁ ନିଜ ଓଠରେ ଟିକେ ହସ ଚହଟାଇ ଦେଲା। ସେ ବୁଝିଗଲା ଯେ ପରିବର୍ତ୍ତନ ଲାଗି ସମୟ ଲାଗିବ।

**ଆରେ, ଏଇଟା ବି ତୋ ନିଜ ଘର। ଏ ଗାଇଲୁ ତ ତୋ ନିଜର ଗୀତଟିଏ। ମୋତେ ଥରେ ଶୁଣାଇଲୁ ତ !**

"ଆରେ ତୁମେ ବି ମୋ ଝିଅକୁ ବିରକ୍ତ କରୁଛ! ତାକୁ ଛାଡ଼। ଚାଲ ଆମେ ଆଜି ଡୋମିନୋଜ୍ ଯିବା। ଖାଲି ତୁ ଆଉ ମୁଁ। ମାତ୍ର ତା' ଆଗରୁ ଆମେ ଡାକ୍ତର ଦେଖା କରିବା।"

ସେ ଆଶ୍ଚର୍ଯ୍ୟ ହୋଇ ବଡ଼ ବଡ଼ ଆଖି କରି ଚାହିଁ ରହିଲା। କାହିଁକି ନା, ଆଜି ଦିନ ଆଗରୁ ତାକୁ ଖାଲି ଯନ୍ତ୍ରଣା ମିଳିଥିଲା। ଆଜି ପ୍ରଥମରୁ ସ୍ନେହ ମଲମର କଥା ହେଲା। ଆଖିର ପତାରେ ଅଟକିଥିବା ଦରଜ ଆଖିରୁ ସୁ ସୁ ହେଇ ବହିଗଲା। ପିଉସୀ ମା' ତାକୁ ଏମିତି ଚାପି ଧରିଲା ଯେମିତି କି ଲତା ଗଛକୁ ବାନ୍ଧି ରଖିଥାଏ। ସେ ଦୁହେଁ ପରସ୍ପର ଏମିତି କେତେ ବେଳ ଯାଏ ରହିଲେ ଜଣା ପଡ଼ିଲା ନାହିଁ।

□□

ଅନୁବାଦକଙ୍କ ଇ-ମେଲ୍ ଠିକଣା:
ashoksa057@gmail.com



ପ୍ରବନ୍ଧ

# ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା

ଡ. ସୁଲୋଚନା ଦାସ

ଆର୍ଯ୍ୟ, ଦ୍ରାବିଡ, ଶାବର ସଂସ୍କୃତିର ସମନ୍ୱିତ ରୂପ ଶ୍ରୀଜଗନ୍ନାଥ। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ବିଶ୍ୱଭ୍ରାତୃତ୍ୱ, ବିଶ୍ୱମୈତ୍ରୀ, ସର୍ବବିଧ ସମନ୍ୱୟର ସାକାର ରୂପ ବିଗ୍ରହ। ସେ ମଣିଷର ଦେବତା। ଭାବର ଭଗବାନ। ଓଡ଼ିଶାର ଜନଜୀବନ, ସଂସ୍କୃତି, ପରମ୍ପରା, ଆଧ୍ୟାତ୍ମିକତା, ଜୀବନଚର୍ଯ୍ୟା, କଳା, ସାହିତ୍ୟ, ସଂଗୀତ ପ୍ରଭୃତି ସକଳକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ଅଖଣ୍ଡ ପ୍ରଭାବ ରହିଛି। ଦ୍ୱାଦଶ ଶତାବ୍ଦୀରୁ ଏଯାବତ୍ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଅନେକ କଥା ରଚିତ ହୋଇଛି। ଶିଳାଲେଖ, ମାଦଳାପାଞ୍ଜି, ଗୀତଗୋବିନ୍ଦ, ଦଶାବତାର, ଭଜନ ଜଣାଣ, କାବ୍ୟ, ଆଖ୍ୟାୟିକା, ନାଟକ, ଗଳ୍ପ, ଉପନ୍ୟାସ, ଚଉପଦୀ, ଚମ୍ପୂ, ପ୍ରବନ୍ଧ, ସମାଲୋଚନା ପ୍ରଭୃତି ଓଡ଼ିଆ ସାହିତ୍ୟର ସକଳ କ୍ଷେତ୍ରରେ ଶ୍ରୀଜଗନ୍ନାଥ ସତେକି ଆସ୍ଥାନ ଜମାଇ ବସିଛନ୍ତି।



ଓଡ଼ିଶାର ରାଜା କପିଳେନ୍ଦ୍ର ଦେବ ଏକ ଶିଳାଲେଖରେ ୧୪୬୨ ମସିହାରେ ଲେଖିଛନ୍ତି –

"ଶ୍ରୀଜଗନ୍ନାଥ ମୋହର ବାହାର ଅଭ୍ୟନ୍ତର ତୁ ଜାଣୁ। ମୋର ଯେତେ ରତ୍ନ ପଦାର୍ଥ ଅଛି ସେ ତୋହର। ଏହା ହିଁ ସତ୍ୟ। ଆଉ ଯେତେ ଧନ ଅଛି ମୁଇ ବ୍ରାହ୍ମଣଂ ହାତରେ ଯେତେ ଦେଇପାରେ ତାହା ଦେବି। ଏ ଭୂମିଖଣ୍ଡ ଓ କାହାକୁ ଅନୁଗ୍ରହ କରିଥା। ମୋର ସେ କେବେ ନୁହେଁ।" ଜୟ ବିଜୟ ଦ୍ୱାରର ଶିଳାଲେଖ ହେଉ ବା ମାଦଳା ପାଞ୍ଜି ହେଉ, ଏ ସମସ୍ତଙ୍କ ଗଦ୍ୟରଚନା ଓଡ଼ିଆ ଗଦ୍ୟ ସାହିତ୍ୟ, ଇତିହାସ, ଜଗନ୍ନାଥଙ୍କ ପୂଜାବିଧି, ରୀତିନୀତି ପ୍ରଭୃତିର ପ୍ରାମାଣିକତା ବହନ କରିଥାନ୍ତି। ସଂସ୍କୃତିରେ, ହିନ୍ଦୀରେ, ଓଡ଼ିଆରେ ଜଗନ୍ନାଥ ଅଷ୍ଟକମ୍, ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ପଦ୍ମ ପୁରାଣ, ନୀଳାଦ୍ରି ମହୋଦୟ, ଗୁଣ୍ଡିଚା ବିଜେ ପ୍ରଭୃତି ଅସଂଖ୍ୟ ରଚନା ଦେଖିବାକୁ ମିଳେ, ଶହ ଶହ ବର୍ଷ ଧରି ଦଶାବତାର ନୃତ୍ୟ ପରିବେଷଣ ସମୟରେ–

"ପ୍ରଳୟ ପ୍ରୟୋଧିଜଳେ ଧୃତବାନ ସିବେଦଂ
ବିହିତ ବହିତ୍ର ଚରିତମ୍ ଖେଦଂ
ମୀନ ଶରୀର, ଦଶବିଧ ରୂପ, ଜୟ ଜଗଦୀଶ ହରେ।"

### ଭକ୍ତି ସଂଗୀତ

ଭକ୍ତି ସଂଗୀତ ଭାବରେ ଭକ୍ତ ସାଲବେଗ, ଦୀନକୃଷ୍ଣ, ବନମାଳୀ, ଉପେନ୍ଦ୍ର ଭଞ୍ଜ, କହ୍ଲଲତା ଜେମା, ବ୍ରଜନାଥ ବଡ଼ଜେନା, ଗୋପାଳକୃଷ୍ଣ ଓ ସାମ୍ପ୍ରତିକ କାଳର ଅଗଣିତ ଗୀତିକାରଙ୍କ ରଚନା ପ୍ରତ୍ୟହ ଶୁଣିବାକୁ ମିଳିଥାଏ।

ଉତ୍କଳୀୟ ବୈଷ୍ଣବ ଅଚ୍ୟୁତାନନ୍ଦ, ଜଗନ୍ନାଥ ଦାସ, ବଳରାମ ଦାସଙ୍କ ସୃଷ୍ଟିରେ ଏପରିକି ପ୍ରାଚୀନତମ ଓଡ଼ିଆ ସାରଳା ମହାଭାରତରେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁ ରଚନା ଦେଖିବାକୁ ମିଳେ।

ଏମାନଙ୍କ ମଧ୍ୟରେ ବଳରାମ ଦାସଙ୍କ ବଟଅବକାଶ, ଭାବସମୁଦ୍ର, ଲକ୍ଷ୍ମୀ ପୁରାଣ, ଜଗନ୍ନାଥ ଦାସଙ୍କ ଦାରୁବ୍ରହ୍ମ ଗୀତା, ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା, ରାମଦାସଙ୍କ ଦାର୍ଢ୍ୟତାଭକ୍ତି, ପୁରୁଷୋତ୍ତମ ଦାସଙ୍କ କାଞ୍ଚି କାବେରୀ କାବ୍ୟ, ଦୀନକୃଷ୍ଣଙ୍କ ଜଗମୋହନ ଛାନ୍ଦ, ମହାଦେବ ଦାସଙ୍କ ନୀଳାଦ୍ରି ମହୋଦୟ, କୃଷ୍ଣ ଦାସଙ୍କ ଦେଉଳତୋଳା, ହଳଧର ମିଶ୍ରଙ୍କ ଗୁଣ୍ଡିଚା ଚମ୍ପୂ ପ୍ରଭୃତି ଅସଂଖ୍ୟ ସୃଷ୍ଟି ରହିଛି। ସମସ୍ତଙ୍କ ନାମୋଲ୍ଲେଖ କରିବା ଏହି ସୀମିତ ପ୍ରବନ୍ଧରେ ସମ୍ଭବ ନୁହେଁ। ରାଜା ବୀରକିଶୋର ଦେବ, କଟକରେ ବନ୍ଦି ଥିବାବେଳେ ଶ୍ରୀଜଗନ୍ନାଥଙ୍କ ପାଖରେ ଆତ୍ମ ନିବେଦନ କରି ଲେଖିଥିଲେ –

"ଆହେ ନୀଳାଦ୍ରି ବିହାରୀ
କଟକେ ଅଟକ ହେବାରୁ ମୋ ଦିନ
ସରୁ ନାହିଁ ଝୁରି ଝୁରି।"

ଆଜି ବି ସେ ଭକ୍ତି ସଂଗୀତ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ହୋଇଥାଏ। ସେହିପରି -

"ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ,
ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ।" (ବନମାଳୀଙ୍କ ରଚନା)

(୧) ମଣିଷ ଶୁଣିମା ହେଉ ଗରିବ ଡାକ
ନିରେଖ ଜନକୁ ରଖ
କଳା ଶ୍ରୀମୁଖ

(୨) ଜଗବଂଧୁ କରି ଜଣେ
ସାମନ୍ତ, କାହିଁ ନାହିଁ ତ।

(୩) ଆହେ ନୀଳଶୈଳ
ପ୍ରବଳମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ।

(୪) ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ
ଦଣ୍ଡେ ଦିଅଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ
ପୂରାଇ କରି ଦେବି ଗାଳି ହେ କୃପାନିଧି
କାଳ ସର୍ପ ଆପଣ କବଳ କର ପ୍ରାଣ
ପବନ ମାନଙ୍କୁ ସବୁରି ହେ...

(୫) ଥକା ମନ ଚାଲ ଯିବା, କଳାଶ୍ରୀମୁଖ ଦେଖିବା

ଏପରି ଅସୁମାରି ଭଜନ, ଜଣାଣ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ହୋଇ ଗାନ କରାଯାଉଛି। ଏସବୁ ଭକ୍ତି ସଂଗୀତ ପ୍ଲାବନରେ ଓଡ଼ିଆ ସଂଗୀତ ପ୍ଲାବିତ। ଶ୍ରୀଜଗନ୍ନାଥଙ୍କ ଐଶ୍ୱର୍ଯ୍ୟଶୀଳା ମାଧୁର୍ଯ୍ୟଲୀଳା, ଔଦାର୍ଯ୍ୟଲୀଳାଗୁଡ଼ିକ ଚମତ୍କାର ଭାବରେ ଏସବୁଥିରେ ଫୁଟି ଉଠିଛି।

## ଲୀଳାବିଭୂତି

ସାଂପ୍ରତିକ କାଳରେ ଶ୍ରୀଜଗନ୍ନାଥଙ୍କ ଲୀଳାବିଭୂତିକୁ ବହୁ ଗବେଷକ ଗବେଷଣା କରି ନିବନ୍ଧମାନ ରଚନା କରିଛନ୍ତି। ପାଠକ ସଂସଦର ପ୍ରତିଷ୍ଠାତା ବ୍ରଜମୋହନ ମହାନ୍ତି ଶ୍ରୀକ୍ଷେତ୍ରର ମହିମା ଓ ଶ୍ରୀଜଗନ୍ନାଥଙ୍କ ବିଶ୍ୱମୟ ସତ୍ତାକୁ କେନ୍ଦ୍ର କରି ଦୁଇ ଦୁଇଟି ପ୍ରାମାଣିକ ଗ୍ରନ୍ଥ ସଂକଳନ କରିଛନ୍ତି। ସେହି ଗ୍ରନ୍ଥଗୁଡ଼ିକର ଆଲୋଚକମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଯାବତୀୟ ଦିଗକୁ ନେଇ ଆଲୋଚନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ବେଶ, ପର୍ବପର୍ବାଣି, ରଥଯାତ୍ରା, ବାହୁଡାଯାତ୍ରା, ସ୍ନାନପୂର୍ଣ୍ଣିମା, ଅଣସର, ଦଇତାପତି, ନବକଳେବର, ବିଭିନ୍ନ ମଠ ସଂସ୍କୃତି, ପୂଜାବିଧି, ଭୋଗ, ନୀତିରୀତି, ଶ୍ରୀମନ୍ଦିର ବେଢ଼ାରେ ଥିବା ସମସ୍ତ ଦେବଦେବୀ ପ୍ରଭୃତି ଯାବତୀୟ କଥାର ଆଲୋଚନା ହୋଇଛି ଏ ପ୍ରବନ୍ଧଗୁଡ଼ିକରେ। ଡ. କବିଶ୍ରୀଙ୍କର "ବାଇଶି ପାହାଚ" ଅନୁଭୂତି ଗ୍ରନ୍ଥଟି ଅତ୍ୟନ୍ତ ଲୋକପ୍ରିୟ ସୃଷ୍ଟି।

ଡ. ବେଣୀମାଧବ ପାଢ଼ୀଙ୍କ ଗବେଷଣା ନିବନ୍ଧ- ଦାରୁଦେବତା ଓ ଡ. କାହ୍ନୁଚରଣ ମିଶ୍ରଙ୍କ - 'ଦି କଲ୍ଟ ଅଫ୍ ଜଗନ୍ନାଥ', ପୀତବାସ ରାଉତରାୟଙ୍କ ଭକ୍ତମାନଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ ରଚନାଗୁଡିକୁ ବହୁ ବର୍ଷ ହେଲା ସଂକଳିତ କରି ଆସୁଛନ୍ତି। ଏହି ଗ୍ରନ୍ଥଗୁଡିକର ଲୋକପ୍ରିୟତା ଅତୁଳନୀୟ। ଡ. ସୁରେନ୍ଦ୍ରନାଥ ଦାସଙ୍କର ଗବେଷଣାର ପ୍ରମୁଖ ଉପଜୀବ୍ୟ ହେଉଛନ୍ତି ଶ୍ରୀଜଗନ୍ନାଥ। ଏହା ବ୍ୟତୀତ ରାଷ୍ଟ୍ର ଦେବତାର ଐଶ୍ୱର୍ଯ୍ୟ, ପୁରୁଷୋତ୍ତମ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣି ଓ ସେବା ପୂଜା, ଶ୍ରୀକ୍ଷେତ୍ର ମହିମା, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ (ପ୍ରଥମ ସ୍ତବକ, ଦ୍ୱିତୀୟ ସ୍ତବକ), ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ଶ୍ରୀଜଗନ୍ନାଥ ପ୍ରଭୃତି ସଂକଳନଗୁଡିକୁ ମନୋରଂଜନ ଦାସ, ସଦାଶିବ ମିଶ୍ର, ଆଶୁତୋଷ ନାୟକ, ହରିହର ବାହିନୀପତି ପ୍ରମୁଖ ବହୁ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଅଦ୍ୟାବଧି ଲେଖନୀ ଚାଳନା କରିଆସୁଛନ୍ତି।

**"ଆହେ ନୀଳାଦ୍ରି ବିହାରୀ**
**କଟକେ ଅଟକ ହେବାରୁ ମୋ ଦିନ**
**ସରୁ ନାହିଁ ଝୁରି ଝୁରି।"**

ଶ୍ରୀକ୍ଷେତ୍ରରୁ ପ୍ରକାଶିତ ପତ୍ରିକା, ଉତ୍କଳ ପ୍ରସଙ୍ଗ, କୋଣାର୍କ ପ୍ରଭୃତି ପ୍ରତ୍ୟେକ ବର୍ଷ ଅନେକ ଉପାଦେୟ ପ୍ରବନ୍ଧ ପ୍ରକାଶ କରି ଆସୁଛନ୍ତି। ଡ. ଅସିତ ମହାନ୍ତି ନବକଳେବର ସମୟରେ 'ସମ୍ବାଦ' ଦୈନିକ ପତ୍ରିକାରେ ପ୍ରକାଶ କରୁଥିବା ରଚନାଗୁଡିକ ବେଶ୍ ତାତ୍ତ୍ୱିକ ଓ ସାରଗର୍ଭକ। ଏଗୁଡିକର ସଂକଳିତ ରୂପ ପ୍ରକାଶ ପାଇ ଅଶେଷ ଲୋକପ୍ରିୟତା ଅର୍ଜନ କରିପାରିଛି।

କହିବା ବାହୁଲ୍ୟ ଓଡ଼ିଶାର ପ୍ରାଣପ୍ରିୟ ପ୍ରଭୁଙ୍କୁ ନେଇ ବହୁ ସାଧାରଣ ଲୋକଙ୍କର ମଧ୍ୟ ଅନନ୍ୟ ଦିବ୍ୟ ଅନୁଭୂତି ସବୁ ରହିଛି। ସେ ସମସ୍ତ ହୁଏତ ସେମାନେ ଲେଖନୀ ମୁନରେ ପ୍ରକାଶ

କରିନାହାନ୍ତି, କିନ୍ତୁ କଥା ଓ କାହାଣୀ ରୂପରେ ଅନ୍ୟ ପାଖରେ ଅଭିବ୍ୟକ୍ତ ସେ ସମସ୍ତ ଅନୁଭବରେ ଶ୍ରୋତା ଭକ୍ତିଭାବରେ ଭିଜିଛନ୍ତି। ବହୁ ଲୋକଗୀତ, ଲୋକଗଳ୍ପରେ ଶ୍ରୀଜଗନ୍ନାଥ ଓଡ଼ିଆ ଶ୍ରୋତାଙ୍କ ପାଖରେ ବିଶେଷ ଭାବରେ ଆଦୃତ।

## ଲୀଳାର ରସାନୁଭୂତି

ଶ୍ରୀଜଗନ୍ନାଥ, କାଞ୍ଚି କାବେରୀ, ପୁରୁଷୋତ୍ତମ ନାଟକ, ଚଳଚ୍ଚିତ୍ର ପ୍ରଭୃତିରେ କେବଳ କାଞ୍ଚି ରାଜଜେମା କିମ୍ବା ଗଜପତି ପୁରୁଷୋତ୍ତମ ଦେବଙ୍କ ଭକ୍ତିର ପରାକାଷ୍ଠା ଅଭିବ୍ୟକ୍ତି ହୋଇନାହିଁ, ବରଂ ଶ୍ରୀଜଗନ୍ନାଥଙ୍କ ମହିମା ବା ଅଲୌକିକ ଲୀଳା ବିଭୂତି ଦର୍ଶକମାନଙ୍କୁ ରସାନୁଭୂତିରେ ପ୍ଲାବିତ କରିଛି। ସାଲବେଗ ହୁଅନ୍ତୁ କି ମାଣିକ ଗଉଡୁଣୀ ହେଉ ଏହି ଦିବ୍ୟ ମହିମା ପ୍ରଖ୍ୟାପନରେ ଅମର ହୋଇ ଯାଇଛନ୍ତି।

ସର୍ବବିଧ ସମନ୍ୱୟର ଦେବତା ଭାବରେ ବିଭିନ୍ନ ଧର୍ମାବଲମ୍ବୀ କିପରି କେଉଁ ରୂପରେ ତାଙ୍କୁ ଅନୁଭବ କରିଛନ୍ତି ତାହା ବର୍ଣ୍ଣନା କରିବାର ସାମର୍ଥ୍ୟ ମୋର ନାହିଁ। ଆଜି ସମଗ୍ର ବିଶ୍ୱକୁ ବ୍ୟାପୀ ଯାଇଛନ୍ତି ଶ୍ରୀଜଗନ୍ନାଥ। ସ୍ୱୀକାର କରିବାକୁ ହେବ ଇସ୍କନ ସୋସାଇଟି ବିଶ୍ୱର ବିଭିନ୍ନ ବିଦେଶୀ ଭକ୍ତଙ୍କ ପାଖରେ ଶ୍ରୀଜଗନ୍ନାଥଙ୍କୁ ନେଇ ପହଞ୍ଚାଇପାରିଛନ୍ତି। ଶ୍ରୀଜଗନ୍ନାଥ ଆଜି କେବଳ ଓଡ଼ିଶାର ରାଷ୍ଟ୍ରଦେବତା ନୁହନ୍ତି, ବରଂ ତାଙ୍କର ଜଗତନାଥ ନାମକୁ ସାର୍ଥକ କରିସାରିଲେଣି।

ଗୋଟିଏ ଉଲ୍ଲେଖଯୋଗ୍ୟ ଗ୍ରନ୍ଥର ମାହାତ୍ମ୍ୟ ସଂପର୍କରେ ଉଲ୍ଲେଖ କରାଯାଇପାରେ। ବଳରାମ ଦାସଙ୍କ କ୍ଷୁଦ୍ର ପୁରାଣଟିଏ ଲକ୍ଷ୍ମୀପୁରାଣ। ଏହା କେବଳ ଓଡ଼ିଶାର ସାଂସ୍କୃତିକ, ଆଧାତ୍ମିକ, ପାରିବାରିକ, ପାରଂପରିକ ଜୀବନକୁ ଆଲୋକ ଦେଖାଇ ନାହିଁ, ବରଂ ନାରୀ ସ୍ୱାଧୀନତା ଓ ସ୍ୱାଧିକାର କଥାକୁ ପ୍ରତିଷ୍ଠା କରାଇପାରିଛି। ଏହା ବ୍ୟତୀତ ଅସ୍ପୃଶ୍ୟତା ନିବାରଣ ପାଇଁ ବଳିଷ୍ଠ ବାର୍ତ୍ତା ରହିଛି। ଅନେକ ସମାଲୋଚକ କୁହନ୍ତି, ମହାତ୍ମାଗାନ୍ଧୀ ଓଡ଼ିଶାରୁ ଏହି ଅସ୍ପୃଶ୍ୟତା ନିବାରଣ ଆଦର୍ଶଟିକୁ ଗ୍ରହଣ କରିଛନ୍ତି।

ଶ୍ରୀଜଗନ୍ନାଥ ଚେତନାର ଅଗାଧ ସପ୍ତସାଗରରେ ଓଡ଼ିଶାର କଳା, ସଂଗୀତ, ନୃତ୍ୟ ସାହିତ୍ୟ, ସଂସ୍କୃତି, ପରଂପରା, ଲୋକଗଳ୍ପ, ଲୋକକଥା, ଲୋକ ସଂଗୀତ ପ୍ରଭୃତିର ସ୍ରଷ୍ଟାଗଣ ଅବଗାହନ କରି ପୂତପବିତ୍ର ହୋଇଛନ୍ତି। ତାଙ୍କ କରୁଣା ଯେପରି ଅପାର, ତାଙ୍କୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା କୃତି ମଧ୍ୟ ସେହିପରି ଅକଳନୀୟ।

ତାଙ୍କ ଅଧାଗଢ଼ା ଶରୀର ପରି ତାଙ୍କ ସଂପର୍କରେ ସ୍ୱୟଂ ସଂପୂର୍ଣ୍ଣ ଆଲୋଚନା କରିବାର ସାମର୍ଥ୍ୟ ବା କେତେ ଜଣଙ୍କର ? ଓଡ଼ିଶା ସାହିତ୍ୟ ଜଗତର ବିସ୍ମୟକର ପ୍ରତିଭା ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ' ଉପନ୍ୟାସ ଦୁଇଟି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ ହୋଇଥିବା ଓଡ଼ିଆ ସାହିତ୍ୟର ଦୁଇଟି ମହାର୍ଘ ରତ୍ନ। ଏହି ଗ୍ରନ୍ଥଦୁଇଟିର ଲୋକପ୍ରିୟତା ଅତୁଳନୀୟ। ୨୦୧୪ ମସିହା ବେଳକୁ ଏହି ଗ୍ରନ୍ଥ ଦୁଇଟିର ଏକାଦଶ ସଂସ୍କରଣ ହୋଇସାରିଥିଲା। ସଂପ୍ରତି ୨୦୨୪ ମସିହା ମଧ୍ୟରେ ଅନେକଗୁଡ଼ିଏ ସଂସ୍କରଣ ହୋଇସାରିଲାଣି। ବିଶିଷ୍ଟ କଥାକାର, ପ୍ରାବନ୍ଧିକ, ସ୍ରଷ୍ଟା ଚନ୍ଦ୍ରଶେଖର ରଥଙ୍କ ଭାଷାରେ - 'ଯାହା ସୁକୁମାର, ରୁଚିମନ୍ତ, ଶୁଚିମନ୍ତ, ଦିବ୍ୟ ଓ ସୁନ୍ଦର ଯଦି ସୁରଭାଗ ବା ଦେବଭାଗ ହୁଏ, ତାହା ହୁଏତ ତାଙ୍କ ବ୍ୟକ୍ତିତ୍ୱରେ, ବକ୍ତବ୍ୟରେ, ସୃଷ୍ଟିରେ ଏବଂ ସାଧନାରେ ପତ୍ରତତ୍ର ଦେଖିବାକୁ ମିଳେ। କିନ୍ତୁ ଯେଉଁ ରାଜକୀୟ ଭଂଗୀ, ସ୍ପର୍ଦ୍ଧା, ଠାଣି, ଐଶ୍ୱର୍ଯ୍ୟ, ବଜ୍ରଧାରୀ ସାମର୍ଥ୍ୟ, ଉଦାରପଣ, ସ୍ୱର୍ଗଭୂମିର ଅମୃତ ଓ ଅପ୍ସରା ସକାଶେ ସହଜ ସ୍ୱାଧିକାର କହିଲେ ଇନ୍ଦ୍ରପଣ ବୁଝାଏ, ତାହା ତାଙ୍କ ବୈଶିଷ୍ଟ; ସମସ୍ତଙ୍କ ଭିତରେ ବାରି ହେବା ପାଇଁ ନିର୍ଭୁଲ ଚିହ୍ନଟ।" (କୋଣାର୍କ, ସୁରେନ୍ଦ୍ର ମହାନ୍ତିଙ୍କ ଇନ୍ଦ୍ର ଭାଗ, ପୃ୨- ସୁରେନ୍ଦ୍ର ବିଶେଷାଙ୍କ)




ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ଏହିଭଳି ବହୁବିଧ ରୂପରେ ପ୍ରତିଭାତ ହୋଇଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
sulochanadas0001@gmail.com


ଗଳ୍ପ

# ପାହାଚ



ଶରତ କୁମାର ଦାସ

ଗୋଟିଏ ନୁହେଁ କି ଦୁଇଟି। ତଳ ମହଲାରୁ ଉପର ମହଲାକୁ ଯିବାକୁ ହେଲେ ଚବିଶଟି ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ। ଅନିରୁଦ୍ଧଙ୍କର ସ୍ପଷ୍ଟ ମନେ ଅଛି ସେ ଯେତେବେଳେ ଦଶ ବାର ବର୍ଷର ହୋଇଥିଲେ ଠିକ ଛଅ ଖେପାରେ ଚବିଶଟି ପାହାଚ ଅତିକ୍ରମୁଥିଲେ। ପୁଅ ବିବେକ ସେଇ ସମୟରେ ଆଠ ଖେପାରେ ସବୁତକ ପାହାଚ ପାରି ହୋଇଯାଉଥିଲା। କିନ୍ତୁ ଏବେ ନାତି ବିକାଶକୁ ଲାଗୁଛି ଦଶ ଖେପା ପାହାଚଗୁଡିକୁ ଅତିକ୍ରମ କରିବା ପାଇଁ।



ମନେ ମନେ ଛାତିକୁ କୁଣ୍ଢେମୋଟ କରିପକେଇଲେ ଅନିରୁଦ୍ଧ, କୈଶୋରର ସାହସ ଓ ବୀରତ୍ୱ କାହାଣୀ ମନେ ପକେଇ। ଯାହାହଉ ସେ ବୟସରେ ସେ ପୁଅ ଓ ନାତିଙ୍କ ଠାରୁ ସାହସରେ ଢେର ଆଗୁଆ ଥିଲେ। ଶକ୍ତି ଓ ସାମର୍ଥ୍ୟରେ ମଧ୍ୟ। ନ ହେଲେ ଛଅ ଖେପାରେ ଚବିଶଟି ପାହାଚ ଅତିକ୍ରମ କରିବା କ'ଣ ସହଜ କଥା ?

ତଳ ମହଲାରେ ହୁଇଲଚେୟାରରେ ବସି ଭାବୁଥିଲେ ଅନିରୁଦ୍ଧ। ନିଘା କରୁଥିଲେ, ଘର ଭିତର ଦେଇ ଯାଇଥିବା ଶିଡ଼ିର ପାହାଚଗୁଡିକୁ। ତାଙ୍କ ବାପାଙ୍କ ଅମଳରୁ ତିଆରି ଏ ଶିଡ଼ିର ପାହାଚଗୁଡିକ ଖୁବ ନିଦା ଓ ମଜଭୁତ। ସେ ସମୟର ବାଲି, ସିମେଣ୍ଟ ଓ ରଡ୍‌ରେ ତିଆରି। ଏଯାଏ ବି ମଳିନ ପଡିନି। ସିମେଣ୍ଟ ମିଶା ପାତଳ ସବୁଜ ରଙ୍ଗ ଏ ଯାଏ ବି ଚିକ୍ ଚିକ୍ ମାରୁଛି। ଏପରିକି କେଉଁ ପାହାଚରୁ ସାମାନ୍ୟ ପଲସ୍ତରାବି ଖସିନି।

ଛୋଟବେଳେ କେତେବାର ଏଇ ପାହାଚ ଦେଇ ସେ ଧାଁ ଦୌଡ଼ କରିଛନ୍ତି, ତା'ର ଇୟତ୍ତା ନାହିଁ। ଦୁଷ୍ଟାମି ପାଇଁ ବୋଉ ବିରକ୍ତ ହୋଇ ମାରିବାକୁ ଗୋଡ଼େଇଲେ ସେ ଚଟାପଟ ପାହାଚ ଉପରେ ଖେପା ମାରି ଉପର ମହଲାରେ ଲୁଚି ଯାଆନ୍ତି। ଖରାବେଳେ ପିଜୁଳି ଗଛରୁ ପିଜୁଳି ଚୋରିକରି ପାହାଚ ଉପରେ ବସି ଲୁଚି ଲୁଚି ଖାଆନ୍ତି। ମାଣବସା ସମୟରେ ବୋଉ ଗୋଟି ଗୋଟି କରି ପାହାଚଗୁଡିକରେ ଝୋଟି ପକେଇବା ସମୟରେ କେଡେ ସରାଗରେ ସେ ନିରିଖେଇ ଥାଆନ୍ତି। ସେ ସବୁ ଛବି ପରି ମନେ ପଡ଼ିଯାଉଥାଏ ଅନିରୁଦ୍ଧଙ୍କର।

ସେ ସମୟରେ ସେ ପତଳା ଥିଲେ ବି କେତେ ହୃଷ୍ଟପୁଷ୍ଟ ଥିଲେ। ଶରୀର କେତେ ସୁନ୍ଦର ଓ ସୁଢ଼ଳ ଥିଲା। ମନରେ ଖେଳୁଆଡ଼ ମନୋଭାବ କେମିତି ଉଙ୍କିମାରୁଥିଲା। ସେସବୁ ମନେ ପକେଇ ସେ ଆହ୍ଲାଦିତ ହଉଥିଲେ। ସେ ସମୟରେ ପୁଅ ଓ ନାତିଙ୍କ ଠାରୁ ସେ ଅଧିକ ସୁସ୍ଥ ଓ ଖେଳୁଆଡ଼ ଥିଲେ ବୋଲି ମନେ ମନେ ଗର୍ବ କରୁଥିଲେ। ଦୁର୍ଭାଗ୍ୟବଶତଃ ଚାକିରିରୁ ଅବସର ନବାର ଛଅ ବର୍ଷ ପରେ ସେ ଖୁବ ଦୁର୍ବଳ ଓ ଅବଶ ହୋଇ ପଡ଼ିଲେ। ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ଯୋଗୁ ପକ୍ଷାଘାତ ରୋଗରେ ଶିକାର ହେଲେ। ଅନେକ ଅର୍ଥ ଖର୍ଚ୍ଚ ହେଲା ପରେ ମଧ୍ୟ ରୋଗ ଭଲ ହେଲା ନାହିଁ। ଏବେ ସିଏ ହୁଇଲଚେୟାରର ଆଶ୍ରୟ ନେଇଛନ୍ତି। ବଞ୍ଚିକି ବି ନ ବଞ୍ଚିବା ସହ ସମାନ। ତାଙ୍କୁ ଲାଗୁଛି ସେ ଯେମିତି ଆଉ ଦଶ ବର୍ଷ ଆଗକୁ ଚାଲିଯାଇଛନ୍ତି।

କିନ୍ତୁ ଘରର ପାହାଚଗୁଡିକ ତାଙ୍କ ପାଇଁ ପୂର୍ବବତ୍ ଅତୁଟ ଓ ସତେଜ ଅଛନ୍ତି। ତାଙ୍କ ଦେହରୁ ଏ ଯାଏ ରଙ୍ଗ କି ପଲସ୍ତରା ଛାଡ଼ିନି। ଏତେ ଦିନ ପରେ ବି ସେମାନେ ଆଦୌ ଦୁର୍ବଳ ଜଣାପଡୁ ନାହାନ୍ତି। ସତରେ କେତେ ସହନଶୀଳ ସେମାନେ ? ନିର୍ଜୀବ ହେଲେ ବି କେତେ ଦରଦ ଭରି ରହିଛି ସେମାନଙ୍କ ପ୍ରାଣରେ। ତାଙ୍କୁ ଲାଗୁଥାଏ କେମିତି ଲୁହଭର୍ତ୍ତି ଆଖିରେ ସେମାନେ ଚାହିଁ ରହିଛନ୍ତି ତାଙ୍କୁ ? ତାଙ୍କର ଶୀଘ୍ର ଆରୋଗ୍ୟ

ପାଇଁ ନୀରବ ମୁଦ୍ରାରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି। ତମେ ଶୀଘ୍ର ଆରୋଗ୍ୟ ହୋଇଯାଅ। ଆମେ ଅପେକ୍ଷା କରିଛୁ। ପୁଣି ଥରେ ତମକୁ କୋଳେଇନବୁ। ଆମ ଦେହରେ ସବାର କରିବୁ।

ଅନିରୁଦ୍ଧ ସେମିତି ଚାହିଁ ରହି ଥାଆନ୍ତି ନିର୍ଲିପ୍ତ ଭାବରେ। ଏ ଅସହାୟ ଅବସ୍ଥାରେ ଯେଉଁ ଭଲ ପାଇବା ଟିକକ ତାଙ୍କ ପରିବାର ଦେଇନି ଏ ନିର୍ଜୀବ ପାହାଚମାନେ ଦବା ପାଇଁ କେତେ ଆଗ୍ରହୀ ଶେଷଥର ପାଇଁ ସେମାନଙ୍କୁ ଚାହିଁ ସେ ପ୍ରଣାମ ବାଢ଼ିଲେ। ସେମାନଙ୍କ ମହନୀୟତା ନିକଟରେ କୃତଜ୍ଞ ରହିଲେ। ତାଙ୍କୁ ଲାଗୁଥିଲା, ସେ ଯେମିତି ଧୀର ଧୀରେ ଆତ୍ମସ୍ଥ ହୋଇ ଯାଉଛନ୍ତି ସେମାନଙ୍କ ସହ।

□□

ଲେଖକଙ୍କ ଇ-ମେଲ ଠିକଣା:
saratdas700@gmail.com

---

## ‘ସାହିତ୍ୟ ଚର୍ଚ୍ଚା’କୁ ଲେଖା ପଠାଇବାର ନିୟମାବଳୀ

୧. ‘ସାହିତ୍ୟ ଚର୍ଚ୍ଚା’ ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟ, କିମ୍ବା ତାହା ପରିବର୍ତ୍ତେ ସେମାନଙ୍କ ପାଖକୁ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

ଅନୁଭୂତି

# ଅବିସ୍ମରଣୀୟ



ବନଜ ଦେବୀ

ଭାବରେ ଭାବରେ ନିଗିଡ଼ି ଯିବାକୁ
ଅଧମର ହେଉଛି ମନ,
ଶେଷ ଟୋପା ଦେବି କେମିତି ନିଗାଡ଼ି
ଭାରି ଗହନ ଏ କ୍ଷଣ।

ଏହି ପଙ୍‌କ୍ତିଟି ମୋର ଏକ କବିତାର ପ୍ରଥମ ପଦ ଥିଲା। ଜଗନ୍ନାଥଙ୍କ ପାଇଁ ମୋର ଆକୁଳ ଅନୁଭବର କାବ୍ୟିକ ସ୍ଫୁରଣ।

ଜଗନ୍ନାଥଙ୍କୁ ନେଇ ମୋର ଅନୁଭବ ସେଇ ଅପରିପକ୍ୱ ବାଳିକା ବୟସରୁ। ଏହା ଥିଲା ଆମ ପରିବାରର ପ୍ରବହମାନ ଧାରା। ମୋର ବୋଉ, ବଡବୋଉ, ବାପା, କଟକ ବାପା ସମସ୍ତେ ଖାଲି ପାଦରେ ଚାଲି ଚାଲି ଶ୍ରୀମନ୍ଦିର ଯା'ନ୍ତି। ମୋ ବୋଉ ବଡବୋଉ ଚଟି ପିନ୍ଧନ୍ତି ନାହିଁ। ଜଗନ୍ନାଥ ଗୁଣ୍ଡିଚା ଘରେ ଥିଲାବେଳେ ପ୍ରତିଦିନ ଯା'ନ୍ତି ନବଦିନ ଯାତ୍ରାରେ। ପାରିବାରିକ ଚଳଣିରୁ ହୁଏତ ଏ ଅନୁଭବ ମୋର ଆସିଥିଲା। କିନ୍ତୁ ତାହା ଥିଲା ଗତାନୁଗତିକ। ସ୍ୱଷ୍ଟ ନ ଥିଲା କି ଭାବବ୍ୟଞ୍ଜକ ନ ଥିଲା। ବାହାଘର ପରେ ବି ମୁଁ ପୁରୀ ଗଲେ ଶ୍ରୀମନ୍ଦିର ଯାଏ ଦର୍ଶନ କରେ। ବିଶ୍ୱାସ ଥିଲା, ଭରସା ଥିଲା। ମୁଁ ତାଙ୍କୁ ଘର ଲୋକ ଓ ମୁରବି ବୋଲି ମାନୁଥିଲି।

ଜୀବନର ଉତ୍ତୀର୍ଣ୍ଣ ମଧ୍ୟାହ୍ନରେ, କେମିତି କେଜାଣି ସେଇ ବିଶ୍ୱାସ, ସେଇ ଭରସା, ରୂପାନ୍ତରିତ ହେଲା ଏକ ଆକୁଳତାରେ। ଏ ଆକୁଳତା ମୋର ସିଦ୍ଧ ହେଇ ଚାଲିଛି।

ଜଗନ୍ନାଥଙ୍କୁ ନେଇ ମୋର ବିପୁଳ ଅନୁଭୂତ। ମାତ୍ର ତିନୋଟି ଅନୁଭୂତି ଏଠାରେ ଉଲ୍ଲେଖ କରୁଚି।

ସବୁ ଲୋକମାନେ, ମନ୍ଦିର ଯାନ୍ତି, ଦର୍ଶନ କରନ୍ତି ଲମ୍ବା ତାଲିକା ଥାଏ ହାତରେ। କ'ଣ କ'ଣ ମାଗିବେ ମହାପ୍ରଭୁଙ୍କୁ। ଅନ୍ତର୍ଯାମୀ ଜଗନ୍ନାଥ ଯେ ଅନେକ ଲୋକଙ୍କର ଅନେକ ଦୁଃଖ ମୋଚନ କରିଚନ୍ତି ଏହାର ଅପର୍ଯ୍ୟାପ୍ତ ପ୍ରମାଣ ଆମେ ସମସ୍ତେ ପଢ଼ିଛେ, ଜାଣିଛେ ଓ ଶୁଣିଛେ ମଧ୍ୟ।

**ମାଗିବ ଗୋଟେ କ'ଣ ?**

ଠାକୁରଙ୍କୁ କିଛି ମାଗିବାକୁ ମୋ ମନ ବିଦ୍ରୋହ କରେ। ମାଗିବ ଗୋଟେ କ'ଣ? ମାଗିବାଟା ମତେ ଭାରି ନ୍ୟୁନ ଲାଗେ। ତେବେ ଜଗନ୍ନାଥ ମନ କଥା ବୁଝନ୍ତି। ଶତ ପ୍ରତିଶତ, ମୁଁ ଯେତେବେଳେ ଯିବାକୁ ଚାହେଁ, ସେ ଯିବାର ବନ୍ଦୋବସ୍ତ କରିଦିଅନ୍ତି। ସହଜରେ ଯିବା ମୋ ହାତ ପାଆନ୍ତାରେ ନ ଥାଏ।

ମୋର ଆକୁଳତାର ପ୍ରଥମ ସ୍ଫୁରଣ-



୧୯୮୮ ମସିହା। ଆମେ ସେତେବେଳେ ଖୋର୍ଦ୍ଧାରେ ଆମ ନିଜ ଘରେ ରହୁଥାଉ। ଶ୍ରୀଗୁଣ୍ଡିଚା ସରିଯାଇଥାଏ। ହେରାପଞ୍ଚମୀ, ମଧ୍ୟ ସରିଯାଇ ଥାଏ। ଚତୁର୍ଦ୍ଧାମୂର୍ତ୍ତି, ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ବିରାଜମାନ ଥାନ୍ତି। ଶରଧା ବାଲି ଉତ୍ସବମୁଖର। ସେଦିନ ଥାଏ ଅଷ୍ଟମୀ। ସଂଧ୍ୟାରେ ମୁଁ ବସି ଟି.ଭି. ଦେଖୁଚି। ଶ୍ରୀଗୁଣ୍ଡିଚା ଦିନର ଜଗନ୍ନାଥଙ୍କ ପହଣ୍ଡି ପୁନଃ ପ୍ରସାରିତ ହେଉଥାଏ। ଛେଚା, କଚା ଖାଇ, ଦଉଡ଼ିରେ ବନ୍ଧା ହୋଇ ଜଗନ୍ନାଥ ଭିଡ଼ା ହେଉଥାନ୍ତି। ତାଙ୍କ ଟାହିଆ ଝୁଲୁଥାଏ। ପ୍ରବଳ ଜନଗହଳି, ଲୋକମାନେ ମହାପ୍ରଭୁଙ୍କୁ ଛୁଇଁବାକୁ ପାଖକୁ ଯିବାକୁ ଠେଲାପେଲା ହେଉଥାନ୍ତି। ଅନେକଙ୍କ କାନ୍ଧରେ ଛୋଟ ପିଲା ମଧ୍ୟ ଥାନ୍ତି। କେହି କେହି ଟାହିଆକୁ ଭିଡ଼ି ନେଉଥାନ୍ତି। ସାରା ବଡ଼ଦାଣ୍ଡ ଉତ୍ସବମୁଖର। ଆକାଶରୁ ପୁଷ୍ପ ବୃଷ୍ଟି ହେଉଥାଏ ହେଲିକପ୍ଟରରୁ। ହରିବୋଲ ଓ ହୁଳହୁଳିରେ ଗଗନ ପବନ ମୁଖରିତ। ସେଇ ପହଣ୍ଡି ଦେଖୁ ଦେଖୁ ହିଁ ମୋର ମନ କେମିତି କ'ଣ ହେଇଗଲା। ନିଜକୁ ଧିକ୍କାର କଲି। ଏଡ଼େ ପାପୀ ମୁଁ, କାହିଁ କାହିଁ ବାଟରୁ ଲୋକମାନେ ଛୁଆପିଲା ଧରି ଆସୁଚନ୍ତି। ଅଥଚ ମୁଁ ଖୋର୍ଦ୍ଧାରୁ ପୁରୀ ଯାଇପାରୁନାହିଁ। ପୁଣି ମୋ' ଘର

ପୁରୀ। ଆଖିରୁ ଧାର ଧାର ଲୁହ ବୋହିଗଲା। ଅଭିମାନରେ, ଅପମାନରେ, ଲୁହ ପୋଛି, ରାତି ରୋଷେଇ ହେଲା। କିଏ ଡାକୁଚି ଏତେ ରାତିରେ ଭାବି ମୁଁ ଗେଟ୍ ଖୋଲି ଚମକି ପଡ଼ିଲି ବାପୁ ଭୁବନେଶ୍ୱରରୁ ଆସିଚି ଏତେ ରାତିରେ ? ବାପୁ କହିଲା, ମୁଁ ଆଜି ଆଚାର୍ଯ୍ୟବିହାର ମାମୁଙ୍କ ଘରକୁ ଯାଇଥିଲି। ମାମୁ କହିଲେ ଆସନ୍ତାକାଲି ନଅଟା ସୁଦ୍ଧା ସେ ଏଠି ପହଞ୍ଚିବେ। ତତେ ଓ ବାପାଙ୍କୁ ନେଇ ପୁରୀ ଯିବେ। ମୁଁ ଥନ୍ତ ମାରି ରହିଗଲି ଘଡ଼ିଏ। ମୁଁ ଜାଣେ ମୋ ସାନଭାଇ ପ୍ରତି ଗୁଣ୍ଡିଚା ଦିନ ରାତି ବାରଟାରେ ଯାଇ ଜଗନ୍ନାଥ ଦର୍ଶନ କରେ। ମତେ ନେଇଯିବାକୁ ଚାହିଁଲା କାହିଁକି ? ଏମିତି ତ କେବେ ହେଇନି। ମୁଁ ଭିତରେ ଭିତରେ ଶିହିରି ଉଠୁଥିଲି। ଟି.ଭି. ପରଦାରେ ଦେଖା ଯାଇଥିବା ସେଇ ଚକା ଆଖି ମୋ ମନକଥା ବି ପଢ଼ି ନେଇଛି। ଆଖିରେ ଲୁହ ଜକେଇ ଆସିଲା। ଯେ କଳା ସାଆନ୍ତର ଇଚ୍ଛା ଛଡ଼ା ଆଉ କ'ଣ ହେଇପାରେ ?

ପୁରୀ ଗଲୁ। ନଅମୀ ଦର୍ଶନ, ବାହୁଡ଼ା, ଏକାଦଶୀରେ ସୁନାବେଶ, ଦ୍ୱାଦଶୀର ଅଧରପଣା ହାଣ୍ଡିଭଙ୍ଗା ଦୃଶ୍ୟ, ଏମାର ମଠରେ ବସି ଦେଖି, ଖୋର୍ଦ୍ଧା ଫେରିଲି।

**ମନେ ମନେ ଭାବି ହେଉଥାଏ, ବଡ଼ସିଂହାର ବେଶ ଟିକେ ଦେଖନ୍ତି ନାହିଁ ? ଆଜିଯାଏଁ ସେ ଦେବଦୁର୍ଲ୍ଲଭ ବେଶ ମୁଁ ଦେଖି ପାରିନାହିଁ।**

## ବଡ଼ସିଂହାର ବେଶ

୧୯୯୦ ଠାରୁ ଭବନେଶ୍ୱରରେ ରହିବା ଦିନୁ ଯେତେ ବେଳେ ମନହୁଏ, ମୁଁ ଏକା ଏକା ବସ୍‌ରେ ଚାଲିଯାଏ, ଦର୍ଶନ କରି ଫେରେ। ଜଗନ୍ନାଥ ଦର୍ଶନ କଲା ପରେ ମୁଁ ଯେମିତି ଚାର୍ଜ ହେଇଯାଏ। ମତେ ମିଳିଯାଏ ପ୍ରଚୁର ଅମ୍ଳଜାନ। ବହୁଦିନୁ ମନେ ମନେ ଭାବି ହେଉଥାଏ, ବଡ଼ସିଂହାର ବେଶ ଟିକେ ଦେଖନ୍ତି ନାହିଁ ? ଆଜିଯାଏଁ ସେ ଦେବଦୁର୍ଲ୍ଲଭ ବେଶ ମୁଁ ଦେଖି ପାରିନାହିଁ, ଏ ବେଶ ଦେଖିବାକୁ କାଳେ ସ୍ୱର୍ଗର ଦେବତାମାନେ ଶ୍ରୀମନ୍ଦିରର ଗୁପ୍ତଦ୍ୱାର ଦେଇ ଆସନ୍ତି। ହେଲେ ଏ ବେଶ ମୁଁ ଦେଖିବି କେମିତି ? ଏ ତ ରାତିରେ ହୁଏ, ପୁଣି ନିଶାର୍ଦ୍ଧରେ କିଏ ମତେ ନେଇଯିବ ? ପିଲାଏ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ। ମୋର ଘନିଷ୍ଠ ବନ୍ଧୁ ସ୍ୱର୍ଣ୍ଣ ପୁରୀରେ ରହେ, ଅବସରପରେ। ତା' ନିଜଘର ବି ପୁରୀ, ତାକୁ ବହୁବାର କହିଲି, ଅଧରାତିରେ ମନ୍ଦିର ଯାଇ ବଡ଼ସିଂହାର ଦେଖିବାକୁ ହେଲେ ଆମକୁ ଏକ ଗାଡ଼ି ବନ୍ଦୋବସ୍ତ କରିବାକୁ ପଡ଼ିବ ଓ ସାଙ୍ଗରେ ଜଣେ ଲୋକ। ସେ କିଛି ବି ବନ୍ଦୋବସ୍ତ କଲାନାହିଁ। ଦିନ ଗଡ଼ିଲା, ଦିନେ ତାକୁ ଚରମବାଣୀ ଶୁଣାଇଲି ଫୋନ୍‌ରେ, ଏଇ ଦୁଇତିନିଦିନ ଭିତରେ ବନ୍ଦୋବସ୍ତ କର। ମୁଁ ଯାଇ ପହଞ୍ଚିବି। ତା' ବି ହେଇ ପାରିଲା ନାହିଁ। ମାନିନେଲି, ଏହା ସାଆନ୍ତଙ୍କ ଇଚ୍ଛା। ମନରେ ଅଭିମାନ ଆସିଲା ଅସୁମାରି ପ୍ରଜାପାଟକ ମଧ୍ୟରେ ମୁଁ ଏକ ନଗଣ୍ୟ ଧୂଳିକଣା। ମୋର ମହାର୍ଘ ଇଚ୍ଛା ପୂରଣ ପାଇଁ ମହାପ୍ରୁ ତ ବାଧ୍ୟ ନୁହଁ।

ସେ ଦିନ ପହିଲି ରଜ। ସୂଚନା ଭବନରେ ସାରଳା ପୁରସ୍କାର ପ୍ରଦାନ ଉତ୍ସବ। ପୁରସ୍କାର ପାଇବେ ବୀଣା ଅପା। ପ୍ରସିଦ୍ଧ କଥାକାର ବୀଣାପାଣି ମହାନ୍ତି; ମୁଁ ସୂଚନା ଭବନ ଯିବାକୁ ବାହାରିଛି। ଝିଅ ଫୋନ୍ କଲା, ମା, ପୁରୀ ଯିବ ? ମୁଁ ଯାଉଚି ? ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲି। ବୀଣା ଅପାଙ୍କ ପୁରସ୍କାର ଗ୍ରହଣ ସମୟରେ ମୋର ଅନୁପସ୍ଥିତି ମତେ ଠିକ୍ ଲାଗୁ ନ ଥିଲା, ଏଣେ ପୁରୀ ଯିବାର ଲୋଭ ଏଡ଼ି ପାରୁ ନ ଥିଲି। ମୁଁ ଝିଅକୁ କହିଲି, "ମୁଁ ସୂଚନା ଭବନ ବାହାରିଥିଲି।" ସେ କହିଲା, ତମେ ଯାଅ, ମୁଁ ସେଇଠୁ ତମକୁ ନେଇଯିବି। ମୋ କାମ ସରିଲା ପରେ, ମୋ ମନ ଖୁସୀ ହେଇଗଲା। ଅନ୍ତତଃ, ବୀଣାଅପାଙ୍କୁ ସାକ୍ଷାତ୍ କରି ତ ଯାଇ ପାରିବି। ପୁରସ୍କାର ପ୍ରଦାନ ଶେଷ ପର୍ଯ୍ୟାୟରେ ପହଞ୍ଚିଲା ବେଳେ ଝିଅ ଆସିଲା। ମୁଁ ତା' ସହ ପୁରୀ ଆସିଲି। ରାତି ନଅଟା ପାଖାପାଖି। ପୁରୀରେ ପହଞ୍ଚିଲା ବେଳକୁ ଦଶଟା ପନ୍ଦର, ମୁଁ କହିଲି ଆମେ ଫେରିବାରେ ତ ବିଳମ୍ବ ହେବ, ଝିଅ କହିଲା, ଆମେ ଆଜି ରହିବା ମା, 'ବଡ଼ସିଂହାର' ଦେଖିବା। ମୁଁ ଶିହିରି ଉଠିଲି, କହିଲି, ମୁଁ ତ ତତେ କେବେ ବି କହିନି ବଡ଼ସିଂହାର ଦେଖିବି ବୋଲି ? ଝିଅ କହିଲା, ତମେ କହିନ ସତ, ହେଲେ ମୋର କାହିଁକି ମନ ହେଲା।

## ଚନ୍ଦନଲାଗି

ସେଦିନର ସେଇ ଦର୍ଶନ। ଚନ୍ଦନଲାଗିର ମହାର୍ଘ ଦୃଶ୍ୟ କେବଳ ଫୁଲ, ତୁଳସୀରେ ବେଶ ବଡ଼ସିଂହାର। ଏ ବେଶରେ ଗଭା, ଚନ୍ଦ୍ରିକା, ଅଁଳକା, ତିଳକ, ଝୁମ୍ପା, ନାକୁଆସୀ ଦୟଣା, ଅଧରମାଳ, କରପଲ୍ଲବ, ହୃଦ ପଦକ, ଫୁଲ, ନାକଚଣା, ଫୁଲର ବିଭିନ୍ନ ଗହଣା ତାଙ୍କ ମାଦଳ ଦେହକୁ ଅପୂର୍ବ ସୁନ୍ଦର

କରିଥାଏ। ପୋଡ଼ପିଠା, ଦହିପଖାଳ ଭୋଗ ହେଲା। ଖଟ ପଲଙ୍କ ଶେଯ ପ୍ରସ୍ତୁତ ହେଲା, ଶୟନ ପ୍ରତିମା ଆସି ନିଉଛାଳି ହେଲେ। ଭିତର ଗାଆଣ, ଗୀତ ବାଦ୍ୟରେ, ଜଗନ୍ନାଥଙ୍କୁ ନିଦ୍ରା ଆସିବାର ଗୀତ ଶୁଣାଇଲେ। ଧୀରେ ଧୀରେ ଆଲୁଅ ଲିଭିଲା, ଏଇ ଆଲୁଅ ଲିଭିବାର ଦୃଶ୍ୟରେ ଅଭିଭୂତ ହୋଇଯାଏ। ଗୋଟି ଗୋଟି ଆଲୁଅ ଲିଭି ସବୁ ଶ୍ରଦ୍ଧାଳୁ ବାହାରକୁ ଆସିଲେ। ଶ୍ରୀମନ୍ଦିର ସିଂହଦ୍ୱାର ବନ୍ଦ ହେଲା।

ଆଉ ଗୋଟିଏ ମହାର୍ଘ ସ୍ମୃତି, ମୋ ସମଗ୍ର ଜୀବନର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ। ମନ ସବୁବେଳେ ଆଉଟି ହୁଏ, ଜଗନ୍ନାଥଙ୍କୁ ଆଲିଙ୍ଗନ କରନ୍ତି। ସେ ରାଜ ରାଜେଶ୍ୱର। ମୁଁ ତୁଚ୍ଛାତିତୁଚ୍ଛ, ତୃଣ ଛୁଆଟିଏ। ତାଙ୍କ ଦାସପଣକୁ ବିଭାଜନ ନୁହେଁ, ଅଥଚ ସେ ମହାର୍ଘ ଇଚ୍ଛା, କାହିଁକି ମତେ ମୁକ୍ତି ଦେଉନାହିଁ? ବେଳକୁ ବେଳ ବଢ଼ିଲା ଏ ଇଚ୍ଛା ଉତ୍ତାପ। ମୁଁ ଜାଣେ କେବଳ ବାହୁଡ଼ା, ଏକାଦଶୀ, ଦ୍ୱାଦଶୀ ଏଇ ତିନିଦିନ ଜଗନ୍ନାଥ ରଥ ଉପରେ ବଡ଼ଦାଣ୍ଡରେ ରହନ୍ତି। ମୁଁ ହେରାପଞ୍ଚମୀରେ ଆସି ଦର୍ଶନ କରି ଯାଏ, ନବମୀ ଦିନ ସକାଳେ ମଧ୍ୟ, ସବୁ ବର୍ଷ ଚେଷ୍ଟା କରେ। ସଫଳ ହୁଏ ନାହିଁ। ପୁରୀ ଯାଏ, ହେଲେ ଭିଡ଼ କାଟି, ରଥ ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ।



## ସୁନାବେଶ ଓ ଅଧରପଣା

ଦିନେ ଭାବିଲି ଖରାବେଳେ ସଂଧ୍ୟାରେ ସିନା ଭିଡ଼, ଖୁବ୍ ସକାଳୁ ଚାଲିଯିବି, ବାହୁଡ଼ା ଦିନଠୁ ଆସି ପୁରୀରେ ରହିଲି। ଏମାର ମଠରେ ସୁନାବେଶ ଦେଖିଲି। ଅଧରପଣା ହାଣ୍ଡି ଭଙ୍ଗା ଦୃଶ୍ୟ ମଧ୍ୟ, ତ୍ରୟୋଦଶୀ ଦିନ ଭୋରରୁ ମୋ ସାଙ୍ଗ ସ୍ୱର୍ଣ୍ଣ ଓ ତା' ନାଗୁଆ ଅଟୋକୁ ନେଇ, ରଥ ପାଖେ ପହଞ୍ଚିଲି, ଏତେ ବେଶି ଭିଡ଼ ନ ଥାଏ। ସ୍ୱର୍ଣ୍ଣ ରଥକୁ ଗଲା ନାହିଁ, ମୁଁ ତାକୁ ମୋ ବ୍ୟାଗ୍‌ଟି ଧରାଇ ଟଙ୍କା ଶହେଟି ମୁଠେଇ ରଥରେ ଲାଗିଥିବା ସଂକୀର୍ଣ୍ଣ ଶିଡ଼ିରେ ଭିଡ଼ ସତ୍ତ୍ୱେ ଚଢ଼ିଲି। ଭାବିଲି, ପଛପଟୁ ଯାଇ ଜଗନ୍ନାଥଙ୍କୁ ଜାବୁଡ଼ି ଧରିବି। ରଥରେ ପହଞ୍ଚି ଦେଖିଲି, ଅପୂର୍ବ ଦୃଶ୍ୟ, ତିନିଜଣ ମହିଳା ଜଗନ୍ନାଥଙ୍କ ପଛପଟୁ ଜାବୁଡ଼ି ଧରିଛନ୍ତି। ଜଣେ ଜଗନ୍ନାଥଙ୍କୁ, ଜଣେ ସୁଭଦ୍ରାଙ୍କୁ ଓ ଆଉ ଜଣେ ବଳଭଦ୍ରଙ୍କୁ। ଅଧିଆ ପଡ଼ି। ଲୋକମାନେ ମଧ୍ୟ ତାଙ୍କ ଉପରେ ଚଢ଼ିଯାଉଥାନ୍ତି, ରଥରେ ଭିଡ଼ ଦେଖି ମୁଁ କାନ୍ଦି ପକାଇଲି। ନାଁ ଏ ଭିଡରେ ଦର୍ଶନ ତ ସମ୍ଭବ ନୁହେଁ। ଗୋଟେ ପଣ୍ଡାକୁ ଶହେ ଟଙ୍କା ଧରାଇ କହିଲି, ଭାଇନା ମତେ ଟିକେ ଭିଡ କାଟି ଦର୍ଶନ କରାଇ ଦିଅ। ସେ ଭାଇନା ଟଙ୍କା ନେଇ ଚାଲିଗଲା। ମୁଁ ଅସହାୟ ହୋଇ ହତାଶାରେ ଚିରି ହେଇଯାଉଥିଲି। ଏତେ ଦିନକେ, ରଥରେ ଚଢ଼ିବି ମୁଁ ଶ୍ରୀଜୀଉଙ୍କୁ ଦର୍ଶନ କରି ପାରିବି ନାହିଁ, ସ୍ପର୍ଶ କରିବା ତ ଦୂରର କଥା।

ଚାରି ପାଖରେ ଜମାଟ ବନ୍ଧା ଭିଡ଼, ତାକୁ କାଟି ଆଗକୁ ଯିବା ଅସମ୍ଭବ। ସବୁ ଥର ରଥ ପର୍ଯ୍ୟନ୍ତ ମଧ୍ୟ ଆସିପାରେ ନାହିଁ। ଏଥର ରଥ ଉପରେ ଚଢ଼ି ମଧ୍ୟ ଦର୍ଶନ କରିପାରିବି ନାହିଁ? ଖାଲି ହାତ, ଖାଲି ମନ, ଖାଲି ଆଖି ନେଇ ଫେରିବି। ମୁଁ ବି କେତେ ମୂର୍ଖ। ରାଜରାଜେଶ୍ୱରଙ୍କୁ ଆଲିଙ୍ଗନ କରିବା ଇଚ୍ଛା, ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା କଥା ସିନା। ମୋ ଆଶା ଓ ମନ ଚୂନା ହେଇଯାଇ ଲୁହରେ ବତୁରିଗଲା ବେଳେ ଏକ ପ୍ରବଳ ଭିଡ଼ ମତେ ଠେଲି ନେଲା ଆଗକୁ ଆଗକୁ। ସେ ଠେଲାର ବେଗ ଏତେ ପ୍ରବଳ ଥିଲା ଯେ ମୁଁ ଠେଲି ହେଇଯାଇ ଅଟକିଗଲି ଜଗନ୍ନାଥଙ୍କ ପ୍ରସାରିତ ଦୁଇ ଭୁଜ ମଧ୍ୟରେ। ଏକଦମ ତାଙ୍କ ପେଟକୁ ଲାଗି ମୋ ମୁଣ୍ଡ। ସତେ କି ସେ ମତେ ତାଙ୍କ ବାହୁରେ ଧରିଛନ୍ତି। ଅଭିଭୂତ ହେଲି। ଲୁହ ଝରିଲା, ଏତିକି ସୁଖ ପାଇଁ ମତେ ବର୍ଷ ବର୍ଷର ପ୍ରତୀକ୍ଷା ଜାରି ରହିଥିଲା। ପ୍ରାୟ ପନ୍ଦର ମିନିଟ ଥିଲି ତାଙ୍କ ଭୁଜ ମଧ୍ୟରେ। ବହୁ ଅଭିମାନ, କ୍ରୋଧ ଜାଗି ଉଠିଲା। ହଁ, ତାଙ୍କ ନାକ ମୋଡ଼ିଲି, ତାଙ୍କୁ ବିଧା ଚାପୁଡ଼ା ମାରିଲି, ମୋ ରାଗ ଶୁଝାଇଲି। ପୁଣି ତାଙ୍କୁ ଆଉଁଶିଲି, ପରମ ଶ୍ରଦ୍ଧାରେ, ନିବିଡ଼ ଅନୁରାଗରେ। କ୍ଷମା ପ୍ରାର୍ଥନା କଲି, କୃତଜ୍ଞତା ସ୍ୱୀକାର କଲି, ଜଣେ ଶ୍ରଦ୍ଧାଳୁଙ୍କ ଠାରୁ ଶୁଣିଥିଲି, ଜଗନ୍ନାଥ ଭାରି ମାଡ଼ୁଆ। ମାଡ଼ ଗାଳି ନ ଖାଇଲେ ସେ ଶୁଣନ୍ତି ନାହିଁ।

ଜଗନ୍ନାଥଙ୍କୁ ନେଇ ମୋର ବିପୁଳ ଅନୁଭବରୁ ତିନୋଟି ମାତ୍ର ଉଦ୍ଧାର କଲି। ସେ ମୋର ଶେଷ ଆଶା, ବିଶ୍ୱାସ ଓ ଭରସା।

□□

ଲେଖିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com



ପ୍ରବନ୍ଧ

# ଶିଶୁ ସାହିତ୍ୟ : ସାହିତ୍ୟିକ ଓ ପାଠକ

ପ୍ରଫେସର ଉଦୟନାଥ ସାହୁ

ଶିଶୁଟିଏ ବିଧାତାଙ୍କର ବିଧି ନିର୍ଦ୍ଦେଶିତ ମହନୀୟ ସୃଷ୍ଟି। 'ଶ୍ରୀମଦ୍ ଭାଗବତ'ରେ କୁହାଯାଇଛି -

"ନମୋ ମହଦ୍‌ଭ୍ୟୋସ୍ତୁ ନମଃ ଶିଶୁଭ୍ୟୋ
ନମୋ ଯୁବଭ୍ୟୋ ନମ ଅବଟୁଭ୍ୟ।"

- ୫ମ ସ୍କନ୍ଧ / ୧୩ଶ ଅ / ୨୩ ଶ୍ଳୋକ

ଅର୍ଥାତ୍ - ବ୍ରହ୍ମବିଦ୍ ମହତ୍ ବ୍ୟକ୍ତିଗଣ କିପରି ଭାବରେ ବେଶ ଧାରଣ କରି ବିଚରଣ କରନ୍ତି ତାହା ସହଜରେ ବୁଝିହୁଏ ନାହିଁ। ଏଣୁ ମୁଁ କ୍ଷୁଦ୍ର ଶିଶୁଠାରୁ ଆରମ୍ଭ କରି ବାଳକ, ଯୁବକ ପ୍ରଭୃତି ନିଖିଳ ମହାତ୍ମାମାନଙ୍କୁ ନମସ୍କାର କରୁଅଛି। ଶ୍ରୀଜଗନ୍ନାଥ ଦାସ ତାଙ୍କ ରଚିତ ଭାଗବତରେ ଲେଖିଛନ୍ତି -



"ନମଇଁ ମହତ୍ - ଈଶ୍ୱର। ନମସ୍ତେ ଶିଶୁରୂପ ଧର॥
ତୁ ନାଥ ଯୁବାରୂପ ଧର। ତୋତେ ମୋହର ନମସ୍କାର॥"

ଶିଶୁ ହିଁ ସୃଷ୍ଟିର ସୌଷ୍ଠବ, ସୌକୁମାର୍ଯ୍ୟ ଓ ସୌନ୍ଦର୍ଯ୍ୟର ସର୍ବଶ୍ରେଷ୍ଠ ମୂର୍ତ୍ତିମନ୍ତ ପ୍ରତୀକ। ସେ ହେଉଛି ସରଳତା ଓ ନିରୀହତାର ସର୍ବଶ୍ରେଷ୍ଠ ଆତ୍ମିକ ସମ୍ପଦ। ସେ ମାନବ ସୃଷ୍ଟିର ଅମୃତମୟ ଅଙ୍କୁର। ଶିଶୁର ବିକାଶରେ କେବଳ ପରିବାରର ନୁହେଁ, ରାଷ୍ଟ୍ରର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିଶୁ ପାଇଁ ପରିବେଶର ପ୍ରଭାବ ଅତ୍ୟନ୍ତ ପ୍ରଭାବଶାଳୀ। ଚାରିବର୍ଷ ମଧ୍ୟରେ ସେ ଯାହା ଶିଖେ, ଶୁଣେ ଏବଂ ବୁଝେ, ତାହା ହିଁ ତାକୁ ବିଶେଷ ପ୍ରଭାବିତ କରିଥାଏ। ଅଝଟ ଶିଶୁକୁ ପ୍ରବୋଧ ଦେବା ନିମିତ୍ତ ମାଆର ମୁଖ ନିଃସୃତ ଅଲିଖିତ ବାଣୀ / ମୌଖିକ ସାହିତ୍ୟ ହିଁ ଶିଶୁ ସାହିତ୍ୟ। ତାହାର ଅଝଟ ବେଳେ, ଶୟନ ବେଳେ, ଖାଦ୍ୟ ଖୁଆଇବା ବେଳେ, ଦୋଳିରେ କିମ୍ବା କୋଳରେ ଝୁଲାଇବା ବେଳେ ମାଆ ମୁଖରୁ। ଶିଶୁ ହିଁ ସୃଷ୍ଟି ହୋଇଥାଏ।

ଶିଶୁମାନଙ୍କ ପାଇଁ ସାହିତ୍ୟ ବିନା ଏକ ଜଗତ କଳ୍ପନା କରିବା କଷ୍ଟକର। ମଣିଷ ପ୍ରଥମେ କହିବା ଶିଖିବା ଦିନଠାରୁ ପିଲାମାନଙ୍କର କାହାଣୀ ଏବଂ ଲୋକକଥା ଶୁଣିଆସିଛି। ଏବେ ଅନେକ ଶିଶୁ ସାହିତ୍ୟ ସୃଷ୍ଟି ହେଉଛି।

**ଲେଖିବା କାହାପାଇଁ**

ତେବେ ସ୍ରଷ୍ଟା ପ୍ରଥମେ ଭାବିନେବା ଉଚିତ ଯେ, ଆମେ କାହା ପାଇଁ ଲେଖୁଛୁ? ନିଜ ପାଇଁ ନା ପାଠକମାନଙ୍କ ପାଇଁ। ଏଠାରେ ପାଠକ ହିଁ ହେଉଛି ଶିଶୁ। ସେତେବେଳେ ସ୍ରଷ୍ଟାଟି କ'ଣ ସତରେ ଶିଶୁ ପ୍ରତି ସଚେତନ ଅଛି? ସାହିତ୍ୟର ଅନେକ ବିଭାଗ ମଧ୍ୟରୁ ଏହା ହେଉଛି ଶ୍ରେଷ୍ଠତମ ବିଭାଗ। କାରଣ ଏହା ଅନ୍ୟ ସାହିତ୍ୟ ପାଇଁ ଭିତ୍ତିଭୂମିଟିଏ ସୃଷ୍ଟି କରେ। ଏବେ ଶିଶୁ ସାହିତ୍ୟ ଉପରେ ଗୁରୁତ୍ୱ ଆରୋପ କରାଯାଉଛି। କାରଣ ଏହି ବିଭାଗ ବିକାଶରେ ସାହିତ୍ୟର ସାମଗ୍ରିକ ବିକାଶ ସମ୍ଭବପର। ଏହାର ଦୁଇଟି ଲକ୍ଷ୍ୟ ଥାଏ। ପ୍ରଥମଟି ଶିକ୍ଷା ଓ ଦ୍ୱିତୀୟଟି ମନୋରଂଜନ। ମନୋବିଜ୍ଞାନୀର ଦୃଷ୍ଟିକୋଣଠାରୁ ଆରମ୍ଭ କରି ପୁରାତତ୍ତ୍ୱବିଦ୍‌ଙ୍କ ପର୍ଯ୍ୟନ୍ତ ଅନେକଙ୍କର ଗବେଷଣାର କ୍ଷେତ୍ର ହୋଇଯାଇଛି ଏହି ସାହିତ୍ୟ।

ଶିଶୁ ସାହିତ୍ୟର ପାଠକୀୟ ପରିସର ବେଶ୍ ବିସ୍ତୃତ। କାରଣ ଏହା ଅଭିଭାବକ, ଶିକ୍ଷକ ଓ ଆତ୍ମୀୟଙ୍କ ନିକଟରେ ପହଞ୍ଚିଥାଏ। ସେ ଏ ସାହିତ୍ୟରେ ପ୍ରବନ୍ଧ, ପଦ୍ୟ, ନାଟକ, ଭ୍ରମଣ କାହାଣୀ, ଜୀବନୀ ସବୁକିଛି ଥାଏ। ପ୍ରଥମେ ଲେଖକ ଜନ୍ ଆମୋସ୍ କୋମେନିଅସ୍ (୧୬୮୨-୧୯୭୦)ଙ୍କ ଓରବିସ୍ ପିକ୍‌ଟରସ୍ ଶିଶୁମାନଙ୍କ ପାଇଁ ଥିଲା ପ୍ରଥମ ଚିତ୍ର ସମୃଦ୍ଧ ପୁସ୍ତକ। ସେ ଲାଟିନ୍ ପରିବର୍ତ୍ତେ ମାତୃଭାଷାରେ ଲିଖିତ ଚିତ୍ରକଳା ପାଠ୍ୟ ପୁସ୍ତକ ସହିତ ଅନେକ ଶିକ୍ଷାଗତ ଧାରଣା ଏବଂ ଉଦ୍ଭାବନ

ପ୍ରବର୍ତ୍ତନ କରିଥିଲେ। ପ୍ରକୃତି ଧର୍ମ ଏବଂ ଜ୍ଞାନ ମଧ୍ୟରେ ଥିବା ସଂଯୋଗକୁ ସେ ଅତ୍ୟଧିକ ବିଶ୍ୱାସ କରୁଥିଲେ। ଏହି ଶିଶୁ ସାହିତ୍ୟକୁ ସମୃଦ୍ଧି କରିବା ପାଇଁ ପ୍ରକୃତି, ଲୋକକଥା ଓ ଲୋକଗୀତରୁ ଉପାଦାନ ସଂଗ୍ରହ କରାଯାଇଥାଏ। ଏଥିରେ ଶିଶୁର ସ୍ୱପ୍ନଶୀଳ ଓ କଳ୍ପନାବିଳାସୀ ମନକୁ ଛୁଇଁବା ପାଇଁ ପ୍ରୟାସ କରାଯାଇଥାଏ।

## ଅସୁମାରି ପ୍ରଶ୍ନ

ଶିଶୁ ଜଣେ ବୈଜ୍ଞାନିକ। ହେତୁ ହେଲା ବେଳକୁ ସେ ସବୁକଥା ଜାଣିବାକୁ ଚାହେଁ। ଅସୁମାରି ପ୍ରଶ୍ନ ପଚାରେ, ନୂଆ କିଛି ଦେଖିଲେ ତାକୁ ନିରେଖି ଅନାଏ। ତାକୁ ବୁଝିବାକୁ ଚେଷ୍ଟା କରେ, ଏପଟ ସେପଟ ଲେଉଟାଏ। ଏହା ଶିଶୁର ସ୍ୱାଭାବିକ ଢଙ୍ଗ। ଏ ସମ୍ପର୍କରେ ମୋ ଅନୁଭୂତିର କିଛି ଅଂଶ ପାଠକମାନଙ୍କୁ ଜଣାଇବାକୁ ଚାହେଁ। ଥରେ କାନାଡ଼ା ଭ୍ରମଣରେ ଥିବାବେଳେ ଗୋଟିଏ ଘଟଣା ମୋ ମନକୁ ବେଶ୍ ଆକୃଷ୍ଟ କରିଥିଲା। ଟରଣ୍ଟୋ ନିକଟସ୍ଥ ବ୍ରାମ୍ପଟନ ସହରରେ ଖୁବ୍ ସୁନ୍ଦର ତ୍ରିବେଣୀ ହିନ୍ଦୁ ମନ୍ଦିର ନିର୍ମିତ ହୋଇଛି। ସେହି ମନ୍ଦିରର ପ୍ରତିଷ୍ଠା ଦିବସରେ ମୋତେ ଯୋଗଦାନ କରିବାର ସୁଯୋଗ ମିଳିଥିଲା। ସେଠାରେ ସମସ୍ତ ହିନ୍ଦୁ ଦେବଦେବୀ ପୂଜା ପାଉଛନ୍ତି। ମୋ ସହିତ ଥିଲେ ମୋର ଝିଅ ଓ ପାଞ୍ଚ ବର୍ଷର ନାତୁଣୀ। ନାତୁଣୀ ସମସ୍ତ ଦେବଦେବୀଙ୍କୁ ମୁଗ୍ଧ ନୟନରେ ଚାହିଁଥାଏ। ପ୍ରଥମେ ଗଣେଶ ପ୍ରଭୁଙ୍କ ନିକଟକୁ ଯାଇ ଅପଲକ ନୟନରେ ଚାହିଁ ରହିଲା। ତାଙ୍କୁ ନମସ୍କାର କଲା ପରେ ଗଣେଶ ମହାପ୍ରଭୁଙ୍କ ହାତରେ ହାଇଫାଇଭ୍ କରିଲା। ଆମେ ତାକୁ କହିଲୁ ସେ ହେଉଛନ୍ତି 'ଗଣେଶ ମହାପ୍ରଭୁ'। କିନ୍ତୁ କିଛି ସମୟ ପରେ ଉତ୍ତର ଦେଲା ସେ – 'ନୋ, ଏଲିଫାଣ୍ଟ ଗଡ୍।' ତା'ପରେ ସେହିକ୍ରମରେ ଶିବଙ୍କୁ ନମସ୍କାର କରି କହିଲା – 'ସ୍ନେକଗଡ୍', ମା' କାଳୀଙ୍କୁ ଦେଖି କିଛି ସମୟ ଚାହିଁ ରହିଲା। ହଠାତ୍ ସେ କହିଲା – 'ମାମା! ଫନି ଗଡ୍। ଟଙ୍ଗ କ୍ଲିନିଂ।' ଏହା ଶୁଣି ସମସ୍ତ ହସି ଉଠିଲେ। ବର୍ତ୍ତମାନ ଯଦି ଆମେ ଗୋଟିଏ ଶିଶୁର ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିବା, ଏଥିରୁ ବୁଝାଯିବ ଯେ, ତା' ଦୃଷ୍ଟିରେ ସେ ଯେତିକି ବୁଝେ, ତାହା ହିଁ ପ୍ରକାଶ କରେ। ଶିଶୁ ମନରେ ଅନେକ ସମୟରେ କୌତୂହଳ, ଆଗ୍ରହ ଅନୁସନ୍ଧିତ୍ସା ଦେଖା ଦେଇଥାଏ। ତାକୁ ଲକ୍ଷ୍ୟ କରିବାର କଥା।

ଶିଶୁ ସାହିତ୍ୟ ବା ପିଲାମାନଙ୍କର ସାହିତ୍ୟର ଅର୍ଥ ହେଉଛି, ଯାହା ଶିଶୁ ବା ପିଲାମାନଙ୍କ ପାଇଁ ଭଲ। ଏଠାରେ ଦୁଇଟି ଶବ୍ଦ – ଶିଶୁ ଓ ସାହିତ୍ୟ। ଗୋଟିଏ ଶିଶୁର ଚିନ୍ତାଧାରା, ଅନ୍ୟ ଶିଶୁ ସହିତ କୌଣସି ପ୍ରକାରେ ଜଡ଼ିତ ନୁହେଁ। ଏଥିରେ ଶିକ୍ଷା, ମନୋବିଜ୍ଞାନ, ସମାଜ ବିଜ୍ଞାନ, ଇତିହାସ, କଳା, ସାହିତ୍ୟଆଦି ସଂପୃକ୍ତ ଥାଏ। ଦେଖାଯାଉଛି ଯେ ଶିଶୁ ସାହିତ୍ୟରେ ପାଠ୍ୟର ପାଠକ ଶିଶୁ ନୁହେଁ। ଏହାକୁ କିଶୋରଠାରୁ ବୟସ୍କ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତେ ପଢ଼ନ୍ତି। ତେଣୁ ପ୍ରଶ୍ନ ଉଠେ ଶିଶୁ ବା ପିଲାମାନଙ୍କର ପୁସ୍ତକ ପିଲାମାନଙ୍କ ଦ୍ୱାରା ଲିଖିତ ନା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ। ପିଲାମାନଙ୍କ ପାଇଁ ଲେଖାଯାଇଥିବା ପୁସ୍ତକ ଯଦି ବୟସ୍କମାନଙ୍କ ଦ୍ୱାରା ପଢ଼ାଯାଏ, ତେବେ ଏ ପର୍ଯ୍ୟନ୍ତ କ'ଣ ପିଲାମାନଙ୍କ ପାଇଁ ପୁସ୍ତକ ଲେଖାଯାଇନାହିଁ? ତେବେ ଆମେ ଜାଣିବା ଦରକାର ଶିଶୁମାନଙ୍କ ପାଇଁ କେଉଁ ବହିଗୁଡିକ ସର୍ବୋତ୍ତମ। ଉତ୍ତମ ପୁସ୍ତକ ଶିଶୁମାନଙ୍କ ପାଇଁ ବହୁତ କିଛି କରିପାରେ। ତେଣୁ ଶିଶୁ ସାହିତ୍ୟର ସଂଜ୍ଞା ଅନେକ ସମସ୍ୟା ସୃଷ୍ଟିକରେ। ଏପରିକି ପିଲାଦିନର ସଂଜ୍ଞା ସଂସ୍କୃତିଠାରୁ ସଂସ୍କୃତି ମଧ୍ୟରେ ଭିନ୍ନ।

> **ଉତ୍ତମ ପୁସ୍ତକ ଶିଶୁମାନଙ୍କ ପାଇଁ ବହୁତ କିଛି କରିପାରେ। ତେଣୁ ଶିଶୁ ସାହିତ୍ୟର ସଂଜ୍ଞା ଅନେକ ସମସ୍ୟା ସୃଷ୍ଟିକରେ।**

## ଲୋକକଥା ଓ ଲୋକଗୀତ

ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ପ୍ରକୃତି, ଲୋକକଥା, ଲୋକଗୀତରୁ ଉପାଦାନ ସଂଗ୍ରହ କରାଯାଇଥାଏ, ଏଥିରେ ଶିଶୁର ସ୍ୱପ୍ନଶୀଳ ଓ କଳ୍ପନାବିଳାସୀ ମନକୁ ଛୁଇଁବା ପାଇଁ ପ୍ରୟାସ କରାଯାଇଥାଏ। ଏହି ଲୋକ କାହାଣୀ ମୂଳତଃ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ନ ଥିବା ବେଳେ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଶିଶୁ ସାହିତ୍ୟର ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଯାଇଛି। ଅନ୍ୟ ପକ୍ଷରେ ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ପିଲାମାନଙ୍କ ପାଇଁ ଲେଖାଯାଇଥିବା ତଥା ବହୁଳ ଭାବରେ ପାଠ କରାଯାଇଥିବା ଅନେକ ପୁସ୍ତକ ଆଜି ଐତିହାସିକ ଶିଶୁ ସାହିତ୍ୟ ଭାବରେ ବିବେଚନା କରାଯାଏ ଏବଂ ଶିଶୁ ସାହିତ୍ୟ ବୟସ୍କ ପଣ୍ଡିତମାନେ ପ୍ରାୟ ପଢ଼ନ୍ତି। ଶିଶୁ ସାହିତ୍ୟରେ ଲୋକ କାହାଣୀର ପ୍ରଭାବ, କାହାଣୀରେ ସଂଳାପ ପ୍ରଭୃତି ପ୍ରତିଫଳିତ ହୋଇଥାଏ। ଏଥିରେ ରୋମାଞ୍ଚଭରା ଅଭିଯାନ, ହାସ୍ୟଧର୍ମୀ

ରଚନା, ଆକର୍ଷଣୀୟ ରଙ୍ଗିନ ଛବି, ବିସ୍ମୟସୃଷ୍ଟିକାରୀ ଚରିତ୍ର, ପରୀ କାହାଣୀ, ଜୀବଜନ୍ତୁଙ୍କ କାହାଣୀ, ଆବେଗ ସୃଷ୍ଟି କରିପାରୁଥିବା ଅବକାଶ ଓ ଦେଶପ୍ରୀତି ଶିଶୁମାନଙ୍କର ପସନ୍ଦ ହୋଇଛି। ଅନେକ ସମୟରେ ଆମେ ଅନ୍ଧବିଶ୍ୱାସଗୁଡ଼ିକୁ ଗଣମାଧ୍ୟମରେ ଶିଶୁ ଉପରେ ସାହିତ୍ୟ ମାଧ୍ୟମରେ ଲଦି ଦେଉ। ଫଳରେ ସେ ଧୈର୍ଯ୍ୟହୀନ ହୋଇ ଆତ୍ମବିଶ୍ୱାସ ହରାଏ ଓ ଶ୍ରମବିମୁଖ ହୋଇପଡ଼େ। ସେପରି ହେବା ଉଚିତ୍ ନୁହେଁ। ଆଜି ସମୟ ବଦଳିଛି। ଜହ୍ନକୁ ଦେଖି ମନ ଭୁଲାଇ ଦେବା ବେଳର ସମୟ ଆଉ ନାହିଁ। ଏହା ଥିଲା ଲୋକ ସାହିତ୍ୟ। ଏହା ହେଉଛି ଶିଶୁ ସାହିତ୍ୟର ମୂଳଭିତ୍ତି।

ତେଣୁ ଶିଶୁ ସାହିତ୍ୟ ଏପରି ହେବା ଉଚିତ୍ ଯେଉଁଥିରେ ସରଳିଆ ଭାଷା ଗପ, କବିତା ପ୍ରଭୃତି ରହିବ। ସେ ପୁରାଣ ଗପ, ପରୀ କାହାଣୀ, ଅସୁରୁଣୀ ଗପ ଶୁଣିବାକୁ ଭଲ ପାଏ। ତା' ସହିତ ପ୍ରକୃତି ସମ୍ବନ୍ଧୀୟ ବିଷୟ ନେଇ ଶିଶୁକୁ ଆଗ୍ରହୀ କରାଯାଇପାରେ। ଶିଶୁ ସାହିତ୍ୟରେ ପିଲାମାନଙ୍କର ଖେଳ, ଗୀତ ଏବଂ କାହାଣୀର ଜୀବନ୍ତ ପରମ୍ପରା ଅନ୍ତର୍ଭୁକ୍ତ। ଏବେ ଶିଶୁ କିଶୋର ଉପଯୋଗୀ ସାହିତ୍ୟ ସୃଷ୍ଟି ହେଉଛି। ସରଳ ଭାଷା ଓ ସରସ ଶୈଳୀରେ ଅନେକ ସମୟରେ ଜଟିଳ ତତ୍ତ୍ୱର ବିଶ୍ଳେଷଣ କରାଯାଇ ବୁଝାଇ ଦିଆଯାଏ। ଏଥିରେ ସ୍ରଷ୍ଟାର କଳ୍ପନା ଓ ଭାଷାର ଚାତୁର୍ଯ୍ୟ ଅନୁଭୂତ ହେବା ଆବଶ୍ୟକ। ଅନେକ ସମୟରେ ଭାଷାର କୁହୁକ ମଧ୍ୟରେ ବୈଜ୍ଞାନିକ ବା ଜଟିଳ ତତ୍ତ୍ୱର ଧାରଣା କାବ୍ୟିକ ଭାବରେ ବର୍ଣ୍ଣିତ ହେଲେ ହେଁ ସମାଲୋଚିତ ହୁଏ। ଉଦୟନାଥ ଷଡଙ୍ଗୀ ଆବିଷ୍କାର, ଉଦ୍ଭାବନ ଏବଂ ଜୀବଜନ୍ତୁଙ୍କ ସଂପର୍କରେ ସରଳ ତଥା ସହଜ ଭାଷାରେ ଅନେକ ପୁସ୍ତକ ରଚନା କରିଅଛନ୍ତି। ପ୍ରଜାପତିର ଜୀବନଚର୍ଯ୍ୟା ବର୍ଣ୍ଣନା କରିବା ପ୍ରସଙ୍ଗରେ ସେ ଲେଖିଛନ୍ତି– "ବଗିଚା ଭିତରକୁ ଗଲା। ପତରରୁ ଥପ୍‌ଥପ୍ ହୋଇ କାକର ପଡୁଛି। ଗଛରେ କେତେ ପ୍ରକାର ଫୁଲ ଫୁଟିଛି। ସୁଲୁସୁଲିଆ ପବନରେ ଫୁଲ ପେଣ୍ଡା ଦୋଳି ଖେଳୁଅଛି। ଗୁଡ଼ିଏ ପ୍ରଜାପତି ସୁନ୍ଦର ଡେଣା ହଲାଇ ଏଠୁ ସେଠାକୁ ଉଡ଼ିଯାଉଛନ୍ତି। ଟିକି ପ୍ରଥମେ ଭାବିଥିଲା, ଗଛର ଫୁଲ ସବୁ ଏପରି ଉଡ଼ି ବୁଲୁଛନ୍ତି। ପାଖକୁ ଯାଇ ଦେଖିଲା ବେଳକୁ ଫୁଲ ନୁହେଁ, ଫଳ ପରି ସୁନ୍ଦର ପ୍ରଜାପତି। ଖୁବ୍ ଖୁସି ହୋଇଗଲା। ତା' ପାଟିରୁ ବାହାରି ପଡ଼ିଲା ଓଃ କି ସୁନ୍ଦର। ଏଠାରେ ସ୍ରଷ୍ଟାଙ୍କର ସରଳ ଭାଷା ଓ କଳ୍ପନାର ସ୍ପର୍ଶକୁ ଲକ୍ଷ୍ୟ କରାଯାଇପାରେ। ସେହିପରି ବସନ୍ତ କୁମାର ବେହୁରା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଦାଶ ବେନହୁର, ସହଦେବ ସାହୁ, ରାମ ପ୍ରସାଦ ମହାନ୍ତି, ଜଗନ୍ନାଥ ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି ପ୍ରଭୃତି ଅନେକ ସ୍ରଷ୍ଟାଙ୍କ ସୃଷ୍ଟିକୁ ଅନୁଧ୍ୟାନ କରାଯାଇପାରେ। ଥରେ ଦାଶ ବେନହୁର ମହାଶୟ ତାଙ୍କର ନାତିକୁ ଗୋଟିଏ ଗପ ଶୁଣାଇବାର ଫଟୋ ଚିତ୍ର ଫେସ୍‌ବୁକ୍‌ରେ ମୁଁ ଦେଖିଥିଲି। ମୁଗ୍ଧ ନୟନରେ ପିଲାଟି ଚାହିଁ ରହି ତନ୍ମୟ ଭାବରେ ଯେଉଁ ଗପ ଶୁଣୁଥିଲା, ସେଥିରୁ ତା'ର ଅନିସନ୍ଧିତ୍ସୁ ମନକୁ ବୁଝାଯାଇପାରେ। ମନୁଷ୍ୟ ଶିଶୁ ହିଁ ଅଧିକ ସମ୍ବେଦନଶୀଳ। ଶିଶୁ ପାଇଁ ଯାହା ଦୁର୍ବୋଧ ବା ଅବୋଧ, ତାହା ତା'ର ଅବୋଧ ପ୍ରାଣକୁ ସ୍ପର୍ଶ କରେ ନାହିଁ। ତାହା ଉପରେ 'ସମବୟସ୍କ ଦଳ'ର ପ୍ରଭାବ ବେଶି ପଡିଥାଏ। ତାକୁ ସେ ବିନା ଦ୍ୱିଧାରେ ଭାବପ୍ରବଣ ହୋଇ ଗ୍ରହଣ କରିଥାଏ। ସେ ଅଭିଜ୍ଞତାରେ ବୟସ୍କଙ୍କଠାରୁ ଭିନ୍ନ। ତେଣୁ ଶିଶୁ ସାହିତ୍ୟ ବୟସ୍କମାନଙ୍କ ସାହିତ୍ୟଠାରୁ ଭିନ୍ନ ପ୍ରକାରର ନୁହେଁ। ଶିଶୁ ସାହିତ୍ୟ ବୟସ୍କମାନଙ୍କ ପାଇଁ ସାହିତ୍ୟ ପରି ସମାନ ଉପଭୋଗ ଏବଂ ବୁଝାମଣା ପ୍ରଦାନ କରିପାରିବ।



## ସୁଖପାଠ୍ୟ ସାହିତ୍ୟ

ଶିଶୁମାନଙ୍କ ପାଇଁ ଲେଖାଯାଉଥିବା ପୁସ୍ତକ ସାଧାରଣ ପାଠକଙ୍କ ପାଇଁ ମଧ୍ୟ ସୁଖପାଠ୍ୟ। ପୁସ୍ତକଟି ଚିତ୍ରିତ ନ ହେଲେ ଶିଶୁଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହେବ ନାହିଁ। ଶିଶୁ ସାହିତ୍ୟ ପ୍ରତି ବିଶ୍ୱ ଅଧିକରୁ ଅଧିକ ଉନ୍ମୁଖ ହେବାରେ ଲାଗିଛି। ଆଜି ଟିଭିର ରଙ୍ଗିନ ଚିତ୍ର ଶିଶୁମାନଙ୍କୁ ବାନ୍ଧି ରଖୁଛି। ଶିଶୁ ସାହିତ୍ୟ ଗୌଣ ହୋଇଯାଉଛି। ଆଜି ରୋମାଞ୍ଚଭରା ସିରିଜ୍ (ହାରିପୋର୍ଟର), ଯାହା ଜେ.କେ. ରୋଲିଂଙ୍କ ଦ୍ୱାରା ଲିଖିତ ୬୩ଟି ଭାଷାରେ ଅନୁବାଦ କରାଯାଇଛି। ଏହା ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଆକୃଷ୍ଟ କରିପାରିଛି।

ଶିଶୁ ସାହିତ୍ୟ, ସାହିତ୍ୟ ମୁଖ୍ୟସ୍ରୋତର ଏକ ଉପନଦୀ। ଏହାର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଏକ ସଠିକ୍ ସଚେତନ ସାହିତ୍ୟ ଏହାର ସଠିକ୍ ବିଷୟବସ୍ତୁର ସ୍ୱୀକୃତିରୁ ପ୍ରବାହିତ ହୁଏ। ସେଥିପାଇଁ ଶିଶୁ ସାହିତ୍ୟର ଉପଯୁକ୍ତ ବିଷୟ ହେଉଛି ଶିଶୁ ଏବଂ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଉଛି ସାହିତ୍ୟ। ପିଲାମାନଙ୍କର ପୁସ୍ତକ ଲେଖାଯାଉଛି, ପ୍ରକାଶିତ ହେଉଛି, ବିକ୍ରୟ, କ୍ରୟ, ସମୀକ୍ଷା ହେଉଛି। ସେ ସମ୍ପର୍କରେ ପ୍ରତ୍ୟେକ ଭାଷାରେ ଲିଖିତ ଶିଶୁ ସାହିତ୍ୟ ସମ୍ପର୍କରେ ଗବେଷଣା ମଧ୍ୟ ହେଉଛି। କିନ୍ତୁ ସଫଳ ଶିଶୁ ସାହିତ୍ୟ ମଧ୍ୟ ଆଜି ପ୍ରଶ୍ନବାଚୀ। ଅନେକ ସମାଲୋଚକଙ୍କ ମତରେ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଶିଶୁଟି ସାହିତ୍ୟ ମଧ୍ୟକୁ ଆସିଲା ଏବଂ ତା'ର ଆବିର୍ଭାବ, ଆବଶ୍ୟକତା ଅନୁଯାୟୀ ସାହିତ୍ୟ, ତନ୍ମଧ୍ୟରେ ଜ୍ଞାନଶୀଳ ଚିନ୍ତାଧାରାର ବିକାଶ, ପିଲାଙ୍କ ସଂସ୍କୃତି ସଂପର୍କରେ ସଚେତନତା ପ୍ରଭୃତି ସ୍ଥାନ ପାଇଲା। ଯଦିଓ ଶିଶୁ ସାହିତ୍ୟ ମୁଖ୍ୟତଃ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ, ତଥାପି ତାହାର ପାଠ ବୟସ୍କଙ୍କ ଦ୍ୱାରା ଠିକ୍ ଭାବରେ ନିର୍ଣ୍ଣୟ ହେବା ଉଚିତ୍। ତେଣୁ ବିଶେଷ କରି ପିତାମାତା, ଶିକ୍ଷକ ଏବଂ ପାଠାଗାର ଏହାର ଦ୍ୱାରପାଳ ରୂପେ ଭୂମିକା ନିର୍ବାହ କରନ୍ତି, ଯେଉଁମାନେ ସେମାନଙ୍କ ପାଇଁ ଉପଯୁକ୍ତ ପାଠ ଚିହ୍ନଟ କରନ୍ତି। ଏହି ଚିତ୍ର ପୁସ୍ତକଗୁଡିକ ଶିକ୍ଷା ଏବଂ ମନୋରଞ୍ଜନଧର୍ମୀ ହେବା ବିଧେୟ। ଛୋଟ ଗପ, କବିତା, ଲୋକକଥା ଦ୍ୱାରା ଶିଶୁ ସାହିତ୍ୟ ସମୃଦ୍ଧ ହେଉ। ପତ୍ରିକା ବା ପୁସ୍ତକ ଉଚ୍ଚକୋଟୀର ବିଷୟବସ୍ତୁକୁ ଆଧାର କରି ଉପଭୋଗ୍ୟ ନ ହେଲେ ତାହା ଶିଶୁ ମନକୁ ସ୍ପର୍ଶ କରିପାରିବ ନାହିଁ। ଅନେକ ସମୟରେ ଅଭିଯୋଗ ଆସେ ଯେ, ଆମେ ଯେଉଁ ଶିଶୁ-ସାହିତ୍ୟ ସୃଷ୍ଟି କରୁ, ତାହା ଅଭିଭାବକଙ୍କ ସାହିତ୍ୟ। ଅଭିଭାବକଙ୍କ ମନକୁ ପାଇଲେ, ତାହା ପିଲାଙ୍କ ନିକଟରେ ପହଞ୍ଚେ। ତେଣୁ ତା'ର ଲେଖକଟି ଅଭିଭାବକଙ୍କୁ ଦୃଷ୍ଟିରେ ରଖି ଶିଶୁ ସାହିତ୍ୟ ସୃଷ୍ଟି କରେ। ତେଣୁ ଯାହା ପରିଣାମ ଘଟେ ସହଜରେ ଅନୁମେୟ। ଅନେକ ସମୟରେ ଅତି କପୋଳକଳ୍ପିତ କାହାଣୀ ସୃଷ୍ଟି କରି ଶିଶୁ ସାହିତ୍ୟ ସୃଷ୍ଟି ହୁଏ, ଯାହା ଫଳରେ ଶିଶୁଟି ଧୈର୍ଯ୍ୟହୀନ ହୋଇ ଆତ୍ମବିଶ୍ୱାସ ହରାଏ। ତେଣୁ ଶିଶୁ ସାହିତ୍ୟ ଶିଶୁର ମନସ୍ତତ୍ତ୍ୱକୁ ନେଇ ବିକଶିତ ହେଉ, ଅଥଚ ତାହା କିଶୋର ବା ବୟସ୍କଙ୍କ ସାହିତ୍ୟ ନ ହେଉ।

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

## 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ବାର୍ଷିକ ସଂଗ୍ରହ

**ଦୁଇ ବର୍ଷର ୧୨+୧୨ଟି ସଂଖ୍ୟା ଏକତ୍ର ବନ୍ଧାଇ ହୋଇ ଉପଲବ୍ଧ ଅଛି।**





ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ନାରାୟଣୀ ବୁକ୍‌ଷ୍ଟଲ୍‌ରୁ ଆଗ୍ରହୀ ପାଠକମାନେ ଏହାକୁ ସଂଗ୍ରହ କରିପାରିବେ।

ପ୍ରତ୍ୟେକଟିର
ମୂଲ୍ୟ : ଟ.୩୬୦/- ମାତ୍ର




ଗଳ୍ପ



# ମାଆ

ହରେକୃଷ୍ଣ ସାହୁ

ଆଜିକାଲି ମାଆ ସବୁବେଳେ ବାରଣ୍ଡାଟାରେ ବସି ରହୁଛନ୍ତି। ମୁହଁରେ ଥାଏ ଉଦାସ ଭାବ। ଅନ୍ୟମନସ୍କ ହୋଇ ଦୂରକୁ ଚାହିଁଥା'ନ୍ତି। ସତେ ଯେମିତି କାହାକୁ ଅପେକ୍ଷା କରି ବସିଛନ୍ତି। ତାଙ୍କର ଏକମାତ୍ର ପୁଅଟି ସୀମାନ୍ତରେ ସହିଦ ହେବା ଦିନରୁ ସବୁବେଳେ ମାଆଙ୍କର ଏଇଭଳି ମନୋଭାବ। କିନ୍ତୁ ପୁଅ ସହିଦ ହେଲେ ଗର୍ବ କରିବା କଥା। ଗର୍ବ ପ୍ରକାଶରେ ଅନ୍ୟମାନେ ଅନୁପ୍ରାଣିତ ହେବେ। ହସି ହସି ନିଜର ପୁଅମାନଙ୍କୁ ସୈନ୍ୟବାହିନୀରେ ଯୋଗ ଦେବା ପାଇଁ ଅନୁମତି ଦେବେ।



ଅନ୍ୟ ଆଗରେ ନିଜର ଆଦର୍ଶ ଦେଖାଇବା ପାଇଁ ମାଆଟି ଗର୍ବ ପ୍ରକାଶ କରିସାରିଥାଏ। 'ଦେଶପାଇଁ ମୋ ପୁଅ ସହିଦ ହୋଇଥିବାରୁ ମୁଁ ଗର୍ବିତ' ଏକଥା ମୁହଁରେ କହି ସାରିଥାଏ। ଲୋକଙ୍କୁ ଦେଖାଇବା ପାଇଁ ଗର୍ବ ପ୍ରକାଶ କରାଯାଇପାରେ। ସେଟା ବାହ୍ୟକଥା। କିନ୍ତୁ ଅନ୍ତର ଭିତରେ କ'ଣ ଗର୍ବକୁ ସାଇତି ରଖିହୁଏ। ପୁଅର ବିଚ୍ଛେଦରେ ତ ଅନ୍ତର ଭିତରଟା ସବୁବେଳେ କୋହରେ ଉବୁଟୁବୁ ହେଉଥାଏ।

ଏତିକି ବେଳେ ଗେଟ୍ ପାଖରେ ଦୁଧବାଲା ଡାକଦେଲା- ମାଆ।

ମାଆ ଚମକି ପଡ଼ିଲେ। ଭିତରକୁ ଆସିବାପାଇଁ କହିଲେ। ମାଆ ଡାକଟିଏ ପାଇଁ ସେ ସବୁବେଳେ ଉତ୍କର୍ଣ୍ଣ ହୋଇ ଚାହିଁ ବସିଛନ୍ତି। ଦୁଧବାଲା ଭିତରକୁ ଆସିଲା। ମାଆ ଦୁଧ ରଖିବା ବେଳେ ତା' ସହିତ ପଦେ ଦୁଇପଦ କଥାବାର୍ତ୍ତା ହେଲେ।

ଘର ଭିତରେ ତାଙ୍କ ସ୍ୱାମୀ ଗଡ଼ପଡ଼ ହେଉଥିଲେ। ଅନ୍ୟମନସ୍କ ଭାବରେ ଥାଇ, ସ୍ତ୍ରୀଙ୍କର ପାଟି ଶୁଣି ଭାବିଲେ, ଲୋକଟା ପାଗଳୀ ହୋଇ ଗଲାକି। ପୁଅ ସହିଦ ହେବା ଦିନରୁ ସେ ପୂରା ନିରବ ହୋଇ ଯାଇଛି। କାରଣ ଅକାରଣରେ ଦିନକୁ ଦଶଥର କାନ୍ଦୁଛି। ମୁଣ୍ଡ ଖରାପ ହୋଇଗଲା କି ? ନିଜେ ନିଜେ ବସି ଗପୁଛି କି ? ସ୍ତ୍ରୀଙ୍କୁ ଦେଖିବାପାଇଁ ବାହାରକୁ ଆସିଲେ। ଦୁଧବାଲାକୁ କିଛି କହୁଥିବାର ଦେଖି ଆଶ୍ୱସ୍ତ ହେଲେ। ଯାହାହେଉ ଲୋକଟା ଠିକ ଅଛି। କିନ୍ତୁ ଆଖିରୁ ଲୁହ ବହୁଛି।

ତେଣୁ ପାଖକୁ ଆସି ସାନ୍ତ୍ୱନା ଦେବାପାଇଁ କହିଲେ- ତୁମେ ସବୁବେଳେ କାହିଁକି କାନ୍ଦୁଛ ?

ମାଆ କେବଳ ତାଙ୍କ ମୁହଁକୁ ଚାହିଁଲେ। କିଛି କହିଲେ ନାହିଁ।

— ଦେଶପାଇଁ ପୁଅ ଜୀବନ ଦେଇଛି। ସେଥିପାଇଁ ସମସ୍ତେ ପୁଅକୁ ଓ ଆମକୁ ଧନ୍ୟ ଧନ୍ୟ କରୁଛନ୍ତି। ତୁମେ କ'ଣ ପୁଅ ପାଇଁ ଗର୍ବ ଅନୁଭବ କରୁନାହଁ ?

—ହଁ ଗର୍ବ ଅନୁଭବ କରୁଛି। କୋହକୁ ବି ଅନୁଭବ କରୁଛି।

— ବୀର ପୁତ୍ରର ମାଆ ହିସାବରେ କୋହକୁ ଚାପିଦିଅ। ଧୈର୍ଯ୍ୟଧର। ଦେଖ, ମୋତେ ଦେଖ। ମୁଁ ତୁମ ପରି କେବେ ଦୁର୍ବଳ ହୋଇ ଯାଇଛି କି ?

— ତୁମେ ଓ ମୋ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି। ତୁମର ସେ କେବଳ ପୁଅ। କିନ୍ତୁ ସେ ମୋର ଅଂଶବିଶେଷ। ସେ ମୋ ଭିତରେ ଥିଲା। ନଅ ମାସ ଧରି ଭୋକ, ଶୋଷ, ହସଲୁହ, ହୃତ୍ସ୍ପନ୍ଦନ, ଶ୍ୱାସପ୍ରଶ୍ୱାସ ଆମର ଗୋଟିଏ ଥିଲା। ଆମେ ଗୋଟିଏ ଥିଲୁ। ସେ ମୋ'ଠାରୁ ବାହାରିଗଲା ପରେ ବି ମୋର ନିଃସ୍ୱ ଗର୍ଭ ଭିତରେ ଆଜି ପର୍ଯ୍ୟନ୍ତ ମୁଁ ତାକୁ ବେଳେ ବେଳେ ଅନୁଭବ କରେ। ସତେ ଯେମିତି ସେ ଅଛି ଅଥବା ତା'ର ଗୋଟାଏ ସୂକ୍ଷ୍ମ ସତ୍ତା ସବୁବେଳ ପାଇଁ ମୋ'ଠାରେ ଅଦୃଶ୍ୟ ଭାବରେ ରହିଯାଇଛି। ଏବେ ସେ ଚିହ୍ନ ଟିକକ ବି ହଜିଯାଇଛି। ମୁଁ ନିଃସ୍ୱ ହୋଇଯାଇଛି।

ଏତକ କହୁ କହୁ ମାଆ କଇଁ କଇଁ ହୋଇ କାନ୍ଦି ଉଠିଲେ।

ସ୍ୱାମୀ ଆଉ ଟିକେ ନିକଟତର ହେବା ପାଇଁ ମାଆଙ୍କର ମୁଣ୍ଡ ଆଉଁଶି ଦେଉ ଦେଉ କହିଲେ- ପ୍ଲିଜ୍ ଧୈର୍ଯ୍ୟ ଧର। ନିଜକୁ ବୁଝେଇବା ପାଇଁ ଚେଷ୍ଟା କର। ମନକୁ ଭୁଲାଇବା ପାଇଁ ଚାଲ ମାସେ ଖଣ୍ଡ କୁଆଡ଼େ ବୁଲି ଆସିବା। କେଉଁଠିକୁ ଗଲେ ତୁମକୁ ଭଲ ଲାଗିବ କୁହ?

ମା' ବିରକ୍ତ ହୋଇ କହିଲେ- ମୁଁ କୌଣସି ଆଡ଼େ ଯିବାକୁ ଚାହେଁ ନାହିଁ।

—କ'ଣ କଲେ ତୁମକୁ ଭଲ ଲାଗିବ କୁହ ?



କ'ଣ ଟିକେ ଚିନ୍ତା କରିନେଇ ମା' କହିଲେ- ମୋ ଚାରିକଡ଼ରେ ଶହ ଶହ ଛୁଆ କେବଳ ମାଆ ମାଆ ଚିତ୍କାର କଲେ ଭଲ ଲାଗିବ।

—ଏମିତି କଥା ଚିନ୍ତା କରନାହିଁ। ତୁମର ମୁଣ୍ଡ ଖରାପ ହୋଇଯିବ।

ଦୁଧବାଲା ପଇସା ନେବା ପାଇଁ ସେ ପର୍ଯ୍ୟନ୍ତ ଠିଆ ହୋଇଥିଲା। କିନ୍ତୁ ଏପରି ଦୁଃଖଦାୟକ ପରିବେଶରେ ସେ ମଧ୍ୟ ଏପରି ସମ୍ବେଦନଶୀଳ ହୋଇ ଯାଇଥିଲା ଯେ ମୁହଁଖୋଲି ପଇସା ମାଗିପାରୁ ନ ଥିଲା। ଗେଟ୍ ବାହାରେ ଥିବା ତା' ସାଇକେଲର ଗୋଟେ ଟାୟାର୍ ହଠାତ ଫାଟି ଗଲା। ସେ ଶବ୍ଦରେ ଡରିଯାଇ ପାଖ ଗଛରେ ବସିଥିବା ଶତାଧିକ କାଉ ମା...ଆ...ମା...ଆ ଶବ୍ଦକରି ସେଠାରୁ ଉଡ଼ିଗଲେ।

ତାଙ୍କ ସ୍ୱାମୀ ଆଉଟିକେ ପାଖକୁ ଲାଗି ଆସି କହିଲେ- ପୁଅ ସହିଦ ହୋଇଛି ଦେଶ ପାଇଁ। ସେ ଏଇ ମାଟିରେ ମିଶିଯାଇଛି। ପ୍ରକୃତିରେ ମିଶିଯାଇଛି। ସବୁଥିରେ ତୁମ ପୁଅର ଆତ୍ମା ଅଛି। କାନ ଡେରି ଶୁଣ କେବଳ କାଉର କଣ୍ଠରୁ ନୁହେଁ, ସବୁ କିଛିରୁ ଶୁଣି ପାରିବ ମାଆ ମାଆର ମଧୁର ଡାକ।

ମାଆ ଚାହିଁଲେ ଦିଗବଳୟ ଆଡ଼କୁ, ଉଡ଼ିଯାଉଥିବା ସର୍ବଶେଷ କାଉଟିକୁ। ତାଙ୍କ ମୁହଁରେ ସେତେବେଳେ ନ ଥିଲା ଟିକିଏ ବି ଦୁଃଖର ଚିହ୍ନ। ଓଲଟା ଗୋଟାଏ ତୃପ୍ତିର ଆଭା ଉଦୟ ହୋଇ ଆସୁଥିଲା ମାଆଙ୍କର ଆଖି କୋଣରୁ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com



ପ୍ରବନ୍ଧ



# ସଂପାଦନା କଳା: ପତ୍ର ଓ ପତ୍ରିକା


ଡ. ଚିନ୍ମୟ କୁମାର ବେହେରା

ସାହିତ୍ୟ ସ୍ୱପ୍ନପ୍ରିୟ ସତ୍ୟଶୀଳ ସ୍ରଷ୍ଟାର ସର୍ଜନକଳାରେ ସଜ୍ଜିତ ଚେତନାଗତ ସାରାଂଶ। ଅପୂର୍ଣ୍ଣଇଚ୍ଛା, ଅବ୍ୟକ୍ତ ଅଭିପ୍ରାୟ, ଅପ୍ରକାଶ୍ୟ ଅଭିଳାଷ ଓ ଅସମାପ୍ତ ଅନ୍ତରାନୁରାଗ ଅନନ୍ୟ ଶବ୍ଦକଳାରେ ସୁସଂଯୋଜିତ ଅଭିବ୍ୟକ୍ତି ହିଁ ସାହିତ୍ୟ। ଅସହାୟତା, ଅସ୍ଥିରତା ଓ ଏକାକୀତ୍ୱ ଠାରୁ ଅନ୍ତର୍ମନକୁ ଅପସାରଣ କରି ଅୟୁତ ଅନୁରାଗରେ ଅନୁପ୍ରାଣିତ କରିପାରେ ସାହିତ୍ୟ। ଏହି ସାହିତ୍ୟର ବିଭିନ୍ନ ବିଭାଗ ଅନେକ ଅଭିନନ୍ଦିତ ଅନୁଭବ ଭିତରେ ସତତ ଅନୁରଣିତ ହେଉଥାଏ। ତେବେ ସାହିତ୍ୟର ଭିନ୍ନଭିନ୍ନ ବିଭାଗଗୁଡ଼ିକ ମଧ୍ୟରୁ ସଂପାଦନା ଯେମିତି ଅନ୍ୟତମ ସେମିତି ଅନବଦ୍ୟ ଅଂଶ।

## ସଂପାଦନାର ସଂଜ୍ଞା

ସଂପାଦନାର ଆଭିଧାନିକ ଅର୍ଥ ହେଉଛି - ନିର୍ବାହ, ନିଷ୍ପାଦନ, ସମାପନ, ଗ୍ରନ୍ଥାଦିର ସଂକଳନ, ସଂବାଦପତ୍ରାଦିର ବିଷୟବସ୍ତୁର ପରୀକ୍ଷଣ ଓ ସଂଶୋଧନ, ସଂପାଦକର କାର୍ଯ୍ୟ ଇତ୍ୟାଦି। ବିଶେଷକରି ସଂବାଦପତ୍ର, ବିଭିନ୍ନ ପତ୍ରପତ୍ରିକା ଓ ସଂକଳିତ ପୁସ୍ତକ ପାଇଁ ସାହିତ୍ୟ କ୍ଷେତ୍ରରେ ଏହି ସଂପାଦନାର ଭୂମିକା ସ୍ୱୀକାର୍ଯ୍ୟ। ସଂପାଦନା ଏକ ମାନସିକ ପ୍ରକ୍ରିୟା ତଥା ଭାବଗତ ପ୍ରସଙ୍ଗ। ଏହା ଏକ ମୌଳିକ କଳା ଯେଉଁଥିରେ ସଂଶୋଧନ, ସଂଗଠନ, ସରଳୀକରଣ, ସୁବୋଧ୍ୟ ଓ ସୁସଂଯୋଜନ ମିଳିତ ଭାବେ ଥାଏ। ଭିନ୍ନଭାବରେ କହିଲେ ଯେକୌଣସି ସର୍ଜନର ସାର୍ବଜନୀନତା ପୂର୍ବରୁ ସୁଶୃଙ୍ଖଳପୂର୍ଣ୍ଣ ସଂଶୋଧିତ ସଜ୍ଜୀକରଣକୁ ହିଁ ସଂପାଦନା କୁହାଯାଏ। ଦୂରଦୃଷ୍ଟିସଂପନ୍ନ ଏକ ସଂଯୋଜିତ କର୍ମ ବୋଲି ମଧ୍ୟ ସଂପାଦନାକୁ ଗ୍ରହଣ କରାଯାଇପାରିବ। ଏହା ଅତ୍ୟଧିକ ଅଧ୍ୟୟନ, ନିରପେକ୍ଷ ନିର୍ଦ୍ଧାରଣ, ମନନ ମୂଲ୍ୟାୟନ ଉପରେ ନିର୍ଭର କରିଥାଏ। ସଂପାଦନା ମାଧ୍ୟମରେ ସୃଷ୍ଟିରେ ସମାହିତ ଅସଲ ସ୍ୱରୂପକୁ ତଥା ସ୍ରଷ୍ଟାର ଉଜ୍ଜ୍ୱଳ ଉଦ୍ଦେଶ୍ୟକୁ ସମସ୍ତଙ୍କ ସାମ୍ନାରେ ପ୍ରକଟ କରାଯାଇଥାଏ। ନିନ୍ଦା ପ୍ରଶଂସାର ଊର୍ଦ୍ଧ୍ୱକୁ ଉଠି ଏହି ଅସାଧାରଣ କର୍ମଟିକୁ ସଂପାଦିତ କରିବାକୁ ହୋଇଥାଏ। ଏହି ସଂପାଦନା ଅନୁସନ୍ଧିତ୍ସୁ ଅନ୍ତର୍ମନର ଅପେକ୍ଷା ରଖେ।

ଅର୍ଥ ଦୃଷ୍ଟିରୁ ସଂପାଦନାର ବିଚାର କଲେ ସହଜରେ ଜାଣିହେବ ଯେ କୌଣସି କଳାତ୍ମକ କାର୍ଯ୍ୟ, ରଚନା, ପୁସ୍ତକ, ଦୈନିକ ସାପ୍ତାହିକ ମାସିକ କି ବିଶେଷ ସଂଖ୍ୟା ନିମନ୍ତେ ପତ୍ର କିମ୍ବା ପତ୍ରିକାର ଭାବ, ଭାଷା ଓ ତଥ୍ୟ ସହ କ୍ରମାନୁସାରେ ବ୍ୟବସ୍ଥିତ କରି ପ୍ରକାଶଯୋଗ୍ୟ କରିବାର ପ୍ରକ୍ରିୟା ହିଁ ସଂପାଦନା। ଏହି ପ୍ରକ୍ରିୟା ମଧ୍ୟ କଳାର ଅନ୍ତର୍ଗତ। ଏହା ମୌଳିକ ଦୃଷ୍ଟିଭଙ୍ଗୀର ମହତ ମୂଲ୍ୟବୋଧକୁ ମୂର୍ତ୍ତିମନ୍ତ କରିଥାଏ।




ସଂପାଦନାର ପରିସର ପରିବ୍ୟାପ୍ତ। ବିବରଣାତ୍ମକ ସଂବାଦ ଲେଖାଠାରୁ ସର୍ଜନାତ୍ମକ ମୌଳିକ ଲେଖା ପର୍ଯ୍ୟନ୍ତ ବିବିଧ ବିଷୟବସ୍ତୁକୁ ଆପଣାର ପରିସରଭୁକ୍ତ କରିପାରେ ସଂପାଦନା। ଖାଲି ସାହିତ୍ୟ କାହିଁକି ଇତିହାସ, ବିଜ୍ଞାନ, ଅର୍ଥନୀତି, ଦର୍ଶନ ଆଦି ନାନା ଭୂମିରୁ ସାର ଉପାଦାନ ସଂଗ୍ରହ କରି ସଂପାଦନା କ୍ଷେତ୍ରକୁ ଅଣାଯାଇପାରେ। ସଂପାଦନା ଦ୍ୱାରା ଅନେକ ବିଷୟର ଏକତ୍ର ସୁନ୍ଦର ସଂଯୋଜନା ମଧ୍ୟ କରାଯାଇପାରେ। ଏକ ମୌଳିକ ପ୍ରସଙ୍ଗକୁ ଭିନ୍ନଭିନ୍ନ ଦିଗରୁ, ଭିନ୍ନଭିନ୍ନ ଦୃଷ୍ଟିଭଙ୍ଗୀରୁ ବିଚାର ସ୍ୱରୂପ ସମବେତ କରିହୁଏ। ଆଲୋଚକ କ୍ଷେତ୍ରବାସୀ ନାୟକ ମହୋଦୟ ସଂପାଦନା ସଂପର୍କରେ କହିବାକୁ ଯାଇ

ଉଲ୍ଲେଖ କରିଛନ୍ତି – 'ସଂପାଦନାର କ୍ଷେତ୍ର ବଡ଼, ଉପାଦାନ ମଧ୍ୟ ବିପୁଳ ଓ ବୈଚିତ୍ର୍ୟମୟ। ତଥାପି ବୈଚିତ୍ର୍ୟ ମଧ୍ୟରେ ଐକ୍ୟ ସ୍ଥାପନ ହିଁ ସଂପାଦନାର ମୂଳଲକ୍ଷ୍ୟ। ଚଳଚ୍ଚିତ୍ର ବା ଟି.ଭି. ପାଇଁ ଉପାଦାନ ପ୍ରସ୍ତୁତି ବେଳେ ଯେଉଁ 'ସଂପାଦନା-ଦୃଷ୍ଟି' ଲୋଡ଼ା, ପରିସଂଖ୍ୟାନ ରିପୋର୍ଟ ବା କୌଣସି ଶିଳ୍ପ ପ୍ରତିଷ୍ଠାର ବୁଲେଟିନ୍ ସଂପାଦନା ବେଳେ ଭିନ୍ନ ଦୃଷ୍ଟିର ବିନିଯୋଗ ଆବଶ୍ୟକ। ସେହିପରି ସାହିତ୍ୟ ରଚନାବଳୀ ସଂପାଦନା ଓ ଆକାର ବା କୋଷଗ୍ରନ୍ଥ ସଂପାଦନା ଏକ ଶୈଳୀରେ ହୁଏ ନାହିଁ। ତେଣୁ ସଂଗୃହୀତ ଉପାଦାନର ମୂଳ ଚରିତ୍ର ଓ ବିଷୟ କ୍ଷେତ୍ରକୁ ଚାହିଁ ସଂପାଦନା ତଦୁପଯୋଗୀ ରୀତି ଅନୁସରଣ କରିଥାଏ।'(୧)

ସେହିପରି ଆହୁରି କୁହାଯାଇପାରେ ଯେ କୌଣସି ଘଟଣାର ବୃତ୍ତାନ୍ତ, କୌଣସି ପ୍ରେରିତ ବା ସଂଗୃହୀତ ରଚନା, କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରସ୍ତୁତ ସଂଗୀତସମୂହ, ଦୃଶ୍ୟସମୂହ ବା ଛବିସମୂହକୁ ସ୍ୱତନ୍ତ୍ରଶୈଳୀରେ ସର୍ବଜନ ସମ୍ମୁଖରେ ଉପସ୍ଥାପିତ କରିବାର ଏକ ନବୀନ ଅଥଚ ନିଆରା କଳାରୂପ ହେଉଛି ସଂପାଦନା। କୌଣସି କୃତିର ଆଙ୍ଗିକ ଆତ୍ମିକ ବିଭବକୁ ଚିର ଅମ୍ଳାନ କରି ରଖିବାର ପ୍ରଚେଷ୍ଟାକୁ ସଂପାଦନା କଳା କୁହାଯାଇଥାଏ।

**ସଂପାଦନାର ଉଦ୍ଦେଶ୍ୟ ହେଉଛି ସର୍ଜନକୁ ବା ସୃଷ୍ଟିକୁ ସୁନ୍ଦର ନିର୍ଭୁଲ ଓ ଆକର୍ଷଣୀୟ କରିବା। ଏହାର ସତ୍ୟତା ଓ ସ୍ୱତନ୍ତ୍ରତାକୁ ଅନୁସନ୍ଧାନ କରିବା।**

## ସଂପାଦନାର ଲକ୍ଷ୍ୟ

ସୃଷ୍ଟିର ସୌନ୍ଦର୍ଯ୍ୟକୁ ସାତଗୁଣ ଶୋଭନରେ ସଜ୍ଜିତ କରିବା ସଂପାଦନାର ଲକ୍ଷ୍ୟ। ସଂପାଦନାର ଉଦ୍ଦେଶ୍ୟ ହେଉଛି ସର୍ଜନକୁ ବା ସୃଷ୍ଟିକୁ ସୁନ୍ଦର ନିର୍ଭୁଲ ଓ ଆକର୍ଷଣୀୟ କରିବା। ଏହାର ସତ୍ୟତା ଓ ସ୍ୱତନ୍ତ୍ରତାକୁ ଅନୁସନ୍ଧାନ କରିବା। ପାଠକବର୍ଗର ରୁଚିବୋଧ ପ୍ରତି ଧ୍ୟାନ ଦେଇ ଆବଶ୍ୟକ ସ୍ଥଳେ ରଚନାକୁ ପରିବର୍ତ୍ତନ କରିବା। ଏହି କ୍ଷେତ୍ରରେ ଧ୍ୟାନ ଦେବାକୁ ହୁଏ ଯେ ସଂପାଦନା କେବଳ ସଂଶୋଧନ କରିବା ନୁହେଁ କି କେବଳ ସଂଗ୍ରହ କରିବା ନୁହେଁ; ବରଂ ସଂଗ୍ରହ ସଂଶୋଧନ ସଜ୍ଜୀକରଣ ସମୂହର ସୁସମନ୍ୱୟ। ସାଧାରଣ ଲାଗୁଥିବା ଖବରଟି ମଧ୍ୟ ସଂପାଦନା କଳାରେ ରୋଚକ ସଂବାଦରେ ରୂପାନ୍ତରିତ ହୋଇଯାଇପାରେ। ଲେଖକର ଅନୁଭୂତିରେ ଆର୍ଦ୍ର ଅନ୍ତର୍ଭାବନାକୁ ନେଇ ରଚିତ ଲେଖାଟି ଚିତ୍ରକଳାର ସଂଯୋଗରେ ନୂଆ ରୂପରେ ପାଠକ ପାଖରେ ପହଂଚିପାରେ। ଭାବର ପ୍ରବାହରେ ଲେଖାମନସ୍କ ସ୍ରଷ୍ଟା ତା'ର ଅଜାଣତରେ କେବେକେବେ କିଛି ଅତିବର୍ଣ୍ଣନ, ଭାବଖଣ୍ଡନ, ପଦସ୍ଖଳନକୁ ରଚନା ଭିତରେ ରଖିଯାଇଥାଏ, ଏହା ସଂପୂର୍ଣ୍ଣ ଅନ୍ୟମନସ୍କତାର ସହ ଘଟିଯାଇଥାଏ; ମାତ୍ର ସଂପାଦନାରେ ସେଇ ସବୁକୁ ସଂଶୁଦ୍ଧ କରାଯାଇଥାଏ। ତେଣୁ ସଂପାଦନା ମଧ୍ୟ ସର୍ଜନଶୀଳତାର ଏକ ଅଂଶ। ସଂପାଦନା ବିନା ସର୍ଜନ କର୍ମ କୋଉଠି ନା କୋଉଠି ଅଧା ରହିଯାଏ। ସଂପାଦନାର ଉଦ୍ଦେଶ୍ୟାନୁସାରେ ପାଠକ-ଦର୍ଶକ-ଶ୍ରୋତାମାନଙ୍କୁ ଆକର୍ଷିତ କରିପାରିବା ଉପରେ ଅଧିକରୁ ଅଧିକ ବିଚାର ବିମର୍ଶ ସ୍ୱରୂପ ସଂପାଦନାକୁ ସାର୍ଥକତା ପ୍ରଦାନ କରାଯାଇଥାଏ। ଶିରୋନାମାର ଉପଯୋଗିତା ପ୍ରତି ଧ୍ୟାନ ଦେବା ଏହାର ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟିଦେବା ବି ସଂପାଦନା ଅନ୍ୟତମ ଅଂଶ। ସଂପାଦନା ନିରପେକ୍ଷତା, ସତ୍ୟଶୀଳତା, ସାଧୁତା, ପ୍ରେରଣାପ୍ରଦାତା, ଆନନ୍ଦ ଓ ମନୋରଂଜନ ଧର୍ମିତା ହେବା ମଧ୍ୟ ଦରକାର। ସଂପାଦନାରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିପାରିବାର ସୁଯୋଗ ମଧ୍ୟ ରହିଥାଏ।

## ସଂପାଦନାର ପ୍ରକାର ଭେଦ

ସମୟ ବଦଳିବା ସହ ବଦଳିଛି ମାନସିକତା, ରୁଚିବୋଧ ଓ ସମାଜର ସ୍ଥିତି। ସମୟ ସହ ତାଳ ଦେଇ ମାନବର ଜିଜ୍ଞାସାବୋଧରେ ବି ଆସିଛି ନୂଆନୂଆ କଳାକୌଶଳର ପ୍ରୟୋଗ ବୈଚିତ୍ର୍ୟ। ଏହି ଦୃଷ୍ଟିରୁ ସଂପାଦନାର ପରିବ୍ୟାପ୍ତ ପରିସରରେ ନୂଆ ଜ୍ଞାନକୌଶଳର ଅଭ୍ୟୁଦୟ ହୋଇସାରିଛି। ପ୍ରଥମେ ସଂପାଦନାର ଯେଉଁ ଅର୍ଥ ନିର୍ଣ୍ଣୟ କରାଯାଇଥିଲା ସେଥିରେ ବି ଆସିଛି ଅବସ୍ଥାନ୍ତର। ଏହାର ପରିଧି ବ୍ୟାପକ ହୋଇଥିବାରୁ ଏହାର ପ୍ରକାର ମଧ୍ୟ ବହୁଧା ବିଭକ୍ତ। ତେବେ ସାଧାରଣ ଭାବରେ ସଂପାଦନାକୁ ଦୁଇ ଭାଗରେ ବିଭକ୍ତକରି ଆଲୋଚନା କରାଯାଇଥାଏ। ଯଥା-ସ୍ୱଲେଖା ସଂପାଦନା ଓ ଅନ୍ୟଲେଖା ସଂପାଦନା। ସ୍ରଷ୍ଟା ନିଜ ଲେଖାକୁ ସଜାଡ଼ିବା ଓ ସଂଶୋଧିତ କରିବାକୁ ସ୍ୱଲେଖା ସଂପାଦନା କୁହାଯାଏ।

ଲେଖିଲାବେଳେ ଲେଖା ଭିତରେ ଆପଣାଛାଏଁ ଅଜାଣତରେ ରହିଯାଇଥିବା କିଛି ତ୍ରୁଟିବିଚ୍ୟୁତିକୁ ବାରମ୍ବାର ପଢ଼ି ତାହାର ସଂଶୋଧନ କରିବା ଏହି ସଂପାଦନାର ଅନ୍ତର୍ଗତ। ସେହିପରି ଆଉ କାହାର ଲେଖାକୁ ଅଧ୍ୟୟନ କରି ତା'ର ତ୍ରୁଟିସବୁକୁ ପରିମାର୍ଜିତ ସ୍ୱରୂପ ସଜ୍ଜୀକରଣକୁ ଅନ୍ୟଲେଖା ସଂପାଦନା କୁହାଯାଏ। ଏଥିରେ ଭାଷାଗତ ଓ ଭାବଗତ ଭୁଲ୍‌କୁ ଭଲଭାବରେ ନିର୍ଣ୍ଣୟ କରିବାକୁ ହୋଇଥାଏ।

ଏହା ବ୍ୟତୀତ ବିଶେଷ ବୈଚିତ୍ର୍ୟ ଦୃଷ୍ଟିରୁ ସଂପାଦନାକୁ ତିନିଭାଗରେ ବିଭକ୍ତ କରାଯାଇପାରେ। ଯଥା-

(କ) ଦୃଶ୍ୟ ସଂପାଦନା (ଭିଡିଓ ଏଡିଟିଂ)

(ଖ) ଶ୍ରାବ୍ୟ ସଂପାଦନା (ଅଡିଓ ଏଡିଟିଂ)

(ଗ) ପାଠ୍ୟ ସଂପାଦନା (ଟେକ୍ସଟ୍ ଏଡିଟିଂ)

ଆଲୋଚନାର ଶୀର୍ଷକାନୁଯାୟୀ ଏଥିରେ ପାଠ୍ୟ ସଂପାଦନାକୁ ବିଚାର କରାଯାଉଛି। ପାଠ୍ୟ ସଂପାଦନାରେ ଲିଖିତ ସୃଷ୍ଟିକୁ ହିଁ ସଂପାଦିତ କରିବାକୁ ହୋଇଥାଏ। ପାଠ୍ୟ ସଂପାଦନାର କାର୍ଯ୍ୟକାରିତା ଆଉ ବୈଶିଷ୍ଟ୍ୟ ଆଧାରରେ ଏହାକୁ ଦୁଇ ଭାଗରେ ବିଭକ୍ତ କରି ଆଲୋଚନା କରାଯାଇପାରିବ। ଯଥା- ପୁସ୍ତକ ସଂପାଦନା ଓ ପତ୍ରପତ୍ରିକା ସଂପାଦନା।



ବିଭିନ୍ନ ଉଦ୍ଦେଶ୍ୟରେ ବା ନାନା ପ୍ରସଙ୍ଗରେ କିମ୍ବା ବିଶେଷ ଘଟଣା ଆଧାରରେ ରଚନା ସଂଗ୍ରହ କରି ନିର୍ଭୁଲ ଭାବରେ ନିର୍ଦ୍ଦିଷ୍ଟ କ୍ରମରେ ସଜାଇ ତାକୁ ଗ୍ରନ୍ଥାକାରରେ ସାର୍ବଜନୀନ କରିବା ପ୍ରକ୍ରିୟାକୁ ପୁସ୍ତକ ସଂପାଦନା କୁହାଯାଏ। ପ୍ରାଚୀନ କାଳର କୌଣସି ସୃଷ୍ଟି, ପ୍ରାଚୀନକାଳର ସ୍ରଷ୍ଟାଙ୍କ ଅବହେଳିତ କିମ୍ବା ଅନାବିଷ୍କୃତ କୌଣସି କୃତିର ଗ୍ରନ୍ଥରୂପ ମଧ୍ୟ ଏହି ପୁସ୍ତକ ସଂପାଦନାର ଅଂଶବିଶେଷ। ଏ କ୍ଷେତ୍ରରେ ସଂପାଦନା ଏକ କଷ୍ଟଲବ୍ଧ ସାହିତ୍ୟିକ କୃତିତ୍ୱ। କାରଣ ଅନେକ ସ୍ଥଳରେ ମୂଳ ଲେଖାର ସ୍ରଷ୍ଟା ଜଣେ ନ ହୋଇ ଏକାଧିକ ବ୍ୟକ୍ତି ହୋଇଥାନ୍ତି। ଫଳରେ ସଂପାଦନା ଅନେକ ସ୍ଥାନରେ ସମସ୍ୟାବହୁଳ କାର୍ଯ୍ୟରେ ପରିଣତ ହୋଇଯାଏ। ଏହି ସଂପାଦନାରେ ସଂଗ୍ରହ, ସଂଶୋଧନ, ସଜ୍ଜୀକରଣ ମଧ୍ୟ ସହଜ ହୋଇ ନ ଥାଏ; ମାତ୍ର ସଂପାଦନାର ଉତ୍କର୍ଷତା ତ ସେଇଠି। ଏହି ପୁସ୍ତକ ସଂପାଦନାରେ ସ୍ୱତନ୍ତ୍ର ସଂକଳନ ପ୍ରସ୍ତୁତ ହୋଇଥାଏ। ସଂପାଦନାର ବିଶେଷତ୍ୱ ଓ ବିଚିତ୍ରତା ଆଧାରରେ ସଂକଳନ ହୁଏ ସ୍ୱବଶ ସୁଖ୍ୟାତ। ସଂପାଦିତ ସଂକଳନ ସଂପର୍କରେ ଡ. ଆଶୁତୋଷ ପଟ୍ଟନାୟକ କହିଛନ୍ତି- 'ସଂକଳନ ପ୍ରାଣ ଶକ୍ତି ହେଉଛି ସଂପାଦନା। ସଂପାଦନା ସ୍ପର୍ଶ ବ୍ୟତିରେକ ରଚନାବଳୀର ସଂକଳନ ଗୋପ୍ୟ ଥିଲା ପରି ମନେହୁଏ। ସଂପାଦନାର ସାହାଯ୍ୟରେ ସଂକଳିତ ବସ୍ତୁ ତେଜୋଦୀପ୍ତ ହୋଇଉଠନ୍ତି।'(୨)

ପତ୍ରପତ୍ରିକା ସଂପାଦନା ପୁସ୍ତକ ସଂପାଦନାଠାରୁ ଭିନ୍ନ। ଯଦିଓ ଏଥିରେ ଲେଖା ସଂଗ୍ରହ, ସଂଶୋଧନ, ଉପସ୍ଥାପନ, ସଜ୍ଜୀକରଣ ସଂପର୍କରେ ଗୁରୁତ୍ୱ ଦିଆ ଯାଇଥାଏ; ମାତ୍ର ପରିପାଟୀ, ଆକାର-ପ୍ରକାର ଓ ମୌଳିକତା ଦୃଷ୍ଟିରୁ ଏହା ଅଲଗା ହୋଇଥାଏ। ଏହା ମଧ୍ୟ ମନେରଖିବାକୁ ହେବ ଯେ ପତ୍ର ଯାହା, ପତ୍ରିକା ତାହା ନୁହେଁ। ପତ୍ର ଓ ପତ୍ରିକା ମଧ୍ୟରେ ଅନେକ ପ୍ରଭେଦ ରହିଛି। ଯଥା- (କ) ଆକାର ଦୃଷ୍ଟିରୁ ପତ୍ର ପତ୍ରିକାଠାରୁ କ୍ଷୁଦ୍ର ହୋଇଥାଏ, ଉଭୟ ଆକାର-ପ୍ରକାରରେ ପତ୍ରିକା ପତ୍ର ଠାରୁ ଦୀର୍ଘ ତଥା ବୃହତ୍ ହୋଇଥାଏ। (ଖ) ପତ୍ରରେ କ୍ଷୁଦ୍ରକ୍ଷୁଦ୍ର ଲେଖା ସ୍ଥାନ ପାଇଥାଏ, ବେଶି ଦୀର୍ଘ ଲେଖା ସ୍ଥାନ ପାଇବାର ସୁଯୋଗ ନ ଥାଏ ପତ୍ରରେ; ମାତ୍ର ପତ୍ରିକାରେ ଉଭୟ କ୍ଷୁଦ୍ର ଓ ଦୀର୍ଘ ଲେଖା ସହଜରେ ସ୍ଥାନ ପାଇପାରିଥାଏ। (ଗ) ସାଧାରଣ ପାଠକମାନଙ୍କୁ ଦୃଷ୍ଟିରେ ରଖି ପତ୍ର ସଂପାଦନା କରାଯାଇଥାଏ ହେଲେ ପତ୍ରିକା ସଂପାଦନା ବେଳେ ସ୍ୱତନ୍ତ୍ର ବର୍ଗର ପାଠକମାନଙ୍କୁ ଆଖି ଆଗରେ ରଖି ତା'ର କଳେବରକୁ ପ୍ରସ୍ତୁତ କରାଯାଇଥାଏ। (ଘ) ସାଂପ୍ରତିକ ସମସ୍ୟା ସଂବାଦକୁ ଆଧାରକରି ପତ୍ର ସଂପାଦନା କରାଯାଇଥାଏ ଅର୍ଥାତ୍ ପତ୍ରରେ ତତ୍କାଳୀନତାକୁ ବେଶି ଧ୍ୟାନ ଦିଆଯାଇଥାଏ ହେଲେ ପତ୍ରିକା ପାଇଁ ସେମିତି କିଛି ନିୟମ ବାଧ୍ୟତାମୂଳକ ନୁହେଁ। ପତ୍ରିକାରେ ଉଭୟ ବର୍ତ୍ତମାନ ଓ ଅତୀତର ଘଟଣାସ୍ଥାନ ପାଇପାରିଥାଏ। (ଙ) ପତ୍ର ସାଧାରଣତଃ ସମ୍ବାଦ ଭିତ୍ତିକ ହୋଇଥିଲା ବେଳେ ପତ୍ରିକା

ପ୍ରଧାନତଃ ସାହିତ୍ୟ ଭିତ୍ତିକ ହୋଇଥାଏ, ପତ୍ରିକାରେ ବିଭିନ୍ନ ମତମନ୍ତବ୍ୟ, ସାକ୍ଷାତ୍‌କାର, ଦୀର୍ଘ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, କବିତା, ନାଟକ ଆଦି ପ୍ରକାଶ ପାଇଥାଏ। ଯଦିଓ ପତ୍ରରେ ଗପ, କବିତା ପ୍ରକାଶ ପାଇଥାଏ ହେଲେ ପତ୍ରିକା ପରି ଦୀର୍ଘ ପ୍ରବନ୍ଧ, ନାଟକ ଆଦି ପ୍ରକାଶ ପାଇପାରି ନ ଥାଏ। (ଚ) ପତ୍ରିକାର କ୍ରୟମୂଲ୍ୟ ପତ୍ର ତୁଳନାରେ ଅଧିକ ହୋଇଥାଏ ଏବଂ ସାଜସଜ୍ଜାରେ ବି ଅନେକ ପାର୍ଥକ୍ୟ ରହିଥାଏ। (ଛ) ପତ୍ରଗୁଡ଼ିକ ସାଧାରଣତଃ ଦୈନିକ ପ୍ରକାଶ ପାଇଥାଏ, ଅନେକ ସମୟରେ ସ୍ଥଳ ବିଶେଷରେ ସାପ୍ତାହିକ ମଧ୍ୟ ହୋଇଥାଏ; ମାତ୍ର ପତ୍ରିକାଗୁଡ଼ିକ ମାସିକ, ତ୍ରୈମାସିକ, ଷାଣ୍ମାସିକ, ବାର୍ଷିକ ଆଦି ସ୍ୱତନ୍ତ୍ର କଳେବରରେ ପ୍ରକାଶ ପାଇଥାଏ। (ଜ) ପତ୍ରର ଭାଷା ପ୍ରଚଳିତ ପରମ୍ପରାଧାରୀ ହୋଇଥାଏ। ପ୍ରାୟତଃ ସାଧାରଣ ଜନଜୀବନରେ ବେଶି ପ୍ରଚଳିତ ଭାଷାକୁ ଗୁରୁତ୍ୱ ଦିଆଯାଇଥାଏ। ହେଲେ ପତ୍ରିକାର ଭାଷାରେ ସେମିତି କିଛି ନିର୍ଦ୍ଦିଷ୍ଟ ନିୟମ ନ ଥାଏ। ଏହାର ଅର୍ଥ ପତ୍ରିକା ଭାଷା ବେଶି ସାହିତ୍ୟିକ, ଆଳଙ୍କାରିକ ଓ ବର୍ଣ୍ଣନାଧର୍ମୀ ହୋଇଥାଏ। ଭାଷାଶୈଳୀରେ ନାନା ପରୀକ୍ଷାନିରୀକ୍ଷା ମଧ୍ୟ ଏହି ପତ୍ରିକା ମାଧ୍ୟମରେ କରାଯାଇପାରେ।

**ଲେଖାଗୁଡ଼ିକର ବ୍ୟାକରଣଗତ, ଭାବଗତ, ତଥ୍ୟଗତ ତ୍ରୁଟି ପ୍ରତି ସଚେତନ ହେବା ସଂପାଦନା କଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।**

ଏତେ ସବୁ ପ୍ରଭେଦ ଥିବା ଯୋଗୁ ପତ୍ରପତ୍ରିକାର ସଂପାଦନା ସମାନ ହୋଇ ନ ଥାଏ। ଅର୍ଥାତ ପତ୍ର ପାଇଁ ସଂପାଦନାର ଯେଉଁ ନିୟମ ପତ୍ରିକା ପାଇଁ ପୂର୍ଣ୍ଣରୂପେ ତାହା ହୋଇ ନ ଥାଏ। ସଂପାଦନାର ସାଧାରଣ ନିୟମ ଭାବେ ଯେଉଁ ସଂଶୋଧନ ସଜ୍ଜୀକରଣ ପ୍ରଭୃତି ରହିଛି ଯଦିଓ ତାହା ଉଭୟ କ୍ଷେତ୍ରରେ ସ୍ଥିର ରହିଥାଏ, ତଥାପି ଆକୃତି ଓ ପ୍ରକୃତି ଦୃଷ୍ଟିରୁ ପତ୍ରିକାର ମୌଳିକତାକୁ ବିଚାରକୁ ନିଆଯାଇଥାଏ। ପତ୍ର ସଂପାଦନାରେ ସତ୍ୟ-ତଥ୍ୟ ସଂପର୍କରେ ବେଶି ଧ୍ୟାନ ଦିଆଯାଉଥିଲା ବେଳେ ପତ୍ରିକାରେ କଳା-ତତ୍ତ୍ୱ ଉପରେ ବେଶି ଧ୍ୟାନ ଦିଆଯାଇଥାଏ। ସେହିପରି ପତ୍ରିକାର ପ୍ରଚ୍ଛଦ, ଅଳଙ୍କରଣ, ଉପାଦାନ, ପୃଷ୍ଠାଙ୍କନ ଓ ମୂଲ୍ୟ ଧାରଣ ପ୍ରଭୃତି ସଂପାଦନାର କଳା ସହ ସଂଯୋଜିତ ହୋଇଥାଏ। ପତ୍ରରେ ସଂବାଦର ଆକାର, ଆବଶ୍ୟକତା, ଗୁରୁତ୍ୱ ଆଦି ସଂପାଦନା ସହ ଯୋଡ଼ି ହୋଇଥାଏ।

ତେବେ ଉଭୟ ପତ୍ର ଓ ପତ୍ରିକା ସଂପାଦନାରେ ବନାନଗତ ତ୍ରୁଟିକୁ ବିଶେଷ ଧ୍ୟାନ ଦିଆଯାଇଥାଏ। କାରଣ ତ୍ରୁଟିପୂର୍ଣ୍ଣ ପ୍ରକାଶନ ସଂପାଦନାର ଦୁର୍ବଳତାକୁ ପ୍ରଦର୍ଶିତ କରିଥାଏ। ଏ ସଂପର୍କରେ ମତରଖି ପ୍ରତିଷ୍ଠିତ ପତ୍ରିକା 'ଝଙ୍କାର'ର ସଂପାଦକ ସରୋଜ ରଂଜନ ମହାନ୍ତି ମହୋଦୟ ତାଙ୍କର 'ପତ୍ରିକା ସଂପାଦନାରେ ବିଡ଼ମ୍ବନା' ସଂପାଦକୀୟରେ ଲେଖିଛନ୍ତି- 'ସାଂପ୍ରତିକ କାଳରେ ଓଡ଼ିଆ ଭାଷାରେ ପ୍ରକାଶିତ କେତେକ ସମ୍ବାଦ ପତ୍ରିକା ସମେତ ଅଧିକାଂଶ ସାହିତ୍ୟ ପତ୍ରିକାର ଦୁର୍ବଳ ଓ ତ୍ରୁଟିଯୁକ୍ତ ସଂପାଦନା ଦେଖିଲେ ଓଡ଼ିଆ ଭାଷାର ବିକୃତ ଓ ବିକଳ ରୂପ ହତାଶ କରେ। ଅଳ୍ପ କେତୋଟି ନିୟମିତ ପତ୍ରିକାକୁ ବାଦ୍‌ଦେଲେ ପ୍ରାୟ କୋଡ଼ିଏଟି ବାର୍ଷିକ ପତ୍ରିକା ପ୍ରକାଶ ପାଉଛି, ଯାହା କେବଳ ଦଶହରା ଅବକାଶରେ ବଜାରକୁ ଆସେ। ଏସବୁ ପତ୍ରିକାକୁ ଛାଡ଼ିଦେଲେ ଓଡ଼ିଶାର ପୁରପଲ୍ଲୀରୁ ଛତୁ ଫୁଟିଲାପରି ବହୁ ପତ୍ରିକା ପ୍ରକାଶ ପାଉଛି। ଏହା ସ୍ୱାଗତ ଯୋଗ୍ୟ ହେଲେ ମଧ୍ୟ ସଂପାଦନାର ଦାରିଦ୍ର୍ୟ ଖୁବ୍ ଉତ୍କଟ। ଏସବୁ ପତ୍ରିକାରେ ଓଡ଼ିଆ ଭାଷା ସରସ୍ୱତୀଙ୍କ ଦୟନୀୟ ରୂପ ଚାକ୍ଷୁଷ କରି ଦୁଃଖ ଲାଗେ। ସାମାନ୍ୟତମ ଭାଷା ବ୍ୟାକରଣ ଜ୍ଞାନ ନ ଥାଇ ପତ୍ରିକା ସଂପାଦନା କରି ନିଜ ନାଁ ପଛରେ ସଂପାଦକ ପଦବୀର ମୋହର ମାରିବାର ଆତ୍ମଶ୍ଳାଘା ଏଥିରେ ହୁଏତ ଚରିତାର୍ଥ ହେବ ସିନା, ଓଡ଼ିଆ ଭାଷା ସାହିତ୍ୟର କୌଣସି ଉନ୍ନତି ହେବନାହିଁ।'(୩)

ସୁତରାଂ ପତ୍ରପତ୍ରିକା ସଂପାଦନା ବେଳେ ସ୍ଥାନ ପାଇଥିବା ଲେଖାଗୁଡ଼ିକର ବ୍ୟାକରଣଗତ, ଭାବଗତ, ତଥ୍ୟଗତ ତ୍ରୁଟି ପ୍ରତି ସଚେତନ ହେବା ସଂପାଦନା କଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେବେ ସଂପାଦନା ବେଳେ କେଉଁ ପ୍ରକାର ବା ସ୍ତର ଦେଇ ସଂପାଦନା କରିବାକୁ ହୁଏ ସେ ସଂପର୍କରେ ଆଲୋଚନା କରିବା।

**ସଂପାଦନାର ସ୍ତର :**

ସଂପାଦନା ଖୁବ୍ ସରଳ ବା ସାଧାରଣ କର୍ମ ନୁହେଁ। ଏଥିରେ ବି ସୃଜନଶୀଳତା ଓ ମୌଳିକ ଚିନ୍ତନର ଆବଶ୍ୟକତା ରହିଛି।

ଏଥିପାଇଁ ମାନସିକ ସ୍ଥିରତା ସହ ଅର୍ଥର ବି ଆବଶ୍ୟକତା ଅପରିହାର୍ଯ୍ୟ। ସଂପାଦନା ସମୟସାପେକ୍ଷ ମଧ୍ୟ। ସଂପାଦନାର ବିଭିନ୍ନ ସ୍ତର ରହିଛି, ଯଥା-

୧ମ-ଅଧ୍ୟୟନ

୨ୟ-ଅନୁଧ୍ୟାନ ଓ ଅନୁଶୀଳନ

୩ୟ-ତ୍ରୁଟି ନିର୍ଣ୍ଣୟ ଓ ସଂଶୋଧନ

୪ର୍ଥ-ପ୍ରକାଶନ ଯୋଗ୍ୟ ତଥା ସାର୍ବଜନୀନ

ଅର୍ଥାତ୍ ସଂଗୃହୀତ ରଚନା ବା ପ୍ରକାଶ ପାଇବା ପାଇଁ ଆସିଥିବା ଲେଖାକୁ ଆଗେ ଆମୂଳଚୂଳ ଭଲଭାବରେ ପଢ଼ିବା ଦରକାର। ତାହାର ବିଷୟବସ୍ତୁ ଓ ପରିବେଷଣ କଳାକୁ ବୁଝିବା ଦରକାର। ପରେ ପ୍ରକାଶ ପାଇଁ ଲେଖାର ଯୋଗ୍ୟତା ଓ ଉପଯୋଗିତା ପ୍ରତି ସଚେତନ ହୋଇ ବିଚାର କରାଯିବା ଦରକାର। ଏହାପରେ ତଥ୍ୟଗତ, ବ୍ୟାକରଣଗତ, ଭାବଗତ ତ୍ରୁଟିସବୁକୁ ନିର୍ଣ୍ଣୟ କରି ତାହାର ସଂଶୋଧନ କରିବା ଦରକାର। ସବାଶେଷରେ ତାହା କ୍ରମାନୁସାରେ ସଜ୍ଜିତ ହୋଇ ପତ୍ରପତ୍ରିକାରେ ସ୍ଥାନ ପାଇ ସର୍ବସାଧାରଣଙ୍କ ନିକଟକୁ ପଠାଯିବା ଦରକାର।

**ସଂପାଦନାରେ ରଚନାଗୁଡ଼ିକରେ ଥିବା ପ୍ରମୁଖ ତ୍ରୁଟିକୁ ନିରୂପଣ କରି ତାହାର ସଂଶୋଧନ କରାଯାଇଥାଏ।**

ପତ୍ରପତ୍ରିକା ସଂପାଦନା ଶୈଳୀ ବି ଭିନ୍ନଭିନ୍ନ ପ୍ରକାରର ହୋଇଥାଏ। ଯଥା- (i) ସଂଶୋଧନ ଆଧାର ସଂପାଦନା (ii) ପରିବର୍ତ୍ତନ ଓ ପରିବର୍ଦ୍ଧନ ଆଧାର ସଂପାଦନା (iii) ସ୍ୱତନ୍ତ୍ର ତଥା ବିଶେଷ ପ୍ରସଙ୍ଗ ଆଧାର ସଂପାଦନା।

(i) ସଂଶୋଧନ ଆଧାର ସଂପାଦନାରେ ରଚନାଗୁଡ଼ିକରେ ଥିବା ପ୍ରମୁଖ ତ୍ରୁଟିକୁ ନିରୂପଣ କରି ତାହାର ସଂଶୋଧନ କରାଯାଇଥାଏ। ଏପରି ସଂପାଦନାରେ ତୀର୍ଯକ ଦୃଷ୍ଟିଭଙ୍ଗୀ ଆଉ ଅଭିଜ୍ଞତାମିଶା ଜ୍ଞାନର ଆବଶ୍ୟକତା ରହିଥାଏ। ଏହି ତ୍ରୁଟିଗୁଡ଼ିକ ସାଧାରଣତଃ ତିନି ପ୍ରକାରର ହୋଇଥାଏ। ଯଥା-ଭାଷାଗତ ତ୍ରୁଟି ସଂଶୋଧନ, ଭାବଗତ ତ୍ରୁଟି ସଂଶୋଧନ ଓ ତଥ୍ୟଗତ ତ୍ରୁଟି ସଂଶୋଧନ। ଭାଷାଗତ ତ୍ରୁଟି ସଂଶୋଧନରେ ବ୍ୟାକରଣର ନିୟମାନୁସାରେ ବନାନତ୍ରୁଟି, ଶବ୍ଦ ବ୍ୟବହାରଜନିତ ତ୍ରୁଟି, ପଦ ସଂଯୋଜନାରେ ତ୍ରୁଟିକୁ ପ୍ରଧାନତଃ ବିଚାର କରାଯାଇଥାଏ। ଏହି ସଂଶୋଧନ ପ୍ରକ୍ରିୟାରେ ବର୍ଣ୍ଣଶୁଦ୍ଧି ଓ ପଦଶୁଦ୍ଧିକୁ ବେଶ୍ ନଜର ଦିଆଯାଇଥାଏ। ଅନେକ ସମୟରେ ଲେଖକ ବିଭକ୍ତିସୂଚକ ପ୍ରତ୍ୟୟଗୁଡ଼ିକୁ ପଦଠାରୁ ଅଲଗା କରି ଲେଖିଦେଇଥାଏ। ଯଥା- 'ଗୋଟିଏ ଡଙ୍ଗାଟିଏ ନଦୀର କୂଳକୁ ଲାଗିଥିବା ଗୋଟିଏ ଖୁଂଟରେ ବନ୍ଧା ହୋଇଥାଏ।' ସଂପାଦନା ପରେ ଏହାର ଠିକ୍ ଲେଖାଟି ହେବ- 'ଗୋଟିଏ ଡଙ୍ଗା ନଦୀର କୂଳକୁ ଲାଗିଥିବା ଗୋଟେ ଖୁଂଟରେ ବନ୍ଧା ହୋଇଥାଏ।' ଏହି ଭାଷାଗତ ତ୍ରୁଟି ସଂଶୋଧନ ପାଇଁ ସଂପାଦନାରେ ଭାଷାଜ୍ଞାନ ଏକାନ୍ତ ଅପରିହାର୍ଯ୍ୟ। ବନାନ ସମ୍ବନ୍ଧରେ ମଧ୍ୟ ଭଲ ଜ୍ଞାନ ରହିଥିବା ଆବଶ୍ୟକ।

ସେହିପରି ଭାବଗତ ତ୍ରୁଟିରେ ବିଷୟବସ୍ତୁରେ ଥିବା କିଛି ଅସଂହତ ଭାବକୁ ସଂଶୋଧନ କରିବାକୁ ହୋଇଥାଏ। ମନେ ରଖିବାକୁ ହେବ ଯେ ସଂଶୋଧନ କହିଲେ କେବଳ ବନାନ ସଂଶୋଧନ ନୁହେଁ। କେବେ କେବେ ଭାବ ପ୍ରକାଶରେ କିଛି ଭୁଲ୍ ରହିଯାଇଥାଏ, ସଂପାଦନା ବେଳେ ସେସବୁ ପ୍ରତି ନଜର ଦେବାକୁ ହୋଇଥାଏ। ଜଣେ ଗାଳ୍ପିକ ନିଜ ଗଳ୍ପରେ ଲେଖିଥିଲେ- 'ଗାୟତ୍ରୀ ଗ୍ରୀଷ୍ମର ସେଇ ଉଷ୍ମ ଅପରାହ୍ନରେ ଏକାଏକା ଥକିପଡ଼ି କଦମ୍ବଗଛର ଛାଇ ତଳେ ବସିପଡ଼ିଲେ ଆଉ କଦମ୍ବଫୁଲକୁ ହାତରେ ଧରି ବଂଧୁ କାଦମ୍ବିନୀର ରୁକ୍ଷ ବ୍ୟବହାର ସଂପର୍କରେ ଭାବି ଭାଙ୍ଗିପଡ଼ିଲେ।' ଏହି ବର୍ଣ୍ଣନା ଭିତରେ ଗାଳ୍ପିକ ଭାବପ୍ରବଣତାରେ ଅସାବଧାନତାର ସହ କିଛି ତ୍ରୁଟି ଛାଡ଼ିଯାଇଛନ୍ତି। ଗ୍ରୀଷ୍ମଋତୁରେ କଦମ୍ବ ଫୁଲ ଫୁଟେନାହିଁ। ଏହି ଭାବଗତ ତ୍ରୁଟିକୁ ସଂପାଦନାରେ ସଂଶୋଧନ କରିବାକୁ ହୋଇଥାଏ। ସେହିପରି ଆଉ ଜଣେ ଗାଳ୍ପିକ ଲେଖିଥିଲେ, 'ମଦନା, ମହୁଲଗଛରେ ଚଢ଼ି ମହୁଲ ସଂଗ୍ରହ କରୁଥିଲା ବେଳେ ଗଛରୁ ପଡ଼ିଗଲା। ଫଳରେ ତା' ଅଂଟା ଦୁଇଗଡ଼ ହୋଇଗଲା ଆଉ ସବୁଦିନ ପାଇଁ ତା' ପୌରୁଷ ହରାଇ ବସିଲା।' ଏହାକୁ ସଂପାଦନା କଲାବେଳେ ଖୁବ୍ ସଚେତନ ଭାବରେ ପରଖିବାକୁ ପଡ଼ିଥାଏ। ସାଧାରଣତଃ ମହୁଲ ଗଛ ତଳେ ମହୁଲ ପଡ଼ିଥାଏ ଆଉ ତାକୁ ସଂଗ୍ରହ କରିବାକୁ ପଡ଼େ, ମହୁଲ ଫୁଲ ପାଇଁ ଗଛରେ ଚଢ଼ିବାର ଆବଶ୍ୟକତା ନ ଥାଏ। ଏପରି ଅନେକ ଭାବଗତ ତ୍ରୁଟି ଅସାବଧାନତାରେ ରହିଯାଇଥାଏ। ସଂପାଦନାର କାମ ହେଲା ସେ ଏସବୁକୁ ଖୁବ୍

ସଚେତନ ଭାବରେ ଗୋଟିଗୋଟି କରି ନିର୍ଣ୍ଣୟ ସ୍ୱରୂପ ସଂଶୋଧିତ କରି ପ୍ରକାଶ କରାଇବା। ଅନ୍ୟଥା ପତ୍ରପତ୍ରିକା ସହିତ ସଂପାଦକର ଦୁର୍ବଳତା ପାଠକ ସମାଜରେ ନିନ୍ଦାର କାରଣ ହେବ।

ସେହିପରି ତଥ୍ୟଗତ ତ୍ରୁଟିକୁ ବି ଧ୍ୟାନ ସହକାରେ ଦେଖିବାକୁ ହୋଇଥାଏ। ସଂପାଦନା ବେଳେ ରଚନାରେ ସ୍ଥାନିତ ତଥ୍ୟସବୁର ସତ୍ୟତା, ଉପଯୋଗିତା, ବିବାଦହୀନତା ଓ ପ୍ରାସଙ୍ଗିକତା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏଥିପାଇଁ ସଂପାଦନାରେ ବହୁପଠନତା, ବିଚାରବନ୍ତତା, ନିରପେକ୍ଷତା, ବିପୁଳ ପାଠକୀୟ ଅନ୍ତର୍ବୋଧତା ରହିଥିବା କଥା କୁହାଯାଇଛି। ଉଭୟ ପତ୍ରପତ୍ରିକା ସଂପାଦନା ପାଇଁ ଏହି ତଥ୍ୟଗତ ତ୍ରୁଟି ସଂଶୋଧନ ଅନ୍ୟତମ ପ୍ରଧାନ କର୍ମ। ସ୍ରଷ୍ଟା ନିଜ ସୃଷ୍ଟିରେ ଯେଉଁ ତଥ୍ୟ ପ୍ରଦାନ କରିଥାଏ ସେଥିରେ ଥିବା ସତ୍ୟତା ପ୍ରତି ସଂପାଦକ ସଚେତନ ନ ହେଲେ ଅନେକ ସମୟରେ କୌଣସି ପାଠକ ଦ୍ୱାରା ତାହା ନିର୍ଣ୍ଣିତ ହୋଇ ସଂପାଦକ, ଲେଖକ ଓ ପତ୍ରିକାର ନିନ୍ଦା କରାଯାଇଥାଏ।

**ସଂପାଦକ ଓ ଲେଖକଙ୍କ ଭିତରେ ବିଶ୍ୱସ୍ତତାପୂର୍ଣ୍ଣ ସୁସଂପର୍କ ରହିଥିବା ଆବଶ୍ୟକ।**

(ii) ପରିବର୍ତ୍ତନ ଓ ପରିବର୍ଦ୍ଧନ ଆଧାର ସଂପାଦନା– ଅନେକ ସମୟରେ ସଂପାଦନାରେ ମୂଳଲେଖାରେ କିଛି ବଦଳାଇବାକୁ ହୋଇଥାଏ ତ ପୁଣି କେବେ ଲେଖାର ଆବଶ୍ୟକତା ଓ ପ୍ରାସଙ୍ଗିକତା ଦୃଷ୍ଟିରୁ ତା'ର କଳେବରକୁ ବଢ଼େଇବାକୁ ହୋଇଥାଏ। ତେବେ ଏ କ୍ଷେତ୍ରରେ ଉଭୟ ସଂପାଦନାରେ ଥିବା ସଂପାଦକ ଓ ଲେଖକଙ୍କ ଭିତରେ ବିଶ୍ୱସ୍ତତାପୂର୍ଣ୍ଣ ସୁସଂପର୍କ ରହିଥିବା ଆବଶ୍ୟକ। ଅନ୍ୟଥା ସ୍ରଷ୍ଟା ନିଜ ସୃଷ୍ଟିରେ ପରିବର୍ତ୍ତନ ଓ ପରିବର୍ଦ୍ଧନ ଦେଖି ଅସନ୍ତୋଷ ପ୍ରକାଶ କରିପାରେ।

(iii) ସ୍ୱତନ୍ତ୍ର ତଥା ବିଶେଷ ପ୍ରସଙ୍ଗ ଆଧାର ସଂପାଦନା– ଏହି ସଂପାଦନା ପ୍ରଧାନତଃ ବିଷୟବସ୍ତୁ ଓ ସାଜସଜ୍ଜା ଆଶ୍ରୟୀ। ସ୍ୱତନ୍ତ୍ର ତଥା ବିଶେଷ ପ୍ରସଙ୍ଗ ଆଧାର ସଂପାଦନାରେ ବିଷୟବସ୍ତୁକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ବିଷୟବସ୍ତୁ କିପରି ସ୍ୱୟଂସଂପୂର୍ଣ୍ଣ ଓ ଯୁଗୋପଯୋଗୀ ହେବ ଏବଂ ପାଠକୀୟ ଆଦୃତି ଲାଭକରିବ ସେଥିପାଇଁ ସଂପାଦନାର ଦୃଷ୍ଟି ରହିବା ବିଧେୟ। ପତ୍ର ଅପେକ୍ଷା ପତ୍ରିକା ପାଇଁ ସ୍ୱତନ୍ତ୍ର ତଥା ବିଶେଷ ପ୍ରସଙ୍ଗ ଆଧାର ବେଶି ଉପାଦେୟ ହୋଇଥାଏ। ପତ୍ର କ୍ଷେତ୍ରରେ ଦୈନିକ ନ ହୋଇ ପାରିଲେ ବି କେବେକେବେ ସାପ୍ତାହିକ ପତ୍ରରେ ଏହାକୁ ଆପଣାଇ ନେଇ ପ୍ରୟୋଗ କରୁଥିବାର ନଜରକୁ ଆସିଥାଏ। ତେବେ ପତ୍ରିକା ସଂପାଦନା କରି ପ୍ରସ୍ତୁତ ଓ ପ୍ରକାଶ କରିଲା ବେଳେ ବିଶେଷ ପାଠକ ଶ୍ରେଣୀ ପ୍ରତି ନଜର ଦେବାକୁ ହୋଇଥାଏ। ଅର୍ଥାତ କେଉଁ ଶ୍ରେଣୀର ପାଠକଙ୍କ (ଟାର୍ଗେଟ୍ ରିଡର୍ସ) ପାଇଁ ଏହି ବିଶେଷ ପତ୍ରିକାଟି ସଂପାଦିତ ହୋଇ ପ୍ରସ୍ତୁତ କରାଯାଇଛି ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ। ଯେମିତି 'କଥା' ପତ୍ରିକା କେବଳ କଥାସାହିତ୍ୟରେ ରୁଚି ରଖୁଥିବା ପାଠକ ତଥା ବିଶେଷକରି ଗପ-ଉପନ୍ୟାସ ପଢ଼ିବାକୁ ଇଚ୍ଛା କରୁଥିବା ପାଠକଙ୍କୁ ଦୃଷ୍ଟିରେ ରଖି ସଂପାଦନା କରାଯାଉଛି। ସେହିପରି କବିତାପ୍ରେମୀ ପାଠକକୁ ଆଖିଆଗରେ ରଖି 'ଉଦ୍‌ଭାସ' ପତ୍ରିକାର ସଂପାଦନା କରାଯାଉଥିଲା।

ପତ୍ରିକାର ବିଷୟକୁ ବିଚାର କରି ସ୍ଥାନ ପାଉଥିବା ରଚନାଗୁଡ଼ିକ ସହ ତା'ର ସାଜସଜ୍ଜାକୁ ମଧ୍ୟ କଳାତ୍ମକ ଦୃଷ୍ଟିରୁ ଦେଖିବା ଦରକାର। ସଂପାଦନାର ଅର୍ଥ ନୁହେଁ ଲେଖକହାତରୁ ଲେଖା ପରିବା ଗୋଟେଇ ଆଣି ପରଷିବା, ସେଥିରେ ସଂପାଦନା କଳା କାରିଗରିର ମସଲା ମିଶେଇ ତାକୁ ସ୍ୱାଦିଷ୍ଟ କରି ପାଠକ ପାଖରେ ପରଷିବା ଦରକାର। ତେବେ ଯାଇ ପତ୍ରିକାର ଗୌରବ ବଢ଼ିବା ସହ ସଂପାଦନାର ମହନୀୟତା ପ୍ରକଟିତ ହେବ।

**ସଂକେତ ସୂଚୀ–**

୧.ନାୟକ କ୍ଷେତ୍ରବାସୀ, ସଂପାଦନା ପ୍ରସଙ୍ଗ, ଏଷଣା ୪ର୍ଥ ଖଣ୍ଡ, ପ୍ର-୧୯୮୨, ପୃ-୧୪୪।

୨. ପଟ୍ଟନାୟକ ଡ଼. ଆଶୁତୋଷ, ସଂପାଦନା ସଂପର୍କରେ, ପ୍ରାଚୀନପୋଥି ଶୁଦ୍ଧ ସଂପାଦନା ପଦ୍ଧତି ଓ ଅନୁବାଦ କୌଶଳ, ପ୍ର-ଅମିତ ବିକ୍ରମ ପଟ୍ଟନାୟକ, ସଂ-୧୯୮୮, ପୃ-୧।

୩. ମହାନ୍ତି ସରୋଜ ରଂଜନ, ସଂପାଦକୀୟ, ଝଙ୍କାର, ଡିସେମ୍ବର-୨୦୦୯, ପୃ-୧୦୮୨।

□□

ଲେଖକଙ୍କ ଇ-ମେଲ ଠିକଣା:
chinmaykumar18@gmail.com



କବିତା

# ରୂପବତୀ ଚିତ୍ରଲେଖା

ରାମଚନ୍ଦ୍ର ପ୍ରଧାନ

ଫଗୁଣ ଫଗୁରେ ତୁମେ ଫଗୁମୟୀ
ରୂପବତୀ ଚିତ୍ରଲେଖା
ଆଷାଢ଼ି ମେଘରେ ତୁମେ ଆଶାବରୀ
ତମସାର ଦୀପଶିଖା ।

ପଲ୍ଲୀ ଗାଁ ଦାଣ୍ଡରେ ତୁମେ ନୂଆ ବୋହୂ
ସପନର ଛକିଶୂନ
ନିଶବ୍ଦ ବେଳାରେ ତୁମେ ନୀଳ ଢେଉ
ନୟନେ ନୀଳିମା ଘନ ।



ବୈଶାଖୀ ଝାଞ୍ଜିରେ ତୁମେ ହେମବତୀ
ସମୀରର ଶୀତଳତା
ଶୀତୁଆ ସନ୍ଧ୍ୟାରେ ତୁମେ ସନ୍ଧ୍ୟାବତୀ
ଭାବନାର ନୀରବତା ।

ସୁନେଲି ଖରାରେ ତୁମେ ସୁନୟନା
ପ୍ରୀତିର କନକ ଗୋରୀ
ରାତିର ଅନ୍ଧାରେ ତୁମେ ପ୍ରଣୟିନୀ
ମଧୁଝରା ପ୍ରେମ ତରି ।

ବସନ୍ତ ରାଗରେ ତୁମେ ଚଇତାଳି
ଅମାନିଆ ଜହ୍ନରାତି
ଫୁଲର ବାସ୍ନାରେ ତୁମେ ଫୁଲଝରି
ପ୍ରୀତିରେଖା ପ୍ରଜାପତି ।

□□

ଲେଖକଙ୍କ ଇ-ମେଲ ଠିକଣା:
rcps4@gmail.com

ଗଳ୍ପ


# ଚାରିଟି ଅଣୁଗପ



ନିରଞ୍ଜନ ନାୟକ

୧

ପୋଲିସ ଅଧିକାରୀ ଜଣେ ମହିଳାଙ୍କ ଭ୍ୟାନିଟି ଚୋରି କରି ଦୌଡୁଥିବା ଚୋରକୁ ଗୋଡ଼େଇ ଗୋଡ଼େଇ ବଡ କଷ୍ଟରେ ଧରିଲା ପରେ ଭ୍ୟାନିଟି ଛଡାଇ ମହିଳାଙ୍କୁ ଦେଇଦେଲେ। ଥାନାକୁ ନେଇ ଚୋରକୁ ନିର୍ଦ୍ଧୂମ ପିଟିଲେ ଆଉ କହିଲେ ଏ ବୟସରେ ପାଠ ପଢି ମଣିଷ ହେବୁ। ଚୋରି କରୁଛୁ ! ନାବାଳକ ଥିବା ଚୋର ମୁହଁରୁ ସବୁ କଥା ଶୁଣିଲା ପରେ ସଙ୍ଗେ ସଙ୍ଗେ କଲେଜକୁ ଫୋନ କଲେ ଏବଂ ଚୋରି କରିଥିବା ପିଲାଟିର ସବୁତକ ଆଡମିସନ ଫି' ଦାଖଲ କରିଦେଲେ।



୨

ଯାହା ବି ହେଉ ମୋତେ ଟଙ୍କା ଦରକାର। ବୁଢ଼ୀଟି ବୋହୂ ଉପରେ ଏମିତି ପାଟିକରି ଦାଉ ସାଧୁଥିଲା। ବଡ଼ ବୋହୂ ଭଳି ସାନ ବୋହୂ ଚାକିରି କରିନି। କିନ୍ତୁ ଘରର ସବୁ କାମ ସାନ ବୋହୂ କରେ। ଶାଶୁର ଏମିତି ପାଟିକରିବା ନିତିଦିନିଆ ଅଭ୍ୟାସ। ବୋହୂ ସବୁ ଶୁଣି ସହିଯାଏ। ଦିନେ ଏମିତି ଘଟଣା ଶୁଣି ପାଖଘରେ ରହୁଥିବା ଲକ୍ଷ୍ମୀ ମ୍ୟାଡାମ ସାନ ବୋହୂଟିକୁ ସ୍କୁଲର ଶିକ୍ଷୟିତ୍ରୀ ଚାକିରିରେ ଥଇଥାନ କରିବା ପରେ ଶାଶୁଙ୍କ ସାନ ବୋହୂ ପ୍ରତି ଥିବା ମନୋଭାବରେ ପରିବର୍ତ୍ତନ ଆସିଲା। କିନ୍ତୁ ସାନବୋହୂ ଏଥର ଘରର କିଛି କାମ କରୁନଥିଲା।

୩

ଶିକ୍ଷକଙ୍କର ପେନସନ କାଗଜରେ ଭୁଲ ଦର୍ଶାଇ କିରାଣି ଜଣକ ବାରମ୍ବାର ହଇରାଣ କରୁଥିଲେ। ଏଣେ ଶିକ୍ଷକଙ୍କ ବୃଦ୍ଧାବସ୍ଥା। କେତେ କାକୁତିମିନତି ହେଲେ ମଧ୍ୟ କାହାର କର୍ଣ୍ଣପାତ ହେଉ ନ ଥିଲା। ସମୟ କ୍ରମେ ବିଭାଗରୁ କିରାଣିଙ୍କ ବଦଳି ହେଲା ପରେ ନୂଆ ବଡ଼ବାବୁ କାର୍ଯ୍ୟାଳୟରେ ଯୋଗଦେଲେ। ଶିକ୍ଷକ ଜଣକ ନିଜ କାମର ସଫଳତା ଆଶା ରଖି ପୁଣି କାର୍ଯ୍ୟାଳୟକୁ ଗଲେ। ହେଲେ ଏଥର କିରାଣି ଜଣକ ଶିକ୍ଷକଙ୍କ ପାଦତଳେ ନତମସ୍ତକ ହେବା ଦେଖି ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ। ଶିକ୍ଷକଙ୍କ ସବୁତକ କଥା ନୂଆ ବଡ଼ବାବୁଙ୍କୁ କହିବା ପରେ ବଡ଼ବାବୁ ଜଣକ ସ୍କୁଲ କଥା ମନେ ପକେଇ ନିଜେ ତାଙ୍କର ଶିଷ୍ୟ ବୋଲି ପ୍ରମାଣିତ କଲେ। ପରେ ପେନସନ କାଗଜରେ କିଛି ଭୁଲ ନ ଥିଲା ବରଂ ଆଉ କିଛି ଉଦ୍ଦେଶ୍ୟ ରଖି ଶିକ୍ଷକଙ୍କ କାମ ହୋଇ ନ ଥିଲା। ଶେଷରେ ଶିକ୍ଷକ ଜଣକ ଆନନ୍ଦର ସହ ଘରକୁ ଫେରିଥିଲେ।

୪

ଦେବୀ ଆବାହନ ସମୟ। ଦେବୀ ମନ୍ଦିରରେ ଭକ୍ତଙ୍କ ଭିଡ଼। ଶହଶହ ଜୀବନଗୁଡିକ ଛଟପଟ। ସେପଟେ ରାସ୍ତାରେ ବହୁଛି ରକ୍ତର ନଦୀ। ଜଣେ ଭକ୍ତ ସେଇଭିତରୁ ପାଟିକଲା ଭାଇମାନେ, ଦେବୀ କାଳିସୀ ଲାଗି କହିଲେ ଚାଲ ସମସ୍ତେ ଯେ ଯାହାର ମାନସିକ ରଖି ସାଙ୍ଗରେ ନେଇ ଆସିଥିବା ପକ୍ଷୀ ପାରା, କୁକୁଡା ଆଦିଙ୍କୁ ଉଡେଇଦେବା। ପରେ ସମସ୍ତ ଭକ୍ତ ଯେ ଯାହାର ମାନସିକ ପକ୍ଷୀମାନଙ୍କୁ ସ୍ୱାଧୀନ କରିଦେଲେ।



□□

ଲେଖକଙ୍କ ଇ-ମେଲ ଠିକଣା:
niranjannayak6@gmail.com



ଶିଶୁ ଗଳ୍ପ

# ଦୁଃଖୀର ନାଥ

କୁଞ୍ଜ ବିହାରୀ ସାହୁ

ଚାହୁଁ ଚାହୁଁ ବରଷେ ପୂରିଗଲା। କାଳିଆ ସାଆନ୍ତ ତା' ସିଂହାସନରେ ବସିଛି ଯେ ବସିଛି। ତା' ପାଖରେ ଅଛି ବଡ଼ଭାଇ ବଳଭଦ୍ର ଆଉ ଭଉଣୀ ସୁଭଦ୍ରା। ଏମିତି ରତ୍ନ ସିଂହାସନରେ ବସି କେତେ ଭକ୍ତଙ୍କୁ ପାଖକୁ ଡାକୁଥିବ। ସିଏ କଅଣ ବୁଝିପାରୁନି ତାକୁ ଟିକେ ଦର୍ଶନ କରିବାକୁ ପୁରୀ ମନ୍ଦିର ବେଢ଼ାରେ ଭିଡ ଲାଗୁଛି। ପଣ୍ଡା-ପଡ଼ିହାରୀଙ୍କ ବେତ ପାହାର ବାଜୁଛି।

ଏମିତି ଗୁଡାଏ ଏଣୁତେଣୁ ଭାବିଲା ଲତିକା। ସେ ଏକ ସଡକ ଦୁର୍ଘଟଣାରେ ପଙ୍ଗୁ ହେଇଯାଇଛି। ବାପାଙ୍କୁ ହରେଇ କଲବଲ ହେଉଛି। ମନ୍ଦିର ଭିତରକୁ ତାକୁ କିଏ ନେଇକି ଯିବ ଯେ ତିନି ଦିଅଁଙ୍କୁ ଆଖି ପୂରେଇ ଦେଖିବ। ମନେମନେ ଭାବିଲା- କାଳିଆ ଠାକୁର ତ ଅନ୍ତର୍ଯାମୀ, ତା' ଦୁଃଖ ନିଶ୍ଚୟ ବୁଝିବେ।



ଲତିକା ଘର ଭିତରେ ଏକୁଟିଆ ବସିଛି। ବାହାରେ ଭୀଷଣ ଖରା। ମେଘରୁ ଟୋପାଏ ବି ପାଣି ପଡୁନି। ଖରା ସାଥିରେ ଗୁଳୁଗୁଳି ତାକୁ ଅସ୍ତବ୍ୟସ୍ତ କରିଦେଉଛି। ଜେଜୀମାକୁ ଡାକିଲା। ଜେଜୀମା, ଏଥରକ ମୁଁ ଆଉ ମନ୍ଦିର ଭିତରକୁ ଯାଇପାରିବିନି, ତିନି ଦିଅଁଙ୍କୁ ଦର୍ଶନ କରିପାରିବିନି। ମୋର ଏ ଫଟାକପାଳ। ରେଳ ଦୁର୍ଘଟଣାରେ ବନ୍ଧୁବାନ୍ଧବମାନେ ଚାଲିଗଲେ ଯେ ଦେଖା ମିଳିଲାନି। କାନ୍ଦି କାନ୍ଦି ଆଖିରୁ ପାଣି ମରିଗଲାଣି। ବାପାଙ୍କ ସାଥିରେ ବାହାଘର ଭୋଜି ଖାଉ ଖାଉ ଫେରିଲାବେଳକୁ ଗଛ ଧକ୍କାରେ ଆମ ଗାଡ଼ି ଭାଙ୍ଗିଗଲା। ବାପା ସେଇଠି ଆଖି ବୁଜିଦେଲେ। ଗୋଡ଼ ଦୁଇଟା ହରେଇ ମୁଁ ଏ ଘର ଭିତରେ ଛାଟିପିଟି ହେଉଛି। ମୁଁ ଆଉ ଦିଅଁଙ୍କୁ ପାଖରୁ ଦେଖିପାରିବିନି ଜେଜୀମା !

ହଁ ଲୋ ନାତୁଣୀ, ତୁ ମନଦୁଃଖ କାହିଁକି କରୁଛୁ। ଏ କାଳିଆ କହ୍ନେଇ ସଭିଙ୍କର। ଯିଏ ଯୋଉଠି ଥାଇ ଡାକିଲେ ସେ 'ଓ' କରନ୍ତି। ପାଖକୁ ପଳେଇ ଆସନ୍ତି।

ହଁ ଯେ ଜେଜୀମା, ମୋ ପାଖକୁ କେମିତି ଆସିବେ ?

ତୁ ପରା ଭଲ ଚିତ୍ର ଆଙ୍କିପାରୁଛୁ। ଚିତ୍ର ଆଙ୍କି ପୁରସ୍କାର ପାଇଛୁ। ଦେଖ, ମନଧ୍ୟାନ ଦେଇ ଚିତ୍ର ଆଙ୍କି ଦେ। ତିନି ଠାକୁରଙ୍କୁ ରଥରେ ବସେଇ ପୂଜା କରି ଦେ। ଚିତ୍ରରେ ଧଣ୍ଡା ତୁଳସୀ ଚଢ଼େଇ ଦେ। ଦେଖିବୁ ତୋ ଚିତ୍ର ଦେଖି ଠାକୁର ଦଣ୍ଡେ ଏ ଶରଧାବାଲିରେ ଅଟକିଯିବେ।

ହଁ ହଁ ତୁ ଠିକ୍ କହିଛୁ ଜେଜୀମା। କବିସୂର୍ଯ୍ୟ ବଳଦେବ ରଥ ପରା ନଈବାଲିରେ ରଥ ତିଆରି କରି ଠାକୁରଙ୍କୁ ଦର୍ଶନ କରିଥିଲେ। ବାଲିଆ ଗାଁରୁ ଦାସିଆ ଯାଇପାରିଲାନି ବୋଲି ନଡ଼ିଆ ପଠେଇଥିଲା। ଠାକୁର ତ ହାତ ବଢ଼େଇ ନଡ଼ିଆ ନେଇଥିଲେ। ଭକ୍ତ ସାଲବେଗଙ୍କର ଯିବାରେ ଡେରି ହେଲା ବୋଲି ବଡଦାଣ୍ଡରେ ରଥ ଅଟକିଗଲା। ମୁଁ ଆଜି ଚିତ୍ର ଆଙ୍କିବି। ତିନୋଟି ରଥରେ ତିନୋଟି ଦିଅଁଙ୍କୁ ବସେଇଦେବି। ଦଉଡ଼ି ଲଗେଇ ଲଗେଇ ରଥକୁ ଟାଣିବି। ଏୟା ଭାବି ଭାବି ଲତିକା କାଳିଆକୁ ମୁଣ୍ଡ ନୁଆଁଇ ଜୁହାର ହେଲା। ସେ ଭକ୍ତିଭାବ ନେଇ ଚିତ୍ର ଆଙ୍କି ଚାଲିଲା।

ରାତି ବେଶି ହେବାରୁ ଜେଜୀମା କହିଲେ- ଶୋଇ ଯା ନାତୁଣୀ, ରାତି ପାହିଲେ ତିନି ଦିଅଁ ଦେଉଳ ଛାଡ଼ି ରଥରେ ବିଜେ କରିବେ। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦେଖାଦେବେ। ଏ ଶରଧାବାଲିକୁ ଆସି ତୋତେ ଡାକିବେ। ତୋର ଗୋଡ଼ ନାହିଁ ବୋଲି ମନ ଦୁଃଖ କରନା। କାଳି ପରା ରଥଯାତରା। ଆ

ଶୋଇପଡ଼ିବୁ।

ଚିତ୍ର ଆଙ୍କି ଠାକୁରଙ୍କୁ ନିଜ ମନ କଥା ଜଣେଇଲା ଲତିକା। ଶୋଇପଡ଼ିଲା ଜେଜୀମା ପାଖରେ। ରାତିରେ ସ୍ୱପ୍ନ ଦେଖିଲା ତା’ ପାଖକୁ ତିନିଠାକୁର ଆସି କହୁଛନ୍ତି - ତୁ ବଢ଼ିଆ ଚିତ୍ର ଆଙ୍କିଛୁ ଲତିକା। ଯିଏ ଠାକୁରଙ୍କ ମନପ୍ରାଣ ଦେଇ ଭକ୍ତିକରେ, ଆମେ ତା’ ପାଖରେ କିଛି ସମୟ ରହିଯାଉ। ଚମକି ଉଠିଲା ନିଦ ବାଉଳାରେ। ଜେଜୀମା ପିଠି ଥାପୁଡ଼ାଇଦେଲେ। ଶୋଇପଡ଼ିଲା ଲତିକା ଜେଜୀମାକୁ ଆଉଜି।




ରାତି ପାହିଲା। ଆଜି ରଥଯାତରା। ହ୍ୱିଲ୍ ଚେୟାରରେ ବସି ଜେଜିମା ସାଥିରେ ଶରଧାବାଲିରେ ପହଞ୍ଚିଗଲା। ଭକତଙ୍କ ଗହଳି ଦେଖି ଆଗକୁ ଯାଇପାରିଲାନି, ଶରଧାବାଲିରେ ବସିରହିଲା। ଖୋଳ କୀର୍ତ୍ତନ ଚାଲିଛି। ତୂରୀ-ଭେରୀ-କାହାଳି ବାଜୁଛି। ହରିବୋଲ ହୁଳହୁଳି ପଡୁଛି। ଲତିକା ବହୁତ ଖୁସି ହେଇଗଲା। ତିନି ରଥ ଆସି ପହଞ୍ଚିଗଲା ଶରଧାବାଲିରେ। ଅଟକିଗଲା କିଛି ସମୟ। ଆଉ ଆଗକୁ ଗଡ଼ିଲାନି। ଲତିକା ଜେଜୀମା ପାଖରେ ଥାଇ ଆଙ୍କିଥିବା ଚିତ୍ରଟିକୁ ପରଖିନେଲା। ଯାହା ଆଙ୍କିଛି, ଆଜି ସେ ନିଜ ଆଖିରେ ଦେଖୁଛି। ଏତିକିବେଳେ ଜଣେ ଭକ୍ତ ଲତିକାକୁ କାନ୍ଧରେ ବସେଇ କାଳିଆ ଠାକୁରଙ୍କ ରଥ ଛୁଆଇଁଦେଲେ। ଲତିକା କାଳିଆ ସାଆନ୍ତଙ୍କୁ ଦର୍ଶନ କରିବା ସହ ବଳଭଦ୍ର ଓ ମା’ ସୁଭଦ୍ରାଙ୍କୁ ଦର୍ଶନ କଲା। ନିଜକୁ ଧନ୍ୟ ମନେକଲା। ପାଟିରୁ ଆପେ ଅପେ ବାହାରିଗଲା - ସତରେ କାଳିଆ, ତୁ ହିଁ ଦୁଃଖୀର ନାଥ।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com

ଏକ ନୂଆ ପ୍ରୟାସ...
AMESABU
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
WE ALL. FOR ALL.
ଆମେସବୁ
ANDROID APP ON Google Play
@amesabu




**ପୁସ୍ତକ ସମୀକ୍ଷା**

# ବାରକଥା

**ଲେଖିକା: ସୁପ୍ରିୟା ପ୍ରଶାନ୍ତ**
**ପ୍ରକାଶକ: କୁନୁ ବହି, କୋଲକାତା**
**ପୃଷ୍ଠା: ୧୬୦ ମୂଲ୍ୟ: ଟ.୩୦୦**

ଏକ ନିଆରା ପାଠକୀୟ ଅନୁଭୂତିର ପ୍ରତିଶ୍ରୁତି ବହନ କରେ ଏହି ପୁସ୍ତକରେ ସୂଚୀବଦ୍ଧ ହୋଇଥିବା ପ୍ରଥମ ଗଳ୍ପ, 'ସ୍ୱର୍ଗସୁଖ'। ତେବେ ଏହି ପ୍ରତିଶ୍ରୁତି ପରବର୍ତ୍ତୀ ଗଳ୍ପଗୁଡ଼ିକରେ କେତେ ଦୂର ସାର୍ଥକ ହୋଇଛି ତାହା ଦେଖିବାର କଥା।

'ଜନ ହିତରେ ଜାରି' ଶୀର୍ଷକ ପୁସ୍ତକଟିର ସଂକ୍ଷିପ୍ତ ମୁଖବନ୍ଧରେ ଲେଖିକା ଚୁମ୍ବକରେ ସୂଚାଇଦେଇଛନ୍ତି ଏଥିରେ ସଂକଳିତ ଗଳ୍ପଗୁଡ଼ିକର ଅନ୍ତଃସ୍ୱର, ଯାହା ବ୍ୟଙ୍ଗ, ଶ୍ଳେଷ ଓ ବକ୍ରୋକ୍ତିର ଏକ କକଟେଲ୍ ବୋଲି କୁହାଯାଇପାରେ। ସିଗାରେଟ୍ ଖୋଳ ଉପରେ ଲିଖିତ ବୈଧାନିକ ସତର୍କତାର ଅନୁକରଣରେ ଲେଖିକା ଆରମ୍ଭରୁ ହିଁ ସତର୍କ କରାଇଦେଇଛନ୍ତି, 'ବହି ଭିତରେ ଯେତେବେଳେ ନିଶାଖୋରମାନଙ୍କୁ ଭେଟିବେ, ମନେରଖିବେ: ମଦ୍ୟପାନ ଓ ଧୂମ୍ରପାନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ।' ସେ ଆଉ ମଧ୍ୟ ଲେଖିଛନ୍ତି, 'ଗଳ୍ପଗୁଡ଼ିକ ପଢ଼ି ଯଦି କେହି ପାଠକ ଆନନ୍ଦିତ, ଦୁଃଖିତ, ବିସ୍ମିତ, ବିରକ୍ତ, ବିବ୍ରତ, ଉତ୍ତ୍ୟକ୍ତ, କ୍ରୋଧିତ, ଉଲ୍ଲସିତ, ପୁଲକିତ, କିଂକର୍ତ୍ତବ୍ୟବିମୂଢ଼ ଅବା ଆତ୍ମହରା ହେଲେ – ସେଥିପାଇଁ ଏହି ଲେଖିକା ଆଦୌ ଦାୟୀ ନୁହେଁ।' ଅର୍ଥାତ୍ ଏହି ସଂକଳନ ଯେ ଏହି ସମସ୍ତ ରକମର ଭାବାବେଶ ଜାଗ୍ରତ କରିବାକୁ ସକ୍ଷମ, ଏଥିପ୍ରତି ଲେଖିକା ସଚେତନ ଅଛନ୍ତି।

ଅବଶ୍ୟ ଆମେ କିଛିମାତ୍ରାରେ 'ଦୁଃଖିତ' ଓ 'ଉତ୍ତ୍ୟକ୍ତ' ହୋଇପାରୁ ବହିଟିର କେତେକ ସ୍ଥଳରେ ମୁଦ୍ରଣ ଅଯୋଗ୍ୟ ଶବ୍ଦମାନଙ୍କର ଅବାଧ ବ୍ୟବହାର ଦେଖି; ଯେମିତି, 'ସବୁ (....)ଗୁଡ଼ା ଏକାବେଳେ ମରିଗଲେ କି ବେ ?' (ପୃଷ୍ଠା – ୮୫) ଓ 'କୁଆଡ଼େ ଗଲେ ସେ (....) ଦଳ ?' (ପୃଷ୍ଠା –୮୬)। ଜଣେ ସ୍ୱଚ୍ଛ ଆତ୍ମପ୍ରତ୍ୟୟ ସଂପନ୍ନ ଲେଖକ ବା ଲେଖିକା ହିଁ ଏହା ସମ୍ଭବ କରିପାରନ୍ତି।

ପ୍ରଥମ ଗଳ୍ପ 'ସ୍ୱର୍ଗସୁଖ' ନିଃସନ୍ଦେହରେ ଏକ ଅନନ୍ୟ ଥିମ୍‌ର ସୂଚକ। ଏଥିରେ ରଚନାଟିର ଛତ୍ରେଛତ୍ରେ ଗଳ୍ପ ବିନ୍ୟାସର ଅନୁପମ କଳା ସହିତ ଯେଉଁ କଥାଟି ପାଠକକୁ ବାନ୍ଧି ରଖେ ତାହା ହେଲା ଏହାର ବ୍ୟଙ୍ଗ ରସାଣିତ ବର୍ଣ୍ଣନା ଶୈଳୀ। ତେବେ ପୂର୍ବରୁ ଆମେ ଯାହା ଲେଖିଛୁ, ପ୍ରଥମ ଗଳ୍ପର ଏହି ସମୁନ୍ନତ ପ୍ରତିଶ୍ରୁତି ହୁଏତ ପୁସ୍ତକଟିରେ ସଂକଳିତ ଅନ୍ୟ କେତେକ ଗଳ୍ପରେ ସମଭାବରେ ପ୍ରତିଫଳିତ ହୋଇନାହିଁ। କେତୋଟି ରଚନା ତ ଗଳ୍ପ ପର୍ଯ୍ୟାୟବାଚୀ ହିଁ ନୁହେଁ, ଯେମିତି 'ଚୁଗୁଲିବାଦୀ ମେନିଫେଷ୍ଟୋ'କୁ ଏକ ରମ୍ୟରଚନା ବୋଲି ବର୍ଗୀକୃତ କଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ମଧ୍ୟ ପାଇଲୁ ଏକ ମିନିଗଳ୍ପ 'ଭୁବନେଶ୍ୱର' ଯାହାକୁ ଏକ ଗଳ୍ପ ପରିବର୍ତ୍ତେ ଏକ ଗଦ୍ୟ-କବିତା ବୋଲି କହିବା ଅଧିକ ଯଥାର୍ଥ ହେବ। ଏଥିରେ ଅବଶ୍ୟ ଅଛି ପାଠକର ମନକୁ ଛୁଇଁଯିବା ଭଳି ମହାର୍ଘ ଧାଡ଼ିଟିଏ: 'ଭୁବନେଶ୍ୱର ନିର୍ବାକ୍ ଜଣେ ଆଶାହରା ନାରୀ।'

ଲେଖିକା ଏହି ସଂକଳନଟିର ନାମକରଣ 'ବାରକଥା' ବୋଲି କରି ଏହା ଯେ ବାରମଜା ବା ଚେନାଚୁର ଭଳି ବାର ଜାତି ଦ୍ରବ୍ୟର ଏକ ମିଶ୍ରଣ, ଏହା ସ୍ୱୀକାର କରିଛନ୍ତି। କାରଣ ଏଥିରେ ଭଳିକି ଭଳି ବିପରୀତମୁଖୀ ରଚନାର ଏକ ମିଶ୍ରଣ ପରିବେଷିତ ହୋଇଛି। ଗୋଟିଏ ଗଳ୍ପ ୬୩ ପୃଷ୍ଠାର ବିଶାଳ ବପୁ ଧାରଣ କରିଥିବା ବେଳେ, ଅନ୍ୟଟି ଗୋଟିଏ ପୃଷ୍ଠାରୁ ବି କମ୍ ସ୍ଥାନ ଅଧିକାର କରିଛି। ଅବଶ୍ୟ ପୁସ୍ତକଟିରେ ସଂକଳିତ ସବୁଯାକ ରଚନା ଯେ ସୁଖପାଠ୍ୟ ଏଥିରେ ସନ୍ଦେହ ନାହିଁ; ଏବଂ ଏ ଦୃଷ୍ଟିରୁ ଏହା ପାଠକମାନଙ୍କୁ ନିରାଶ କରିବନାହିଁ ବୋଲି ଆମେ ମନେକରୁ।

*–ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଆଲୋଚନା ଚକ୍ର: ସୁରେନ୍ଦ୍ରଙ୍କ କଥା ସାହିତ୍ୟରେ ଓଡ଼ିଆ ଅସ୍ମିତା




କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ୧୦୨ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ କଥା ସାହିତ୍ୟରେ ଓଡ଼ିଆ ଅସ୍ମିତା ବିଷୟରେ 'କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ସ୍ମୃତି ନ୍ୟାସ' ପକ୍ଷରୁ ଭୁବନେଶ୍ୱରର ବୁଲନଭାଇ ସେବା ସଦନରେ ଜୁନ୍ ୨୩ ତାରିଖରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସୁରେନ୍ଦ୍ର ମହାନ୍ତିଙ୍କ ରଚନାରେ ଓଡ଼ିଆ ଅସ୍ମିତାବୋଧର ପ୍ରତିଫଳନ ସମ୍ପର୍କରେ ଆଲୋଚନା ଆରମ୍ଭ କରି 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି କହିଲେ ଯେ ଓଡ଼ିଆ ଭାଷା ଓ ସଂସ୍କୃତିର ଗୌରବ ଜାହିର କରିବାପାଇଁ ସେ ସର୍ବଦା ସଚେତନ ଥିଲେ। ତାଙ୍କର ବିଭିନ୍ନ ରଚନା ଓ ସମ୍ପାଦପତ୍ରରୁ ଏଥି ସମ୍ପର୍କିତ ଉଦାହରଣମାନ ଉଦ୍ଧାର କରି ସେ କହିଲେ ଯେ ଓଡ଼ିଆତ୍ୱର ଗୌରବବୋଧ ସୁରେନ୍ଦ୍ର ମହାନ୍ତିଙ୍କ ଲେଖକୀୟ ସତ୍ତାର ଏକ ଉଲ୍ଲେଖନୀୟ ଦିଗ ଥିଲା। ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଲେ ଯେ ସୁରେନ୍ଦ୍ର ମହାନ୍ତି ଏକାଧାରରେ ଜଣେ ନାରଦ, ବ୍ୟାସ ଓ ବୃହସ୍ପତି ମଧ୍ୟ ଥିଲେ। ତା'ଙ୍କ ରଚନାରେ ଅସ୍ମିତା ବା 'ମୁଁ ଅଛି'ପଣ ପ୍ରତିଫଳିତ ହୋଇଛି ମୁଖ୍ୟତଃ ଦୁଇଟି କଥାରେ: ଶ୍ରୀଜଗନ୍ନାଥ ଓ ଓଡ଼ିଆ ଭାଷା। ବିଶିଷ୍ଟ ସଂସ୍କୃତି ବିଶେଷଜ୍ଞ ଶାନ୍ତନୁ ରଥ କହିଲେ ଯେ ଓଡ଼ିଶାରେ ଏହି ଅସ୍ମିତା ପ୍ରସଙ୍ଗ ଅଳ୍ପଦିନ ହେଲା ଆମର ଗଣ-ବ୍ୟବହାରକୁ ଆସିଛି। ଆମର ଅସ୍ମିତା ପ୍ରକଟିତ ହୁଏ ମୁଖ୍ୟତଃ ଜଗନ୍ନାଥଙ୍କୁ ନେଇ। ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ'ରେ ଆମେ ପ୍ରାଞ୍ଜଳ ଭାବରେ ଏହି ଅସ୍ମିତାର ପରିଚୟ ପାଉ।

## ସାହିତ୍ୟ ଏକାଡ଼େମୀର ଯୁବ ଓ ଶିଶୁ ସାହିତ୍ୟ ପୁରସ୍କାର ପାଇଲେ ଦୁଇଜଣ ଓଡ଼ିଆ ଲେଖକ



କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ୨୦୨୪ ମସିହାର ଯୁବ ପୁରସ୍କାର ଓ ବାଳ ସାହିତ୍ୟ ପୁରସ୍କାର ବିଜେତାମାନଙ୍କର ନାମ ଜୁନ୍ ୧୫ ତାରିଖ ଦିନ ଘୋଷଣା କରାଯାଇଛି। ଓଡ଼ିଶାରୁ ମାନସ ରଞ୍ଜନ ସାମଲ ତାଙ୍କର ସ୍ୱରଚିତ ଶିଶୁଗଳ୍ପ ସଂକଳନ 'ଗପ କଳିକା' ପାଇଁ ବାଳ ସାହିତ୍ୟ ପୁରସ୍କାର, ତଥା ସଞ୍ଜୟ କୁମାର ପଣ୍ଡା ତାଙ୍କର ଗଳ୍ପ ସଂକଳନ 'ହୁ ବାଇଆ' ପାଇଁ ଯୁବ ପୁରସ୍କାରରେ ସମ୍ମାନିତ ହେବେ। ବିଭିନ୍ନ ଭାରତୀୟ ଭାଷାର ସର୍ବମୋଟ ୨୩ ଜଣ ଲେଖକଙ୍କୁ ଚଳିତ ବର୍ଷର ଏହି ଯୁବ ପୁରସ୍କାର ଓ ୨୪ ଜଣ ଲେଖକଙ୍କୁ ବାଳ ସାହିତ୍ୟ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

ଚଳିତ ବର୍ଷ ଓଡ଼ିଆ ବିଭାଗର 'ଯୁବ ପୁରସ୍କାର' ପାଇଁ ଗଠନ କରାଯାଇଥିବା ତିନି-ଜଣିଆ ବିଚାରକ ମଣ୍ଡଳୀରେ ପ୍ରଫେସର ଗିରିବାଳା ମହାନ୍ତି, ଡ଼. ହିରଣ୍ମୟୀ ମିଶ୍ର ଓ ନିତ୍ୟାନନ୍ଦ ସାହୁ ଥିଲେ। ସେହିଭଳି ବାଳ ସାହିତ୍ୟ ପୁରସ୍କାରର ବିଚାରକ ମଣ୍ଡଳୀରେ ତରୁଣ କୁମାର ସାହୁ, ବୀରେନ୍ଦ୍ର ମହାନ୍ତି ଓ ମମତା ଦାଶ ରହିଥିଲେ।

ଯୁବ ପୁରସ୍କାର ପାଇଁ ପ୍ରାରମ୍ଭିକ ସ୍ତରରେ ବାରଗୋଟି ପୁସ୍ତକକୁ ବିଚାରକୁ ନିଆଯାଇଥିଲା। ସେହିପରି ବାଳ ପୁରସ୍କାର ପାଇଁ ନଅଗୋଟି ପୁସ୍ତକକୁ ବିଚାରକୁ ନିଆଯାଇଥିଲା ବୋଲି ଜଣାଯାଇଛି। ସାହିତ୍ୟ ଏକାଡେମୀ ପକ୍ଷରୁ ସମସ୍ତ ପୁରସ୍କାର ବିଜେତାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ପ୍ରତ୍ୟେକ ବିଜେତାଙ୍କୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ସହ ତାମ୍ର ପ୍ରଶସ୍ତି ଫଳକ ପ୍ରଦତ୍ତ ହେବ।

# ଶେଷ ପୃଷ୍ଠା



## ଅଧାତୁମନ୍ତ*

ପୁରୀର ଡାହୁକବୋଲି ପ୍ରସଙ୍ଗରେ ଆଲୋଚନା ଚାଲିଥିଲା ଓଡ଼ିଆ ଭାଷା ସାହିତ୍ୟର ଜ୍ଞାନୀ ଗୁଣୀଙ୍କ ସହ। କିଏ ଉତ୍‌କ୍ଷିପ୍ତ, କିଏ ଉତ୍ସାହୀ; କିଏ ନୀରବ କିଏ ଆଗ୍ରହୀ। ଓଡ଼ିଶାରେ ଏବେ ଅସ୍ମିତା ଶବ୍ଦ ଆଉ ବଉଁଶମରା ଡାହୁକ ପ୍ରସଙ୍ଗର କୋଳାହଳ। ଏଣୁ ସାହିତ୍ୟ ଅଧିକାଂଶ ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ କାକତୀର୍ଥ ଏବେ।

ଡାହୁକବୋଲି ତର୍କବିତର୍କର ପ୍ରସଙ୍ଗ ସଦାକାଳେ ରହି ଆସିଛି। ଶ୍ଳୀଳ-ଅଶ୍ଳୀଳର ପରିଧିରେ ଏହା ସଦା ଅଗ୍ନିପରୀକ୍ଷାରେ ଜର୍ଜରିତ। ବୋଲି ପ୍ରସଙ୍ଗରେ ଶହ ଶହ ପୃଷ୍ଠାର ତତ୍ତ୍ୱ ଓ ତଥ୍ୟ ପଢ଼ିଲିଣି ଏବେ ଯାଏଁ। ଆହୁରି ହଜାରେ ପୃଷ୍ଠା ପଢ଼ିବାକୁ ଅଛି। ବୁଝୁଛି, ଆମ ସାହିତ୍ୟର ଗଭୀରତା। ଜାଣୁଛି ଆମର ପାଠକ, ଲେଖକ, ସମୀକ୍ଷକଗୋଷ୍ଠୀ କଣ ହରାଇ ବସିଛନ୍ତି। ଯୁଗବାର୍ତ୍ତା ସହ ଭବିଷ୍ୟତ ଆଡ଼େ ଧାଇଁବା ଆଳରେ ପୁରାତନ ରତ୍ନଗର୍ଭା ଓଡ଼ିଆ ସାହିତ୍ୟର ସମାଧି ପ୍ରସ୍ତୁତିରେ ସର୍ବେ ବ୍ୟସ୍ତ ଏବେ। ରାଷ୍ଟ୍ରସାହିତ୍ୟ, ବିଶ୍ୱସାହିତ୍ୟର ଅନୁବାଦ ଓ ପଠନରେ ଉତ୍‌ଫୁଲ୍ଲ ଲେଖକ ଓ ପାଠକଗୋଷ୍ଠୀ ଆମ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଅନ୍ଧ-ମୂକ-ବଧିର ହୋଇ ବସିଛନ୍ତି।

ଆସନ୍ତୁ କହିବି ଏହି 'ବୋଲି' କଥା। କଥାରେ ଅଛି, "ଏକ ରାଇଜର ଗାଳି, ଅନ୍ୟ ରାଇଜର ବୋଲି।" ଭିନ୍ନ ଭିନ୍ନ ଦେଶରେ ପ୍ରଚଳିତ ଭାଷାର ପ୍ରାଦେଶିକ ରୂପ ଓ ବୋଧକ ବଚନମାନଙ୍କୁ ବୋଲି କୁହାଯାଏ। ବ୍ରଜନାଥ ବଡ଼ଜେନା ଲେଖିଛନ୍ତି,

"ଏହି ଘେନି କୃତାର୍ଥ ହେବି ବୋଲି, ଦେଶ ଭାଷାରେ ବୋଇଲି ଏ ବୋଲି ।"

ବୋଲି, ଓଡ଼ିଆ କାବ୍ୟସାହିତ୍ୟର ଆଉ ଏକ ସୁସମୃଦ୍ଧ ଓ ସୁସ୍ପଷ୍ଟ ପଦଚିହ୍ନ। ଭଜନ, ଜଣାଣ, ଚଉତିଶା, ଚଉପଦୀ, ପୋଇ, ପଦିଆ, ପ୍ରବନ୍ଧ, ମନାସ, ପ୍ରଭୃତି ପରି ଏହାର ଲୋକାଚାରରେ ବ୍ୟବହାର ଯୁଗପ୍ରସାରୀ। ବିଭିନ୍ନ ପାଣ୍ଡୁଲିପି, ପୁସ୍ତିକା, ତାଳପତ୍ର ପୋଥିରେ ଏହି ବୋଲି ଏବେ ମଧ୍ୟ ନିଜର ଉପସ୍ଥିତି ବଜାୟ ରଖିଛନ୍ତି। ହେଲେ ଆମ ଓଡ଼ିଆ ସାହିତ୍ୟିକଙ୍କ ପରଦେଶୀ ଶବ୍ଦେନ୍ଦ୍ରିୟ ଏହାକୁ ବୋଧ କରି ପାରୁନାହାନ୍ତି। ସଞ୍ଚାର ମାଧ୍ୟମର ସମ୍ପ୍ରୟୋଗ ଘାଣ୍ଟି ଦେଖିଲେ ମିଳିବ ନିମ୍ନୋକ୍ତ କିଛି ବୋଲି। ସେଗୁଡ଼ିକ ହେଲା, ବଜାରବୋଲି, ଚାଟଶାଳୀ ବୋଲି, ବିଶିକେଶନ ବୋଲି, ରାଧାବିରହ ବୋଲି, ପୁରୀ ବୋଲି, ବ୍ୟାଘ୍ରବୋଲି, ରସସାଗର ବୋଲି, ଅଠରନଳା ବୋଲି, କର୍କଟବୋଲି, ଦିବ୍ୟଦେହ ବୋଲି ପ୍ରଭୃତି ଶହେରୁ ଅଧିକ ପ୍ରକାର ବୋଲି ଅଛି। ଲେଖି ବସିଲେ ପୃଷ୍ଠା ସରି ସରି ଯିବ। ଏହି ବୋଲି ହିଁ ଲୋକମୁଖର କଥାକୁ ଆହୁରି ରସାଳ କରିଦିଏ। ଆହୁରି ଅନ୍ତରଙ୍ଗ ଲାଗେ ଆମ ଭାଷା। ଆହୁରି ଶୁଣିବାକୁ ଇଚ୍ଛା ହୁଏ। ପ୍ରହରାଜଙ୍କ ଭାଷାକୋଷରେ ଲେଖା ଅଛି ଯେ, ତନ୍ତି, କୁମ୍ଭାର, କମାର, ବଢ଼େଇ, ଗଉଡ଼, ତେଲି, ପାଟରା, ତୁଳାଭିଣା ଆଦିଙ୍କର ବ୍ୟବହୃତ ଭିନ୍ନ ଭିନ୍ନ ବୋଲି ଏବେ ବି ଗାଁ ଗହଳିରେ ପ୍ରଚଳିତ। ବୃତ୍ତି ସବୁ ଧୀରେଧୀରେ ହଜୁଛି ଦୁନିଆର ଅବଢ଼ଙ୍ଗରେ। ଆଉ ସେଇ ସ୍ରୋତରେ ଭାସି ଯାଉଛି ବୋଲିର ପତର। ଅଞ୍ଚଳ ଭେଦରେ, ଜାତିଭେଦରେ ଓ ବୃତ୍ତି ଭେଦରେ ବୋଲି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଏଣୁ, ଅଧାତୁମନ୍ତ ଲେଖକ ଓ ପାଠକଙ୍କୁ ଅନୁରୋଧ କରିବି ଯେ, ସାହିତ୍ୟର ଶାରୀରିକ ଶୃଙ୍ଗାର ନ କରି ସାହିତ୍ୟର ଆତ୍ମାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବକୁ ବିଶ୍ୱସାହିତ୍ୟର ପାଠକଙ୍କ ନିମନ୍ତେ ପ୍ରଚାର ଓ ପ୍ରସାର କରନ୍ତୁ।

-ପ୍ରଭୂ

* **ଅଧାତୁମନ୍ତ-** ପଞ୍ଚଭୂତ ସମ୍ବନ୍ଧ ଶୂନ୍ୟ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ଼ ତରଫରୁ

# ପବିତ୍ର ରଥଯାତ୍ରା

ଉପଲକ୍ଷେ ଅପଣମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା



PPL Paradeep Phosphates

www.paradipphosphates.com

यूको बैंक
UCO BANK

बेटी बचाओ
बेटी पढ़ाओ

**Attractive ROI***

# UCO SANCHAYIKA

## A Flexible Recurring Deposit Account for Women



### Benefits:

- Minimum monthly deposit: **Rs. 2000/-**
- Period of Deposit: Min. **12** months, Max. **60** months
- Personal accidental death insurance coverage of **Rs. 1 lac**

*T&C Apply

1800-103-0123 (Toll Free) 8334001234 7666399400 Follow us




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy